ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁଲାଇ ୨୦୨୪ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବନ୍ଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା



Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ରଥଯାତ୍ରା ପର୍ବ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **ପୋଡ଼କାଷ୍ଟ ବିଭାଗ** | | **୩୧** |
| ଲୋଭୀ ଡାକ୍ତର - ୧ | | ୩୨ |
| **ଗଳ୍ପ ବିଭାଗ** | | **୩୯** |
| ଅନେକ କଳାଛାଇ - ୧୭ | ଅଶୋକ ବିଶ୍ୱାଳ | ୪୦ |
| ଛୁରୀ | ଦୀପକ ଷଡ଼ଙ୍ଗୀ | ୫୨ |
| ନଖପଚା | ସୁନନ୍ଦା ମହାନ୍ତି | ୫୯ |
| ମୋକ୍ଷ | ବିନୟ ମହାପାତ୍ର | ୭୨ |
| ଆଲପିନ୍ | ସୁଧାଂଶୁ ଦ୍ୱିବେଦୀ | ୭୫ |
| ସ୍ୱାର୍ଥପର | ବୀଣା ନାୟକ | ୭୯ |
| ଇଏ କି ପ୍ରେମ | ସିଦ୍ଧେଶ୍ୱର ତ୍ରିପାଠୀ | ୮୮ |
| କୋଟ୍ | ସରସ୍ୱତୀ ପଣ୍ଡା | ୯୧ |
| ତା'ପରେ | ପୁଷ୍ପଲତା ପଣ୍ଡା | ୯୨ |
| | ଅନୁପମା ବିଶ୍ୱାଳ | ୯୭ |
| | ସୀମା କାନୁନଗୋ | ୧୦୧ |
| | ସୁନିତା ମହାନ୍ତି | ୧୦୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| | ଡଃ ସଂଯୁକ୍ତା ପରିଡ଼ା | ୧୦୮ |
| | ନଳିନୀ ପ୍ରଭା ମିଶ୍ର | ୧୧୦ |
| ଭକତବନ୍ଧୁ ଶ୍ରୀ ଜଗନ୍ନାଥ | ନିତ୍ୟ ରଞ୍ଜନ ନନ୍ଦ | ୧୧୩ |
| ନଖ | ଜଗଜୀବନ ସେଠୀ | ୧୧୬ |
| ଶ୍ରାବଣ ସନ୍ଧ୍ୟା | ରୁଦ୍ରକାନ୍ତ ରାଉତରାୟ | ୧୧୯ |
| ମଣିଷ ପଣିଆ | ହେମନ୍ତ ସାହୁ | ୧୨୨ |
| କାଲିଆ ଯାଉଛେ ମାଉସୀ ଘର୍ | ସତ୍ୟନାରାୟଣ ମିଶ୍ର | ୧୨୫ |
| ଭାତ୍ ମୁଠେ | ଶୋଭାରାଣୀ ମାଝୀ | ୧୨୮ |
| **କବିତା ବିଭାଗ** | | **୧୨୯** |
| ବିଶ୍ୱାବସୁର ଅଶ୍ରୁ | ଶିବନାରାୟଣ ଦାସ | ୧୩୦ |
| ରଥାରୂଢ଼ ଜଗନ୍ନାଥ | ସ୍ୱର୍ଗତଃ ମାୟାଧର ଦାସ | ୧୩୪ |
| ଜୀବନ ନଟିକା | ଅମୃତ ନାରାୟଣ ଶତପଥୀ | ୧୩୮ |
| କୃଷକ ଆମ ବନ୍ଧୁ | ଅଭୟ କୁଣ୍ଡ | ୧୩୯ |
| ରଜ | ପ୍ରଶାନ୍ତ କୁମାର ନାଥ | ୧୪୧ |
| ବୋଉ ଗୀତ | ସୁଜିତ କୁମାର ମିଶ୍ର | ୧୪୩ |
| ହେଇ | ସ୍ୱପନ କୁମାର ପାହାଡ଼ୀ | ୧୪୫ |
| ହେ ଭାଗ୍ୟବିଧାତା | ନିରଞ୍ଜନ ସାହୁ | ୧୪୭ |
| ଉଡ଼ନ୍ତା ମନର ଡେଣା | ଅଶୁତୋଷ ମେହେର | ୧୪୮ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଗୀତା ମାଆ | ଅଲେଖ ମେହେର | ୧୪୯ |
| କି ନେଇକି ଯିବା ଏଠୁ ? | ମନୋରଞ୍ଜନ ସୁରୁଜାଲ | ୧୫୦ |
| ବଡ଼ ଦାଣ୍ଡ ଆଜି ହସୁଛି ଦେଖ | ସୁହଂସ ଭୋଇ | ୧୫୨ |
| ନିରବତା | ଆଞ୍ଚଲ କବି | ୧୫୩ |
| ବରଷା ବଧୂ | ରତ୍ନପ୍ରଭା ବାଇ | ୧୫୪ |
| ଲୋକ ଅଛନ୍ତି ନା ! | ଅନନ୍ୟା ପ୍ରଧାନ | ୧୫୫ |
| ଶ୍ରୀ ଗୁରୁଗୋବିନ୍ଦ | ଗୁପ୍ତେଶ୍ୱର ଚାନ୍ଦ | ୧୫୬ |
| ଫୋଟକା | ଡା ନୀଳମାଧବ କର | ୧୫୭ |
| ମହାନାୟକ | ନନ୍ଦିତା ବଢ଼ାଇ | ୧୫୮ |
| ସ୍ମୃତି ମଧୁ | ଲୋପାମୁଦ୍ରା ସାହୁ | ୧୬୦ |
| ଭଗ୍ନ କୋଣାରକ ମୂର୍ତ୍ତି ଗୋ ତୁମେ | ନୀଳମଣି ଚାନ୍ଦ | ୧୬୨ |
| ଆଇ | ଆଚାର୍ଯ୍ୟ କ୍ଷିତୀଶ ଜେନା | ୧୬୩ |
| ବୋହୂ ଯିବ ଶାଶୁଘର | ନିତ୍ୟ ରଞ୍ଜନ ନନ୍ଦ | ୧୬୫ |
| ବିଶାଳତା | କୀର୍ତ୍ତନ ସାହୁ | ୧୬୬ |
| ଆହେ ପ୍ରଭୂ ବନମାଳୀ | ନଳିନୀ ଦାଶ | ୧୬୭ |
| ପହିଲି ବର୍ଷା | ସିଦ୍ଧେଶ୍ୱର ତ୍ରିପାଠୀ | ୧୬୮ |
| ଗଛଟିଏ ମୁଁ ଗଛଟିଏ | ନାରାୟଣ ଚନ୍ଦ୍ର ସେନାପତି | ୧୬୯ |
| | ସ୍ୱାଗତିକା ସାହୁ | ୧୭୧ |


Listen to Odia Podcast Original at https://youtube.com/@drjyotiprasad

| | | |
|---|---|---|
| | ରଶ୍ମିତା ରାଉତ | ୧୭୩ |
| | ଅନୁପମା ବିଶ୍ୱାଳ | ୧୭୫ |
| | କଳ୍ପନା ମହାରଣା | ୧୭୬ |
| | ଅପରାଜିତା ପରିଡ଼ା | ୧୭୭ |
| | ରମେଶ ଟାକ୍ରୀ | ୧୭୯ |
| | ଭାସ୍କର ରାଉତ | ୧୮୦ |
| | କୃଷ୍ଣ କୁମାର | ୧୮୧ |
| | ନୂତନ କୁମାର ବେହେରା | ୧୮୨ |
| | ସନ୍ତୋଷିନୀ ଦାଶ | ୧୮୪ |
| | ଭରତବନ୍ଧୁ ବିଶ୍ୱାଳ | ୧୮୫ |
| | ରିନା ବେହେରା | ୧୮୬ |
| | ମହେନ୍ଦ୍ର ପ୍ରସାଦ ଦାସ | ୧୮୮ |
| ମୁକ୍ତିର ଆନନ୍ଦ | ସୁନନ୍ଦା ପାଣିଗ୍ରାହୀ | ୧୯୦ |
| ଅବୁଝା ଜୀବନ ଗଣିତ | ସୌଦାମିନୀ ତ୍ରିପାଠୀ | ୧୯୧ |
| ଜଗାପାଇଁ ମୁଠେ ଫୁଲ | ଦେବାଶିଷ ଚକ୍ରବର୍ତ୍ତୀ | ୧୯୩ |
| ଦୋଛକିରେ ଜୀବନ | ରାକ୍ଷୀ ପ୍ରଧାନ | ୧୯୪ |
| ଆମ ସଂସ୍କୃତି ଓ ପରମ୍ପରା | ଇତିଶ୍ରୀ ପତି | ୧୯୫ |
| ଆର୍ତ୍ତତ୍ରାଣ ଜଗନ୍ନାଥ | ଏଲିନା ଜେନା | ୧୯୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ପ୍ରକୃତି ରାଣୀ | ଚନ୍ଦ୍ରକାନ୍ତ ଜେନା | ୧୯୭ |
| କବିତା ଲେଖିଯିବି | ଶିଶିର କୁମାର ପଣ୍ଡା | ୧୯୯ |
| କଳାମେଘୀ ପ୍ରେୟସୀ | ଦୀପ୍ତିକାନ୍ତ ପଢ଼ିଆରୀ | ୨୦୦ |
| ବାପା ତୁମେ | ଶୁଭସ୍ମିତା | ୨୦୧ |
| ତା'ପରେ | ନଳିନୀ ପ୍ରଭା ମିଶ୍ର | ୨୦୨ |
| | ସସ୍ମିତା ପଣ୍ଡା | ୨୦୩ |
| | ଅରୁନ୍ଧତୀ ଲେଙ୍କା | ୨୦୪ |
| | ଲତା ବେହେରା | ୨୦୫ |
| | ଦେବେନ୍ଦ୍ର ନାୟକ | ୨୦୭ |
| | ସନ୍ତୋଷ କୁମାର ସାହୁ | ୨୦୮ |
| ମୁଁ କ'ଣ ଜାଣିଥିଲି | ଦେବାର୍ଚ୍ଚନ ମେହେର | ୨୦୯ |
| ମନେ ପଡ଼େ ସେଇ ମୁହୂର୍ତ୍ତ | ରଞ୍ଜିତା ଦାଶ | ୨୧୧ |
| ଚାରିଦ୍ୱାର ଖୋଲିଲା ପରେ | ଭାରତୀ ହୋତା | ୨୧୩ |
| ଏକାନ୍ତରେ ଭିଜିବାର ଇଚ୍ଛା | ଗାୟତ୍ରୀ ଦାଶ | ୨୧୫ |
| ପ୍ରେମ ଯୁଦ୍ଧ | ଶେଖର ଚନ୍ଦ୍ର ମୋଦି | ୨୧୭ |
| ଜଗାରେ ତୋ ରଥକୁ ମୋତେ ନେବୁରେ ଡାକି | ମାଳତୀ ମଣି ଧଳ | ୨୧୮ |
| ସହରର ଆଁ ଭିତରେ ମୋ ଗାଁ | ବଟକୃଷ୍ଣ ପଣ୍ଡା | ୨୨୦ |
| ଚଳନ୍ତା ପୃଥିବୀ | ଇତିଶ୍ରୀ ଶତପଥୀ | ୨୨୨ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଗଳ୍ପ ତୁମେ କାହିଁକି ଆସ ଶୁଷ୍କ ଇଲାକାକୁ | ତୃପ୍ତିରାଣୀ ପାତ୍ର | ୨୨୩ |
| ସ୍ୱପ୍ନ ତୁମେ କାହିଁ ଆସ ଶୁଷ୍କ ଇଲାକାକୁ | ବିଦ୍ୟୁତପ୍ରଭା ମିଶ୍ର | ୨୨୪ |
| | ବୀଣା ସାହୁ | ୨୨୬ |
| କଳ୍ପନା ରାଇଜ | ମଧୁସ୍ମିତା ସାହୁ | ୨୨୮ |
| ପ୍ରଣତି ମୋର ଘେନ | ହରେରାମ ପଣ୍ଡା | ୨୩୦ |
| ମା ପରି କିଏ ହେବ | ମନୋଜ କୁମାର ଭୋଇ | ୨୩୧ |
| ବର୍ଷା | ସତ୍ୟନାରାୟଣ ସିଂହ | ୨୩୩ |
| ଡାକ୍ତର | ଭବାନୀ ଶଙ୍କର ଦାଶ | ୨୩୫ |
| ସଖାର ବିରହ ସଖୀ | ସୋନାଲି ବେଉରା | ୨୩୭ |
| ମୁଖ୍ୟଦ୍ୱାର ସାରୀ ନାରୀ | ଅପର୍ଣ୍ଣା ମିଶ୍ର | ୨୩୯ |
| ମୁଁ ସାହିତ୍ୟ | ହିରଣ୍ୟବର୍ଣା ମିଶ୍ର | ୨୪୧ |
| ସତରେ ନାହିଁ କି ମୋ ପ୍ରଶ୍ନର ଉତ୍ତର | ଏଲିନା ପାଣିଗ୍ରାହୀ | ୨୪୪ |
| ଜଗା ଦର୍ଶନ ବଡ଼ ଦାଣ୍ଡେ | ସଞ୍ଜୀବ କୁମାର ଦାସ | ୨୪୬ |
| ସହିଦ୍ ସଲାମ | ଆକୁଳାନନ୍ଦ ପୃଷ୍ଟି | ୨୪୭ |
| ଦେବେ ଦର୍ଶନ କଳାଠାକୁର | ଅଜିତ କୁମାର ରାଉତ | ୨୪୯ |
| ମୋ ବାପା ମୋ ପାଇଁ ଜଗତେ ଶ୍ରେଷ୍ଠ | ବାସନ୍ତୀ ଲତା ଜେନା | ୨୫୦ |
| ବର୍ଷା ହେଲେ | କିରନ୍ ସ୍ୱାଇଁ | ୨୫୨ |
| ଦୁଇ ପୁଷ୍ପ, ଭିନ୍ନ କାମନା | ବିଶ୍ୱରଞ୍ଜନ ମହାନ୍ତି | ୨୫୩ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ବର୍ଷା | ଦଣ୍ଡାସି ପ୍ରଧାନ | ୨୫୪ |
| ହେ କୃଷ୍ଣ ! ହେ ମାଧବ ! | ବିଜୟ କୁମାର ସାହୁ | ୨୫୯ |
| ସେ ମୁନୁଷ ଆଏ | ସୁନୀଲ କୁମାର ଅଗସ୍ତି | ୨୬୦ |
| ମୋର ବୁଢ଼ା ଜେଜେ ବାପା | ସୁନା ମେହେର | ୨୬୧ |
| **ପ୍ରବନ୍ଧ ବିଭାଗ** | | **୨୬୩** |
| ଘୋଷଯାତ୍ରା : ଓଡ଼ିଆ ଐତିହ୍ୟର ନିଦର୍ଶନ | ରାକ୍ଷୀ ପ୍ରଧାନ | ୨୬୪ |
| ନିଃସ୍ୱାର୍ଥ ସେବାର ମହତ୍ତ୍ୱ | ଅନନ୍ୟା ପ୍ରଧାନ | ୨୬୮ |
| ଜାତୀୟ ଡାକ୍ତର ଦିବସ | ରଶ୍ମୀରେଖା ସାହୁ | ୨୭୧ |
| ସାଧାରଣ ମଣିଷର ଯନ୍ତ୍ରଣା | କୁଞ୍ଜବିହାରୀ ସାହୁ | ୨୭୨ |
| କଳୁଷିତ ରାଜନୀତି | ଆଶୁତୋଷ ନାୟକ | ୨୭୫ |
| ଜଙ୍ଗଲ ସୁରକ୍ଷା - ଜୀବନ ରକ୍ଷା | ଅକ୍ଷୟ କୁମାର ରାଉତ | ୨୮୩ |
| ପୃଥିବୀର ତ୍ରିଶକ୍ତି : ନିମ, ଓସ୍ତ ଓ ବଟ | ଅସିତ ମହାନ୍ତି | ୨୮୬ |
| ସମୟ ଓ ସଂସ୍କାର | ସୁଦର୍ଶନ ପ୍ରଧାନ | ୨୯୦ |
| **ବିଶେଷ ସୂଚନା** | | **୨୯୫** |


ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ଅଧିକ ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁଲାଇ ୨୦୨୪ ସଂସ୍କରଣ ସହିତ ମୁଁ ଆପଣଙ୍କ ନିକଟରେ ଉପସ୍ଥିତ । ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପୂର୍ବ ଲୀଳାର ନିଦର୍ଶନ ବ୍ରହ୍ମାଣ୍ଡ ପ୍ରସିଦ୍ଧ ଘୋଷଯାତ୍ରା ସଦ୍ୟ ସମାପନ ହୋଇଛି, ବାହୁଡ଼ା ଯାତ୍ରା ଆଉ ଅଳ୍ପଦିନ ପରେ ହେବ ଏହିଭଳି ମହାର୍ଘ ସମୟରେ ସମସ୍ତଙ୍କୁ ସାଦର ସମ୍ମାନ ଜଣାଇ ଉପସ୍ଥାପନ କରୁଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକା ।

ପ୍ରତିବର୍ଷ ଭଳି ଏହିବର୍ଷ ମଧ୍ୟ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି । ଚଳିତ ବର୍ଷ ଏକ ବିରଳ ଯୋଗ ପଡୁଥିବା ହେତୁ ରଥଯାତ୍ରା ଦୁଇ ଦିନଧରି ପାଳିତ ହୋଇଥିଲା । ଏଥିପାଇଁ ନବନିର୍ବାଚିତ ରାଜ୍ୟ ସରକାର ସାତ ତାରିଖ ସମେତ ଆଉ ଗୋଟିଏ ଦିନ ଅତିରିକ୍ତ ଛୁଟି ଘୋଷଣା କରିଥିଲେ । ଯା'ହେଉ ମହାପ୍ରଭୁଙ୍କ ରଥଯାତ୍ରା ଚଳିତ ବର୍ଷ ଅତି ଶାନ୍ତି ଓ ଶୃଙ୍ଖଳାର ସହ ପାଳିତ ହୋଇ ଯାଇଛି । ରଥ ତିନିଟି ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିବା ପରେ ସାମାନ୍ୟ ଦୁର୍ଘଟଣା ଘଟିଥିଲା ଯାହା ବିଷୟରେ ବିଷଦ ଭାବରେ ଆମେ ଚର୍ଚ୍ଚା କରିବା ଆଗକୁ । ବିଶ୍ୱରେ ଲୋକମାନଙ୍କ ମଧ୍ୟରେ ଧାର୍ମିକ ଭାବନା ଓ ଭଗବତ ସତ୍ତା ପ୍ରତି ଆସ୍ଥା ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଛି । ଜନସଂଖ୍ୟା ବୃଦ୍ଧି ସହିତ ଲୋକଙ୍କ ଆସ୍ଥାରେ ଅହେତୁକ ବୃଦ୍ଧି ହେତୁ ଭାରତର ପ୍ରାୟ ଅଧିକାଂଶ ଦେବାଳୟମାନଙ୍କରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳୁଛି । ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀ ଜଗନ୍ନାଥ ଧାମ ବା କେମିତି ଏଥିରୁ ଅଲଗା ହୋଇ ପାରିବ । ରଥଯାତ୍ରାରେ ମଧ୍ୟ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି । ଏତେ ସଂଖ୍ୟକ ଭକ୍ତଙ୍କ ଆଗମନ ଏବଂ ସେମାନଙ୍କ ରହଣୀ ଓ ଦେବଦର୍ଶନ ଭଳି କଠିନ କାର୍ଯ୍ୟକୁ ରାଜ୍ୟ ସରକାର, ସୁରକ୍ଷା ବ୍ୟବସ୍ଥା ସଠିକ୍ ଭାବରେ ପରିଚାଳନା କରୁଥିବା ବାସ୍ତବିକ ଆଶ୍ଚର୍ଯ୍ୟର ବିଷୟ । ଏଥିପାଇଁ ଆମେ ସେମାନଙ୍କୁ ସାଧୁବାଦ ଦେବା ଉଚିତ ।

ଚଳିତ ବର୍ଷର ରଥଯାତ୍ରା ସମୟରେ ଦୁଇଟି ଅଘଟଣ ଘଟିଥିଲା, ପ୍ରଥମ ଦିନ ଜଣେ ବ୍ୟକ୍ତି ଆମ୍ବୁଲାନ୍ସ୍ ତଳେ ପଡ଼ିଯାଇ ପ୍ରାଣ ହରାଇଥିଲେ ଏବଂ ଦ୍ୱିତୀୟ ଦିନ ମହାପ୍ରଭୁ ବଳରାମଙ୍କୁ ରଥରୁ ଓହ୍ଲାଇବା ସମୟରେ ଭାରସାମ୍ୟ ହରାଇବା ଫଳରେ ଦେବ ପ୍ରତିମା ମୁହଁ ତଳକୁ କରି ପଡ଼ି ଯାଇଥିଲେ । ଏହି ଘଟଣା ଫଳରେ ଧର୍ମପ୍ରବଣ ଏବଂ ଜଗନ୍ନାଥ ଧର୍ମରେ ଅତୁଟ ଆସ୍ଥା ରଖି ଆସୁଥିବା ଓଡ଼ିଆ ଜାତିର ଜନମାନସ କ୍ଷୁବ୍ଧ ଓ ଦୁଃଖିତ ହୋଇଥିଲା । ଏହାର ପ୍ରତ୍ୟକ୍ଷ ପ୍ରମାଣ ସୋସିଆଲ୍ ମିଡ଼ିଆରେ ଏ ନେଇ ପ୍ରକାଶିତ ଅସଂଖ୍ୟ ଆଲେଖ୍ୟ ଥିଲା । ସମସ୍ତେ କିଛି ନା କିଛି ଅଘଟଣର ଆଶଂକା କରି ଭଗବାନଙ୍କୁ କ୍ଷମା ମାଗୁଥିବାର ପୋଷ୍ଟ କରିବାକୁ ଲାଗିଲେ । ଏହା ପରେ ପରେ ଗଣମାଧ୍ୟମ ମାନେ ପ୍ରଖର ଭାବରେ ଏହି ଘଟଣାକୁ ବାରମ୍ବାର ପ୍ରସାରିତ କରିବା ସହ ଏହା କାହିଁକି ହେଲା ସେ ବିଷୟରେ ଅନୁଧ୍ୟାନ କରି ନିଜ ନିଜ ତଥ୍ୟ ଉପସ୍ଥାପନ କରିଲେ ।

ଅଧିକାଂଶ ଗଣମାଧ୍ୟମ ଏଥିପାଇଁ ସେବାୟତ ମାନଙ୍କ ଖାମଖିଆଲି ଭାବକୁ ଦୋଷୀ ବୋଲି କହୁଥିବା ବେଳେ, ଏହାର ଅନେକ କାରଣ ଥାଇପାରେ ବୋଲି ଆମର ହୃଦବୋଧ ହେଉଛି । ଆସନ୍ତୁ ଆମେ ନିରୀକ୍ଷଣ କରି ଦେଖିବା ଏହି ଘଟଣା ହେଲା କେମିତି ଓ କାହିଁକି ? ଏଥିପାଇଁ ଆମେ କାହାକୁ ଦୋଷ ଦେଇ ପାରିବା । ଏହି ଘଟଣା ପରେ ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫଳରେ କଣ ହୋଇପାରେ ?

ପ୍ରଥମତଃ, ପ୍ରତିବର୍ଷ ରଥଯାତ୍ରା ସମୟରେ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ ରଥର ନିର୍ମାଣ କରାଯାଏ । ଏହା ବିଗତ ଅନେକ ଶତାବ୍ଦୀ ଧରି ହୋଇ ଆସୁଛି । ଏଥିରେ ନୂତନତ୍ୱର କୌଣସି ସୁଯୋଗ ନାହିଁ । କାରଣ ଏହା ପ୍ରଥାନୁସାରେ ହିଁ ହୋଇଛି । ଏହିଭଳି ଘଟଣାର ବିବରଣୀ ଶ୍ରୀମନ୍ଦିରର ପଞ୍ଜିକାରେ ଉଲ୍ଲେଖ ନାହିଁ । ତେଣୁ ଏହା ସମ୍ଭବତଃ ପ୍ରଥମ ଘଟଣା ବୋଲି କୁହାଯାଇପାରେ । ପାରମ୍ପରିକ ରୀତିରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ନିମକାଠରେ ନିର୍ମାଣ କରାଯାଏ । ଏବଂ ସମସ୍ତ ମୂର୍ତ୍ତିରେ ଅବୟବ ନଥିବା ହେତୁ ପ୍ରତିମାର ତଳଭାଗ ସମତଳ ହିଁ ଥାଏ । ତେଣୁ ଯେତେବେଳେ ବି ମୂର୍ତ୍ତିମାନଙ୍କୁ ସ୍ଥାନାନ୍ତରଣ କରାଯାଏ, ସେତେବେଳେ ପ୍ରତିମାମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଡିଆଇଁ ଡିଆଇଁ ନିଆଯାଏ, ପ୍ରକାରାନ୍ତରେ ଏହାକୁ ପହଣ୍ଡି ବୋଲି କୁହାଯାଇଥାଏ । ଅନେକ ସେବାୟତ ପ୍ରତିମାମାନଙ୍କୁ ଧରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଟେକି ନେଇ ଥୋଇ ଦିଅନ୍ତି । ଯେହେତୁ ପ୍ରତିମାର ତଳ ଭାଗ ସମତଳ ତେଣୁ ପ୍ରତିମା ସିଧା ଠିଆ ହୋଇ ରହନ୍ତି ।

କିନ୍ତୁ ଯେତେବେଳେ ପ୍ରତିମାମାନଙ୍କୁ ବକ୍ରତଳ ଯଥା ସିଢ଼ି ବା ଚାରମାଳ ଉପରକୁ ନିଆଯାଏ ବା ଓହ୍ଲାଯାଏ, ସେତେବେଳେ ପ୍ରତିମା ସିଧା ଠିଆ ହୋଇ ରହନ୍ତି ନାହିଁ, ତେଣୁ ତାଙ୍କୁ ଠିଆ କରି ରଖିବା ପାଇଁ ପ୍ରତିମାର ସାମନା ପାଖ ଓ ପଛପାଖରେ ସେବାୟତମାନେ ଢିରା ଦେଇ ରହନ୍ତି । ଏହା ଦ୍ୱାରା ପ୍ରତିମା ବକ୍ରଭାବରେ ହେଲେ ସୁଦ୍ଧା ଠିଆ ହୋଇ ରହିବା ଭଳି ଦେଖାଯାଆନ୍ତି । ସେଦିନ ମଧ୍ୟ ସେଇୟା ହୋଇଥିଲା ।

ରଥଯାତ୍ରା ସମାପନ ପରେ ଯେତେବେଳେ ବଳଭଦ୍ରଙ୍କ ପ୍ରତିମାକୁ ଆଡ଼ପ ମଣ୍ଡପକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଆଯାଉଥିଲା, ସେତେବେଳେ ଚାରମାଳ ଉପରେ ପ୍ରତିମାକୁ ଉଭୟ ଆଗ ଓ ପଛରୁ ଭରା ଦେଇ ଓହ୍ଲାଇବାକୁ ଚେଷ୍ଟା କରାଯାଉଥିଲା । ଏହିଭଳି ସମୟରେ ବେଳେ ବେଳେ ପ୍ରତିମାକୁ ପଛରୁ ଦଉଡ଼ି ବାନ୍ଧି ସ୍ଥିର ରଖିବାକୁ ଚେଷ୍ଟା ବି କରାଯାଏ, ଯାହା ସେହିଦିନ ହୋଇନଥିଲା ବୋଲି କୁହାଯାଉଛି । ସେ ଯା ହେଉ ଚାରମାଳରେ ମାତ୍ର ଦୁଇ ପାହୁଣ୍ଡ ଆଗକୁ ଆସିବା ପରେ ସମ୍ଭବତଃ ଯେହେତୁ ପ୍ରତିମା ତଳକୁ ଓହ୍ଲାଉଥିଲେ ତେଣୁ ତାଙ୍କ ମୁଖ ତଳ ଦିଗକୁ ଥିଲା ଏବଂ ଶରୀରର ସମସ୍ତ ଭାର ତଳ ଆଡ଼କୁ ହିଁ ଥିଲା, ଏହି ସମୟରେ ପୃଷ୍ଠ ଭାଗରେ ଥିବା ସେବାୟତ ମାନଙ୍କର ଦାୟିତ୍ୱ କେବଳ ପ୍ରତିମାକୁ ପଛକୁ ଟାଣି ଧରିବାର ଥିଲା, ସେମାନେ ସେହିଭଳି କରୁଥିବା ସମୟରେ ପ୍ରଥମେ ପ୍ରତିମା ପଛ ଆଡ଼କୁ ଢଳିବାକୁ ଲାଗିଲା । ସେଇ ସମୟରେ ପ୍ରତିମାକୁ ସଳଖ କରିବାକୁ ଚେଷ୍ଟା ବି କରାଯାଇଥିଲା, ହେଲେ ଯେତେବେଳେ ପ୍ରତିମା ପଛ ଆଡ଼କୁ ନଇଁଲା ସେତେବେଳେ ଏହାର ତଳ ଭାଗର କେବଳ ପଛ ପାଖଟି ହିଁ ଚାରମାଳରେ ଲାଗିରହିଥିଲା, ଏବଂ ତାହାର କ୍ଷେତ୍ରଫଳ କମ ଥିବା ହେତୁ, ପ୍ରତିମାର ଓଜନ ହେତୁ ଏହା ତଳକୁ ତଳକୁ ଖସିବାକୁ ଲାଗିଥିଲା । ଏହି ସମୟରେ ସାମନା ପାଖରେ ଥିବା ସେବାୟତମାନେ ପ୍ରତିମାକୁ ସ୍ଥିର କରାଇବାକୁ ଚେଷ୍ଟା କରି ସଫଳ ହେଉଥିବା ବେଳେ ପଛ ପାଖରେ ଥିବା ସେବାୟତମାନେ ପ୍ରତିମାକୁ ସମ୍ମୁଖକୁ ଠେଲି ଧରିବା ଫଳରେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତିମା ସାମନା ପଟକୁ ଅଧିକ ନଇଁଗଲା ଏବଂ ସେତେବେଳେ ପଛରୁ ପ୍ରତିମାକୁ ସ୍ଥିର କରିବା ପାଇଁ ଉଦ୍ଦିଷ୍ଟ ରସି ନ ଥିବା ହେତୁ ପ୍ରତିମାଙ୍କୁ ସମ୍ଭାଳି ହେଲାନାହିଁ ଏବଂ ପ୍ରତିମା ସେବାୟତଙ୍କ ଉପରେ ଲଦି ହୋଇଗଲା ।

ଏହାର ପରବର୍ତ୍ତୀ ମୁହୂର୍ତ୍ତରେ ହିଁ ପ୍ରତିମାକୁ ସ୍ଥିର କରାଯାଇ ସାଷ୍ଟାଙ୍ଗ କରାଯାଇଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ପରବର୍ତ୍ତୀ ସମସ୍ତ ପ୍ରକ୍ରିୟା ସୁରୁଖୁରୁରେ ହୋଇଥିଲା, ହେଲେ ଏହି ଘଟଣାରେ ଅନ୍ୟୁନ ଦଶଜଣ ସେବାୟତ ଗୁରୁତର ଭାବରେ ଆହତ ହୋଇଥିବା କଥା କିଛି ଗଣମାଧ୍ୟମ ଜଣାଇଥିଲେ । ନିଶ୍ଚୟ ଭାବରେ ଏତେ ଅଧିକ ଭାରିଥିବା ପ୍ରତିମା ଯଦି ଆପଣଙ୍କ ଉପରେ ଲଦି ହୋଇଯାଏ, ତାହେଲେ ଏହାଫଳରେ ଆଘାତ ହେବା ସମ୍ଭବ । ହେଲେ ଏହାଥିଲା ସେଦିନର ସମୁଦାୟ ଘଟଣାବଳୀ । ଯାହା ଟିଭିରେ ଏବଂ ସୋସିଆଲ୍ ମିଡ଼ିଆରେ ଆପଣ ଦେଖିଥିବେ ମଧ୍ୟ । ହେଲେ ଏଭଳି ଘଟଣା କାହିଁକି ହେଲା ? ଆଗରୁ ତ କେବେ ଏମିତି ହୋଇନଥିଲା !

ଏହାର ଅନେକ କାରଣ ଭିତରୁ ଯାହା ପ୍ରମୁଖ କାରଣ ଆମକୁ ଲାଗେ ତା ହେଉଛି, ଚାରମାଳ ବା ପଟା ସିଢ଼ି ଉପରେ ପ୍ରତିମା ଖସିବା । ଏଥିପାଇଁ ଚାରମାଳ ଓଦା ଥାଇ ପାରେ । ଯେହେତୁ ରଥ ଉପରକୁ ଅଗଣିତ ସେବାୟତ ବାରମ୍ବାର ଚଢୁଥିଲେ ଓ ଓହ୍ଲାଉଥିଲେ, ସେମାନେ ସମ୍ଭବତଃ ଚାରମାଳକୁ ଓଦା କରିଦେଇ ଖସଡ଼ା କରିଦେଇଥିବେ ଏବଂ ଯେତେବେଳେ ପ୍ରତିମା ସେଥିରେ ଖସିବାକୁ ଲାଗିଲେ, ସେତେବେଳେ ଘର୍ଷଣ କମ ଥିବା ହେତୁ ସମ୍ଭାଳିବା କଷ୍ଟକର ହୋଇଗଲା ।

ଦ୍ୱିତୀୟ କାରଣ ହେଉଛି, ପ୍ରତିମାଙ୍କୁ ଚାରମାଳ ଉପରକୁ ଆଣିବା ବେଳକୁ ଏହାକୁ ରସି ଦ୍ୱାରା ସ୍ଥିର କରିବା ପ୍ରକ୍ରିୟା କରାଯାଇନଥିଲା । କିମ୍ବା ପ୍ରତିମାକୁ ସ୍ଥିର ରଖିବା ପାଇଁ ନିୟୋଜିତ ସହାୟକ ବା ସେବାୟତମାନେ ଧ୍ୟାନ ଦେଇନଥିଲେ । ପୁଣି ପ୍ରତିମାର ଉଭୟ ପାର୍ଶ୍ୱରେ ଥିବା ସେବାୟତମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ମଧ୍ୟ ଏହି ଘଟଣାପାଇଁ ଦାୟୀ ବୋଲି କହିହେବ । ଯାହା ବି ହେଉ ମାନବୀୟ କାରଣରୁ ହିଁ ଏହିଭଳି ଗୋଟିଏ ଘଟଣା ଘଟିଛି ବୋଲି ଆମର ମନେ ହୁଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୃତୀୟ କାରଣ ହେଉଛି, ଆପଣ ମଧ୍ୟ ଲକ୍ଷ୍ୟ କରିଥିବେ, ରଥ ଉପରେ ଥିବା ପ୍ରାୟ ଅଧିକାଂଶ ସେବାୟତଙ୍କ ହାତରେ ମୋବାଇଲ୍ ଫୋନ ଥିଲା ଏବଂ ସେମାନେ ଅଗଣିତ ଛବି ଓ ଭିଡ଼ିଓ ନେଉଥିଲେ । ଯେଉଁମାନେ ପ୍ରତିଦିନ ଭଗବାନଙ୍କୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦେଖିବାକୁ ପାଉଛନ୍ତି ସେମାନେ ଏତେ ଅଧିକ ଛବି ଓ ଭିଡ଼ିଓ କାହିଁକି ନେଉଛନ୍ତି, ସେହି ବିଷୟରେ କେହି ଚିନ୍ତା କରିଛନ୍ତି କି ? ଆମକୁ ଲାଗୁଛି ସେ ସବୁ ମୋବାଇଲ୍ ଫୋନ ସେମାନଙ୍କୁ କେହି ଦେଇଛନ୍ତି ଏବଂ ମହାପ୍ରଭୂଙ୍କ ଛବି ଅତି ନିକଟରୁ ଦେଖାଇବା ପାଇଁ ଅନୁରୋଧ କରିଛନ୍ତି ନିଶ୍ଚୟ । ପ୍ରତିବର୍ଷ ରଥଯାତ୍ରା ସମୟରେ ରଥ ଉପରେ ଏତେ ସଂଖ୍ୟକ ପୂଜାରୀ ବା ସେବକ ଚଢ଼ି ଯାଆନ୍ତି ଯେ ଅନେକ ସମୟରେ ବିଭିନ୍ନ ଖବର କାଗଜରେ କାର୍ଟୁନ୍ ଛପା ହୋଇ ଦେଖାଯାଇଥାଏ ଯେ ରଥରେ କେବଳ ପଣ୍ଡା ପୂଜାରୀ ହିଁ ଦେଖାଯାଉଛନ୍ତି, ପ୍ରତିମା ସବୁ ପଛରେ ଲୁଚି ଯାଉଛନ୍ତି । ଏହା ବିଗତ ବର୍ଷମାନଙ୍କରେ ଭକ୍ତମାନଙ୍କ କ୍ଷୋଭର କାରଣ ମଧ୍ୟ ହୋଇଛି । ମନ୍ଦିର ଭିତରେ ଭଗବାନଙ୍କ ଦର୍ଶନ କରିବା ଅପେକ୍ଷା ରଥ ଉପରେ ଚତୁର୍ଧା ମୂର୍ତ୍ତିଙ୍କ ଦର୍ଶନ ଅଧିକ ପବିତ୍ର ବୋଲି କୁହାଯାଉଛି । ତେଣୁ ସେହି ଦର୍ଶନ ମଧ୍ୟ ଏହି ପଣ୍ଡାମାନଙ୍କ ପାଇଁ ହୋଇ ପାରୁନାହିଁ ବୋଲି ଅନେକ ମତ ଦିଅନ୍ତି । ଆମେ ମଧ୍ୟ ସୋସିଆଲ୍ ମିଡ଼ିଆରେ ଏବେ ଅନେକ ସେହିଭଳି ଛବି ଦେଖୁଛୁ, ଯେଉଁଠି ପଣ୍ଡା ବା ସେବାୟତମାନେ ଦେବ ପ୍ରତିମା ଉପରେ ଢଳିରହି ଫଟୋ ଉଠାଇ ଛାଡ଼ିଛନ୍ତି । ହେଲେ ଏଠାରେ ଯେତେବେଳେ ବଳଭଦ୍ରଙ୍କ ପ୍ରତିମା ତଳକୁ ଓହ୍ଲାଯାଉଥିଲା ସେତେବେଳେ ମଧ୍ୟ ଅନେକ ସେବାୟତଙ୍କ ହାତରେ ମୋବାଇଲ୍ ଫୋନ୍ ଥିଲା ଏବଂ କିଛି ସେବାୟତ ସେଲ୍ଫି ନେବାକୁ ଚେଷ୍ଟା କରୁଥିଲେ, ହୁଏତ ସେମାନଙ୍କ ଅନ୍ୟମନସ୍କତା ହେତୁ ଏହିଭଳି ଘଟଣା ଘଟିଥାଇପାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଥ ଉପରେ ଅହେତୁକ ଭାବରେ ଗହଳି କରୁଥିବା ସେବାୟତ ବା ପୂଜାରୀମାନଙ୍କୁ ବାହାର କରାଯାଉ, ଯାହା ଫଳରେ ଭକ୍ତଗଣ ସୁବିଧାରେ ପ୍ରତିମାମାନଙ୍କ ଦର୍ଶନ କରି ପାରିବେ । ଏବଂ ପ୍ରତ୍ୟେକ କାର୍ଯ୍ୟପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀକୁ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା କରିବା ପରେ କରାଯାଉ । ଯେଉଁ ବ୍ୟକ୍ତି ବା ଗୋଷ୍ଠୀଙ୍କ ଅବହେଳାରୁ ଏହିଭଳି ଘଟଣା ଘଟିଥିଲା ତାହାର ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ କରାଯାଉ ।

ଦୁର୍ଘଟଣା ଘଟେ, କେହି କରନ୍ତି ନାହିଁ । ହେଲେ ଦୁର୍ଘଟଣା ପାଇଁ ଆବଶ୍ୟକ ଅନ୍ୟମନସ୍କତା ବା ସମନ୍ୱୟର ଅଭାବ ମନୁଷ୍ୟକୃତ । ତେଣୁ ଏଠାରେ କେହି ନା କେହି ତ ଦୋଷ କରିଛନ୍ତି । ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରାଗଲେ ଭବିଷ୍ୟତରେ ଏହିଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ ।

ସେ ଯା'ହେଉ, ଏହି ଘଟଣା କିନ୍ତୁ ସମଗ୍ର ଓଡ଼ିଆ ଜାତିର ଜନମାନସକୁ ଗଭୀର ଭାବରେ ଆହତ କରିଛି ଏଥିରେ ଦ୍ୱିମତ ନାହିଁ । ଅନେକ ଏହାକୁ ନେଇ ଅନେକ ପ୍ରକାର କଳ୍ପନାଜଳ୍ପନା ମଧ୍ୟ କରି ସାରିଲେଣି । କେହି କେହି ଏହା କଳିଯୁଗର ଅନ୍ତର ଅୟମାରମ୍ଭ ବୋଲି କହୁଥିବା ବେଳେ ଅଧିକାଂଶ ମତ ଦେଇଛନ୍ତି ଯେ ଯଦି ବଡ଼ ଠାକୁର ହିଁ ଅଣନିୟନ୍ତ୍ରିତ ହୋଇ ପଡ଼ିଯାଇ ପାରନ୍ତି ତା ହେଲେ ଏ ଜାତିକୁ ନିୟନ୍ତ୍ରଣ କରିବ କିଏ ? ତେଣୁ ଜାତି ପ୍ରତି ବିପଦ ଘନେଇ ଆସୁଛି । ଇତ୍ୟାଦି ଅନେକ କଥା ଶୁଣିବାକୁ ମିଳୁଛି ।

କଥା ହେଉଛି, ଯୁଗଯୁଗରୁ ଓଡ଼ିଆ ଜାତି ଜଗନ୍ନାଥ ପ୍ରାଣ ହୋଇ ରହିଛି । ପୁରୀ ଶ୍ରୀମନ୍ଦିରକୁ ନିଜର ପରମତୀର୍ଥ ବୋଲି ଧରି ନେଇଥିବା ଓଡ଼ିଆ ଜନମାନସ ମନ୍ଦିରକୁ ନେଇ ନିଜର ଜୀବନଚର୍ଯ୍ୟାକୁ ପାଳନ କରି ଚାଲିଛି । ଶ୍ରୀମନ୍ଦିରରେ ଦେବତାଙ୍କୁ ମାନବୀୟ ଲୀଳା କରୁଥିବାର ସମସ୍ତ ବ୍ୟବସ୍ଥା କରାଯାଇଛି । ସାମାନ୍ୟ ମନୁଷ୍ୟଙ୍କ ଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାପ୍ରଭୁ ଖାଉଛନ୍ତି, ଶୋଉଛନ୍ତି, ସ୍ନାନ କରୁଛନ୍ତି, ରୋଗରେ ବି ପଡୁଛନ୍ତି । ଏହି ସବୁ ବ୍ୟବସ୍ଥା କାହିଁ କେଉଁ ଯୁଗରୁ ହୋଇ ଆସୁଛି ତାହାର କୌଣସି ଲିଖିତ ବିବରଣୀ ନାହିଁ । ହେଲେ ଦେବତାଙ୍କ ମଧ୍ୟରେ ଆମେ ଦୈବୀ ଗୁଣ ଦେଖିବାକୁ ଚାହୁଁ ନା ମାନବୀୟ ଗୁଣ ଏହି ପ୍ରଶ୍ନ ଉତ୍ତର ଦାବୀ କରେ । ଦେବତାଙ୍କ ଭିତରେ ମାନବୀୟ ଗୁଣ ଦେଖିବା ଆମ କାମନା ହେବା ଉଚିତ ନା ମାନବ ଭିତରେ ଈଶ୍ୱରୀୟ ଗୁଣ ଦେଖିବା ? ଆମେ ସୃଷ୍ଟିର ବିଧାତାଙ୍କୁ ମନ୍ଦିର ମଧ୍ୟରେ ରଖିଦେଇ ଆମଭଳି କରିବାକୁ ଚେଷ୍ଟା ହିଁ କରୁଛୁ ।

ପ୍ରତିମା ଯେକୌଣସି କାରଣରୁ ହେଉ ନା କାହିଁକି, କିଛି ବାଟ ଖସି ଆସିବାକୁ ଯଦି ଆମେ ଦୈବୀ ଲୀଳା ବୋଲି କହିବା ତାହେଲେ ପ୍ରକୃତ ଲୀଳା କଣ ତାହା ଆମେ କେବେ ବି ଦେଖି ପାରିବା ନାହିଁ, ହଁ ଯଦି ଖସି ଆସୁଥିବା ପ୍ରତିମା ଯଦି ଆପେ ଆପେ ସିଧା ହୋଇ ଠିଆ ହୋଇ ପଡ଼ନ୍ତେ କିମ୍ବା ବିନା ସହାୟତାରେ ନିଜେ ଗହଳି ଠେଲିଦେଇ ଆଡପମଣ୍ଡକୁ ଚାଲି ଯାଆନ୍ତି ତାହେଲେ ତାହା ଲୀଳା ପଦବାଚ୍ୟ ହୋଇଥାନ୍ତା । କିନ୍ତୁ ଆମ ଅବହେଳାରୁ ପ୍ରତିମା ଏହିଭଳି ଦୁର୍ଦ୍ଦଶା ଭୋଗିବା ଅତ୍ୟନ୍ତ ଦୁଃଖର କଥା ଏହାକୁ ଲୀଳା ବୋଲି କହି ଆମେ ଭଗବାନଙ୍କୁ ଅପମାନିତ କରୁନାହୁଁ ତ ?

ବଡ଼ ଠାକୁର ଆମ ସମଗ୍ର ଓଡ଼ିଆ ଜାତିର ପ୍ରାଣ । ସେ ଆମର ସବୁ ଭଲମନ୍ଦରେ ଠିଆ ହୁଅନ୍ତି । ସେ ଆମ ଭଲକୁ ଭଲପାଇବା ସହ ଭୁଲକୁ ସୁଧାରିବାକୁ ଆମକୁ ଶକ୍ତି ଦିଅନ୍ତି । ତାଙ୍କ ପଦାଙ୍କ ଅନୁସରଣ କରି ଆମେ ଯଦି ଆମ ଜୀବନକୁ ସମୃଦ୍ଧ କରିବା ତା ହେଲେ ଆମେ ପ୍ରକୃତରେ ତାଙ୍କର ଦାୟାଦ ବୋଲି ପ୍ରମାଣିତ କରିପାରିବା ।

ଯେଉଁ ଲୋକମାନେ କହୁଛନ୍ତି ଯେ ଏହିଭଳି ଘଟଣା ଭିଆଇ ବଡ଼ ଠାକୁର ଆମକୁ କିଛି ଇଙ୍ଗିତ ଦେଉଛନ୍ତି ବା ଆଗତ ଭବିଷ୍ୟତରେ ବିପଦର ବାର୍ତ୍ତା ଦେଉଛନ୍ତି ସେମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଲି ଯାଉଛନ୍ତି ଯେ ସେମାନେ ଭଗବାନଙ୍କ ବିଷୟରେ କହୁଛନ୍ତି । ଭଗବାନ ଆମକୁ କିଛି ଜଣାଇବାର ଆବଶ୍ୟକ ନାହିଁ, କାରଣ ସେ ଜଗତର ଠାକୁର, ଯଦି ବିପଦ ଆସେ, ତାହେଲେ ସେ ହିଁ ଆମ ଜଗତକୁ ରକ୍ଷା କରିବେ, ସେ ହିଁ ଆମକୁ ତ୍ରାହି କରିବେ । ଆମକୁ ଜଣାଇବେନି ଯେ ବିପଦ ଆସୁଛି । ଏସବୁ ଫାଲ୍‌ତୁ କଥା ।

ଯାହା ବି ହେଉ, ଦୁର୍ଘଟଣା ଘଟିଛି ଏବଂ ଏହା ସମ୍ପୂର୍ଣ୍ଣ ଭାବେ ମାନବୀୟ ଅବହେଳା, ଦୂରଦୃଷ୍ଟିର ଅଭାବ ଏବଂ ସମନ୍ୱୟର ଅଭାବ ହେତୁ ହୋଇଛି । ତେଣୁ ଏଥିପ୍ରତି ସଚେତନତା ଭବିଷ୍ୟତରେ ଏହିଭଳି ଘଟଣାର ପୁନରାବୃତ୍ତିକୁ ଦୋହରାଇବ ନାହିଁ ।

ସର୍ବଭାରତୀୟ ସ୍ତରରେ ବିଗତ ପକ୍ଷରେ ଅନେକ ଘଟଣା ଘଟିଲା ଯାହା ଊଣା ଅଧିକେ ସମସ୍ତେ ଆଶା କରୁଥିଲେ । ଭାରତୀୟ ସଂସଦରେ କଂଗ୍ରେସର ସାଂସଦ ରାହୁଲ ଗାନ୍ଧୀଙ୍କୁ ବିପକ୍ଷ ଦଳର ନେତା ଭାବରେ ନିର୍ବାଚିତ କରାଗଲା । ସାଂସଦୀୟ ମର୍ଯ୍ୟାଦା ଓ କାର୍ଯ୍ୟପ୍ରଣାଳୀକୁ ହାସ୍ୟାସ୍ପଦ କରିଦେଇ ବର୍ତ୍ତମାନର ବିପକ୍ଷ ସଂସଦକୁ ଏକ ଖେଳଘରରେ ପରିଣତ କରି ଦେଇଛନ୍ତି ତାହା ସମଗ୍ର ଦେଶ ଦେଖୁଛି । ହୁଏତ କିଛି ବର୍ଷ ପୂର୍ବର କଥା ହୋଇଥିଲେ ଆମେ ବିଶ୍ୱାସ କରୁନଥାନ୍ତ କିନ୍ତୁ ଏବେ ସଂସଦରୁ ସିଧା ପ୍ରସାରଣ ଦିନରେ ହେଉଛି ଏବଂ ସାଧାରଣ ଜନତା ସମେତ ଗଣମାଧ୍ୟମ ଏହାକୁ ତୀକ୍ଷ୍ଣ ଦୃଷ୍ଟିରେ ଦେଖୁଛନ୍ତି ।

ଚଳିତ ସଂସଦୀୟ ବ୍ୟାପରରେ ବିପକ୍ଷ ଦଳକୁ ଦଳୀୟ ନେତା ହିଁ ଉସୁକାଇବା ସହ ସଦସ୍ୟମାନଙ୍କୁ ସଂସଦର ମଧ୍ୟଭାଗକୁ ଯିବାକୁ କହୁଛନ୍ତି, ନିଜେ ଆସନରେ ବସି ଅନ୍ୟମାନଙ୍କୁ ହଟଗୋଳ କରିବାକୁ କହୁଛନ୍ତି, ଯାହା ସ୍ପଷ୍ଟ ଭାବରେ ଦେଖାଯାଉଛି । ଏବଂ ସଂସଦ କାର୍ଯ୍ୟକ୍ରମ ସରିବା ପରେ ପରେ ସାମାଜିକ ଗଣମାଧ୍ୟମରେ ଆସି ଏହିଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିନୟ କରୁଛନ୍ତି ସତେ ଯେମିତି ସେ ଭାରି ନିରୀହ ଏବଂ ତାଙ୍କୁ ସଂସଦରେ କହିବାକୁ ଦିଆଗଲା ନାହିଁ ।

ଚଳିତ ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ପରେ ଆୟୋଜିତ ସର୍ବଦଳୀୟ ବୈଠକରେ ବିପକ୍ଷ ଦଳ ନିଜସ୍ୱ ଭାଷଣ ଦେଇସାରିବା ପରେ ଯେତେବେଳେ ଶାସକ ପକ୍ଷ କହିବାକୁ ଆରମ୍ଭ କରିଲେ ସେତେବେଳେ ସେମାନେ ପ୍ରଥମ ଉଚ୍ଚସ୍ୱରରେ ହୁଟିଂ କରିବା ସହ କାର୍ଯ୍ୟକ୍ରମକୁ ଧ୍ୱସ୍ତ କରିବାକୁ ଚେଷ୍ଟା କରିଲେ ଏବଂ ପରେ ପରେ ସଂସଦ ତ୍ୟାଗ କରି ବାହାରକୁ ଚାଲିଗଲେ ।

ଏହି ସମୟରେ ବିପକ୍ଷ ଦଳର ନେତା ରାହୁଲ ଗାନ୍ଧୀ ନିଜ ଅଭିଭାଷଣରେ କହିଲେ ଯେ ହିନ୍ଦୁ ବୋଲି କୁହାଉଥିବା ବ୍ୟକ୍ତିମାନେ ହିଁ ଅସହିଷ୍ଣୁ ଏବଂ ଆତଙ୍କବାଦୀ । ଏହି ବକ୍ତବ୍ୟ ପରେ ଶାସକ ଦଳ ତରଫରୁ ବ୍ୟାପକ ବିରୋଧ କରାଗଲା ଏବଂ ସଂସଦ ବାହାରେ ମଧ୍ୟ ଏହାକୁ ନେଇ ଅନେକ ପ୍ରତିକ୍ରିୟା ଶୁଣିବାକୁ ମିଳିଲା । ଭାରତର ସଂସଦରେ ଠିଆ ହୋଇ ବିପକ୍ଷ ଦଳର ନେତା ଯଦି ଏହିଭଳି ବୟାନ ଦିଅନ୍ତି ତାହେଲେ ଏହି ବୟାନ ଆଧାରରେ ବିଶ୍ୱସ୍ତରରେ ଗଣମାଧ୍ୟମ ଏକ ନୂଆ ରଣନୀତି ପ୍ରସ୍ତୁତ କରି ଭାରତ ଏବଂ ସର୍ବୋପରି ହିନ୍ଦୁ ଧର୍ମକୁ ଅପମାନିତ କରିବା ଆରମ୍ଭ କରିଦେବେ । ସେମିତିରେ ବି ବିଦେଶର ଅନେକ ଗଣମାଧ୍ୟମ ଭାରତୀୟତା ଏବଂ ହିନ୍ଦୁତ୍ୱ ଶବ୍ଦ ଶୁଣିଲେ ଚିଡ଼ି ଉଠୁଛନ୍ତି, ସେଭଳି ସ୍ଥାନରେ ବିପକ୍ଷ ଦଳର ନେତାଙ୍କ ଏହିଭଳି ବୟାନ ସେମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବ ଭାରତ ବିରୋଧୀ ଲେଖା ଛାପିବା ପାଇଁ । ସେହି କ୍ରମରେ ସେ ସଂସଦରେ ମହାଦେବଙ୍କ ଛବିକୁ ଦେଖାଇ ଶାସକ ଦଳକୁ ତଥା ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କୁ ଅପମାନିତ କରିଥିଲେ । ଏହିଭଳି ମାନସିକତା ହିଁ ଭାରତକୁ ଯୁଗଯୁଗରୁ ଦୁର୍ବଳ ବୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରମାଣିତ କରି ଆସିଛି । କହିବା ଅନୁଚିତ କିନ୍ତୁ ଓଡ଼ିଆରେ କଥାଟିଏ ଅଛି, ଅଳ୍ପବିଦ୍ୟା ଭୟଙ୍କରୀ । ସାମାଜିକ ଗଣମାଧ୍ୟମରୁ ସଂଗୃହୀତ ତଥ୍ୟକୁ ନେଇ ଯିଏ ନିଜକୁ ବୁଦ୍ଧିମାନ ବୋଲି ଦାବୀ କରୁଛି ସେହିଭଳି ବ୍ୟକ୍ତିଙ୍କୁ କିଭଳି ଦେଶର ମହାନ ସଂସଦରେ ସ୍ଥାନ ଦିଆଯାଇଛି, ବାସ୍ତବିକ ଚିନ୍ତାର ବିଷୟ ।

ସେହିଭଳି ଚଳିତ ସଂସଦରେ ଦୁଇଜଣ ସଂସଦ ନିର୍ବାଚିତ ହୋଇଛନ୍ତି ଯେଉଁମାନେ ଦେଶ ବିରୋଧୀ ଗତିବିଧି ପାଇଁ ବର୍ତ୍ତମାନ ଜେଲରେ ଅଛନ୍ତି । ସେମାନଙ୍କୁ ଲୋକମାନେ କିଭଳି ମତଦାନ ଦେଇ ଜିତାଇଛନ୍ତି ତାହା ଭାବିଲେ ଭାରତର ଭବିଷ୍ୟତ କେତେ ଅନ୍ଧକାରମୟ ତାହା ସ୍ପଷ୍ଟ ଦେଖାଯାଉଛି । ଯେଉଁଠି ଆତଙ୍କବାଦୀମାନଙ୍କୁ ମଧ୍ୟ ଲୋକମାନେ ଭୋଟ୍ ଦେଇ ଜିତାଉଛନ୍ତି ସେଠି ଲୋକମାନଙ୍କୁ କୌଣସି ସରକାରୀ ସହାୟତା ଦେବା ଅନୁଚିତ ।

ବିଗତ ସପ୍ତାହରେ ଶାସକ ଭାଜପାର ଜଣେ ପ୍ରମୁଖ ନେତା ଗିରିରାଜ ସିଂ ଏକ ପ୍ରକରଣରେ କହିଲେ ଯେ ତାଙ୍କର ସଂସଦୀୟ କ୍ଷେତ୍ରରେ ଜଣେ ପ୍ରମୁଖ ମୁସଲମାନ ବ୍ୟକ୍ତିଙ୍କୁ ଯେତେବେଳେ ସେ ପ୍ରଶ୍ନ କରିଥିଲେ ଯେ ସେ ସରକାରଙ୍କ ଠାରୁ କଣ କଣ ସହାୟତା ପାଇଛନ୍ତି ସେ ସବୁକିଛି କହିଥିଲେ, ଏବଂ କହିଥିଲେ ଯେ ସେଥିପାଇଁ ସେ ଭାଜପାକୁ ଭୋଟ୍ ଦେଇଛନ୍ତି, କିନ୍ତୁ ଯେତେବେଳେ ଗିରିରାଜ ସିଂ ତାଙ୍କୁ କହିଥିଲେ ଭଗବାନଙ୍କ ଶପଥ କରି କୁହ କାହାକୁ ଭୋଟ୍ ଦେଇଛନ୍ତି, ସେ କହିଲେ ସେ ଭାଜପାକୁ ଭୋଟ୍ ଦେଇନଥିଲେ । ଅର୍ଥାତ ସମସ୍ତ ପ୍ରକାର ସହାୟତା ପାଉଥିଲେ ସୁଦ୍ଧା କେବଳ ଧର୍ମ ଆଧାରରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭାଜପାକୁ ଆଦୌ ଭୋଟ୍ ଦେଉନାହାନ୍ତି । ଏହା ନିଶ୍ଚୟ ଚିନ୍ତାର ବିଷୟ । ଅର୍ଥାତ ସେମାନଙ୍କ ପାଇଁ ଦେଶ ଅପେକ୍ଷା ଧର୍ମ ପ୍ରଥମ ସ୍ଥାନ ଅଧିକାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରେ । ଯଦି ଆଗାମୀ ଦିନରେ ଆମର ପଡ଼ୋଶୀ ଦେଶ ସହ ଯୁଦ୍ଧ ହୁଏ ତା ହେଲେ ସେମାନେ ଦେଶ ସପକ୍ଷରେ ଠିଆ ହେବେ ନା ନିଜ ଧର୍ମାବଲମ୍ବୀ ଶତ୍ରୁ ସହ... ଚିନ୍ତା କରି ଦେଖନ୍ତୁ ।

ଗତ ସପ୍ତାହରେ ଉତ୍ତର ପ୍ରଦେଶ ସ୍ଥିତ ହାଥରସ ଠାରେ ଏକ ବେସରକାରୀ ଆୟୋଜନରେ ସମବେତ ଅଗଣିତ ବ୍ୟକ୍ତି ଦଳାଚକଟାର ଶୀକାର ହେଲେ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବିଖ୍ୟାତ ଜଣେ ସ୍ୱନାମଧନ୍ୟ ଭୋଲେ ବାବାଙ୍କ ଦ୍ୱାରା ଆୟୋଜିତ ସମାବେଶରେ ହୋଇଥିଲା । ସୂଚନାଯୋଗ୍ୟ ଯେ ପୁଲିସ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ଏହି ବ୍ୟକ୍ତିଜଣକ ନିଜକୁ ଭଗବାନଙ୍କ ଅବତାର ବୋଲି ପ୍ରଚାର କରିବା ସହ ଅଗଣିତ ଏହିଭଳି ସମାବେଶ ଆୟୋଜନ କରି ଆସୁଛନ୍ତି । କୋଭିଡ୍ ସମୟରେ ମଧ୍ୟ ସେ ଏହିଭଳି ସମାବେଶ ଆୟୋଜନ କରିଥିଲେ । କିଭଳି ସାଧାରଣ ଲୋକ ଏହିଭଳି ଲୋକଙ୍କ ଜାଲରେ ଫସି ଯାଉଛନ୍ତି ତାହା ଅବିଶ୍ୱାସଜନକ ମନେ ହେଉଛି । ସରକାରୀ ଅନୁମତି ନ ନେଇ ଧାର୍ମିକ ସମାବେଶ ଆୟୋଜନ କରୁଥିବା ଏହି ବାବାଙ୍କ ସଭାରେ ଦଳାଚକଟାରେ ପାଖାପାଖି ଶହେ ଉପରେ ଲୋକ ପ୍ରାଣ ହରାଇବା ସତ୍ତ୍ୱେ ଅନେକ ଲୋକ ବାବାଙ୍କ ସମର୍ଥନ କରୁଥିବା ଦେଖିବାକୁ ମିଳୁଛି । ସତ କଥା, ବାବାଙ୍କୁ ଦୋଷ ଦେଇ କାମ ତୁଟେଇ ଦେଲେ ହେବ କି? ଦୋଷ ଲୋକମାନଙ୍କରେ । ଆମ ଧର୍ମରେ ଅଗଣିତ ଦେବୀଦେବତା ଥିବା ସତ୍ତ୍ୱେ ସାଧାରଣ ମନୁଷ୍ୟମାନଙ୍କୁ ବାବା ବୋଲି ଆଖ୍ୟା ଦେଇ ଯେଉଁ ଭ୍ରମ ଓ ଭ୍ରଷ୍ଟାଚାରର ଖେଳ ଖେଳାଯାଉଛି ତାହାକୁ ବନ୍ଦ କରିବା ଭଳି କୌଣସି କଠୋର ନିୟମ ନାହିଁ ।

ଅତୀତରେ ଏହିଭଳି ଅନେକ ବାବାଙ୍କୁ ବିଭିନ୍ନ ମାମଲାରେ ଜେଲଦଣ୍ଡ ହୋଇଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଳେ ପୁଣି ନୁଆ ନୁଆ ବାବା ମାନଙ୍କ ଆବିର୍ଭାବ ଗୋଟିଏ କଥାକୁ ସ୍ୱଷ୍ଟ ଭାବରେ ଜଣାଉଛି, ତାହା ହେଉଛି ମନୁଷ୍ୟ ଆହୁରି ଶିକ୍ଷିତ ହେବାର ଆବଶ୍ୟକ ଅଛି ।

ଘଟଣା ପରେ ପରେ ଏହାକୁ ନେଇ ଅନେକ ରାଜନୀତି ହୋଇସାରିଲାଣି । ବିଗତ ମାସରେ ତାମିଲନାଡୁରେ ଘଟିଥିବା ମଦମୃତ୍ୟୁ ମାମଲାରେ ମଧ୍ୟ ଷାଠିଏରୁ ଅଧିକ ଲୋକ ମରିଥିବା ବେଳେ ସେଠାରେ କୌଣସି ରାଜନୈତିକ ଦଳର ଲୋକ ଯାଇନଥିବା ବେଳେ ହାଥରସ୍ ଘଟଣା ପରେ ପରେ ସେଠାରେ ସମସ୍ତ ରାଜନୈତିକ ଦଳ ସମବେତ ହେବା ଏବଂ ଶାସକ ଦଳକୁ ଏଥିପାଇଁ ଦାୟୀ କରିବା ଦେଖାଯାଇଛି ।

ଆମ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବର୍ତ୍ତମାନ ଋଷ ଗସ୍ତରେ ଅଛନ୍ତି । ଏହି ସମୟରେ ତାଙ୍କୁ ଋଷ ସରକାରଙ୍କ ଦ୍ୱାରା ସର୍ବୋଚ୍ଚ ପୁରସ୍କାର ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ର୍ୟୁରେ ସମ୍ମାନିତ କରାଯାଇଛି । ଏହା ସହିତ ଶ୍ରୀ ମୋଦୀ ପନ୍ଦରଟି ପ୍ରମୁଖ ଦେଶର ସର୍ବୋଚ୍ଚ ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ଏହା ପୂର୍ବରୁ ଶାସନ କରୁଥିବା ମନମୋହନ ସିଂ ମାତ୍ର ଦୁଇଟି ଦେଶରୁ ସମ୍ମାନିତ ହୋଇଥିଲେ । ଏହି ଗସ୍ତକାଳରେ ମୋଦୀ ଓ ପୁଟିନଙ୍କ ଭିତରର ବନ୍ଧୁତ୍ୱ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ପୁଟିନ ନିଜେ ଗାଡ଼ି ଚଳାଇ ମୋଦୀଙ୍କୁ ନିଜ ମହଲକୁ ନେଇ ଯିବାର ଦୃଶ୍ୟ ଅନେକଙ୍କୁ ହତଚକିତ କରୁଛି । ଅତୀତରେ ପୁଟିନଙ୍କୁ କୌଣସି ବିଶ୍ୱସ୍ତରର ନେତା ପାଖରେ ଠିଆ ହୋଇ କଥା ହେଉଥିବାର ଦେଖିବାକୁ ମିଳୁନଥିବା ବେଳେ ଏବେ ଗୋଟିଏ ଭିଡ଼ିଓ ଭାଇରାଲ୍ ହେଉଛି ଯେଉଁଠି ମୋଦୀ କଥା କଥାରେ ପୁଟିନଙ୍କ କାନ୍ଧକୁ ଥାପୁଡେଇ ଦେଇଛନ୍ତି ଏବଂ ସେ ମଧ୍ୟ ହସିଦେଇ ଏହାକୁ ସ୍ୱୀକାର କରୁଛନ୍ତି । ସୂଚନାଯୋଗ୍ୟ ଯେ ବିଗତ ମାସରେ ଋଷ ନିଜର କଞ୍ଚା ତେଲ ପାଇଁ ନୂତନ ଦରସୂଚୀ ଜାରୀ କରିଥିଲା ଏବଂ ଏଥିରେ ସମସ୍ତ ଦେଶପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ଥିର କରାଯାଇଥିବା ଦରଠାରୁ ଢେର କମ ଦାମରେ ଭାରତକୁ ତେଲ ଦେବାକୁ ପ୍ରତିଶୃତି ଦିଆଯାଇଥିଲା । ୟୁରୋପିଆନ୍ ୟୁନିୟନକୁ ଅଧିକ ଦରରେ ତେଲ ବିକ୍ରୀ କରୁଥିବା ଋଷ ଭାରତର ସରକାରଙ୍କ ପ୍ରତି କୋହଳ ମନୋଭାବ ମୋଦୀ ଓ ପୁତିନଙ୍କ ବନ୍ଧୁତ୍ୱ ଯୋଗୁଁ ସମ୍ଭବ ହୋଇଛି ବୋଲି ଗଣମାଧ୍ୟମରେ ପ୍ରସାରିତ ଖବରରୁ ଜଣାପଡିଛି ।

ଗତମାସରେ ପ୍ରକାଶିତ ଚଳଚ୍ଚିତ୍ର କଲକୀ ୨୮୯୮ ଏଡ଼ି ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି । ଏହି ଚଳଚ୍ଚିତ୍ରରେ ଭବିଷ୍ୟତରେ ହେବାକୁ ଥିବା କଲକୀ ଅବତାର ସମ୍ବନ୍ଧରେ ଉପସ୍ଥାପନ କରାଯାଇଛି । ଏହା ଅନେକ ଭାଗରେ ପ୍ରକାଶିତ ହେବାକୁ ଥିବା ବେଳେ ପ୍ରଥମ ଭାଗରେ ଏହା ଅଶ୍ୱତ୍ଥାମାଙ୍କ ବିଷୟକୁ ଉଜ୍ଜୀବିତ କରୁଛି । ଚଳଚ୍ଚିତ୍ରଟି ଦେଖିବା ଯୋଗ୍ୟ ହୋଇଛି । ଯଦି ଆପଣଙ୍କୁ ଅତ୍ୟଧିକ କମ୍ପ୍ୟୁଟର ସୃଷ୍ଟ ଚିତ୍ର ଦେଖିବାକୁ ଭଲ ଲାଗେ ତା ହେଲେ ଏହି ଚଳଚ୍ଚିତ୍ର ଆପଣଙ୍କୁ ଭଲ ଲାଗିବ । ଅବଶ୍ୟ ଯେହେତୁ ଏହା ଚଳଚ୍ଚିତ୍ର ର ପ୍ରଥମ ଭାଗ ତେଣୁ ଏହି ଚଳଚ୍ଚିତ୍ରର ମଧ୍ୟାନ୍ତର ପୂର୍ବବର୍ତ୍ତି ଭାଗ ଆପଣଙ୍କୁ ବିରକ୍ତିକର ମଧ୍ୟ ମନେ ହୋଇପାରେ, କିନ୍ତୁ ବିଶ୍ୱାସ କରନ୍ତୁ, ଏହାର ମଧ୍ୟାନ୍ତର ସମୟ ଏବଂ ଏହାର ପରବର୍ତ୍ତୀ ଭାଗ ଦେଖିଲେ ଆପଣ ବହୁତ ଆମୋଦିତ ହେବେ । ଭାରତର ଅନେକ ସହରରେ ପୂର୍ଣ୍ଣପ୍ରେକ୍ଷାଳୟରେ ଏହି ଚଳଚ୍ଚିତ୍ର ବର୍ତ୍ତମାନ ପ୍ରଦର୍ଶିତ ହେଉଛି । ଏହାର ଦ୍ୱିତୀୟ ଭାଗରେ କଣ ହେବ ସେହି ବିଷୟ ନେଇ ଅନେକ କଳ୍ପନାଜଳ୍ପନା ଲାଗି ରହିଛି । କୁହାଯାଉଛି ଯେ ଏହାର ଦ୍ୱିତୀୟ ଭାଗରେ ଜଗନ୍ନାଥଙ୍କ ଅବତାରଣା କରାଯାଇ ପାରେ । ଯାହା ବି ହେଉ ଏହି ଚଳଚ୍ଚିତ୍ର ଦେଖିବା ପରେ ଏହାର ଦ୍ୱିତୀୟ ଭାଗକୁ ଦେଖିବାପାଇଁ ମନର କୌତୁହଳ ନିଶ୍ଚୟ ଜାଗ୍ରତ ହେବ । ଯଦି ଆପଣ ଏହି ଚଳଚ୍ଚିତ୍ରକୁ ଦେଖି ନାହାନ୍ତି ତାହେଲେ ଦେଖି ପାରିବେ । ପ୍ରଥମରୁ ହିଁ କହି ଦେଉଛି, ଚଳଚ୍ଚିତ୍ରର ପ୍ରଥମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ଘଣ୍ଟା ଆପଣଙ୍କୁ ସହ୍ୟ କରିବାକୁ ପଡ଼ିବ । ତା'ପରେ କିନ୍ତୁ ଏହା ବହୁତ ରୋମାଞ୍ଚକର ପରିସ୍ଥିତିରେ ଆପଣଙ୍କୁ ପହଞ୍ଚାଇ ଦେବ । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଥିବା ଅମିତାଭ ବଚ୍ଚନ ୮୧ ବର୍ଷ ବୟସରେ ମଧ୍ୟ ଯେଉଁଭଳି ଅଭିନୟର ପ୍ରଦର୍ଶନ କରିଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ । ଅନ୍ୟ ଭୂମିକାରେ ଦକ୍ଷିଣ ସିନେମା ଶିଳ୍ପର ପ୍ରମୁଖ ଚେହେରା ପ୍ରଭାସ, କମଲ୍ ହାସନ୍ ସମେତ ଦୀପିକା ପାଦୁକୋନ୍ ମଧ୍ୟ ଏଥିରେ ନିଜର ଅଭିନୟର ପ୍ରଦର୍ଶନ କରିଛନ୍ତି ।

ଏହି ସପ୍ତାହର ଗୋଟିଏ ଖବର ଯାହା ଆମ ସମସ୍ତଙ୍କୁ ବ୍ୟଥିତ କରିଛି ତାହା ହେଉଛି, ଅନେକ ମୋବାଇଲ୍ ସେବା ଯୋଗାଣକାରୀ ସଂସ୍ଥାଙ୍କ ଦ୍ୱାରା ସେବା ଶୁଳ୍କ ବୃଦ୍ଧିର ନିଷ୍ପତ୍ତି । ପ୍ରଥମେ ରିଲାଏନ୍ସ୍ ଜିଓ ତରଫରୁ ପାଖାପାଖି ୧୨ରୁ ୨୫ ପ୍ରତିଶତ ବୃଦ୍ଧି କରାଯିବା ପରେ ଏୟାରଟେଲ୍ ଏବଂ ଭିଆଇ ଦ୍ୱାରା ସମାନ ବୃଦ୍ଧି ଅନେକଙ୍କୁ ଆହତ କରିଛି । ହେଲେ ଏହି ସମୟରେ ଏକ ଦୃଶ୍ୟ ଅଧିକ ଆମୋଦକର ଲାଗୁଛି ଏବଂ ତାହା ହେଉଛି, ବିଏସଏନଏଲର ପ୍ରତ୍ୟାବର୍ତ୍ତନ । ଶୁଣାଯାଉଛି ଯେ ଜିଓ ଦ୍ୱାରା ଶୁଳ୍କ ବୃଦ୍ଧି ହେବାର ତିନିଦିନ ଭିତରେ ପାଖାପାଖି ସତୁରୀ ଲକ୍ଷ ଉପଭୋକ୍ତା ଜିଓକୁ ତ୍ୟାଗ କରି ବିଏସଏନଏଲ୍ ସେବା ପାଇଁ ପଞ୍ଜୀକୃତ ହୋଇଛନ୍ତି । ବର୍ତ୍ତମାନ ସର୍ବଭାରତୀୟ ସ୍ତରରେ ସବୁଠାରୁ ଶସ୍ତା ସେବା ଯୋଗାଇବାରେ ବିଏସଏନଏଲ୍ ରହିଛି । ଅବଶ୍ୟ ଅନ୍ୟ କମ୍ପାନୀ ମାନଙ୍କ ଭଳି ଉଚ୍ଚମାନର ସେବା ବା ଦୃତତମ ଇଣ୍ଟରନେଟ୍ ସେବା ଯୋଗାଇବାକୁ ଅକ୍ଷମ ରହିଥିବା ସତ୍ତ୍ୱେ ସାମାନ୍ୟ ଉପଭୋକ୍ତାଙ୍କ ପାଇଁ ଏହା ଲାଭଦାୟକ ପ୍ରମାଣିତ ହେଉଛି । ଦୃତ ଇଣ୍ଟରନେଟ୍ ସେବା ଆବଶ୍ୟକ କରୁନଥିବା ବ୍ୟକ୍ତିମାନେ ମଧ୍ୟ ଜିଓ ହେଉ ବା ଏୟାରଟେଲ୍ ସେଠାରୁ ଡାଟା ପ୍ୟାକ୍ ନେବାକୁ ବାଧ୍ୟ ହେଉଥିଲେ, ସେହିଭଳି ସ୍ଥାନରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଏସଏନଏଲ୍ ଭାରି ଲାଭ ଦେଉଛି । ତେଣୁ ଜିଓ ଦରବୃଦ୍ଧି ହେବା ପରେ ପରେ ସୋସିଆଲ୍ ମେଡିଆରେ ପୋର୍ଟ୍ ଟୋ ବିଏସଏନଏଲ୍ ଟ୍ରେଣ୍ଡ୍ କରିବାର ଦେଖାଯାଇଥିଲା ।

ବିଏସଏନଏଲ୍ ଭାରତ ସରକାରଙ୍କ ସଂସ୍ଥା ହୋଇଥିବାରୁ ଏହା ଦେଶର କୋଣଅନୁକୋଣରେ ସହଜରେ ଉପଲବ୍ଧ ରହିଛି । ବିଗତ ଅନେକ ଦଶନ୍ଧି ଧରି ଏହା କ୍ଷତିରେ ଚାଲୁଥିବା ସତ୍ତ୍ୱେ ନରେନ୍ଦ୍ର ମୋଦୀଙ୍କ ଶାସନାଧୀନ ଭାଜପା ସରକାର ଏହି ସଂସ୍ଥାକୁ ସ୍ଥିର କରିବା ଉଦ୍ଦେଶ୍ୟରେ ପାଖାପାଖି ୩ ଲକ୍ଷ କୋଟି ଟଙ୍କାର ସହାୟତା ଦେଇ ସାରିଲେଣି । ଯେତେବେଳେ ବେସରକାରୀ କମ୍ପାନୀମାନେ ଭାରତରେ ୫ଜି ସେବା ଯୋଗାଇବା ଆରମ୍ଭ କରି ସାରିଲେଣି, ସେତେବେଳେ ବିଏସଏନଏଲ୍ ବର୍ତ୍ତମାନ ସୁଦ୍ଧା ଏହାର ୪ଜି ନେଟବର୍କ୍ ସୁଧାର କରି ସେବା ଯୋଗାଇ ପାରିନାହିଁ । ଶୁଣାଯାଉଛି ଏହି ବର୍ଷ ଶେଷ ସୁଦ୍ଧା ଏହାର ବହୁ ପ୍ରତୀକ୍ଷିତ ୪ଜି ସେବା ଦେଶ ସାରା ଲାଗୁ ହେବ ଏବଂ ସମ୍ଭବତଃ ଆଗାମୀ ବର୍ଷ ସୁଦ୍ଧା ଏହା ୫ଜି ସେବା ମଧ୍ୟ ଯୋଗାଇବ । ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ପ୍ରତିଷ୍ଠା ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଟାଟା ସମୁହର ସଂସ୍ଥା ଟିସିଏସକୁ ଏହି ଗୁରୁଦାୟିତ୍ୱ ଦିଆଯାଇଛି ଏବଂ ଯେତେବେଳେ ଟାଟା ସମୁହର ନାଁ ଆସେ, ବିଶ୍ୱାସ ଆପେ ଆପେ ବଢ଼ିଯାଏ ଯେ ଏହା ସତରେ ସମ୍ଭବ ହୋଇ ପାରିବ । ସଦ୍ୟ ପ୍ରାପ୍ତ ସୂଚନା ଅନୁସାରେ ସମଗ୍ର ଦେଶରେ ଦଶ ହଜାରରୁ ଅଧିକ ୪ଜି ଟାୱାର୍ ସ୍ଥାପନ ହୋଇ ସାରିଲାଣି । ସମ୍ଭବତଃ ଅଗଷ୍ଟ ମାସ ପନ୍ଦର ତାରିଖ ସୁଦ୍ଧା ବିଏସଏନଏଲର ୪ଜି ସେବା ସମଗ୍ର ଦେଶରେ ଚାଲୁ ହୋଇଯିବ ।

ବର୍ଷ ୨୦୦୦ରେ ସ୍ଥାପିତ ବିଏସଏନଏଲ୍ ଭାରତ ସରକାରଙ୍କ ଏକମାତ୍ର ଏହିଭଳି ସଂସ୍ଥା ଥିଲା ଯାହା ବର୍ଷ ୨୦୦୦ରୁ ୨୦୦୭ ମଧ୍ୟରେ ପାଖାପାଖି ଚାଳିଶି ହଜାର କୋଟିରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧିକ ଲାଭ ଆୟ କରି ପାରିଥିଲା । ହେଲେ ଅଧିକ ଆୟ କରୁଥିବା ଏହି ସଂସ୍ଥାରେ ଭ୍ରଷ୍ଟାଚାରର ଚେର ମଧ୍ୟ ଶୀଘ୍ର ଲାଗିଗଲା ଏବଂ ଧିରେ ଧିରେ ଏହି ସଂସ୍ଥା ଦୁର୍ବଳ ହେବାକୁ ଲାଗିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଦୁଇ ଦୁଇଜଣ ଦୂରସଂଚାର ମନ୍ତ୍ରୀ ମୁରାସୋଲି ମାରଣ୍ ଏବଂ ଏ ରାଜା ଦୁର୍ନୀତି ମାମଲାରେ ଛନ୍ଦି ହେବାପରେ ଏହି ସଂସ୍ଥାର ସମସ୍ତ ଦେଣନେଣକୁ ତଦନ୍ତ ପରିସର ଭୁକ୍ତ କରିଦିଆଗଲା, ଫଳରେ ସଂସ୍ଥାରେ ନିବେଶ କମ ହେବାକୁ ଲାଗିଲା ଏବଂ ଏହି ସମୟରେ ସରକାରୀ କର୍ମଚାରୀ ଭାବରେ ସବୁ ପ୍ରକାର ଲାଭ ପାଉଥିବା ସଂସ୍ଥାର କର୍ମଚାରୀମାନେ ଉପଭୋକ୍ତାଙ୍କ ପ୍ରତି ଧ୍ୟାନ ଦେଲେ ନାହିଁ ଏବଂ ସେମାନଙ୍କ ମନମୁଖୀ କାର୍ଯ୍ୟପାଇଁ ଧିରେ ଧିରେ ଲୋକମାନେ ଏହାକୁ ଛାଡ଼ି ଦେଇ ବେସରକାରୀ କମ୍ପାନୀ ଦିଗକୁ ଅଗ୍ରସର ହେଲେ । ମାସକୁ ମାସ ମୋଟା ଅଙ୍କର ଦରମା ପାଉଥିବା ସଂସ୍ଥାର କର୍ମଚାରୀମାନେ ସେବା ଦିଗରେ କୌଣସି ସଚେତନ ହେଲେ ନାହିଁ, ଯେତେବେଳେ ବେସରକାରୀ ସଂସ୍ଥାମାନେ ପ୍ରତିଯୋଗିତାମୂଳକ ଭାବରେ ସେବା ଯୋଗାଇବାକୁ ଲାଗିଥିଲେ ସେତେବେଳେ ଏହି ସଂସ୍ଥା ବସ୍ତୁତଃ ସ୍ଥାଣୁ ପାଲଟି ଯାଇଥିଲା ।

ନରେନ୍ଦ୍ର ମୋଦୀଙ୍କ ସରକାର ଯେତେ ବି ଅନୁଦାନ ଦେଉଥିଲେ ସେ ସବୁ ସଂସ୍ଥାର କର୍ମଚାରୀଙ୍କ ଦରମାରେ ଖର୍ଚ୍ଚ ହେଉଥିଲା ସିନା ଉନ୍ନତିମୂଳକ କାର୍ଯ୍ୟ କିଛି ବି ହେଉନଥିଲା । ତେଣୁ ଅନେକ କର୍ମଚାରୀଙ୍କୁ ଛଟେଇ କରାଗଲା ଏବଂ ପାଖାପାଖି ଦେଢ଼ ଲକ୍ଷ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଗ୍ରହଣ ପାଇଁ କୁହାଗଲା । ଏହାପରେ ଏବେ ବିଏସଏନଏଲର ନୂଆ ଭାବରେ ଯୋଗ ଦେଇଥିବା କର୍ମଚାରୀମାନେ ପୂର୍ବ କର୍ମଚାରୀ ମାନଙ୍କ ଅବସ୍ଥା ଦେଖି ସୁଧୁରିଥିବେ ନିଶ୍ଚୟ ବୋଲି ଆଶା କରିବା । ଏବଂ ବର୍ତ୍ତମାନ ଟାଟା ସମୁହ ସହ ବୁଝାମଣା କରି ବିଏସଏନଏଲର ୪ଜି ଓ ୫ଜି ସେବା ପ୍ରଚଳନ କଥା ଶୁଣିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରେ ବିଶ୍ୱାସ ହେଉଛି ଯେ ହଁ ଏହି ସଂସ୍ଥା ପୁଣିଥରେ ମୁଣ୍ଡ ଟେକି ପାରିବ ।

କାରଣ ବର୍ତ୍ତମାନ ଉପଭୋକ୍ତା ବଜାରରେ ବିଭିନ୍ନ ବେସରକାରୀ ସଂସ୍ଥାର ମନମୁଖୀ ବ୍ୟବହାରରେ ସମସ୍ତେ ଅତିଷ୍ଠ ହେଲେଣି । ବିଏସଏନେଲ୍ ଯଦି ଶସ୍ତାରେ ସେବା ଯୋଗାଇବ ତାହେଲେ ବେସରକାରୀ କମ୍ପାନୀମାନଙ୍କ ମନୋମୁଖୀ କାରବାର ଉପରେ ଅଙ୍କୁଶ ଲାଗି ପାରିବ । ଏବଂ ସେମାନେ ପୁଣିଥରେ ଦରବୃଦ୍ଧି କରିବା ପୂର୍ବରୁ ଅନେକ ଥର ଭାବିବେ । ଏଥିପାଇଁ କିନ୍ତୁ ବିଏସଏନଏଲକୁ ନିଷ୍ଠାର ସହ କାମ କରିବାକୁ ପଡିବ । ଦେଖାଯାଉ ଭବିଷ୍ୟତରେ କଣ ହେଉଛି । ଯେହେତୁ ବିଏସଏନଏଲ୍ ସରକାରୀ ସଂସ୍ଥା ତେଣୁ ଏହାର ସେବା ଦର ସବୁ ସାମାନ୍ୟ ରହିବା ସ୍ୱାଭାବିକ । ଯଦି ଏହା ଭଲ ସେବା ଯୋଗାଇ ପାରିବ ତାହେଲେ ଯେଉଁ ସବୁ ଉପଭୋକ୍ତା ବିଏସଏନଏଲ୍ ଛାଡ଼ି ଦେଇଥିଲେ ସେମାନେ ପୁଣିଥରେ ଫେରି ଆସିବେ ।

ଚଳିତ ବର୍ଷ ଜମ୍ମୁ କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ପୁଣିଥରେ ମୁଣ୍ଡ ଟେକିବା ଦେଶପାଇଁ ଚିନ୍ତାର ବିଷୟ । ନରେନ୍ଦ୍ର ମୋଦୀଙ୍କ ତୃତୀୟ ଥର ଶପଥ ଗ୍ରହଣ ସମୟ ପରେ ପରେ ହିଁ ଏହି ହିଂସାକାଣ୍ଡ ବୃଦ୍ଧି ପାଇଛି । ସୀମାପାରର ଦେଶ ଭାରତର ନବନିର୍ବାଚିତ ସରକାରଙ୍କୁ ନେଇ ଚିନ୍ତାରେ ଅଛନ୍ତି ଏବଂ ସେମାନେ ଦେଶକୁ ବାହାରୁ ଅସ୍ଥିର କରିବାକୁ ଚାହୁଁଛନ୍ତି । ଆଗରୁ ଯେସାକୁ ତେସା ନ୍ୟାୟରେ କାମ କରୁଥିବା ନରେନ୍ଦ୍ର ମୋଦୀ ସରକାର ଏବେ କିଛି ମାତ୍ରାରେ ସ୍ଥିର ହୋଇଯାଇଛନ୍ତି ଭଳି ମନେ ହେଉଛି । ଏତେ ଅଧିକ ଆତଙ୍କବାଦୀ କାର୍ଯ୍ୟକଳାପ ସତ୍ତ୍ୱେ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ହେଉନାହିଁ । ଯେଉଁ ସ୍ଥାନୀୟ ଲୋକମାନେ ଆତଙ୍କବାଦୀଙ୍କୁ ନିଜ ଘରେ ପ୍ରଶ୍ରୟ ଦେଉଛନ୍ତି, ସେମାନେ ବୁଝିବା ଦରକାର ଯେ ସେମାନେ ଆଜି ଯେଉଁ ବ୍ୟକ୍ତି ବା ଗୋଷ୍ଠୀଙ୍କୁ ସହାୟତା ଦେଉଛନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ କେହି କାହାର ନୁହନ୍ତି । କିଛି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ନ ହେଲେ, ଦେଶବାସୀଙ୍କ ଭରସା ତୁଟିବାକୁ ସମୟ ଲାଗିବନି ।

ବିଗତ ସପ୍ତାହରେ ଭାରତୀୟ ସେନାବାହିନୀର ଜଣେ କର୍ତ୍ତବ୍ୟରତ ଡାକ୍ତର ଅଂଶୁମାନ ସିଂହଙ୍କୁ ମରଣୋପରାନ୍ତ କୀର୍ତ୍ତିଚକ୍ରରେ ସମ୍ମାନିତ କରାଯାଇଛି । ସେ ସିଆଚେନ ଅଞ୍ଚଳରେ ସେବାରତ ଥିବା ସମୟରେ ଏକ ଆକସ୍ମିକ ଅଗ୍ନିକାଣ୍ଡରେ ସମଗ୍ର କ୍ୟାମ୍ପ ଜଳୁଥିବା ସମୟରେ ନିଜ ବୀରତ୍ୱର ପରିଚୟ ଦେଇ ଚାରିଜଣ ସହକର୍ମୀଙ୍କୁ ସହାୟତା ଯୋଗାଇ ବଞ୍ଚାଇବା ବେଳେ ନିଜେ ପ୍ରାଣୋତ୍ସର୍ଗ କରିଥିଲେ । ଏଥିପାଇଁ ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରିଥିଲେ । ତାଙ୍କପାଇଁ ତାଙ୍କ ପତ୍ନୀ ସ୍ମୃତି ସିଂହ ଏବଂ ମାଆ ମଞ୍ଜୁସିଂହ ଏହି ସମ୍ମାନ ଗ୍ରହଣ କରିଥିଲେ ।

ହେଲେ ସେହି ଉତ୍ସବ ସମାରୋହର ଛବି ସୋସିଆଲ୍ ମିଡ଼ିଆରେ ପ୍ରସାରିତ ହେଉଥିବା ସମୟରେ ଜନୈକ ବ୍ୟକ୍ତି ସେହି ଛବି ତଳେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ଯାହା ସୋସିଆଲ୍ ମେଡ଼ିଆରେ ବ୍ୟାପକ ଭାବରେ ଉତ୍ତେଜନା ସୃଷ୍ଟି କରିଥିଲା । ଏହାକୁ ନେଇ ମାମଲା ରୁଜୁ କରାଯାଇଛି । ଏହା ଲୋକଙ୍କ ହୀନମାନସିକତାକୁ ଦର୍ଶାଉଛି ।

ଆଇସିସି ଚମ୍ପିୟନସ୍ ଟ୍ରଫି ୨୦୨୫ ଆଗାମୀ ବର୍ଷ ଫେବୃଆରୀ ଓ ମାର୍ଚ୍ଚରେ ପାକିସ୍ତାନରେ ଆୟୋଜିତ ହେବାକୁ ଯାଉଛି । ଏହା ଆୟୋଜନ କରାଗଲେ ପାକିସ୍ତାନକୁ ବହୁତ ଲାଭ ହେବ ବୋଲି ଧରି ନିଆଯାଇଥିଲା ବେଳେ ଏବେ ଭାରତୀୟ କ୍ରିକେଟ୍ ବୋର୍ଡ ପାକିସ୍ତାନ ଯିବା ବିପକ୍ଷରେ ମତ ପୋଷଣ କରି ଆଇସିସିକୁ ଦାବୀ କରିଛନ୍ତି ଯେ ଏହି ପ୍ରତିଯୋଗୀତା ଶ୍ରୀଲଙ୍କା କିମ୍ବା ଦୁବାଇରେ ଆୟୋଜିତ କରାଯାଉ । ଏହା ପାକିସ୍ତାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ୍ରିକେଟ ଦୁନିଆକୁ ନିରୁତ୍ସାହିତ କରିଛି ।

ବିଗତ ମାସରେ ଦିଲ୍ଲୀବାସୀ ଜଳାଭାବ ହେତୁ ହନ୍ତସନ୍ତ ହେଉଥିଲେ ସେଇ ସମୟରେ ଦିଲ୍ଲୀର ଜଳ ମନ୍ତ୍ରୀ ଆତିଶି ମାର୍ଲେନା, ଅନଶନ କରିଥିଲେ । ଦିଲ୍ଲୀକୁ ଜଳ ଯୋଗାଇବାକୁ ଚେଷ୍ଟା କରିବା ପରିବର୍ତ୍ତେ ଅନଶନ ନାଟକ ଭାରି ଚାଲିଲା କିନ୍ତୁ ମାତ୍ର ଚାରିଦିନ ପରେ ଏହା ଆକସ୍ମିକ ଭାବରେ ବନ୍ଦ ହୋଇଗଲା । ସୌଭାଗ୍ୟର ବିଷୟ ଏହି ଚାରିଦିନ ପରେ ଦିଲ୍ଲୀରେ ହଠାତ୍ ବର୍ଷା ହୋଇଗଲା, ତେଣୁ ଦିଲ୍ଲୀବାସୀ ଜଳହୀନତାକୁ ରକ୍ଷା ପାଇବା ଆଶା କରୁଥିବା ସମୟରେ ଦିଲ୍ଲୀର ଅନେକ ଡ୍ରେନେଜ୍ ବ୍ୟବସ୍ଥା ବନ୍ଦ ହୋଇଥିବା ହେତୁ ପ୍ରାୟ ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇ ରହିବା ଫଳରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଜଳାଭାବ ଥିବା ସମୟରେ ଏଥିପାଇଁ ହରିୟାନାକୁ ଦୋଷ ଦେଉଥିବା ଦିଲ୍ଲୀ ସରକାର ବର୍ଷା ପରେ ପରେ, ବନ୍ୟାଭଳି ପରିସ୍ଥିତି ପାଇଁ ପୁଣିଥରେ ହରିୟାନା ସରକାରଙ୍କୁ ଦାୟୀ କରିବାକୁ ପଛାଇନଥିଲେ । ନିଜକୁ କଟ୍ଟର ଇମାନଦାର୍ ବୋଲି ଦାବୀ କରି ଆସୁଥିବା ଏବଂ ଅନ୍ୟମାନଙ୍କୁ ଭ୍ରଷ୍ଟାଚାରୀ ବୋଲି ଦାବୀ କରୁଥିବା ଅରବିନ୍ଦ କେଜରିବାଲ୍ ଏବେ ଜେଲରେ ଅଛନ୍ତି ।

ଆଶା କରୁଛି, ଚଳିତ ମାସର ଆହ୍ୱାନ ଇ-ପତ୍ରିକା ଆପଣମାନଙ୍କୁ ଭଲ ଲାଗିବ ।

ମହାପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପୋଡ଼କାଷ୍ଟ

ଆହ୍ୱାନ ଓଡ଼ିଆ ଇ-ପତ୍ରିକା ଆନୁକୂଲ୍ୟରେ ପ୍ରକାଶିତ ହେଉଛି Odia Podcast Original, ପୋଡ଼କାଷ୍ଟ ଚାନେଲ୍ । ଏଥିରେ ଓଡ଼ିଆ ଭାଷାରେ, ଗଳ୍ପ, କବିତା, ପ୍ରବନ୍ଧ ସମେତ ଅନେକ ବିଷୟରେ କାର୍ଯ୍ୟକ୍ରମମାନ ଉପସ୍ଥାପନ କରାଯାଇଛି । ଆମ ପୋଡ଼କାଷ୍ଟ ପ୍ରସାରଣ ଆମାଜନ୍, ଆପଲ୍, ସ୍ପଟିଫାଇ ଇତ୍ୟାଦି ସମସ୍ତ ପୋଡ଼କାଷ୍ଟ ଡାରେକ୍ଟରୀ ମାନଙ୍କରେ ଦେଖିବାକୁ ମିଳେ ।

ଏହା ଆପଣ ଆମର ୟୁଟ୍ୟୁବ୍ ଚାନେଲରେ ମଧ୍ୟ ଶୁଣିପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com



# ଲୋଭୀ ଡାକ୍ତର

ଲୋଭୀ ଡାକ୍ତର - ୧

ସଂଧ୍ୟା ସାଢ଼େ ସାତଟା ହେବ, କିଏ ଜଣେ କଲିଂ ବେଲ୍ ମାରିବା ପରେ, ରୋଷେଇ ଘରୁ ବାହାରି ରତ୍ନା କବାଟ ଖୋଲିବାକୁ ଗଲେ । ଆପାର୍ଟମେଣ୍ଟର ଜଣେ ମହିଳା ବାହାରେ ଅପେକ୍ଷା କରିଥିଲେ । ରତ୍ନା ତାଙ୍କୁ ଚାହିଁବା ପରେ ସେ ପ୍ରଶ୍ନ କଲେ,

- ସାର୍ ଅଛନ୍ତି ?

- ନା, ସାର୍ ଏବେ କ୍ଲିନିକରେ ଥିବେ, କିଛି କାମ ଥିଲା କି ?

- ହଁ, ଏଇ ମୋ ବୋଉର....

- ଏଇ ପାଖରେ ହିଁ ତ ତାଙ୍କ କ୍ଲିନିକ୍, ଚାଲିଯାଆନ୍ତୁ ଦେଖେଇ ଦେଇ ଆସିବେ ।

ରତ୍ନା କହିଲେ ।

ସେହି ମହିଳା ଜଣକ କିଛି ସମୟ ନିରବ ରହିବା ପରେ ପଚାରିଲେ,

- ସାର୍ କେତେବେଳେ କ୍ଲିନିକରୁ ଆସନ୍ତି ?

- ସାଢ଼େ ନଅରୁ ସାଢ଼େ ଦଶ ଭିତରେ ଫେରିବେ । ଯଦି ଆପଣଙ୍କୁ ଏମେର୍ଜେନ୍ସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଛି, ମୁଁ ଫୋନ୍ କରିଦେଉଛି ଆପଣ ଚାଲି ଯାଆନ୍ତୁ ଦେଖେଇ ଦେଇ ଆସିବେ ।

ସେ କହିଲେ, ନା ଥାଉ, ସାର୍ ଫେରିବା ପରେ ମୁଁ ଆସିବି । ସେ କହିଲେ ।

ରତ୍ନା କହିବାକୁ ଚାହୁଁନଥିଲେ କିନ୍ତୁ କହିଲେ, ସାର୍ ଘରେ ରୋଗୀ ଦେଖିବାକୁ ମନା କରନ୍ତି ତ ତେଣୁ କହୁଥିଲି ।

ସେ ମହିଳା ଜଣକ ହସିଦେଇ କହିଲେ, ନା ମୋର ରୋଗୀ ଦେଖେଇବାର ନାହିଁ, ଏଇ ବୋଉର ଦେହଟା ହଠାତ୍ ବେଶୀ ଖରାପ ହୋଇଗଲା ତ, ତା ରିପୋର୍ଟ୍ ଗୁଡ଼ାକ ଟିକେ ସାରଙ୍କୁ ଦେଖେଇଥାନ୍ତି ।

ରତ୍ନା ଆଉ କିଛି କହିବା ଅବସ୍ଥାରେ ନଥିଲେ, ଜାଣିଛନ୍ତି ସାର୍ ବିଗିଡ଼ିବେ । ସେ କେବେ ବି ଘରେ ରୋଗୀ ପରାମର୍ଶ କରନ୍ତି ନାହିଁ । ଘରକୁ ଫେରିଲେ ସେ ପୁରା ରେଷ୍ଟ କରିବାକୁ ଚାହାନ୍ତି । ମହିଳା ଜଣକ ଚାଲି ଯାଇଥିଲେ । ରତ୍ନା ନିଜ କାମରେ ବ୍ୟସ୍ତ ହୋଇଗଲେ ।

ରାତି ଦଶଟା ବେଳକୁ ସାର୍ ଫେରିଲେ । ଫ୍ରେସ୍ ହୋଇ ଟିଭି ସାମନାରେ ବସିଥିବା ବେଳେ ରତ୍ନା ଜଣାଇଦେଲେ ଯେ ସନ୍ଧ୍ୟାରେ ଆପାର୍ଟମେଣ୍ଟର ଜଣେ ମହିଳା ଆସିଥିଲେ ପରାମର୍ଶ କରିବାକୁ, ସାର୍ କହିଲେ,

- କ୍ଲିନିକକୁ ପଠାଇ ଦେଲନି ?

ରତ୍ନା କହିଲେ,

- ମୁଁ ସେଇଆ କହିଲି, ହେଲେ ସେ ମନା କରିଦେଲେ । କହିଲେ କଣ ରିପୋର୍ଟ୍ ଦେଖେଇବେ, ତେଣୁ ଘରକୁ ଫେରିଲେ ସେ ଆସି ଦେଖେଇବେ ବୋଲି କହିଦେଇ ଯାଇଛନ୍ତି ।

ସାର ଟିକେ ବିରକ୍ତ ହୋଇଗଲେ କିନ୍ତୁ ପୁଣି କହିଲେ, ହଉ ଆସନ୍ତୁ ଦେଖିବା ।

କିଛି ସମୟ ପରେ ପୁଣିଥରେ କଲିଂ ବେଲ୍ ବାଜିବା ପରେ ରତ୍ନା କବାଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୋଲିଲେ । ସେହି ମହିଳା ଜଣକ ଆସିଥିଲେ । ବୈଠକରେ ବସିବା ପାଇଁ କହିଲେ । ସାର ପଚାରିଲେ, କୁହନ୍ତୁ କଣ ହେଇଛି ?

ସେ କହିଲେ,

- ସାର୍, ମୋ ବୋଉର ହଠାତ୍ ଗୋଡ ଦି'ଟା ଫୁଲିଗଲା । ଆଉ ରାତିରେ ଶୋଇବା ବେଳକୁ ଶ୍ୱାସ ନେବାରେ ଅସୁବିଧା ହେଲା, ତେଣୁ ତାକୁ ଧରି ସାଙ୍ଗେ ସାଙ୍ଗେ ବିଶାଖାପାଟଣା ନେଇଗଲୁ । ସେଇଠି ତିନିଦିନ ରହିବା ପରେ ଏବେ ଧରିକି ଆସିଲୁ । ସବୁ ଟେଷ୍ଟ କରିଦେଇଛୁ । କହି ସେ ବ୍ୟାଗରୁ ରିପୋର୍ଟ୍ ବାହାର କରୁଥିଲେ, ସାର୍ କହିଲେ,

- ତାହେଲେ ଆପଣ ଡାକ୍ତରୀ ପରାମର୍ଶ ନେଇ ସାରିଛନ୍ତି ? ଭଲ କଥା । ରିପୋର୍ଟ୍ ସେଇଠି ଡାକ୍ତରଙ୍କୁ ଦେଖେଇ ନାହାନ୍ତି କି ?

ସେ କହିଲେ, ସାର, ସେଇଠି ପ୍ରଥମ ଦିନ ଯୋଉ ଯାଇଥିଲୁ, ସେଇଦିନ ଡାକ୍ତରଙ୍କ ସହ ଦେଖା ହେଇଥିଲା, ସେହି ଦିନ ହିଁ ସବୁ ରିପୋର୍ଟ୍ କରିଦେଇଥିଲୁ । ତା'ପରେ ନର୍ସ୍ ଦିଦି ରିପୋର୍ଟ୍ ନେଇ ଡାକ୍ତରଙ୍କୁ ଦେଖେଇ ଆଣିଲେ । ଆମେ ଆଉ ଡାକ୍ତରଙ୍କୁ ଦେଖା କରି ପାରିଲୁ ନାହିଁ ।

ସାର୍ ପଚାରିଲେ, ମାନେ ଆପଣ ତିନିଦିନ ରହିଲେ, ଡାକ୍ତର କୌଣସି ଦିନ ବି ଆସି ନାହାନ୍ତି ?

ସେ କହିଲେ, ନା ସାର୍ । ପ୍ରଥମ ଦିନ ଯେତେବେଳେ ବୋଉଙ୍କୁ ନେଇ ଯାଇଥିଲୁ, ସେତେବେଳେ ତାଙ୍କୁ ଦେଖେଇଥିଲୁ, ସେ କାଗଜରେ ରିପୋର୍ଟ୍ ଲେଖିଦେଲେ ଆଉ ଆଡ୍‌ମିଟ୍ କରିବାକୁ କହିଦେଲେ । ତା'ପରେ ନର୍ସ୍ ଦିଦିମାନେ ହିଁ ଡାକ୍ତରଙ୍କ ସହ ଯୋଗାଯୋଗ କରୁଥିଲେ । ଆମେ ଦେଖାକରିବାକୁ ଉପାୟ ନଥିଲା । ସେ ଖାଲି ଔଷଧ ଲେଖିଦେଇଛନ୍ତି ଆଉ ମାସେ ପରେ ଆସିବା ପାଇଁ କହିଛନ୍ତି । କିନ୍ତୁ ଆମେ ଜାଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରିଲୁନି ଯେ ବୋଉକୁ ହେଇଛି କଣ ? କାହିଁକି ତା ଗୋଡ଼ ଦିଇଟା ଏମିତି ଫୁଲିଗଲା । ତାକୁ ତ କେବେ ବି ଶ୍ୱାସ ରୋଗ ନଥିଲା, ଏବେ କାହିଁକି ଏମିତି ହେଲା । ସେଥିପାଇଁ ଏଇ ରିପୋର୍ଟ୍ ଗୁଡ଼ାକ ଟିକେ ଯଦି ଆପଣ ଦେଖି ଆମକୁ କହି ପାରିବେ କଣ ହେଇଛି ?

ସାର ଟିକେ ଚିନ୍ତା କରି କହିଲେ, ଦେଖନ୍ତୁ ଆପଣ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ସାରିଛନ୍ତି, ଆଉ ସେ ଆପଣଙ୍କର ସବୁ ପରୀକ୍ଷାନିରୀକ୍ଷା କରିବା ପରେ ଔଷଧ ବି ଦେଇ ସାରିଛନ୍ତି, ତେଣୁ ସେ କଣ ଭାବି ଦେଇଛନ୍ତି ନାହିଁ, ସେ ବିଷୟରେ ମୁଁ କିଛି କହି ପାରିବିନି । କହିବା ଉଚିତ୍ ବି ହେବନି । କାରଣ, ତାଙ୍କ ବିଭାଗ ଓ ମୋ ବିଭାଗ ଅଲଗା ହୋଇ ପାରେ । ଯଦି ଆପଣ ତିନିଦିନ ସେଇଠି ଥିଲେ, ଅନ୍ତତଃ ଆପଣ ନର୍ସଙ୍କୁ କହି ପାରିଥାନ୍ତେ ଯେ ଆମେ ଡାକ୍ତରଙ୍କ ସହ ଦେଖା କରିବୁ ଆଉ ମାଆଙ୍କ ବିଷୟରେ ପଚାରିବୁ ।

ସେ ହସିଦେଇ କହିଲେ, ସାର୍ ନର୍ସ ଦିଦିଙ୍କୁ କହିବା ପରେ ସେ କହିଲେ, ସାର୍ ଭାରି ବ୍ୟସ୍ତ ଦେଖା ହୋଇପାରିବନି । କି ଗହଳି ସାର୍ । ଲୋକ ଉପରେ ଲୋକ ପଡୁଛନ୍ତି । ସେ ଯୋଉ ରୁମରେ ବସୁଛନ୍ତି ସେଇଠି ଲମ୍ବା ଧାଡ଼ି ଲାଗିଥିଲା । ତେଣୁ ଆମକୁ ଆଉ ଦେଖା କରିବାକୁ ମଉକା ମିଳିଲା ନାହିଁ ।

ସାର କିଛି ଭାବିବା ପରେ କହିଲେ, ହଉ ଦିଅନ୍ତୁ ରିପୋର୍ଟ୍ ସବୁ ଦେଖିବା ।

ରିପୋର୍ଟ୍ ସବୁ ଦେଖିବା ପରେ କହିଲେ, ଆପଣଙ୍କ ମାଆଙ୍କୁ ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ହୋଇଛି । ଏହାକୁ କଞ୍ଜେଷ୍ଟିଭ୍ ହାର୍ଟ୍ ଫେଲର୍ ବୋଲି କୁହାଯାଏ । ବହୁତ ବର୍ଷ ଉଚ୍ଚ ରକ୍ତଚାପ ରହିଲେ ଧିରେ ଧିରେ ଶରୀରର ସବୁ ଅଙ୍ଗ ପ୍ରଭାବିତ ହୁଏ ଏବଂ ସେଥିପାଇଁ ଆପଣଙ୍କ ମାଆଙ୍କ ସହ ବି ସେଇୟା ହୋଇଛି ।

ସେ କହିଲେ, ସାର୍ ଏଥିରେ ବିପଦ କିଛି ନାହିଁ ତ ?

- ବିପଦ ନାହିଁ ବୋଲି କେମିତି କହିବା ? ଦେଖୁଛନ୍ତି ପରା ରାତିରେ ଶ୍ୱାସ ନେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରୁନାହାନ୍ତି । ଗୋଡ ବି ଫୁଲିଲାଣି । ଏବେ ବିଶେଷ ଧ୍ୟାନ ଦେବାକୁ ପଡ଼ିବ । ଡାକ୍ତର ଯେଉଁଭଳି ପଥି କହିଛନ୍ତି ତାହାକୁ ମାନି ଚଳିବେ । ଔଷଧ ନିୟମିତ ଖାଇବେ । ନିୟମିତ ଡାକ୍ତରୀ ପରାମର୍ଶ କରିବେ ତା ହେଲେ ରୋଗୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ ।

ସେହି ମହିଳା ଜଣକ ବୁଝିଗଲେ ଆଉ ସାରଙ୍କ ହାତରୁ କାଗଜ ସବୁ ନେଇ ବ୍ୟାଗରେ ଥୋଇଦେଉ ଦେଉ କହିଲେ, ଏତିକି କଥା ଆମେ ପଚାରିବାକୁ ଚାହୁଁଥିଲୁ, ସେ ଜମା ଦେଖା ହିଁ ଦେଲେନି । ଏତିକି କହିଦେଇଥିଲେ ଆମ ମନକୁ ବି ଧୈର୍ଯ୍ୟ ମିଳିଥାନ୍ତା । ଆମେ ପୁରା ଡରିକି ଥିଲୁ ।

ସେ ବ୍ୟାଗରେ କାଗଜ ପତ୍ର ରଖିଦେଇ ଉଠିଲେ ଯିବାପାଇଁ ଆଉ ଯାଉ ଯାଉ କହିଲେ, ସାର୍ ଆପଣ ଘରେ ରୋଗୀ ଦେଖନ୍ତିନି ବୋଲି ମେଡମ୍ କହିଥିଲେ ଯେ ଖାଲି ରିପୋର୍ଟ୍ ଦି ତିନିଟା ଦେଖାଇବା ଥିଲା ବୋଲି ମୁଁ ଭାବିଲି ଆଉ କାହିଁକି କ୍ଲିନିକ୍ ଯିବି, ତେଣୁ ଆସିଗଲି । ହଉ ସାର୍ ମୁଁ ଯାଉଛି ।

ସେ ଏମିତି କହି ଯିବାପାଇଁ ବାହାରୁଥିବା ବେଳେ ସାର୍ କହିଲେ,

- ମୋର ପରାମର୍ଶ ଫି ଟା ଦେଲେନି ?

ମହିଳା ଜଣକ ରହିଗଲେ ଆଉ ସାରଙ୍କୁ ଚାହିଁଲେ । ସାର୍ ନିର୍ବିକାର ଭାବରେ କହିଲେ, ଆପଣଙ୍କ ପରାମର୍ଶ ପାଇଁ ତିନିଶହ ଟଙ୍କା ଫିଜ୍ ଦେବେ ।

ସେ ଅବିଶ୍ୱାସର ସହ ସାରଙ୍କୁ ଚାହିଁଥିଲେ । ଥତମତ ହେଇ କହିଲେ, ଫିଜ୍ ? ମୁଁ ତ ଟଙ୍କା ଧରି ଆସିନି ।

ସାର୍ କହିଲେ, ଠିକ୍ ଅଛି, ଆପଣ ଫିଜ୍ ଆଣି ମେଡମଙ୍କୁ ଦେଇଦେବେ ।

ମହିଳା ଜଣକ ତରତର ହୋଇ ବାହାରିଗଲେ ।

ମହିଳା ଜଣକ ଗଲାପରେ ସାର୍ କବାଟ ବନ୍ଦ କରିଦେଇ ବସି ଟିଭି ଦେଖୁଥିଲେ । ରତ୍ନା ଘର ଭିତରୁ ବାହାରକୁ ଆସି କହିଲେ, ସରି, ମୋ ପାଇଁ ତମର ସମୟ ନଷ୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଇଗଲା । ଏଇ ସମୟରେ ପୁଣିଥରେ ବେଲ୍ ବାଜିଲା । ରତ୍ନା କବାଟ ଖୋଲିବା ବେଳକୁ ସେହି ମହିଳା ଜଣକ ଥିଲେ । ରତ୍ନା ବୁଝିପାରିଲେନି, ସେ ପୁଣି କାହିଁକି ଆସିଛନ୍ତି । କଣ ହେଲା ବୋଲି କହିବା ବେଳକୁ ସେ ହାତରେ ଧରିଥିବା ତିନିଶହ ଟଙ୍କା ରତ୍ନାଙ୍କ ହାତକୁ ବଢ଼େଇ ଦେଇ କହିଲେ, ସାରଙ୍କ ଫିଜ୍ ଦେଇଦେବେ । ଆଉ କେମିତି ଗୋଟେ ମୁହଁ କରି ଚାଲିଗଲେ ।

ରତ୍ନା କିଛି ବୁଝି ପାରିଲେନି । ଘର ଭିତରକୁ ଆସି କବାଟ ବନ୍ଦ କରିବା ପରେ ସାରଙ୍କୁ ଚାହିଁଲେ । ସାର୍ କହିଲେ, କଣ ହେଲା ? ରତ୍ନା କହିଲେ, ସେ କଣ ତିନିଶ ଟଙ୍କା ଦେଇ ଫିଜ୍ ଦେଇ ଦେବ ବୋଲି କହି ଗଲେ ?

ସାର୍ କହିଲେ, ହଁ ମୋର ପରାମର୍ଶ ପାଇଁ ଫିଜ୍ ।

ରତ୍ନା କହିଲେ, ତମେ ପରା କ୍ଲିନିକରେ ଶହେ ଟଙ୍କା ନେଉଛ ବୋଲି କହୁଥିଲ ?

ସାର୍ କହିଲେ, ସେଇଟା କ୍ଲିନିକରେ ।

ରତ୍ନା କିଛି ବୁଝି ପାରୁନଥିଲେ । ସାର୍ କହିଲେ, ଦେଖ, ସେଇ ଲୋକ ନିଜ ପରିଜନଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଅଜସ୍ର ଖର୍ଚ୍ଚ କରି ବିଶାଖାପାଟଣା, ମୁମ୍ବାଇ, ଚେନ୍ନାଇ ନେଇ ଯାଉଛନ୍ତି । ତା ହେଲେ ସେଇ ଲୋକ ରୋଗୀର ରିପୋର୍ଟ୍ ଦେଖାଇବା ପାଇଁ ଫିଜ୍ ଦେବନି କାହିଁକି ?

ରତ୍ନା କହିଲେ, ହେଲା ଯେ, କିନ୍ତୁ ତମେ ତ ଶହେ ଟଙ୍କା ଫିଜ୍ ନିଅ । ଏବେ ତିନିଶ ? ? ?

ସାର କହିଲେ, ସେମାନେ ହେଉଛନ୍ତି ସ୍ପେଶାଲ୍ କ୍ୟାଟେଗୋରୀର ଲୋକ । ସେମାନେ ବିଶାଖାପାଟଣା ଯାଇ ମିଛଟାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ କୁଣ୍ଠା କରୁନାହାନ୍ତି କାରଣ ତାଙ୍କୁ ସବୁ ଜିନିଷ ସହଜରେ ମିଳିବା ଦରକାର । ତେଣୁ ସନ୍ଧ୍ୟାରେ ଯେତେବେଳେ ତୁମେ ତାଙ୍କୁ କହିଲ ଯେ କ୍ଲିନିକକୁ ଯାଆନ୍ତୁ, ସେ ଗଲେ ନାହିଁ । ଯାଇଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୁଏତ ଶହେ ଟଙ୍କାରେ କାମ ହୋଇ ଯାଇଥାନ୍ତା । କିନ୍ତୁ ସେ ଚାହିଁଲେ ଯେ ନିଜ ଘରେ ଆରାମରେ ସେଇ କାମ ହେଇଯାଉ । ତା ହେଲେ ସେଥିପାଇଁ ଅଧିକ ଦେୟ ଦେବାକୁ ପଡ଼ିବ । ଯଦି ସ୍ପେଶାଲ ସେବା ଦର୍କାର ତା ହେଲେ ସ୍ପେଶାଲ୍ ଫିଜ୍ ବି ଦେବାକୁ ପଡ଼ିବ ।

ରତ୍ନା କହିଲେ, ହେଲା ଯେ ସେ କେମିତି ଗୋଟେ ମୁହଁ କରି ଟଙ୍କାଟା ଦେଇକି ଗଲେ, ମୋତେ ଜମା ଭଲ ଲାଗିଲାନି । ସାର୍ ହସିଦେଇ କହିଲେ, ସେଇଥିପାଇଁ ତ ତିନିଶ କହିଲି । ଯଦି ଆଜି ଭଦ୍ରାମି କହି ମାଗଣାରେ ପରାମର୍ଶ ଦେଇ ଛାଡ଼ି ଦେଇଥାନ୍ତି, ସେମିତି ଅନେକ ରୋଗୀ ଏହି ଆପାର୍ଟମେଣ୍ଟରେ ଅଛନ୍ତି, ସବୁ ରିପୋର୍ଟ୍ ଦେଖେଇବା ପାଇଁ ଘରକୁ ଆସି ଘରଟାକୁ କ୍ଲିନିକ୍ କରିଦେଇଥାନ୍ତେ । ଏବେ ସେହି ମହିଳା ସମସ୍ତଙ୍କୁ କହିବେ, ଡାକ୍ତର ଲୋଭୀ । ଆଉ କେହି ଆସିବେ ନାହିଁ । ଯାହାକୁ ଅତି ଜରୁରୀ ଥିବ କେବଳ ସେ ହିଁ ଆସିବ । ନହେଲେ କ୍ଲିନିକ ଯିବ । ରତ୍ନା କିଛି କହିବେ ବୋଲି ଭାବୁଥିଲେ, କହିଲେ ଚାଲ ଚାଲ ଖାଇବା ଥଣ୍ଡା ହେଇଗଲାଣି । ଗରମ କରୁଛି ଖାଇବ ଚାଲ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୧୭

ଅଶୋକ ବିଶ୍ୱାଳ



ଆବର୍ଦ୍ଧୀନ ଯୁଦ୍ଧର ବିଶ୍ୱାସଘାତକ : ୩

ଅବିନାଶ ଅନାଇଲା । ଦୁଧନାଥ ଦଳର କଇଦୀମାନେ ଗୋଡ ଘୋଷାରି ଘୋଷାରି ଚାଲୁଛନ୍ତି । ପାଖରେ, ଟିକିଏ ଦୂରରେ ଖାଡି, ଲୁଣା ଜଙ୍ଗଲ । ଏପାଖକୁ ବହୁତ ବଡ଼ ବଡ ଗଛ । ପ୍ରତି ଗଛରେ ଲୋକେ ଚଢ଼ିଯାଇଛନ୍ତି । ସେହି କଳା ଲୋକେ । ସେମାନେ ଡାଳରେ ବସି ତଳେ ଚାଲୁଥିବା କଇଦୀମାନଙ୍କୁ ଅନାଉଛନ୍ତି । କଇଦୀମାନେ ମଧ୍ୟ ସଂଖ୍ୟାରେ ଅଧିକ । ତେଣୁ ସେମାନେ ଉପରୁ ଦେଖୁଛନ୍ତି । ତଳୁ କଇଦୀମାନେ ଉପରକୁ ଅନାଇ ପାରୁନାହାନ୍ତି ଆଉ କାହା ନଜରରେ ସେମାନେ ଅଛନ୍ତି ବୋଲି ଜାଣିପାରୁ ନାହାନ୍ତି । ତଳକୁ ଚାହିଁ ପ୍ରତି ପାଦ ପରେ ଆଉ ଏକ ପାଦକୁ କେଉଁଠି ପକାଇବେ ଭାଳି ହେଉଛନ୍ତି । ଏ ଭିତରେ କିଛି ଗଣ୍ଡି ପିଟିବାର ଶବ୍ଦ ଆସିଲା । କଇଦୀମାନେ ଟିକେ ରହି ଏଣେତେଣେ ଅନଇଲେ । କେଉଁଠି କିଛି ଦେଖାଯାଉନି । କେଉଁ ମାଙ୍କଡ ବା କେଉଁ ଜନ୍ତୁ ଡେଉଁଥିବ । ଏତିକି ଭାବି ସେମାନେ ଆଗକୁ ଚାଲିଲେ । ଜଙ୍ଗଲରେ ଏଯାଏଁ ଯେ ସେମାନେ ମାଙ୍କଡ ଦେଖିନାହାନ୍ତି ଏକଥା କାହା ମନକୁ ଆସିଲାନି । ଏକ ଅସ୍ୱାଭାବିକ ଶବ୍ଦ । କିନ୍ତୁ ସେମାନେ କିଛି ବୁଝିପାରୁ ନଥିଲେ । ମୁଣ୍ଡ ବି ଆଉ ଠିକ କାମ କରୁନଥିଲା । ଶରୀରରକୁ ଖାଦ୍ୟ ନଗଲେ ମୁଣ୍ଡ ବି କାମ କରିବା ବନ୍ଦ କରିଦିଏ ।

ଭଲକରି ଅନାଅ ଅବିନାଶ । କଳା ଜଙ୍ଗଲ, କଳା ମଣିଷ ଆଉ କଳା ତୀର । – ଏକ ସ୍ୱର ଯେମିତି ଚିତ୍କାର କରି କହୁଥିଲା ।

ଅବିନାଶ ନିରିଖେଇ ଅନେଇ ଦେଖିଲା । ଅନେକ ଅନେକ କଳା ଲୋକ, ଏଠୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଠୁ ଏ କଇଦୀ ସିପାହୀଦଳଙ୍କୁ ଦେଖୁଛନ୍ତି । ସେମାନେ କିଛି କରୁନାହାନ୍ତି । କଇଦୀ ସିପାହୀମାନେ ନିଜ ଭିତରେ କଥା ହେଉଛନ୍ତି । କେଉଁଠି ମାଛ, କଙ୍କଡା ଧରୁଛନ୍ତି ତ କେଉଁଠି ଗେଣ୍ଡା ଆଦି ଖାଉଛନ୍ତି । ସବୁବେଳେ ନିଆଁ ଲଗାଇ ପାରୁନାହାନ୍ତି । ଅନେକ ସମୟରେ କଞ୍ଚା ଖାଉଛନ୍ତି । କଳା ଲୋକମାନେ ଏମାନଙ୍କୁ ରାଗରେ ଦେଖୁଛନ୍ତି । କିଛି କରୁନାହାନ୍ତି । ବେଳେବେଳେ କେତେଟା ତୀର ମାରିଦେଇଛନ୍ତି । ସିପାହୀ କଇଦୀମାନେ ସାବଧାନ ହୁଅନ୍ତୁ । ଶରଗୁଡା ସିର୍ସିର୍ କରି ଚାଲିଯାଉଛି । ସେମାନେ ଏ ଦଳଙ୍କୁ ନିଜ ଉପସ୍ଥିତି ବିଷୟରେ ସାବଧାନ କରିଦେଉଛନ୍ତି । କିନ୍ତୁ କଇଦୀମାନେ ସେମିତି ଚାଲିଛନ୍ତି । ଏତେ ଲୋକଙ୍କୁ ଆକ୍ରମଣ କରିବାପାଇଁ କଳାଲୋକମାନଙ୍କର ସାହାସ ଆସୁନି । ସେମାନେ ନିଜ ଭିତରେ ଆଲୋଚନା କରୁଛନ୍ତି । ଆଖ ପାଖର ସବୁ କଳାଲୋକମାନେ ସମୁଦ୍ର କୂଳରେ ଜମା ହୋଇଛନ୍ତି । ପୁରୁଷ ମହିଳା ମିଶି ଦୁଇ ତିନିଶହ ହେବେ । ସେମାନେ ଉତ୍ତେଜିତ ଅଛନ୍ତି । ନିଜ ନିଜର ଧନୁ ତୀରକୁ ପରଖୁଛନ୍ତି ।

ଏମାନେ କ'ଣ କରିବେ ?

ଅବିନାଶ ସେମାନେ ଯେ କଳା ଲୋକ । ଏକଦମ ରାତିଭଳି କଳା ମଣିଷ । ଆଉ ଜଙ୍ଗଲ ତ କଳା । ତୁମେ ଭଲକରି ଦେଖିନିଅ ।

ଅବିନାଶ ନିଜକୁ ନିଜେ ଯେମିତି ଜଙ୍ଗଲ ଭିତରକୁ ଅନାଇଲା । ତା'କୁ ଜଙ୍ଗଲ ଭୟଙ୍କର କଳା ଲାଗୁଥିଲା । ସେ ଭିତରୁ କିଛି ବାରି ହେଉନଥିଲା । ଉପରେ ସେମିତି କିଛି କଳା ଲୋକ ତୀର ଧନୁ ଧରି ବସିଥିଲେ । ଆରେ ଏ କ'ଣ ? ସେ ନିଜ ଭିତରେ ଏତିକି କହୁକହୁ ବହୁ କଳା ଲୋକ ଜଙ୍ଗଲ ଭିତରୁ , ଗଛ କଡମାନଙ୍କରୁ ବାହାରି ଆସିଲେ । ସଂଖ୍ୟାରେ ପ୍ରାୟେ ଶହେରୁ ଉର୍ଦ୍ଧ ହେବେ । ସବୁଗୁଡା ଲଙ୍ଗଳା । ହାତରେ ଧନୁ ଆଉ ତୀର, ଛପିଛପି ଆସୁଛନ୍ତି । ଅବିନାଶ ଡରରେ ଥରିଗଲା । ତା'ର ପାଟି କରିବାକୁ ଇଚ୍ଛା ହେଲା । ତଳେ ଖସିପଳାଇଥିବା କଇଦୀମାନେ ଆଗରୁ ଆସୁଥିବା ବିପଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାଣିପାରୁନାହାନ୍ତି । ସେପଟେ କିଏ ଅଜଣା ଶତ୍ରୁ ଛପି ରହିଛି । ଆରେ ଦେଖ ଦେଖ, ସୈନ୍ୟଗଣ ସାବଧାନ ତ ହୁଅ । ତୁମେମାନେ ସିପାହୀ ବିଦ୍ରୋହର ସମର୍ଥ ସୈନ୍ୟ । ନିଜକୁ ସାବଧାନ କର । ତୁମ ଉପରେ ଆକ୍ରମଣ ହୋଇବାକୁ ବସିଲାଣି ।

ଏ ଭିତରେ କଇଦୀମାନେ ଖସି ପଳାଇ ଆସିବା ଚଉଦ ଦିନ ହୋଇଗଲାଣି । ସେମାନଙ୍କ ମୁହଁରୁ ଆଉ ବେଶି ଶବ୍ଦ ବାହାରୁନି । ଏଣେ ଅବିନାଶ ପାଟିରୁ ପ୍ରକୃତରେ ଶବ୍ଦ ବାହାରିଲାନି । ବାହାରିଥିଲେ ବି କ'ଣ ଭିନ୍ନ ହୋଇଥାନ୍ତା । ସେ କଳା ଲୋକଗୁଡା ହେଉଛନ୍ତି ଗ୍ରେଟ ଆଣ୍ଡାମାନିଜ ଦଳର ଏକ ଅଂଶ । ସେମାନେ ତୀର ବର୍ଷା ଆରମ୍ଭ କରିଦେଲେ ଆଉ କଇଦୀଦଳ ଗୋଟାକ ପରେ ଗୋଟାଏ ଟଳି ପଡିଲେ । କାହା ଛିତରେ କାହା ମୁଣ୍ଡରେ, କାହା ଅଣ୍ଟାରେ ତୀର ସବୁ ଲାଗିଥାଏ ଆଉ ପ୍ରଚୁର ରକ୍ତ ବୋହୁଥାଏ । କଇଦୀମାନଙ୍କ ଆର୍ତ୍ତ ଚିତ୍କାରରେ ଆକାଶ ପାତାଳ ପ୍ରକମ୍ପିତ ହେଉଥିଲା । କିଏ କୁଆଡେ ଲୁଚିବାକୁ ଚେଷ୍ଟାକରୁଥିଲେ । କିନ୍ତୁ ତୀର ସବୁଦିଗରୁ ଆସୁଥିଲା । ସେମାନେ ଶତ୍ରୁକୁ ଦେଖିପାରୁନଥିଲେ । କେତେବେଳେ କଳା ମୁହଁଟିଏ ଦେଖାଦେଇ କୁଆଡେ ଲୁଚିଯାଉଥିଲା । ଆଉ ଠିକ ପରେ କଇଦୀଟି ମରି ପଡୁଥିଲା । ତଥାକଥିତ ଦଳର ନେତାର ଛାତିରେ ଏକ ତୀର ସିଧାହୋଇ ପଶିଯାଇଥିଲା ଆଉ ଲୋକଟା ଟିକିଏ ପାଟି ନକରିପାରି ସେଇଠି ଟଳି ପଡିଥିଲା ।

ଏଇମିତି ସବୁ କଇଦୀ ତୀର ଆଘାତପାଇ ତଳେ ପଡିଗଲେ ଆଉ ଅଧିକାଂଶ ମରିଗଲେ । ଏମାନେ ତଳେ ପଡିଯିବାରୁ ଗଛମୂଳରୁ ଜଣକ ପରେ ଜଣେ କଳାଲୋକ ବାହାରି ଆସିଲେ । ସମସ୍ତଙ୍କ ମୁହଁ ଯେମିତି ଜଳିଲାଭଳି ଲାଗୁଥିଲା । ଦୁଧନାଥ ଏବଂ କଇଦୀ ଶିବଦତ୍ତକେମିତି ଲୁଚି ପ୍ରାଣ ବଞ୍ଚାଇଲେ । ସେମାନେ କ୍ରିକ ଦେଇ କେମିତି ଏକ ନିରାପଦ ଅଞ୍ଚଳରେ ପହଞ୍ଚିବେ ବୋଲି ଚେଷ୍ଟା କରୁଥିଲେ । ପ୍ରାୟ ଘଣ୍ଟାଏ ପରେ ଆଉ ଏକ କଇଦୀ ସିପାହୀ ସେମାନଙ୍କ ସହ ଯୋଗଦେଲା । କିନ୍ତୁ ଦୁର୍ଭାଗ୍ୟ ସେମାନଙ୍କ ପିଛା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛାଡୁନଥିଲା ।

ପରଦିନ ପ୍ରାୟ ୫୦ ଜଣ ଗ୍ରେଟ ଆଣ୍ଡାମାନିଜ ନିଜର ପଡାଉ ନେଇ ପାଣିରେ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥାନ୍ତି । ସେମାନେ ଏହି କଇଦୀ କେତେଟାଙ୍କୁ ଦେଖିନେଲେ ଆଉ ତୀର ବର୍ଷା କରିବାକୁ ଲାଗିଲେ । ଅନ୍ୟ ଦୁଇ ସାଥି ସାଙ୍ଗେ ସାଙ୍ଗେ ମରିଗଲେ କିନ୍ତୁ ଆଘାତ ସତ୍ତ୍ୱେ ଦୁଧନାଥ ବଞ୍ଚିରହିଲା । ଆଦିବାସୀଙ୍କ ଦଳପତି ଦୁଧନାଥ ଦେହରୁ ତୀର ଟାଣି ବାହାର କଲା । ସେତେବେଳକୁ ଦୁଧନାଥ ତଥାପି ବଞ୍ଚିଥାଏ । କେମିତି କ'ଣପାଇଁ ସେହି ଦଳପତି ଦୁଧନାଥ ପ୍ରତି ଦୟାଶୀଳ ହେଲା ? ବାକି ଗ୍ରେଟ ଆଣ୍ଡାମାନିଜମାନେ ତା'କୁ ହୁଡିରେ ବୋହିନେଲେ । ତା' ଦେହରେ ଲାଲ ରଙ୍ଗର ଜଙ୍ଗଲୀ ଔଷଧ ବୋଳାହେଲା । ସେମାନେ ନିଜ ବାସସ୍ଥାନ ତାରମୁଗଲି ଦ୍ୱୀପରେ ପହଞ୍ଚିଗଲେ ଆଉ ଦୁଧନାଥ ସେମାନଙ୍କ ସେବାରେ ରହିଲା ।

ସେମାନଙ୍କ ସହ ଏକ ବର୍ଷ ରହିଲି ଅବିନାଶ । ଦେହ କିଛି ମାସ ଭିତରେ ସଂମ୍ପୂର୍ଣ ଭଲ ହୋଇଗଲା ।

ଆଉ ଆବର୍ଦ୍ଦୀନଯୁଦ୍ଧ ହେବା ପର୍ଯ୍ୟନ୍ତ ସେ ସେମାନଙ୍କ ସହ ରହିଲ । ଆଶ୍ଚର୍ଯ୍ୟ, ଭବିତବ୍ୟ ଆଉ ଏକ ଜାତିର ଧ୍ୱଂସର ସୂତ୍ରଧାର ହୋଇଗଲ ।- ଅବିନାଶ କହିଲା । କଇଦୀମାନଙ୍କର ଏତେ ଯନ୍ତ୍ରଣା, କଷ୍ଟ, ମୃତ୍ୟୁ ପରେ ମଧ୍ୟ ଦୁଧନାଥ ପ୍ରତି ଅବିନାଶ ମନରେ ଦୟା ଆସୁନଥିଲା ।

ଏକ ବର୍ଷ ସେଇଠି ମୋତେ ରହିବାକୁ ପଡିଲା । ଆଦିବାସୀଙ୍କ ଦଳପତି ମୋ ପ୍ରତି କ'ଣପାଇଁ ଅହେତୁକ ଶ୍ରଦ୍ଧା ଦେଖାଇଲା, ମୁଁ ଜାଣେନି । ସେ ନିଜର ଅବିବାହିତା କିଶୋରୀ ଝିଅଲିପା ସହ ମୋର ବିବାହ କରାଇଲା ।

ଯାହାହେଉ ନାମ ତୁମର ମନେଅଛି ।- ଅବିନାଶ କହିଲା । ତା' ସ୍ୱରରେ ଭତ୍ସନା ଭରିରହିଥିଲା । ଦୁଧନାଥ ଚୁପ ରହିଥିଲା । ଅବିନାଶର ମନରେ ତା' ପ୍ରତି ଘୃଣା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସୁଥିଲା ।

ଆଉ ତୁମର ଲିପାର ରୂପ, ଆଉ ବ୍ୟବହାରର ଉଷ୍ମତା ମନେ ଅଛି ତ ? କୃଷ୍ଣ ବର୍ଣ୍ଣ, କିନ୍ତୁ ମଧୁର କଣ୍ଠସ୍ୱର, ସମର୍ପଣର ନୃତ୍ୟ ମନେ ଅଛି ତ ? ତା' କବରୀରେ ଫୁଲର ମାଳା, ମନେ ଅଛିତ ? ଆଣ୍ଡାମାନ ଜଙ୍ଗଲରେ ଫୁଲର ସମ୍ଭାର । ସିରିସିରି ହୋଇ ବୋହି ଯାଉଥିବା ପବନ, ମନେ ଅଛିତ ?- ଅବିନାଶ ତା'କୁ ଛିଗୁଲାଉଥିଲା, ପ୍ରତିଟି ଶବ୍ଦ ଏକ ଏକ ତୀର ହୋଇ ଦୁଧନାଥର ହୃଦୟକୁ କଣା କରିଦେବା ଉଚିତ ବୋଲି ଅବିନାଶ ଭାବୁଥିଲା । ଦୁଧନାଥ ନିଜ ଛାତିରୁ ରକ୍ତ ବୋହିଯିବା ଅନୁଭବ କରୁ । ସେ ଯନ୍ତ୍ରଣାରେ ଛଟପଟ ହେଉ ।

ମୋତେ କହୁଥିଲେ – 'ତୋରା-ରାମୋକା-ଲା' ଯାହାର ଅର୍ଥ ହେଲା ଏକ ଲୋକ ଯିଏ ଜିନିଷ ବନ୍ଧିକରି ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ବୋହି ନେଇଯାଏ । ତୁମକୁ ମଜା ଲାଗିବ ।- ବେହିଆ ବଳି ଦୁଧନାଥ କହୁଥିଲା, ଏକ କୃତଘ୍ନର ଏକ ମନଭୁଲା ବାକ୍ୟ ଏମିତି ତା'ହେଲେ ତୁମକୁ ସେମାନେ ଗ୍ରହଣ କରିନେଲେ ନିଜ ଭିତରେ ।- ଅବିନାଶ କହିଲା ।

ଅବିନାଶ, ସେମାନଙ୍କ ସହ ଖାଦ୍ୟ ସଂଗ୍ରହରେ ଜଙ୍ଗଲ ବୁଲିଲି । ବହୁ ସମୟରେ ସେ ଜଙ୍ଗଲରୁ କାଠ କାଟି କୁଡିଆକୁ ବୋହି ନେଇଆସୁଥିଲି । ଯାଯାବର ଜୀବନ ଯାପନ କରିବାକୁ ପଡିଲା । କିନ୍ତୁ ମନ ସେହି ଆଦିବାସୀ ଦଳ ଭିତରେ ଲାଗିଲା ନାହିଁ । କିନ୍ତୁ ଫେରିଗଲେ ତା'ର ବିଚାର ହେବ, ଆହୁରି ଅଧିକ ଦଣ୍ଡ ମିଳିବ । ମୁଁ ସେଟେଲମେଣ୍ଟକୁ ଫେରିବାକୁ ଭାବି ପାରୁ ନଥିଲି । ନିଜର ପ୍ରତିଟି ଦିନକୁ ସେମିତି ଦ୍ୱିଧା ଭିତରେ କଟାଉଥିଲି ।

୧୦ ମେ ୧୮୫୯ ମସିହାରେ ମୁଁ ଗ୍ରେଟ ଆଣ୍ଡାମାନିଜଙ୍କର ଆକ୍ରମଣ ବିଷୟରେ ଜାଣିବାକୁ ପାଇଲି । ଏହି ଆଦିମ ଅଧିବାସୀମାନେ ବାହାର ଲୋକଙ୍କୁ ପୋର୍ଟବ୍ଲେଆର ବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦକ୍ଷିଣ ଆଣ୍ଡାମାନର କେଉଁ ଅଞ୍ଚଳରେ ମୋତେ ସହିପାରୁନଥାନ୍ତି । ତେଣୁ ଏକ ବଡ଼ ଆକ୍ରମଣର ଯୋଜନା ହେଉଥିଲା । ୧୫ ମେ ୧୮୫୯ ମସିହାରେ ୩୦୦ ଜଣ ଗ୍ରେଟ ଆଣ୍ଡାମାନିଜ ୨୦ଟି ହୁଡିରେ ସେମାନଙ୍କ ମୁଖ୍ୟ ଦ୍ୱୀପ ତାରମୁଗଲିରୁ ବାହାରିଲେ । ଏ ଦ୍ୱୀପଟା ଓ୍ୟାନ୍ଦୁର ପରେ ସମୁଦ୍ର ଭିତରେ ପଶ୍ଚିମ ଆଡକୁ ଏକ ଛୋଟ ଦ୍ୱୀପ । ପାଖ ଆଖରେ ମଧ୍ୟ ବହୁ ଆଣ୍ଡାମାନିଜ ସମୁଦ୍ରକୂଳରେ ରହୁଥିଲେ । ସେମାନେ ମୋତେ ସାଙ୍ଗରେ ନେଇଥିଲେ । ରାସ୍ତାରେ ଆଉ ଏକ ବଡ଼ ଦଳ ମଧ୍ୟ ସାଥିରେ ଯୋଗଦେଲେ । ସେ ଦଳରେ ମୋ ଭଳି ଏକ କଇଦୀ ସାଦଲୁ ମଧ୍ୟ ଥିଲା । ସେ କେମିତି ଗ୍ରେଟ ଆଣ୍ଡାମାନିଜଙ୍କ ସହ ଦକ୍ଷିଣ ଆଣ୍ଡାମାନରେ କେଉଁଠି ରହୁଥିଲା । ଏମିତି ବହୁ ସଂଖ୍ୟକ ଗ୍ରେଟ ଆଣ୍ଡାମାନିଜ ଦଳ ନିଜ ନଜ ହୁଡିରେ ଆସି ପୋର୍ଟବ୍ଲେଆର ଅଭିମୁଖେ ଯାତ୍ରା କରୁଥିଲେ । ସେମାନେ ରଟଲାଣ୍ଡ ଦ୍ୱୀପ ଆଉ ଚିଡିଆଟାପୁ ଭିତରେ ଥିବା ଜଳଭାଗ ମାର୍କ ଫରସନ ଷ୍ଟ୍ରେଟରେ ପହଞ୍ଚିଲେ । ତା'ପରେ ଜଙ୍ଗଲ ରାସ୍ତାରେ ପୋର୍ଟବ୍ଲେଆର ଆଡକୁ ଯିବାର କଥା । ୧୬ ମେ ୧୮୫୯ର ଦିନ ଗ୍ରେଟ ଆଣ୍ଡାମାନିଜମାନେ ସେମାନଙ୍କ କ୍ୟାମ୍ପ କାର୍ବାଇନକୋଭ ଅଞ୍ଚଳରେ ତିଆରିକଲେ । ମୋର କାମ ଥିଲା ମହିଳା ଆଉ ଛୁଆମାନଙ୍କ ଯତ୍ନ ନେବା, ଯୁଦ୍ଧପାଇଁ ଅନ୍ୟ ସବଳ ଲୋକମାନେ ଯିବେ ।

ଅବିନାଶ କୋର୍ବାଇନ କୋଭର ଚିତ୍ରକୁ ନିଜ ଭିତରକୁ ନେଇ ଆସୁଥିଲା । ଦକ୍ଷିଣ ଆଣ୍ଡାମାନର ପୂର୍ବ- ଦକ୍ଷିଣ ଆଡକୁ ଏକ ଅପେକ୍ଷାକୃତ ବଡ଼ ବାଲୁଆ ବିଚ, ପ୍ରାୟ ୧୦୦ ମିଟର ଲମ୍ବ ହେବି ନାହିଁ ସନ୍ଦେହ । ଏପଟେ ସମୁଦ୍ର ଭିତରକୁ ପଶିଯାଇଛି । ଦୁଇପଟେ ମୁଖ୍ୟ ଭୂମି, ଆଗକୁ ସମୁଦ୍ରର ଭିତରେ ଏକ ଅତି ଛୋଟ ଦ୍ୱୀପ, କେମିତି ଲାଗୁଛି ଭୂଲରେ ମୁଣ୍ଡ ଟେକିଛି । ପାହାଡ ତ କହିହେବନି, ବୋଧହୁଏ କେମିତି ଛୋଟ ଭୂକମ୍ପ ହୋଇଛି ଆଉ ଟିକେ କୋରାଲ ବେଡ ଉପରକୁ ଉଠିଯାଇଛି । ସେ ଭିତରେ ଗୋଟାଏ ଦୁଇଟା ବଡ଼ ଗଛ । ମୁଖ୍ୟ ଭୂମି ଆଡକୁ କୂଳ ପଥୁରିଆ । ଲୋକେ ତା' ଭିତରେ ଠିଆହୋଇ ନାଇଲନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୂତା ସାହାର୍ଯ୍ୟରେ ମାଛ ଧରନ୍ତି । କୋର୍ବାଇନ କୋଭର ବାଲୁଆ କୂଳରେ ଆଜି ୱାଟର ସ୍ପୋର୍ଟସ ଫ୍ୟାସିଲିଟି ତିଆର କରାଯାଇଛି । କିଛି ସ୍ପିଡ ବୋଟ ଜୋରରେ ଯାଏ ।

ସେହି ସମୁଦ୍ରକୂଳରେ ଗ୍ରେଟ ଆଣ୍ଡାମାନିଜମାନେ ଓହ୍ଲାଇଥିଲେ । ସେଇଠୁ ଆବର୍ଦ୍ଦୀନ, ଆଉ ଚାଥାମ ଆଡକୁ ସେମାନେ କେମିତି ଯିବେ ? ଅବିନାଶ ନିଜ ହିସାବରେ ରାସ୍ତା ତିଆରି କରୁଥିଲା, ଏକ ରାସ୍ତା ସମୁଦ୍ର କୂଳଦେଇ ଚାଥାମ, ରସ ଆଇଲାଣ୍ଡ ପାଇଁ ହୋଇପାରେ । ଏପଟୁଚଢ଼ିଲେ ସାଉଥ ପଏଣ୍ଟ ଉପରକୁ ତ ଆବର୍ଦ୍ଦୀନ । ସେହି ଏକ ରାସ୍ତା ହେଉଛି ଜଙ୍ଗଲ ହୋଇ ପାହାଡ ଚଢ଼ି ଆବର୍ଦ୍ଦୀନ ପହଞ୍ଚିବା ପାଇଁ ଛୋଟ ରାସ୍ତା, ହଠାତ୍ ଗରିଲା ଆକ୍ରମଣ କରିହେବ । ଅବଶ୍ୟ କଷ୍ଟକର ଚଢ଼ିବା । ସେହି ସମୟରେ ଜଙ୍ଗଲରେ ଗଛ ଭରିଥିବ । ତେଣୁ ହଠାତ୍ ଆକ୍ରମଣପାଇଁ ଗ୍ରେଟ ଆଣ୍ଡାମାନିଜମାନେ ସମୁଦ୍ରକୂଳିଆ ରାସ୍ତା ଭାବିଥିବେ । ଆବର୍ଦ୍ଦୀନ ଯୁଦ୍ଧ ଆଗରୁ ଅନେକ ସମୟରେ ଗ୍ରେଟ ଆଣ୍ଡାମାନିଜ ଆଉ ପେନାଲ ସେଟଲମେଣ୍ଟରେ ରହୁଥିବା ଲୋକମାନଙ୍କ ଭିତରେ ଯୁଦ୍ଧ ହୋଇଛି । ପ୍ରଥମ ଯୁଦ୍ଧ ହୋଇଥିଲା ୬ ଅପ୍ରେଲ ୧୮୫୯ ମସିହାରେ । ସେତେବେଳକୁ ୨୪୮ଜଣ କଇଦୀ ଚାଥାମପାଖ ହାଡୋରେ କାମ କରୁଥାନ୍ତି । ୨ଶହ ଗ୍ରେଟ ଆଣ୍ଡାମାନିଜ ଧନୁ ତୀର ଧରି ଆକ୍ରମଣ କରିଥିଲେ ଆଉ ସେଥିରେ ୪ ଜଣ କଇଦୀ ଶ୍ରମିକ ପ୍ରାଣ ହରାଇଥିଲେ ଆଉ ବହୁ କଇଦୀ ଭୀଷଣ ଆଘାତ ପାଇଥିଲେ । ୧୪ ଅପ୍ରେଲରେ ଆଉଥରେ ଆକ୍ରମଣ ହୋଇଥିଲା ଆଉ ସେଥିରେ ପ୍ରାୟ ୧୫ଶହ ଗ୍ରେଟ ଆଣ୍ଡାମାନିଜ ସମ୍ମିଳିତଭାବେ ଆକ୍ରମଣ କରିଥିଲେ । ସେଥିରେ ତିନିଜଣ କଇଦୀ ପ୍ରାଣ ହରାଇଥିଲେ ଆଉ ସେମାନେ ସାଥିରେ କିଛି କଇଦୀଙ୍କୁ ଯୁଦ୍ଧବନ୍ଦୀ ଭାବେ ନେଇଯାଇଥିଲେ । ଆଉ ତୃତୀୟ ମୁଖ୍ୟ ଯୁଦ୍ଧ ହୋଇଥିଲା ୧୭ ମେ ୧୮୫୯ ମସିହାରେ ଯାହାକୁ ବ୍ୟାଟେଲ ଅଫ ଆବର୍ଦ୍ଦୀନ କୁହାଯାଉଛି । ଏହି ଯୁଦ୍ଧ ବେଶ ବଡ଼ ଆକାରର ଥିଲା ।

ପୋର୍ଟମାନଙ୍କ ଭାଷାରେ- ଆବର୍ଦ୍ଦୀନ ଯୁଦ୍ଧ ଗ୍ରେଟ ଆଣ୍ଡାମାନିଜଙ୍କ ସେଟଲମେଣ୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତି ତୀବ୍ର ବିଦ୍ୱେଷର ପରିଣାମ । ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା ଇଂରେଜ ଆଉ ବାହାର ଲୋକଙ୍କ ସଂମ୍ପୂର୍ଣ ଧ୍ୱଂସ କରିବା । ଏତେ ସଂଖ୍ୟାରେ ଆଦିମ ଅଧିବାସୀମାନେ ଏକତ୍ରିତ ହେବା ଆଉ ଏତେ ବଡ଼ ଧରଣର ସମ୍ମିଳିତ ଆକ୍ରମଣର ଅର୍ଥ ହେଉଛି ସେମାନଙ୍କ ବାହାର ଲୋକଙ୍କ ପ୍ରତି ବିଶେଷ ଆକ୍ରୋଶ ଅଛି ।

ଅବିନାଶ ଏମିତି କିଛି ଭାବୁଥିଲା ଆଉ ଏଣେ ଦୁଧନାଥ ବେଶ ଜୋରରେ କହିବାକୁ ଲାଗିଲା- ମେ ୧୭ ତାରିଖ,୧୮୫୯ ମସିହା, ରାତି ପ୍ରାୟ ଦୁଇଟା । ମୁଁ ରାତିସାରା ମୋଟେ ଶୋଇପାରିନଥିଲି । ଏମାନେ ସକାଳୁ ସକାଳୁ ଆକ୍ରମଣ କରିବେ । ତେଣୁ ଖବର ଜଲଦି ପହଞ୍ଚିବା ଦରକାର । ମୁଁ ଅନ୍ୟନଜରରୁ ଲୁଚି ନିଜ ସ୍ଥାନରୁ ଖସି ପଳାଇଲି ଆଉ ଆବର୍ଦ୍ଦୀନ ଅଞ୍ଚଳରେ ଥିବ କଇଦୀ କ୍ୟାମ୍ପ ଆଡକୁ ଚାଲିଲି । ମୋତେ ଦେଖି ଆଗର କଇଦୀମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନଙ୍କୁ ମୁଁ ଆଗକୁ ଆସୁଥିବା ବିପଦ ବିଷୟରେ କହିଦେଲି । ଏ ଖବର ସୁପରିଟେନଡେଣ୍ଟ ଡକ୍ଟର ୱାକରଙ୍କୁ ମଧ୍ୟ ଗଲା । ସେ ସାଙ୍ଗେସାଙ୍ଗେ ପୁଲିସ ଆଉ ଅନ୍ୟ ରକ୍ଷୀମାନଙ୍କୁ ପୋଜିସନ ନେବାକୁ କହିଲେ । ତାଛଡା ପାଣିରେ ଗାର୍ଡ ଶିପକୁ ପ୍ରସ୍ତୁତ ରଖାଗଲା । ଏପଟେ ଏମିତି ପ୍ରସ୍ତୁତି ହେଉହେଉ ଗ୍ରେଟ ଆଣ୍ଡାମାନିଜଙ୍କ ଆକ୍ରମଣ ଆରମ୍ଭ ହୋଇଗଲା । ସେତେବେଳକୁ ଗ୍ରେଟ ଆଣ୍ଡାମାନିଜମାନେ ଭାଗ ଭାଗ ହୋଇ ଆକ୍ରମଣ କରୁଥାନ୍ତି । କିଛି ସମୁଦ୍ରକୂଳ ରାସ୍ତାରେ ଆସି ଆକ୍ରମଣ କରିବାକୁ ଲାଗିଥାନ୍ତି । କେତେ ଜଣ ପାହାଡ ଚଢ଼ି ଆକ୍ରମଣ କରୁଥାନ୍ତି ଆଉ କଇଦୀଙ୍କ ବାରାକକୁ ନଷ୍ଟ କରୁଥାନ୍ତି । ମେ ୧୭ ତାରିଖ ସକାଳ ବେଳକୁ ଆକ୍ରମଣ ତୀବ୍ର ହୋଇଥାଏ ।

କିନ୍ତୁ ଏପଟୁ ବନ୍ଧୁକ ଆଉ ତୋପ ଗର୍ଜ୍ଜି ଉଠିଲା । ଅନେକ ଅନେକ ଗ୍ରେଟ ଆଣ୍ଡାମାନିଜ ପ୍ରାଣ ହରାଇଲେ । ସେମାନେ ଗୁଳି ଆଉ ଗୋଳା ଆଗରେ ମୋଟେ ଠିଆ ହୋଇ ପାରିଲେ ନାହିଁ । ସେମାନେ ହାରି ପଳାୟନ କଲେ । ଆଉ ଏହା ଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ଶେଷ ମିଳିତ ଯୁଦ୍ଧ । କୁହାଯାଉଛି ୪-୫ ଶହ ସୁସ୍ଥ ସବଳ ଆଣ୍ଡାମାନିଜ ଏହି ଯୁଦ୍ଧରେ ପ୍ରାଣ ହରାଇଲେ । ବହୁ ଅଧିକ ଗମ୍ଭୀର ଆଘାତପ୍ରାପ୍ତ ହେଲେ । କେହି ଇଂରେଜ ସୈନ୍ୟ ପ୍ରାଣ ହରାଇନଥିଲେ ବା ବେଶି ଆଘାତପ୍ରାପ୍ତ ହୋଇନଥିଲେ ।

ଅବିନାଶ ଭାବିଲା କେତେ ବିରାଟ ବଡ଼ ଯୁଦ୍ଧ ହୋଇଗଲା ସତରେ । ପାଞ୍ଚ ହଜାର ସଂଖ୍ୟାର ଆଦିବାସୀ ଦଳ ଏକ ଲଢେଇରେ ପ୍ରାୟ ଅଧା ପରିମାଣର ସବଳ ପୁରୁଷଙ୍କୁ ହରାଇ ବସିଲେ, ବା ସେମାନେ ଅତି ଗୁରୁତର ଆଘାତପ୍ରାପ୍ତ ହେଲେ । କିନ୍ତୁ ଏହି ହାରିବା ସତ୍ତ୍ୱେ ସେମାନଙ୍କ ସାହାସକୁ ସାବାସ୍ ଦେବାର ଦରକାର ଅଛି । ତା'କୁ ଲାଗିଲା ସେହି ଗ୍ରେଟ ଆଣ୍ଡାମାନିଜମାନଙ୍କୁ ଆଜି ସମ୍ମାନ ଦେବାର ଅତି ଆବଶ୍ୟକ । ନିଜ ଅଧିକାର ପାଇଁ ଏତେ ସଂଖ୍ୟାରେ, ଏକ ଯୁଦ୍ଧରେ ପ୍ରାଣବଳୀ ଦେବା କିଛି ଛୋଟକଥା ନୁହେଁ ।

ଅବିନାଶ ମନରେ ବହୁ ପ୍ରଶ୍ନ ଆସୁଥିଲା ଦୁଧନାଥର ବ୍ୟବହାର ଉପରେ। ତା' ହିସାବରେ ସେ ତା'ର ଶହ ଶହ ସାଥି କଇଦୀଙ୍କର ପ୍ରାଣ ବଞ୍ଚାଇଛି । ତେଣୁ ଇଂରେଜମାନଙ୍କ ପାଖରେ ଆତ୍ମ ସମର୍ପଣ ବିନା ଅନ୍ୟ ଉପାୟ ନଥିଲା । ନିଜର କୃଷ୍ଣାଙ୍ଗୀ ପତ୍ନୀକୁ ସେ କେମିତି ଧୋକା ଦେଇପାରିଲା ? ଯିଏ ତା'କୁ ବଞ୍ଚାଇଥିଲେ ସେମାନଙ୍କ ସହ କେମିତି ପ୍ରତାରଣା କଲା ? ଦୁଧନାଥ ତିୱାରୀ ଉପରେ ଅଗାଧ ବିଶ୍ୱାସ କ'ଣ ଆଣ୍ଡାମାନିଜମାନଙ୍କ ଧ୍ୱଂସର ଆରମ୍ଭ କି ?

ବିଶ୍ୱାସଘାତ, ଘୋର ବିଶ୍ୱାସଘାତା- ଅବିନାଶ ଭିତରେ କିଏ ଜୋରରେ ପାଟିକରିଉଠୁଥିଲା ।

ଅବିନାଶକୁ ଲାଗୁଥିଲା ଦୁଧନାଥର ରକ୍ତରେ ବିଶ୍ୱାସଘାତକତା ଲୁଚିରହିଥିଲା । ସେ ଯେତେ ଯୁକ୍ତି ଦେଇପାରେ, ତା' ଯୁକ୍ତି ଯେ ସେ ନିଜର ସାଥିମାନଙ୍କୁ ବଞ୍ଚାଇବାଉଦ୍ଦେଶ୍ୟରେ ବ୍ରିଟିଶମାନଙ୍କୁ ଖବର ଦେଇଥିଲା । ଏହା ଦୁଧଦ୍ୱାରା କଳା ଅଙ୍ଗାରକୁ ଧୋଇ ପରେ ତା'କୁ ଧଳା ବୋଲି ସାବ୍ୟସ୍ତ କରିବାର ଯୁକ୍ତି । ଦୁଧନାଥ ସେମାନଙ୍କୁ ବଞ୍ଚାଇ ପାରିଥାନ୍ତା, ସନ୍ଧି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇପାରିଥାନ୍ତା, ସେମାନେ ନିଜ ନିଜ ଅଞ୍ଚଳର ସୀମା ନିର୍ଦ୍ଧାରଣ କରିପାରିଥାନ୍ତେ । କିନ୍ତୁ ସେ ତା'କୁ ଜୀବନ ଆଉ ସ୍ଥାନ ଦେଇଥିବା ଆଦିବାସୀ ସଂପ୍ରଦାୟ ବିରୁଦ୍ଧରେ ଖବର ଦେଲା । ଘରଭେଦୀ ବିଭୀଷଣ । ସେହି ଆଖ୍ୟା ବୋଧେ ତା' ପାଇଁ ବେଶି ଉପଯୁକ୍ତ । କିନ୍ତୁ ସେ ବିଭୀଷଣଠାରୁ ହୀନ କର୍ମ କରିଛି । ବିଭୀଷଣକୁ ଅସମ୍ମାନ ମିଳିବାରୁ ପରେ ସେ ଶ୍ରୀରାମଙ୍କ ଶରଣ ନେଇଥିଲେ । କିନ୍ତୁ ଦୁଧନାଥ ସେଇମାନଙ୍କ ପାଖକୁ ଫେରିଗଲା ଯେଉଁମାନେ ତା'କୁ ଲାଂଛନା ଦେଉଥିଲେ, ଆଉ ଯାହା ବିରୁଦ୍ଧରେ ସେ ଯୁଦ୍ଧ କରିଥିଲା, ନିଜ ଦେଶରୁ ତଡିବାକୁ ପଣ କରିଥିଲା । ଆଉ ସେହି ଗୋରାଦଳ ସେମାନଙ୍କୁ ଆଗକୁ ଲାଂଛନା ଦେବେନି, ତା' ମଧ୍ୟ ନୁହେଁ ।

ତୁମ ପରି ସୈନ୍ୟର ଶବ୍ଦାବଳୀରେ ବିଶ୍ୱାସଘାତକତା ଶବ୍ଦ ଅଛି କି ନାହିଁ ?-ଅବିନାଶ ଥଟ୍ଟାରେ ପଚାରିଲା । ଏକ ମେରୁଦଣ୍ଡହୀନ ବ୍ୟକ୍ତିକୁ ପ୍ରଶ୍ନ ତ ଥିଲା ।

ଏକ ମଳିନ ଅଟ୍ଟହାସ୍ୟ ଯେମିତି ଶୁଣାଗଲା । ଅବିନାଶ ଏକ ଝାମ୍ପୁରାମୁଣ୍ଡିଆ ଲୋକର ବାଳ ହଲୁଥିବା ଦେଖାପରୁଥିଲା, ଯେମିତି କାଳିସୀ ଲାଗିଛି ।

ଆଛା କହିଲ ଦୁଇମାସ, ତିନିମାସ, ଚାରିମାସ ଏମିତି ବହୁ ମାସ ବିତିଗଲା । ତା'ହେଲେ ତୁମ ମୁଣ୍ଡରେ ବାଳ ବଢିଯିବ ଆଉ ନଖ ବଢିଯିବକି ନାହିଁ? ସେତେବେଳେ କେମିତି ଲାଗିବ ?

ରାସ୍ତାରେ ଦେଖିଲେ ଏକ ପାଗଳ ।

ଜଙ୍ଗଲରେ ଦେଖିଲେ ?

ଲୋକେ ଡରିଯିବେ ।

ଏମିତିଆ ଲୋକଟେ ଜଙ୍ଗଲରେ ବୁଲିଲେ, ପଶୁ ପକ୍ଷୀ ବି ଡରିବେ । ନା କ'ଣ କହୁଛ ?

ପୁରାତନ ପ୍ରସ୍ତର ଯୁଗର ମଣିଷ । ସେମିତିଆ ଭାଲୁପରି ଲାଗୁଥିବା ଫଟୋ ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଛି । ମଣିଷର ବିବର୍ତ୍ତନବାଦ ।

ସତେବେଳେ ତୁମେ କ'ଣ ଭାବିବ ଯଦି ପାଖରେ କିଏ ତୁମକୁ ସଭ୍ୟ ଲାଗୁଥିବା ମଣିଷ ଥାଏ ?

ମନ ଭିତରେ ଦ୍ୱନ୍ଦ ।

ଆଚ୍ଛା ହେଉ ତୁମେ ଏ କୁମ୍ଭୀରକୁ ଦେଖୁଛ ?- ଦୁଧନାଥ ଯେମିତି ଅବିନାଶକୁ କହୁଥିଲା ।

ଅବିନାଶ ଅନୁଭବ କଲା ଯେମିତି ସେ ଦୁଧନାଥ ସହ ପାହାଡରୁ ତଳକୁ ଓହ୍ଲାଇ ଆସିଛି ଆଉ ସମୁଦ୍ରକୂଳିଆ କେଉଁ ଆଦିବାସୀ କୁଡିଆ ପାଖରେ ବୋହୁଥିବା ନଦୀକୁ ଦେଖୁଛି । ତା'କୁ ଲାଗିଲା ଯେମିତି ସେ ଏକ ଖାଡିରେ କୁମ୍ଭୀରଟିଏ ଦେଖୁଛି । କୁମ୍ଭୀର ତ ଏକ ବହୁ ବିଶାଳ ଗୋଧି । ବାଲି ଚଡାରେ ଶୋଇଛି । ଆଗରେ ଖୋଲା ସମୁଦ୍ର ଆଉ ନଦୀ ଯେଉଁଠି ମିଶିଛି ସେଇଠି ବାଲିଚଡାଟିଏ ସୃଷ୍ଟି ହୋଇଛି । କିଛି ଆଗରେ କେତେଟା ଅତି ଛୋଟ ମୁଣ୍ଡିଆ ପାଣି ଭିତରୁ ମୁଣ୍ଡ ଟେକିଛି, ସେ ମୁଣ୍ଡିଆରେ ଗଛମାନ ଭରିଯାଇଛି । ମୁଣ୍ଡିଆ ହେତୁ ପ୍ରାୟ ଅର୍ଦ୍ଧଚନ୍ଦ୍ର ହିସାବରେ ବୁଲିଯାଇଥିବା ଉପସାଗର କୂଳର ବାଲିଚର ଉପରେ ପାଣି ସିଧା ମାଡ ହେଉନି । କୁମ୍ଭୀରମାନେ କ'ଣପାଇଁ ଖରା ପୋଇବାପାଇଁ ପ୍ରାୟ କାଦୁଆ ବା ବାଲିଆ ସାମାନ୍ୟ ସମତଳ ଅଞ୍ଚଳକୁ ଆସନ୍ତି ? ସାମାନ୍ୟ ଘାସ ଆଉ ଅନେକ ଅନେକ କଳମ ଫୁଲ ପରି କାହାଳୀ ଥିବା ବାଇଗେଣି ଧଳା ଫୁଲ ମାଟିରେ ମାଡିଥିବା ଲଟାରେ ଫୁଟିଛି । କୁମ୍ଭୀରଟି ତା' ଭିତରେ ଆରାମରେ ଖରା ପୁଆଁଉଛି । ଅବିନାଶ ଦେଖୁ ଦେଖୁ କୁମ୍ଭୀରଟି ଉଠି ଠିଆହେଲା, ତା' ଲାଙ୍ଗୁଡ ମାଟିରେ ଘୁଷୁରୁଥିଲା । ସେ ହଲିଦୋହଲି କେତେଟା ଖୋଜରେ ପାଣି ଭିତରକୁ ଖସିଗଲା ଆଉ ତା' ଥୋମଣୀ ଦେଖାଯାଉଥିଲା । କିଛି ସମୟ ପରେ ସେ ପାଣିରେ ବୁଡିଗଲା ।

ଅବିନାଶ ତୁମେ କୁମ୍ଭୀର ସହ ପହଁରିଛ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁମ୍ଭୀର ସହ ପହଁରିବା କଥା ଅବିନାଶ ଭାବିପାରନ୍ତାନି । ଏ କୁମ୍ଭୀରଟା ଅବଶ୍ୟ ବଡ଼ ନଥିଲା । କିନ୍ତୁ କୁମ୍ଭୀରର ଗୁଣ ତ କାହିଁ କେହି ପ୍ରଶଂସା କରିନାହାନ୍ତି ଆଉ ମଣିଷକୁ ଖାଇବନି ବୋଲି ତ କାହିଁ କେଉଁଠି କହିନାହାନ୍ତି । ଜଙ୍ଗଲରେ କେଉଁ ମଣିଷ ବାଘସହ ବନ୍ଧୁତା କରି ଚାଲୁଥିବାର କଥା ହୁଏତ କେଉଁ ବହିରେ ଥାଇପାରେ, କିନ୍ତୁ ପ୍ରତ୍ୟକ୍ଷରେ କେହି ଦେଖିନାହାନ୍ତି । ତେଣୁ କୁମ୍ଭୀର ସହ ପହଁରିବା କଥା ସେ ଭାବିପାରୁନଥିଲା । ଅବନିଶ ମୁଣ୍ଡ ହଲଇଲା ।

ଅସମ୍ଭବ ଲାଗୁଛି ନା ।

ଅବିନାଶ ଆଉ ଥରେ ମୁଣ୍ଡ ହଲାଇଲା । ତା’ ଆଖି ଯେମିତି ସେ କୁମ୍ଭୀର ଖସିଯାଉଥିବା ଚଡା ଆଉ ଆଖ ପାଖର ଅଞ୍ଚଳକୁ ଚାଲିଯାଉଥିଲା । ଏକ ଚଉଡା ନଳାରୁ ପାଣି ଆସି ମିଶୁଛି । ପାଖରେ ଘଞ୍ଚ ଖାଡି ଜଙ୍ଗଲ । ଚେର ଚେର ମିଶି ଏମିତି ଜାଲ ତିଆରି କରିଛି ଯେ ତା’ ଭିତରେ ଜଣେ ଚାଲି ପାରିବନି । ସେମିତିଆ ଫାଙ୍କରେ କଙ୍କଡା ବା ମାଛମାନ ରହୁଥିବେ । ଅବିନାଶ ଭାବିଲା ଏଠି ଚାଲିବା ତ ଅସମ୍ଭବ ଲାଗୁଛି ଆଉ ପହଁରିବା କଥା ଛାଡ ।

ଅବିନାଶ, ଏମିତି ଜଙ୍ଗଲରେ ଜୀବନ କଟାଇପାରିବ ?

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଛୁରୀ

ଦୀପକ ଷଡ଼ଙ୍ଗୀ



ମୂଳ ବଙ୍ଗଳା : ଶରଦିନ୍ଦୁ ବନ୍ଦୋପାଧ୍ୟାୟ

ଓଡ଼ିଆ ଭାବାନୁବାଦ : ଦୀପକ ଷଡ଼ଙ୍ଗୀ

[ଲେଖକ ପରିଚୟ: ଶରଦିନ୍ଦୁ ବନ୍ଦୋପାଧ୍ୟାୟ (୧୯୮୯-୧୯୭୦) ବଙ୍ଗଳା ସାହିତ୍ୟର ଏକ ବିଶାଳ ବ୍ୟକ୍ତିତ୍ୱ । ବିଖ୍ୟାତ ଡିଟେକ୍ଟିଭ ଚରିତ୍ର ବ୍ୟୋମକେଶ ବକ୍ସିର ସେ ହେଉଛନ୍ତି ଜନ୍ମଦାତା । ତାଙ୍କ ଦ୍ୱାରା ଲିଖିତ ବ୍ୟୋମକେଶ ବକ୍ସି ଚରିତ୍ରକୁ ନେଇ ଅନେକ ହିନ୍ଦୀ, ବଙ୍ଗଳା, ଆସାମୀ ନାଟକ, ସିନେମା ଓ ଟିଭି ସିରିଏଲ ଆଦି ନିର୍ମାଣ ହୋଇ ବହୁ ଲୋକପ୍ରିୟ ହୋଇପାରିଛି । ତାଙ୍କ ଦ୍ୱାରା ଚିତ୍ରିତ ଅନ୍ୟ ପ୍ରସିଦ୍ଧ ଚରିତ୍ର ଗୁଡିକ ହେଲେ ବଡଦା ଓ ସଦାଶିବ । ଯେଉଁ ଚରିତ୍ରଗୁଡିକୁ ନେଇ ସେ ଅନେକ ରହସ୍ୟ ଓ ରୋମାଞ୍ଚରେ ଭରା କାହାଣୀମାନ ରଚନା କରିଯାଇଛନ୍ତି । ଶରଦିନ୍ଦୁ ବନ୍ଦୋପାଧ୍ୟାୟ ତାଙ୍କର କାଳଜୟୀ ବଙ୍ଗଳା ଉପନ୍ୟାସ "ତୁଙ୍ଗଭଦ୍ରାର ତୀରେ"ପାଇଁ ୧୯୬୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ଶରତ ସ୍ମୃତି ପୁରସ୍କାରରେ ସମ୍ମାନିତ ହୋଇଥିଲେ । ଶଂସିତ ଗଳ୍ପ "ଛୁରୀ" ଆନନ୍ଦ ପବ୍ଲିକେଶନ, କଲିକତା ଦ୍ୱାରା ପ୍ରକାଶିତ ଶରଦିନ୍ଦୁ ଅମ୍ନିବସ ୧୨ ଟିକିଆ ସିରିଜ୍ ର ଏକ ମନୋବୈଜ୍ଞାନିକ ଗଳ୍ପ ।]

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କଲିକତା ସହରରେ ଅନେକ ଗୁଡିଏ ଋଣ ଦେବା ଓ ନେବା ଧନ୍ଦାର ଅନେକ ଗୁଡିଏ ଅଫିସ ଖୋଲି ଯାଇଛି । ଅଭାବ ଗ୍ରସ୍ତ ମଣିଷ ପରିସ୍ଥିତିରେ ପଡି ନିଜର ଜମିବାଡି ବନ୍ଧା ପକେଇ ଅଫିସରୁ ଯାଇ ଋଣ ଆଣିଥାଏ, କିନ୍ତୁ ସୁଝିଲା ବେଳକୁ ମୂଳଧନ ସହିତ ସୁଧର ପରିମାଣ ଏତେ ହୋଇ ଯାଇଥାଏ ଯେ ଅଭାବୀ ମଣିଷଟି ଋଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାଲରୁ ମୁକୁଳି ନ ପାରି ବିଚରା ଜମିଟିକୁ ସେଇ ଅଫିସରେ ରେଜେଷ୍ଟ୍ରି କରେଇ ଦେଇ ଆସେ । ଅଫିସବାଲା ସେଇ ଜମିଟିକୁ ଚଢା ଦରରେ ଅନ୍ୟ କେଉଁ ଧନୀକ ବ୍ୟକ୍ତିଙ୍କୁ ବିକ୍ରି କରି ଭଲ ଦି ପଇସା ମୁନାଫା ପାଇଥାଆନ୍ତି । ନଗେନ ଏମିତିଆ ଗୋଟେ ଅଫିସ ଖୋଲି ବହୁତ ଭଲ ଆୟ କରୁଥିଲା । ଯୁଦ୍ଧ ଫେରନ୍ତା ଲୋକମାନଙ୍କଠାରୁ ତାଙ୍କର ଜମିଜମା ସବୁ କିଣି ଅନ୍ୟକୁ ଖୁବ ଚଢା ଦରରେ ବିକ୍ରି କରୁଥିଲା । ୩୦ ବର୍ଷୀୟ ନଗେନ ଦେଖିବାକୁ ଖୁବ୍ ବଳବାନ ହୋଇଥିବା ବେଳେ ତା'ର ପତ୍ନୀ ଖନିକା କିନ୍ତୁ ଥିଲା ଠିକ୍ ତା'ର ବିପରୀତ । ଦୁର୍ବଳ ଚେହରା ସହିତ ଦୁଇ ଦୁଇଟି ଜନ୍ମିତ ପିଲାକୁ ହରେଇ ସେ ପ୍ରାୟ ରୁଗ୍ଣକାୟ ହୋଇ ସାରିଥିଲା ଓ ଡାକ୍ତର ମଧ୍ୟ ଶୁଣେଇ ଦେଇ ସାରିଥିଲେ ଯେ ଖନିକା ଆଉ କେବେ ବି ମା ହୋଇ ପାରିବ ନାହିଁ ।

ଦିନେ ନଗେନ ତା'ର ଲୋନ ଅଫିସରେ ବସିଥିବା ବେଳେ ଜଣେ ଯୁଦ୍ଧ ଫେରନ୍ତା ସୈନିକ ତା ଅଫିସକୁ ଆସିଲା ଓ କହିଲା "ମୁଁ ମୋର ଗୋଟେ ଜିନିଷକୁ ବନ୍ଧା ରଖି କିଛି ଟଙ୍କା ନେବାକୁ ଚାହେଁ" । ନଗେନ କହିଲା "ଠିକ ଅଛି ! ଆପଣ କେଉଁ ଜିନିଷ ବନ୍ଧା ପକେଇବାକୁ ଚାହୁଁଛନ୍ତି ?" ଲୋକଟା ତା ପକେଟରୁ ଗୋଟେ ଛୁରୀ ବାହାର କଲା । ନଗେନ ଆଶ୍ଚର୍ଯ୍ୟ ହୋଇ ସେ ଛୁରୀକୁ ଦେଖି କହିଲା "ଏ ଜିନିଷର ସେମିତି କିଛି ଦାମ ମିଳିବନି; ତେଣୁ ମୁଁ ଆପଣଙ୍କୁ ତିନି ଟଙ୍କା ହିଁ ଦେଇ ପାରିବି" । ଲୋକଟା ରୁକ୍ଷ ଗଳାରେ କହିଲା "ମୋତେ ପାଞ୍ଚ ଟଙ୍କା ଦରକାର" । ନଗେନ ତା ସହିତ ଆଉ ବେଶି କଥାବାର୍ତ୍ତା ନ କରି ରସିଦ୍ ଲେଖି ତାକୁ ପାଞ୍ଚ ଟଙ୍କା ଦେଇ କହିଲା "ଆପଣ ସାତ ଦିନ ଭିତରେ ଯଦି ପଇସା ଫେରସ୍ତ ନ କରିପାରନ୍ତି; ତେବେ ଏ ଛୁରୀଟା ଅଫିସର ଅମାନତ ହୋଇଯିବ" । ଲୋକଟା ରସିଦ ଓ ପଇସାକୁ ପ୍ୟାଣ୍ଟ ପକେଟ ଭିତରେ ରଖି କହିଲା "ମୋ ଜିନିଷକୁ ଦାଇତ୍ଵରେ ରଖିଥିବେ ମୁଁ ଠିକ୍ ସମୟରେ ଆସି ପଇସା ଫେରସ୍ତ କରି ମୋ ଜିନିଷକୁ ନେଇଯିବି" । ଲୋକଟା ଚାଲିଗଲା ପରେ ନଗେନ ଛୁରୀଟାକୁ ଭଲ କରି ନିରୀକ୍ଷଣ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖୁଥିଲା । ଛୁରୀକୁ ଧରି ନିଜର ହାତ ଉପରେ ଚଲେଇ ଆଣିଲା । ଛୁରୀର ଧାର ବହୁତ ଥିଲା । ତେଣୁ ତା ହାତ ଉପରର ରୁମ ଗୁଡା କଟି ସବୁ ତଳେ ପଡିଲା । ଦିନ ସାରା ନଗେନର ନଜର ସେହି ଛୁରୀ ଉପରେ ହିଁ ଥିଲା । ରାତିରେ ଅଫିସ ବନ୍ଦ କରି ଯିବା ବେଳକୁ ଛୁରୀଟାକୁ ବଡ ଯତ୍ନର ସହ ନେଇ ସେ ସିନ୍ଦୁକ ଭିତରେ ରଖିଲା । ମନେ ମନେ ଭାବୁଥିଲା "ଲୋକଟା ଆଉ ନ ଆସନ୍ତା କି ଏ ସୁନ୍ଦର ଛୁରୀଟାକୁ ମୁଁ ହିଁ ମୋ ପାଖରେ ରଖି ଦିଅନ୍ତି" । ନଗେନ ଘରକୁ ଫେରିଲା ବେଳେ ଭାବୁଥିଲା ଖନିକାକୁ ସବୁକଥା କହିବ ବୋଲି କିନ୍ତୁ ସେ ତାକୁ ଏ ସବୁ କଥା କହିଲାନି । ଦିନଥିଲା ସେ ଶୋଇଲାବେଳେ ଖନିକାକୁ ସବୁ କଥା କହୁଥିଲା ରାତିରେ; କିନ୍ତୁ ଏବେ ଆଉ ସେ ସମୟ ନାହିଁ । ରାତିରେ ଖାଇସାରିଲା ପରେ ସ୍ୱାମୀ ସ୍ତ୍ରୀ ଅଲଗା ଘରେ ଶୋଉଛନ୍ତି । ଶୋଇଲାବେଳେ ନଗେନର ଅଭ୍ୟାସ ବହି ଟିକେ ପଢି କି ଶୋଇବା; ହେଲେ ଆଜିର ରାତିରେ ସେ ବହି ପଢିବାକୁ ଜମା ପସନ୍ଦ କଲା ନାହିଁ । ସିଧା ଯାଇ ସେ ଶେଯ ଉପରେ ଶୋଇ ପଡିଲା । ନଗେନ ଶୋଇ କି ସ୍ୱପ୍ନ ଦେଖୁଛି ଯେ ଛୁରୀର ମାଲିକ ସେ ଲୋକଟା ଛୁରୀକୁ ହାତରେ ଧରି ତା ଅଫିସ ସାମ୍ନାରେ ଠିଆ ହେଇ ହସୁଛି । ଆଉ ତା ଆଗରେ ଉଲଗ୍ନ ହୋଇ ନୃତ୍ୟ କରୁଥିବା କିଛି ସୁନ୍ଦରୀ ଯୁବତୀମାନଙ୍କୁ ସେ ସେଇ ଛୁରୀରେ ଭୁଷି ଚାଲିଛି । ଉଲଗ୍ନ ହୋଇ ନୃତ୍ୟରତା ଯୁବତୀମାନଙ୍କୁ ଦେଖି ନଗେନ ଉଲ୍ଲସିତ ହୋଇ ଉଠୁଛି । ତା'ର ମନରେ କାମନାର ନିଆଁ ଜଳି ଉଠୁଛି । ଛୁରୀ କେମିତି ଯାଇ ଯୁବତୀମାନଙ୍କ ନିବସ୍ତ୍ର ପେଟ ଓ ବକ୍ଷକୁ ଚିରି ଦଉଛି ଆଉ କିପରି ରକ୍ତାକ୍ତ ହୋଇ ପୁଣି ବାହାରି ଆସୁଛି । ତୀବ୍ର ଉତ୍ତେଜନାରୁ ତା'ର ନିଦ ଭାଙ୍ଗିଗଲା । ଏହିଭଳି ଉତ୍ତେଜନା ସେ ଅନେକ ଦିନ ହେବ ଅନୁଭବ କରିନି । ସେ ଶେଯରୁ ଉଠିକି ଯାଇ ସେପଟ ଘରକୁ ଗଲା । ଦେଖିଲା ଖନିକା ଜୋରରେ ଘୁଙ୍ଗୁଡି ମାରି ଶୋଇଛି । ଖନିକାର ଘୁଙ୍ଗୁଡି ଶବ୍ଦରେ ନଗେନ ନିଜକୁ ଅସହଜ ମନେ କଲା ଓ ଗୋଟେ ଗ୍ଲାସ ପାଣି ପିଇ ପୁଣି ଆସି ତା ବିଛଣାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୋଇ ପଡିଲା ।

ସକାଳୁ ଅଫିସକୁ ଯାଇ ଆଗ ନଗେନ ସିନ୍ଧୁକ ଖୋଲି ସେ ଛୁରୀଟାକୁ ନିଜ ହାତରେ ଧରିଲା । ତାକୁ ଲାଗୁଥାଏ ସତେ ଯେପରି ଏ ଛୁରୀ ତାକୁ କହୁଛି "ମୋତେ ନେଇ ସେ ନରମ ମାଂସ ଭିତରେ ଭର୍ତ୍ତି କରିଦିଅ ମୁଁ ତ କେବଳ ରକ୍ତ ମାଂସ ହିଁ ଚାହେଁ" । ନଗେନ ଚାରି ଆଡକୁ ଚାହିଁଲା ଦେଖିଲା ସେ ଯେଉଁଠି ବସେ ସେଇ ଚେୟାର୍ ଉପରେ ଗୋଟେ ନରମ ତକିଆ ରଖା ହୋଇଛି । ନଗେନ ପାଗଳପ୍ରାୟ ହୋଇ ସେ ତକିଆ ଆଡକୁ ଛୁଟି ଗଲା ଓ ତା ଉପରେ ବସି ସେ ଛୁରୀ ଦ୍ୱାରା ତକିଆକୁ ବାରମ୍ବାର ଆଘାତ କଲା ଯାହା ଫଳରେ ତା'ର ଅଫିସ ସାରା ତକିଆରୁ ତୁଳା ବାହାରି ଏଆଡେ ସେଆଡେ ବିଛାଡି ହୋଇ ପଡିଲା । କିଛି ସମୟ ପରେ ନଗେନ ଶାନ୍ତ ହେଲା ଅଫିସକୁ ସଜାଡି ପୁଣି ଥରେ ତା ଦୈନନ୍ଦିନ କାମରେ ଲାଗିପଡିଲା ଓ ଛୁରୀକୁ ନେଇ ସିନ୍ଧୁକ ଭିତରେ ବଡ ଯତ୍ନ ସହକାରେ ନେଇ ରଖି ଦେଇ ଆସିଲା । ସବୁଦିନ ତାକୁ ଲାଗୁଥିଲା ଯେପରି ସେ ଲୋକଟା ଏହି କ୍ଷଣି ଆସି ତା ଛୁରୀ ତା'ଠାରୁ ମୁକାଳି ନେଇଯିବ । ସେ ପୁଣି ଭାବୁ ଥାଏ ଛୁରୀର ମୂଲ୍ୟ ଟିକେ ଅଧିକ କରିଥିଲେ ଭଲ ହୋଇଥାଆନ୍ତା । ଯାହା ଫଳରେ କି ସେ ଲୋକଟା ପଇସା ଦେଇ ନ ପାରି ହୁଏତ ଛୁରୀ କି ତା'ରି ପାଖରେ ଛାଡି କି ପଳେଇ ଯାଇଥାଆନ୍ତା । ଏପରି ଅନେକ ଅବାସ୍ତବ କଥା ସବୁ ନଗେନର ମୁଣ୍ଡ ଭିତରକୁ ଆସୁଥିଲା । ସେଦିନ ନଗେନ ସନ୍ଧ୍ୟା ହଉହଉ ଅଫିସ ବନ୍ଦ କରି ଘରକୁ ଯିବ ବୋଲି ଭବିଲା । ଝିପଝିପ୍ ବର୍ଷା ମଧ୍ୟ ଆରମ୍ଭ ହୋଇ ଯାଇଥାଏ । ଅନ୍ଧକାର ରାତିକୁ କଲିକତା ସହରରେ ବର୍ଷା ସାଙ୍ଗକୁ ଲାଇନ୍ ବି କଟି ରାସ୍ତା ସାରା ଅନ୍ଧାର । ନଗେନ ଭାବିଲା ସାଙ୍ଗରେ ଛୁରୀଟାକୁ ବି ନେଇଗଲେ ଭଲ ହେବ । ସେ ଛୁରୀକୁ ତା ପକେଟ୍ ଭିତରେ ରଖିଲା ଓ ଧୀରେ ଧୀରେ ପାଦ ଚାପିଚାପି ବାଟ ଚାଲିବାକୁ ଲାଗିଲା । କିଛି ସମୟ ଚାଲିବା ପରେ ତାକୁ ଲାଗିଲା ଯେ କେହି ଜଣେ ତାକୁ ପିଛା କରୁଛି । ନଗେନ ଛୁରୀକୁ ପକେଟ ଭିତରେ ଚାପି କି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧରିଲା । ତାକୁ ଲାଗୁଥାଏ ପାଦର ଶବ୍ଦଟା ତାରି ଆଡକୁ ହିଁ ଆସୁଛି । ସେ ଛୁରୀକୁ ଧରି ବୁଲି ପଡିଲା ବେଳକୁ ଦେଖିଲା ଯେ ଗୋଟେ ବୁଲା କୁକୁର ତା ପଛେପଛେ ଆସୁଛି । ନଗେନ ତାକୁ ହାତ ଠାରି ତା ପାଖକୁ ଡାକିଲା । ଯେମିତି କୁକୁର ତା ପାଖକୁ ଆସିଛି ନଗେନ ଚଟ୍ କରି ସେ କୁକୁରର ବେକରେ ଛୁରୀ ଭୁଷି ଦେଲା । କୁକୁରଟା ସେଇଠି ପଡି ଛଟପଟ ହଉଥାଏ । ତା ବେକରୁ ଅବିଶ୍ରାନ୍ତ ରକ୍ତ ବାହାରି ଚାଲିଥାଏ ଓ ରକ୍ତ ଦେଖି ନଗେନ ମନେ ମନେ ବହୁତ ଖୁସି ହେଉଥାଏ । ନଗେନ ଛୁରୀକୁ ତା ରୁମାଲରେ ପୋଛି ପୁଣି ନେଇ ତା ପକେଟରେ ରଖିଲା । ସେ ଘରକୁ ଫେରି ଆସି ବଡ ସନ୍ତର୍ପଣରେ ଛୁରୀକୁ ନେଇ ତା ତକିଆ ତଳେ ରଖିଲା । ଖନିକାକୁ କହିଲା ଖାଇବାକୁ ବାଢିବା ପାଇଁ । ଖାଇପିଇ ଶୋଇଲା ବେଳକୁ ନଗେନକୁ ନିଦ ହେଉ ନ ଥାଏ ସତେ ଯେପରି ସେ ଛୁରୀ ତା କାନରେ ଆସି କହୁଥାଏ "କଣ ଏତିକି ଟିକେ ରକ୍ତରେ ତୁ ମୋତେ ଶାନ୍ତ କରେଇ ଦବୁ ? ଆରେ ଯା ବାହାରକୁ ଯା ବାହାରେ ବହୁତ ଲୋକ ଫୁଟପାଥରେ ଶୋଇଛନ୍ତି" । ନଗେନ ଶୋଇବା ଜାଗାରୁ ଉଠି କି ବସିଲା । ଧୀରେଧୀରେ ପାଦ ଚାପି ବାହାରକୁ ଯିବାକୁ ଚେଷ୍ଟା କଲା ବେଳେ ଖନିକାର ନିଦ ଭାଙ୍ଗି ଗଲା । ସେ କହିଲା "ତୁମେ ଏତେ ରାତିରେ କୁଆଡେ ବାହାରିଛ" ? ନଗେନ ତାକୁ କିଛି ନ କହି ପୁଣି ଆସି ତା ଜାଗାରେ ଶୋଇ ପଡିଲା । ପର ଦିନ ସାରା ତାକୁ ଆଉ ଭଲ ଲାଗୁ ନ ଥାଏ । ସେ ସବୁବେଳେ ଭାବୁଥାଏ "କାଳେ ଆସି ସେ ଲୋକଟା ଛୁରୀଟା ତା ଠାରୁ ନେଇ ଯିବ କି" ? ସେଥିପାଇଁ ସେ ଶୀଘ୍ର ଅଫିସ୍ ବନ୍ଦ କରି ଘରକୁ ଚାଲି ଅସୁଥାଏ । ସେଦିନ ରାତିରେ ସେ ଖନିକାକୁ କହିଲା "ଘର ଆଗ ଗେଟ ରେ ତ ତାଲା ପଡୁଛି; ପୁଣି ତୁମେ କାଇଁ କି ଘରର ଭିତର କବାଟ ଦଉଛ ? ସେମିତି ବି ଘର ଭିତରେ କବାଟ ଦେଇ ଦେଲେ ଗରମ ବହୁତ ହେଉଛି" । ଖନିକା କହିଲା "ଠିକ ଅଛି ଆଜି ଆଉ ମୁଁ ଘରର କବାଟ ଦେଇ କି ଶୋଇବିନି" । ଖନିକାକୁ ଜଣା ନ ଥାଏ ଯେ ଏଇ କିଛି ଦିନ ଭିତରେ ତା ସ୍ୱାମୀ ସହିତ କଣ ସବୁ ଘଟି ଗଲାଣି । ପରଦିନ ସାରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଗେନକୁ ଜମା ଭଲ ଲାଗୁ ନ ଥାଏ ସେ କେବଳ ସେ ଛୁରୀକୁ ମଝିରେ ମଝିରେ ଆଣି ଦେଖୁଥାଏ ଓ ପୁଣି ନେଇ ସିନ୍ଦୁକରେ ରଖି ଦେଇ ଆସୁଥାଏ । ସେଦିନ ସନ୍ଧ୍ୟାରେ ତରବରିଆ ହେଇ ନଗେନ ଅଫିସ ବନ୍ଦ କରି ଛୁରୀକୁ ଧରି ଘରକୁ ଆସିଲା । ଖାଇପିଇ ଶୋଇଲା ପରେ ନଗେନକୁ ଜମା ବି ନିଦ ହେଉ ନ ଥାଏ । ତାକୁ ଲାଗିଲା ତକିଆ ତଳେ ଥିବା ଛୁରୀ ପୁଣି ଯେମିତି ତାକୁ କହୁଥାଏ "ଆଜି କଣ ମୋତେ ତୁ ରକ୍ତର ସ୍ୱାଦ ଚଖେଇବୁନି ? ଶୁଣ୍ ! ଆଜି ତତେ କୁଆଡେ ବି ଯିବାକୁ ପଡିବନି । ସେପଟ ଘରେ ତୋ ସ୍ତ୍ରୀ ଖନିକା ଶୋଇଛି । ତୁ ଯା ମୋତେ ନେଇକି ତା ଛାତି ଭିତରେ ଭର୍ତ୍ତି କରେଇ ଦେ । ତୋ ସ୍ତ୍ରୀ ତତେ ଜୀବନ ସାରା ସନ୍ତାନ ସୁଖ କି ଦେହ ସୁଖ ଟିକେ ଦେଇ ପାରିଲା ନାହିଁ । ଏମିତି ସ୍ତ୍ରୀ ରହି କି ଲାଭ କଣ ? ହୁଏତ ଏ ମରିଗଲେ ତୁ ଆଉ ଜଣଙ୍କୁ ବାହା ହେଇ ସୁଖ ଶାନ୍ତିରେ ରହି ପାରିବୁ । ଆରେ' ଯା ଏତେ କଣ ଭାବୁଛୁ ?" ନଗେନର ଛାଇ ନିଦଟା ଚାଉଁକିନା ଭାଙ୍ଗିଗଲା । ସର୍ବାଙ୍ଗ ଶରୀର ତାର ଉତ୍ତେଜନାରେ ଥରୁଥାଏ । ସେ ତା ତକିଆ ତଳେ ଥିବା ଛୁରୀକୁ କାଢିଲା । ଦେଖିଲା ଜହ୍ନ ଆଲୁଅରେ ଛୁରୀଟା କେମିତି ଚକଚକ କରୁଛି । ନଗେନକୁ ଲାଗୁଥାଏ ସତେ ଯେପରି ଛୁରୀଟା ତା କାନରେ ଆସି କହି ଦେଇ ଯାଉଛି "ଆଜି କଣ ମୋତେ ତୁ ନରମ ମାଂସର ରକ୍ତ ପିଆଇବୁନି ?" ନଗେନର ଦେହ ହାତ ସବୁ ଶିଥିଳ ପଡିଯାଉଥାଏ । ସେ ପାଦ ଚିପିଚିପି ସେପଟ ଘରକୁ ଗଲା । ଦେଖିଲା ଖନିକା ଆରମରେ ନିଘୋଡ ନିଦରେ ଶୋଇଛି । ସେ ତା ପାଖକୁ ଗଲା । ନଗେନ ଦେଖୁଥାଏ ଖନିକାର ଗାଲଗୁଡାକ ଭିତରକୁ ପଶି ଯାଇଛି, ଅଲରା କେଶ, ଶୁଖିଲା ଓଠ ଓ ଜରାଜୀର୍ଣ୍ଣ ବକ୍ଷୋଜ । ଖନିକାର ଶରୀରଟା ତାକୁ ବଡ ବିକୃତ ଲାଗିଲା । ପାଖରେ ପଡିଥିବା ଗୋଟେ ତକିଆ ଆଣି ସେ ଖନିକାର ମୁହଁରେ ଜୋରରେ ଦବେଇ କି ଧରିଲା । ଖନିକା ଯେମିତି ଗଁ ଗଁ ଶବ୍ଦ କରିଛି; ତା ପାଖରେ ଥିବା ସେଇ ଛୁରୀକୁ ଆଣି ଖନିକାର ଛାତିରେ ପାଗଳଙ୍କ ଭଳି ଭୁଷିବାକୁ ଲାଗିଲା ଯେ ପର୍ଯ୍ୟନ୍ତ ଖନିକାର ପ୍ରାଣ ବାୟୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଡି ନ ଯାଇଛି । କିଛି ସମୟ ପରେ ଖନିକାର ମୃତଦେହ ଜୁଡୁବୁଡୁ ରକ୍ତରେ ଭିଜି ଘର ସାରା ରକ୍ତ ହୋଇ ସାରିଥାଏ । ନଗେନ ଗୋଟେ ପାଗଳଙ୍କ ଭଳି ତା ମୃତ ଦେହ ପାଖରେ ବସି ସେଇ ଛୁରୀକୁ ହାତରେ ଧରି ହସୁଥାଏ । ସକାଳ ହେବାରୁ ସାହି ପଡିଶା ଲୋକ ଆସି ଏ ସବୁ କାଣ୍ଡ ଦେଖି ପୋଲିସକୁ ଖବର ଦେଲେ । ପୋଲିସ ଆସି ନଗେନକୁ ଧରି ଥାନାକୁ ନେଇ ଗଲେ । ତା'କୁ ଯେତେବେଳେ ପୋଲିସ ବାବୁ ପଚାରିଲେ "ତୁମେ ତୁମ ସ୍ତ୍ରୀ କୁ କାହିଁକି ହତ୍ୟା କଲ ?" ନଗେନ ହସିହସି ହାତ ବଢେଇ ସେଇ ଛୁରୀ ଆଡକୁ ଦେଖେଇ କହିଲା "ଯ୍ୟାକୁ କେବଳ ନରମ ମାଂସ ଓ ରକ୍ତ ଦରକାର" । ପୋଲିସ ନଗେନକୁ ପାଗଳ ବୋଲି ଭାବି ପାଗଲଖାନାକୁ ପଠେଇ ଦେଲେ ଆଉ ସେ ଛୁରୀକୁ ନେଇ ଥାନାର ଗୋଟେ ପରତ୍ୟକ୍ତ ଘରେ ଫିଙ୍ଗି ଦେଇ ଆସିଲେ । ଛୁରୀ ସେ ଘରେ ପଡି ରହି ସେମିତି ଚକଚକ୍ କରୁଥାଏ ଓ ସତେ ଯେପରି ସେ ନଗେନକୁ ଖୋଜି ପଚାରୁଥାଏ "ଆଜି କଣ ତୁ ମୋତେ ନରମ ମାଂସ ଓ ରକ୍ତର ଭୋଜି ଦବୁନି ?

ସହକାରୀ ପ୍ରଧ୍ୟାପକ
ରୋଲାଣ୍ଡ ଫାର୍ମାସୀ କଲେଜ୍
ବ୍ରହ୍ମପୁର -୧୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନଖପଚା

ସୁନନ୍ଦା ମହାନ୍ତି



ସିନିଅର ସିଟିଜେନ ପାଇଁ ସହଜରେ ତଳ ବର୍ଥ ଦୁଇଟି ରିଜର୍ଭ ହୋଇଗଲା ବନମାଳୀ ମିଶ୍ର ଓ କାନ୍ତାଙ୍କ ପାଇଁ । ଫେରିବା ମୁହୂର୍ତ୍ତ ଯେତେ ପାଖେଇ ଯାଉଥିଲା, ରହିଯିବାକୁ ସେତିକି ମନ ଡାକୁଥିଲା । ବୟସର କ୍ଳାନ୍ତ ସାୟାହ୍ନରେ ନାତୁଣୀ ସହ ଖେଳକୁଦ, ବୁଲାବୁଲି, ତା ଗୁଲଗୁଲ ହସ, ଅଭିମାନ ଭରା କାନ୍ଦ, ଅଜା ଆଇ ପଳେଇବେ କହିଲେ, ପଳନି ପଳନି କହି ଧୋ ମିନା କକ ବାୟ୍ଯା କୁହ, କହି କାନ୍ଦିପକାଏ । ପ୍ରକୃତରେ ଯେତେବେଳେ ଲୁଗା ପଟା ପିନ୍ଧି, ଅଳତା ଲଗେଇ ବାହାରିଲେ କାନ୍ତା ପାଦ ଦୁଇଟି ବଢ଼େଇ ଅଳତା ଲଗେଇ ସାରିବା ପରେ ନେଲପଲିସ କାହିଁ, ଗଗେଇବା କହୁଥାଏ ନାତୁଣୀ ତ ଝିଅ ସରିଯାଇଛି କହି ଭୁଲାଇ ଦେଉଥିଲା ତାକୁ । ତାର କାରଣ ନାତୁଣୀ ଜିଦ କରି ନିଜେ ଲଗେଇ ଅନ୍ୟମାନଙ୍କୁ ଲଗେଇବ, ଢ଼ାଳି ଢ଼ାଳିକି ଶାଢ଼ୀ, ବେଡସିଟ୍ ସବୁଆଡେ ବୋଳିବା ସହ ଅଭ୍ୟାସଗତ ଭାବେ, ନଖ ପାଟିରେ ଭରିବ । ସେଇଥିପାଇଁ ନାତୁଣୀର ପ୍ରବଳ ଆଗ୍ରହ ଥିଲେ ମଧ୍ୟ ନେଲପଲିସ ତାଠୁ ଦୂରେଇ ରଖାଯାଏ । ଏମିତିକି ନେଲପଲିସ ଶିଶିଟିକୁ ଝିଅ କାନ୍ତାଙ୍କ ଭ୍ୟାନିଟ୍ ବ୍ୟାଗରେ ରଖିନେଇ ତାକୁ ଭୁଲା ଭୁଲି କରି ରଖିବା ପ୍ରଣାଳୀ ଆପଣେଇ ଭୁଲାଇ ରଖୁଥାଏ ନାତୁଣୀକୁ । ଜୋଇଁଙ୍କ ଗାଡିରେ ବସି ଷ୍ଟେସନ ଯାଏଁ ଅଜା ଆଇ ଖସି ଆସିଲେ ସତ ହେଲେ ବୁକୁଫଟା ଲୁହ ଓ କୋହ ହୃଦୟରେ ଜମାଟ ବାନ୍ଧୁଥିଲା । ଷ୍ଟେସନରେ ନେଲପଲିସ ଶିଶିଟିକୁ ଜୋଇଁଙ୍କୁ ଦେଇ କାନ୍ତା କହିଥିଲେ ନାତୁଣୀକୁ ଆଜି ଦିନଟା ପାଇଁ ଆଇ ଅଜା ଦେଇଛନ୍ତି ବୋଲି କହି, ଏଇଟିକୁ ଦେଇଦେବ ପୁଅ, ନେଲପଲିସ ପାଇଲେ, ନାତୁଣୀ ଆମର, ସ୍ୱର୍ଗ ସୁଖ ପାଇ ଆଉ କାନ୍ଦିବନି । ଏହା ଛଡ଼ା ଆଉ କୌଣସି ଜିନିଷ ତାର ପ୍ରିୟ ନୁହେଁ, ଏମିତିକି ଚକୋଲେଟ୍ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଁ ହଁ କହି ଜୋଇଁ ରଖିନେଲେ ସତ ହେଲେ ନାତୁଣୀକୁ ଦେବେ କି ଦେବେନି ଭାବି ମନଟା ଗୋଳେଇ ଘାଣ୍ଟି ହେଉ ହେଉ ଟ୍ରେନ ଆସିଗଲା । ସିଟ୍ ଖୋଜି ବସିଯିବାକୁ ଯାଇ ଦେଖିଲେ ଅଜା ଯେ ତାଙ୍କରି ପରି ବୟସ୍କ ବ୍ୟକ୍ତି ଜଣେ ଶୋଇରହିଛନ୍ତି ତାଙ୍କ ସିଟରେ । ବୟସର କ୍ଲାନ୍ତ ସାୟାହ୍ନରେ ଖୁବ୍ ଆରାମରେ । ଯେତେ ଡାକିଲେ ମଧ୍ୟ ଉଠୁ ନଥାନ୍ତି । ତ ଶୋଇଥାନ୍ତୁ ଶୋଇଥାନ୍ତୁ କହି ଅନ୍ୟ ସିଟ୍ ରେ ବସିଲେ ଅଜା ବନମାଳୀ ମିଶ୍ର ଓ ଆଇ କାନ୍ତା ଦେବୀ । ମୁଣ୍ଡିଆ ମାରି ଫେରିଗଲେ ଜୋଇଁ । ରିଜର୍ଭ ବର୍ଥର ଦୁଇପାଖରେ ଥିବା ଛଅ ଗୋଟି ସିଟର ଯାତ୍ରୀମାନେ ରାତି ନଅଟା ଯାଏଁ ତଳ ଦୁଇ ସିଟରେ ବସି ଖିଆ ପିଆ ସାରିବା ପରେ ଯିଏ ଯାହା ସିଟରେ ଶୋଇଲା ପରେ ମଧ୍ୟ ଉଠୁନଥାନ୍ତି ସେହି ବୟସ୍କ ବ୍ୟକ୍ତି । ତଳ ସିଟର ଗୋଟାଏ ସିଟରେ ବୟସ୍କ ବ୍ୟକ୍ତି ଜଣଙ୍କ ଶୋଇରହିବା ଫଳରେ ସମସ୍ତେ ଶୋଇଯାଇଥିଲେ ମଧ୍ୟ ବନମାଳୀ ବାବୁ ଓ କାନ୍ତା ଗୋଟିଏ ସିଟରେ ବସି ରହିଥିଲେ । ଯୁବକ ଯୁବତୀ ଶ୍ରେଣୀର ଯାତ୍ରୀମାନେ, ଉପରକୁ ଉଠିଯିବା ପରେ ମଝି ସିଟ୍ ପକାଇବାକୁ ମଧ୍ୟ ହଇରାଣ । ମାନବିକତା ଦ୍ୱାହିରେ କେହି ବୟସ୍କ ବ୍ୟକ୍ତିଙ୍କୁ ଉଠେଇବା ପରିବର୍ତ୍ତେ ଶୁଅନ୍ତୁ ଶୁଅନ୍ତୁ କହି ନିଜେ ନିଜେ କିଏ କୁଆଡ଼େ ଆଡଜଷ୍ଟ କରିନେଲେ ନିଜକୁ । ଅଜା ଆଇ ଦୁହେଁ ଗୋଟାଏ ପଟେ ବସି ବସି ରାତି କାଟୁଥିବା ବେଳେ ଝିଅ ଜୋଇଁ ଓ ପୁଅ ବୋହୁଙ୍କର ଘନ ଘନ ଫୋନ । ଭଲରେ ସିଟରେ ଶୋଇଛତ ପ୍ରଶ୍ନରେ ଉତ୍ତର ହଁ ହଁ ରଖି ନାତୁଣୀ କଣ କରୁଛି ଉତ୍ତରରେ ଝିଅଠୁ ନାତୁଣୀ ଶୋଉନି ଜମା ଆଉ ଆରପଟ ଘରକୁ ଯାଇ ଅଜା ଆଇ କୁଆଡ଼େ ଗଲେ ପଚାରୁଛି । ପୁଣି କେତେବେଳେ ଆସିବେ, ମୋ ପାଇଁ କଣ ଆଣିବେ ଇତ୍ୟାଦି ପଚାରି ଶୋଉନି କହିଥିଲା ଝିଅ ତ କାନ୍ତା କହୁଥିଲେ ତାକୁ ନେଲପଲିସ ଶିଶି ଦେଇ କହ ଅଜା ଆଇ ପଠେଇଛନ୍ତି ଦେଖିବୁ ବୁଝିକି ଶୋଇଯିବ । ଜୋଇଁ କିନ୍ତୁ ପଚାରୁଥିଲେ ସେ ବୟସ୍କ ବ୍ୟକ୍ତି ଉଠିଲେ ଆପଣଙ୍କ ସିଟ୍ ରୁ ? ? ଆପଣ ଶୋଇଲେ ତ ଠିକ ଠାକ ? କାନ୍ତା ଜାଣିଥିଲେ ନାତୁଣୀଟା ନେଲପଲିସ ପାଇଲେ

Listen to Odia Podcast Original at https://youtube.com/@drjyotiprasad

ସବୁ ଭୁଲିଯାଇଥାନ୍ତା କିନ୍ତୁ ଘାଣ୍ଟିଘୁଣ୍ଟି କରି ରଙ୍ଗ ବେରଙ୍ଗ ଓ ବେଢ଼ଙ୍ଗ କରିବ ଚାରିଆଡ଼େ ବୋଲି କେବେବି ଜୋଇଁ ତାକୁ ଦେଇନଥିବେ ନେଲପଲିସ । ସେ ଯେମିତି ମିଛରେ ହଁ ହଁ ଝିଅକୁ ନେଲପଲିସ ଦେଇଦେବି ଓ ଦେଉଛି ଦେଉଛି କହୁଥିଲେ, ଆମେ ଦୁହେଁ ମିଛରେ ସେମିତି ଭଲରେ ଯିଏ ଯାହା ସିଟରେ ଶୋଇଛୁ କହୁଥିଲୁ ।

ସେ ବୟସ୍କ ଭଦ୍ରବ୍ୟକ୍ତି ଭୁବନେଶ୍ୱରରେ ସକାଳେ ଉଠି ବିବ୍ରତ ଭାବେ କ୍ଷମା ମାଗୁଥିଲେ, ଆଉ ବୟସର ସାୟାହ୍ନରେ ରାତିସାରା କଷ୍ଟ ପାଇ ଅଣ୍ଟା ସଳଖ କରି ଅଜା ଆଇ ଦୁହେଁ ବ୍ୟାଗପତ୍ର ଧରି ତଳକୁ ଓହ୍ଲାଇଥିଲେ । ପ୍ଲାଟଫର୍ମରେ ଅପେକ୍ଷାରତ ପୁଅ ବୋହୂ ପଚାରୁଥିଲେ କିଛି ଅସୁବିଧା ହେଇନିତ ? ? ବନମାଳୀ ମିଶ୍ର ନାହିଁ ନାହିଁ କରୁଥିଲେ ତ କାନ୍ତା ନାତୁଣୀଟା ମନେ ପଡୁଛି କହି କାନ୍ଦିପକାଇଥିଲେ । ପୁଅ କହିଥିଲା, କିଛି ଦିନ ସେମିତି ଲାଗିବ । ହଉ ଆସ, ଗାଡି ବାହାରେ ଅଛି । ସେଦିନ ଚୋର ହାବୁଡ଼ରୁ ରକ୍ଷା ପାଇଥିବା ଗାଡିରେ ବସି କାନ୍ତା କହୁଥିଲେ ରଖ ପୁଅ ଗାଡି । ବରା ଓ ଚା ପିଇ ଘରକୁ ଯିବା । ପରଦିନ ଶାଶୁ ବୋହୂ ସାବିତ୍ରୀ ଓଷା କରି ସମସ୍ତେ ଶୋଇଗଲା ପରେ କାନ୍ତା ନାତୁଣୀକୁ ଫୋନ କରି କହୁଥିଲେ ତୋ ପାଇଁ ନେଲପଲିସ ପୂଜା କରି ରଖିଛି । କଣ ବୁଝିଲା କେଜାଣି ନାତୁଣୀ କହୁଥିଲା କାଲିକି ଆସିବ ଆଇ । ହଁ ହଁ କହି ଫୋନ ରଖୁଥିଲେ କାନ୍ତା ।


ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋକ୍ଷ

ବିନୟ ମହାପାତ୍ର



ସବୁଦିନ ସକାଳ ସାଢେ ପାଞ୍ଚଟା ବେଳକୁ ସୁମିତ୍ରା ଦେବୀଙ୍କର ନିଦ ଭାଙ୍ଗିଯାଏ । ଖୁବ୍ ବେଶୀ ଧର୍ମପରାୟଣା ନାରୀ ନହେଲେ ମଧ୍ୟ ସକାଳେ ଉଠିଲେ ପ୍ରଥମେ ଦୁଇହାତ ଯୋଡି ଭଗବାନଙ୍କୁ ନମସ୍କାର କରନ୍ତି, ଦୁଇହାତ ପାପୁଲିକୁ ଘଷି ତାର ଉଷ୍ମତାରେ ଆଖିକୁ ଟିକିଏ ସେକିଦିଅନ୍ତି, ତାପରେ ଦୁଇହାତକୁ ଆଖି ସାମ୍ନାରେ ରଖି 'କରାଗ୍ରେ ବସତି ଲକ୍ଷ୍ମୀ, କରମଧ୍ୟେ ସରସ୍ୱତୀ, କରମୂଳେ ତୁ ଗୋବିନ୍ଦ, ପ୍ରଭାତେ କର ଦର୍ଶନଂ' ମନ୍ତ୍ରଟି ବୋଲନ୍ତି । ଏଇ ଅଭ୍ୟାସଟି ତାଙ୍କର ପିଲାଟିଦିନରୁ ରହି ଆସିଛି, ପିଲାବେଳେ ଜେଜେ ଶିଖାଇ ଦେଇଥିଲେ, ସେବେଠାରୁ ଆଜି ପର୍ଯ୍ୟନ୍ତ ସେମିତି କରି ଅସୁଛନ୍ତି ।

ନିଜେ ଶେଜ ଛାଡିବା ପୂର୍ବରୁ ଜୀବନବାବୁଙ୍କୁ ମଧ୍ୟ ଉଠାଇଦେଇ ଯାଆନ୍ତି । ସବୁଦିନ ସକାଳେ ଉଭୟେ ପ୍ରାୟ ଏଇ ସମୟରେ ଉଠନ୍ତି । ମୁହଁ ହାତ ଧୋଇ ଅଧଘଣ୍ଟାଏ/ ପଇଚାଳିଶ ମିନିଟ ଯୋଗ ପ୍ରାଣାୟମ କରନ୍ତି । ତାପରେ ଯାଇ ଆଉ ଯାହା କାମ । ଉଭୟଙ୍କର ବୟସ ପଚାଶ ପାଖାପାଖି ହୋଇ ଆସିଲାଣି, ତେଣୁ ନିଜକୁ ଫିଟ୍ ରଖିବା ପାଇଁ ନିୟମିତ ଯୋଗକରିବା ପ୍ରାୟ ଦୁଇବର୍ଷ ହେଲା ଆରମ୍ଭ କରିଛନ୍ତି ସେମାନେ । ଯୋଗ ପ୍ରାଣାୟାମ ପରେ ସୁମିତ୍ରା ଚାହା ତିଆରି କରିବା ପାଇଁ ରୋଷେଇ ଘରକୁ ଚାଲିଯାଆନ୍ତି ଏବଂ ଜୀବନବାବୁ ବାହାର କବାଟଖୋଲି ବାହାରର ସକାଳୁଆ ଶୁଦ୍ଧ ଥଣ୍ଡା ପବନ ଖାଇବା ସହିତ ଖବରକାଗଜ ପଢିବା ପାଇଁ ବାରଣ୍ଡାକୁ ଚାଲି ଆସନ୍ତି । ଦିନ ହୋଇଗଲେ ଗାଡି ମଟର ଚାଲିଲେ ସହରର ପବନ ଧୁଳି ଧୁଆଁରେ ବିଶାକ୍ତ ହୋଇଯାଏ, ସକାଳର ଏଇ ଶୁଦ୍ଧ ବାୟୁ ଦିନସାରା ଦୁର୍ଲଭ ହୋଇଯିବ । ଉଭୟେ ଗୋଟିକ କଲେଜରେ ଅଧ୍ୟାପନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରନ୍ତି । ସହର ତଳି ଅଞ୍ଚଳରେ ଏଇଠି ଜାଗାଖଣ୍ଡେ କିଣି ନିଜର ଘରଟିଏ କରି ଦେଇଛନ୍ତି । ଦୁଇ ଝିଅ ଏବଂ ପୁଅଟିଏକୁ ମିଶାଇ ପାଞ୍ଚ ଜଣର ଛୋଟିଆ ପରିବାରଟିଏ । ଜୀବନରେ ବହୁତ ଗୁଡାଏ ସ୍ୱପ୍ନ ନଥିଲା ଜୀବନ ବାବୁଙ୍କର । ସ୍ୱାମୀ ସ୍ତ୍ରୀ ଉଭୟେ ମାନବପ୍ରେମୀ, ମଣିଷ ଭିତରେ ଭଗବାନଙ୍କୁ ଦେଖନ୍ତି । ଚିତା ଚଇତନ କରିବା ଏବଂ ଧାର୍ମିକତା ଦେଖେଇ ହେବାରେ ବିଶ୍ୱାସ କରନ୍ତିନି । ସାଧାସିଧା ଜୀବନ ଏବଂ ଜୀବନରେ ଖୁସି ଭରପୁର ଏଇଟି ଥିଲା ତାଙ୍କର ଜୀବନର ମନ୍ତ୍ର ।

ଦୁନିଆର ଯେତେ ସୁଖ ସବୁ କିଛି ପଇସା ଦେଇ କଣ କିଣିହୁଏ ? କିନ୍ତୁ ସମସ୍ତେ ଏଇ ସୁଖ ଟିକିଏ ପାଇବା ଆଶାରେ ଟଙ୍କା ପଛରେ ଗୋଡେଇ ଚାଲିଛନ୍ତି, ଟିକିଏ ସୁଖକିଣିବା ପାଇଁ । କିନ୍ତୁ ପଇସା ଦେଇ ସବୁ ସୁଖ କିଣି ହୁଏନା, ଆହୁରି ସୁଖ, ଆହୁରି ସୁଖ ଆଶାରେ ଶେଷରେ ନିରାଶା ମିଳେ ଏବଂ ସେହି ନିରାଶରୁ ଦୁଃଖ ହିଁ ହାତକୁ ଆସେ । କିନ୍ତୁ ଖୁସି ? ଖୁସି କଥା କେହି ଭାବେନା । ଖୁସି ଯେ ବହୁତ ସହଜରେ, ମାଗଣାରେ ମିଳିଯାଏ, ଏକଥା କିନ୍ତୁ କେହି ବୁଝି ପାରନ୍ତିନି, ଏଇ ସରଳ କଥାଟି ସମସ୍ତଙ୍କୁ ବହୁତ ଜଟିଳ ଲାଗେ । ସୁଖ ଏବଂ ଖୁସି ଭିତରେ ଥିବା ସାମାନ୍ୟ ପ୍ରଭେଦଟିକୁ ଠିକ୍ ଭାବେ କେହି ବୁଝି ପାରନ୍ତିନି । ସମସ୍ତେ କେବଳ ଭାବନ୍ତି ସୁଖ ମିଳିଗଲେ ଖୁସି ମଧ୍ୟ ମିଳିଯିବ, କିନ୍ତୁ ଏତିକି ବୁଝି ପାରନ୍ତି ନାହିଁ ଯେ ସୁଖ ସହିତ ଖୁସିର କିଛିବି ସମ୍ପର୍କ ନାହିଁ । ସୁଖ ବାହାରୁ ମିଳେ, ଖୁସି କିନ୍ତୁ ମଣିଷ ନିଜଭିତରୁ, ନିଜ ହୃଦୟରୁ ପାଏ, ସେଇଠି ଅନୁଭବ କରେ ସେଇ ଅଦଭୁତ, ଅପୂର୍ବ, ଦିବ୍ୟ ଅନୁଭୂତିକୁ ।

ବାରଣ୍ଡାକୁ ଆସିଲା ପରେ ଜୀବନବାବୁଙ୍କ ନଜର ଖବରକାଗଜ ବଣ୍ଡଲଟା ଉପରେ ପଡିଲା । ଖବର କାଗଜବାଲା ତା ସାଇକେଲରେ ବସି ରାସ୍ତା ଉପରୁ ପ୍ରତିଦିନ ଏମିତି ବଣ୍ଡଲକରି ଖବର କାଗଜ ଫୋପାଡି ଦେଇ ଚାଲିଯାଏ । ଯୁଦ୍ଧ ବିରାମ ସତ୍ତ୍ୱେ ପାକିସ୍ତାନ ଯେପରି ମୋର୍ଟାରରୁ ଗୁଳି ଗୋଳା ଛାଡେ, ଛାଡିବାଟା ତା କାମ, ସେଇଟା କେଉଁଠି ପଡିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଏ ମରିବ ସେଥିରେ ତାର କିଛି ଯାଏ ଆସେ ନାହିଁ, ସେପରି ଏଇ ଖବର କାଗଜ ବାଲାଏ । ତୁମ ସୀମା ଭିତରକୁ ଖବର କାଗଜ ଫୋପାଡିବା ତାଙ୍କ କାମ, କିନ୍ତୁ କାଗଜ କୋଉଠି ପଡିବ ତାର କିଛି ଗ୍ୟାରେଣ୍ଟି ନାହିଁ । କାଗଜ କୋଉ ଦିନ ବାରଣ୍ଡାରେ ମିଳେ ତ କେଉଁଦିନ ଲନ୍ ରେ ଥିବା ପିଜୁଳିଗଛରେ ଲଟକୁଥାଏ । କେବେ କେବେ ଲନ୍ ରେ କେଉଁ ଫୁଲଗଛ ତଳୁ ମିଳିଯାଏ । ଖବର କାଗଜଟା କେଉଁଦିନ କେଉଁଠି ମିଳିବ ତାର କିଛି ଠିକଣା ନଥାଏ । ଆଜି ବୋଧେ ଲକି-ଡେ, କାଗଜଟା ବାରଣ୍ଡା ଉପରେ ଠିକ୍ ଜାଗାରେ ମିଳିଗଲା ।

ଖବରକାଗଜ ବଣ୍ଡଲଟା ହାତରେ ଉଠାଇ ସୁମିତ୍ରାଙ୍କୁ ଡାକ ଛାଡି କହିଲେ, ଆରେ ଚା ନେଇ ବାରଣ୍ଡାକୁ ଚାଲିଆସ, ଏଇଠି ଆଜି ଭଲ ସୁଲୁସୁଲିଆ ଥଣ୍ଡାପବନ ବୋହୁଛି । ଚା' ସାଙ୍ଗରେ କିଛି ଫ୍ରେସ ପବନ ବି ପିଇବାକୁ ମିଳିବ ଆଜି, କହି ନିଜେ ଆରାମ ଚୌକିଟାରେ ବସିପଡିଲେ । ଖବରକାଗଜଟା ଖୋଲି ପ୍ରଥମେ 'ଆଜିର ଅନୁଚିନ୍ତା' ପଢିବାକୁ ଆରମ୍ଭ କଲେ । ଏଇଟା ତାଙ୍କର ନିତିଦିନିଆ ଅଭ୍ୟାସ, ପ୍ରଥମେ ନୀତିବାକ୍ୟ ଟାହିଁ ପଢନ୍ତି । ତାଙ୍କୁ ଭଲ ଲାଗେ, ପ୍ରତିଦିନ କିଛି ନୁଆ ଜ୍ଞାନ ମିଳିଯାଏ ସଂସାର ବିଷୟରେ । "କାମନାର ବିନାଶରେ ଦୁଃଖର ବିନାଶ" । ସେଇଠି ଅଟକି ଗଲେ ଜୀବନବାବୁ । ଏଇ ବାକ୍ୟଟି କିଛି ନୁଆ ନୁହେଁ ତାଙ୍କ ପାଇଁ । ପିଲାଟି ଦିନରୁ ପଢି, ଶୁଣି ଆସୁଛନ୍ତି ଗୌତମବୁଦ୍ଧଙ୍କର ଏଇ ପବିତ୍ର ବାଣୀଟି । ଆଜି କିନ୍ତୁ ତାଙ୍କୁ କିଛି ନୂଆ ନୂଆ ଲାଗିଲା । ଖବରକାଗଜଟା ଖୋଲାହୋଇ ପଡିଛି କୋଳଉପରେ ଆଉ ଜୀବନବାବୁଙ୍କ ଆଖିଦୁଇଟି ଶୂନ୍ୟରେ କେଉଁ ଅନ୍ତରୀକ୍ଷରେ ଯାଇ ଅଟକିଯାଇଛି ଯେପରି । ହଠାତ୍ ଗୋଟିଏ ବାକ୍ୟ, ଆଜି ତାଙ୍କୁ ଦାର୍ଶନୀକ କରିଦେଇଛି ସତେ । କଥାଟାକୁ ବାରମ୍ବାର ମନଭିତରେ ଦୋହରାଇ ଚାଲିଛନ୍ତି । ସେଇ ଗୋଟିଏ ପ୍ରଶ୍ନ ମନକୁ ବାରମ୍ବାର ଆସୁଛି । କାମନାର ବିନାଶ କିପରି ହୁଏ ? ସତରେ କଣ କାମନାର ବିନାଶ ହୁଏ ? କାମନାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିନାଶ ହୋଇଗଲେ କଣ ସତରେ ସବୁ ଦୁଃଖ ଚାଲିଯାଏ ଏବଂ ମୋକ୍ଷ ପ୍ରାପ୍ତି ହୋଇଯାଏ ?

ପାଞ୍ଚ ବର୍ଷ ପୂର୍ବର କଥା, କଲେଜ ଗଲାବେଳେ ଟ୍ରାଫିକ ଛକରେ ଗ୍ରୀନ ଲାଇଟକୁ ଅପେକ୍ଷା କରିଥିବା ସମୟରେ ରାସ୍ତାରେ ଛିଣ୍ଡା ଫ୍ରକ ଖଣ୍ଡିଏ ପିନ୍ଧି, ଶୀତରେ ଥୁରୁ ଥୁରୁ ହୋଇ ଛୋଟ ଝିଅଟିଏ ଭୋକରେ କିଛି ଖାଇବାକୁ ମାଗୁଥିଲା । ବିଚାରୀ, ଆଖିରୁ ତାର ଲୁହ ଗଡି ପଡିଲା, ଯେତେବେଳେ ସେ କହିଲା 'ବାବୁ କାଲିଠୁ କିଛି ଖାଇନି, ଭୋକ ଲାଗୁଛି, କିଛି ପଇସା ଦିଅ ଖାଇବାକୁ' । ଜୀବନ ବାବୁ ବି ତରଳି ଯାଇଥିଲେ ତାକୁ ଦେଖି, ତାଙ୍କର ଆଖିବି ଜକେଇ ଆସିଥିଲା । ସେଇ ଛୋଟ ଝିଅଟିର ମୁହଁରେ ତାଙ୍କୁ ନିଜ କୁନି ଝିଅର ମୁହଁ ଦିଶି ଯାଇଗଲା । ସଙ୍ଗେ ସଙ୍ଗେ ତାକୁ ସାଥିରେ ନେଇ ପାଖ ହୋଟେଲରେ ବସେଇ ପେଟଭରି ଖାଇବାକୁ କହିଥିଲେ । ଝିଅଟିର ସାମ୍ନାରେ ବସି ତାକୁ ଏକ ଲୟରେ ଦେଖୁଥାନ୍ତି । ଝିଅଟି ଭୋକ ବିକଳରେ କିପରି ଜଲ୍‌ଦି ଜଲ୍‌ଦି ଖାଇ ଯାଉଥାଏ, ତାର ସମସ୍ତ ଧ୍ୟାନ କେବଳ ସେଇ ଭାତଥାଳି ଉପରେହିଁ ସ୍ଥିର ରହିଥିଲା । ଯେପରି କେଉଁ ଅନାଦି କାଳରୁ ତାର ଏ କ୍ଷୁଧାର୍ତ୍ତ ଜଠର ଭୋକରେ ଜଳୁଛି । ନିର୍ବିକାର ଭାବରେ ତାର ହାତ ଭାତଥାଳିରୁ ପାଟି ଆଉ ପାଟିରୁ ଭାତଥାଳି ପର୍ଯ୍ୟନ୍ତ ଯାଉଛି ଆସୁଛି ଠିକ୍ ଗୋଟିଏ ଯନ୍ତ୍ର ପରି ! ପାଖରେ କିଏ ଅଛି, କିଏ ତାକୁ ଦେଖୁଛି, ଚାରିପାଖରେ କଣ ହେଉଛି, କୌଣସି ଦିଗକୁ ତାର ଧ୍ୟାନ ନାହିଁ, ସମ୍ପୂର୍ଣ୍ଣ ନିର୍ଲିପ୍ତ ନିର୍ବିକାର । ଖାଇ ସାରିଲା ପରେ ତା ଆଖିରେ ଯେଉଁ ତୃପ୍ତି ଓ ଆନନ୍ଦ ଦେଖା ଦେଇଥିଲା, ସେ ଦୃଶ୍ୟ କିଛି ଦିଅଁ ଦର୍ଶନ ଠାରୁ କମ୍ ନଥିଲା ତାଙ୍କପାଇଁ । ତା ଆଖିର ଚମକ୍ ତା ଓଠର ସେଇ ଟିକିଏ ତୃପ୍ତିଭରା ହସ ସତେ ଯେମିତି ଜୀବନବାବୁଙ୍କୁ ଜୀବନର ସମସ୍ତ ଉପଲବ୍ଧିର ଅନୁଭବ ଦେଇ ଦେଇଥିଲା । ଛପନ ଭୋଗ ଖାଇ ସାରିଲା ପରେ ପ୍ରଭୁ ଜଗନ୍ନାଥଙ୍କ ମୁହଁରେ ହୁଏତ ଏ ତୃପ୍ତିର ଭାବ ଦେଖିବାକୁ ମିଳିବ କି ନାହିଁ ଜଣାନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା'ପରେ ଜୀବନବାବୁ ଝିଅଟିକୁ ନେଇ ଗୋଟିଏ ଅନାଥାଶ୍ରମରେ ଛାଡିଦେଇ ଆସିଥିଲେ । ମଝିରେ ମଝିରେ ନିଜେ ଯାଆନ୍ତି ସେଇ ଆଶ୍ରମକୁ, ଝିଅଟିକୁ ଥରେ ଦେଖିଆସିବାକୁ । ତାଙ୍କର ଯେପରି ଗୋଟାଏ ମାୟାର ବନ୍ଧନ ଯୋଡି ହୋଇ ଯାଇଥିଲା ସେଇ ଝିଅଟି ସାଥିରେ । ଥରେ ସୁମିତ୍ରାଙ୍କୁ ବି ସାଥିରେ ନେଇ ଯାଇଥିଲେ ଆଶ୍ରମକୁ । ଝିଅଟିକୁ ଦେଖି ସୁମିତ୍ରାଙ୍କର ମାତୃତ୍ୱ ଜାଗି ଉଠିଥିଲା । ହାତବଢାଇ କୋଳେଇ ନେଇଥିଲେ ତାକୁ, ଜାବୁଡି ଧରିଥିଲେ ଛାତିରେ । ଆଖିରୁ ଲୁହ ଗଡି ଆସିଥିଲା ତାଙ୍କର । ବଡ କରୁଣଭାବେ ପଚାରିଥିଲେ, କି ପାପ କରିଥିଲା ବିଚାରୀ ଏ ନିଷ୍ପାପ ଶିଶୁଟି ? ଏଇଟା କଣ ତାର ଅପରାଧ, ସେ ଝିଅଟିଏ ହୋଇ ଜନ୍ମ ହେଇଗଲା ! ସୁମିତ୍ରା ତା ମୁହଁକୁ ସେମିତି ଅପଲକ ନୟନରେ ଅନେଇ ରହିଗଲେ, କହିଲେ ଏଇ ଝିଅଟିର ନାଆଁ ଆଜିଠାରୁ ମୁଁ ଯାଜ୍ଞସେନୀ ଦେଲି । ସେ କହନ୍ତି, ଏଇ ଝିଅଟି ଦ୍ରୌପଦୀ ପରି ଦ୍ରୁପଦ ରାଜାଙ୍କ ହୋମାଗ୍ନିରୁ ନୁହେଁ ସିନା କିନ୍ତୁ କ୍ରୁର ସଂସାରର ଘୃଣାର ଅଗ୍ନିରୁ ଜନ୍ମିଛି, ଦ୍ରୌପଦୀ ପରି ସେ କୌରବ କୂଳର ନାଶ କରି ପାରିବ କି ନାହିଁ ଜଣାନାହିଁ, କିନ୍ତୁ ତା ମୁହଁର ଜ୍ୟୋତିକୁ ଦେଖ, ସତେ ଯେପରି ଐଶ୍ୱରୀୟ ଆଭା ଝଟକୁଛି ତା ମୁହଁରୁ । ସେ ଯାଜ୍ଞସେନୀ, ସେ କୃଷ୍ଣା, ସୁମିତ୍ରା ଦେବି ଝିଅଟି ଆଡୁ ମୁହଁ ଫେରାଇ ଥରେ ଜୀବନବାବୁଙ୍କ ଆଡକୁ ଅନାଇ କହିଲେ ତୁମେ ତାର ସଖା ହୋଇପାରିବ ? ତା ପାଇଁ କୃଷ୍ଣ ହୋଇ ତାକୁ ଆଗକୁ ବଢିବାରେ ସହାୟତା କରିପାରିବ ? ମୁଁ ଅଛି ତୁମ ସାଥିରେ, ସେ ପଢିବ, ବଢିବ, ବହୁତ ବଡ ମଣିଷଟିଏ ହେବ । ଆମର ଦୁଇଟି ନୁହେଁ ଆଜିଠାରୁ ତିନୋଟି ସନ୍ତାନ । ଅନାଥାଶ୍ରମର ମ୍ୟାନେଜରଙ୍କୁ ବଡ ବିନତି କରି ସେଇଦିନ ତାକୁ ସାଥିରେ ନେଇ ଆସିଥିଲେ ।

ସପ୍ତାହକ ପରେ ସରକାରୀ କାଗଜପତ୍ର ଫରମାଲିଟି ପୁରା ହୋଇଗଲା ପରେ ଆଇନତଃ ସେ ତାଙ୍କର ତୃତୀୟ ସନ୍ତାନ ହୋଇ ଯାଇଥିଲା । ଗେଟିଏ ପୁଅ, ଗୋଟିଏ ଝିଅ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରେ କୃଷ୍ଣା ସେମାନଙ୍କର ଆଉ ଗୋଟିଏ ଝିଅ । ସେତେବେଳେ ଜାଜ୍ଞସେନୀ ଚାରିବର୍ଷର ଥିଲା, ଆଜି ସିଏ ନଅବର୍ଷର ହୋଇଗଲାଣି । ସ୍କୁଲ ଯାଉଛି, କ୍ଲାସରେ ସବୁବେଳେ ଫାଷ୍ଟ ହେଉଛି, ଖେଳକୁଦ ହେଉ କି ନାଚଗୀତ ସବୁଥିରେ ସେ ପାରଙ୍ଗମ । ତା ପାଇଁ ଜୀବନବାବୁ ଓ ସୁମିତ୍ରା ଉଭୟଙ୍କ ମନରେ ଗର୍ବ ଆସେ, ଭଗବାନଙ୍କୁ ଧନ୍ୟବାଦ କହିବାକୁ ମଥା ନଇଁ ଆସେ । ପ୍ରଭୂଙ୍କର କି ବିଚିତ୍ର ଲୀଳା, କାହା ପାଇଁ କାହାକୁ ଗଢିଛନ୍ତି । କୃଷ୍ଣଙ୍କ ପରି ଏଇ କୃଷ୍ଣା କେଉଁଠି କାହା କୋଳରେ ଜନ୍ମହେଲା ଆଉ କାହା କୋଳରେ ବଢୁଛି ! ଝିଅଟିଏ ବୋଲି ତାକୁ ଏମିତ ଅନାଥକରି ଛାଡି ଦିଆଗଲା । କେତେ ହତଭାଗା ସେ ମାଆ ବାପା । ହୀରାକୁ ସାମାନ୍ୟ କାଚର ଟୁକୁଡାଟିଏ ଭାବି ଫୋପାଡିଦେଲେ !

ଜୀବନ ବାବୁ ଭାବୁଥିଲେ ପାଞ୍ଚବର୍ଷ ତଳର ସେଇ ଅନାଥ ଭୋକିଲା ଜାଜ୍ଞସେନୀର କଥା । ସେତେବେଳେ ତାର ଭୋକ, ମୁଠାଏ ଅନ୍ନପାଇଁ ତାର ବ୍ୟାକୁଳ କ୍ରନ୍ଦନ କଣ ତାର କାମନା ଥିଲା ? ତାର ଭୋକ ଯଦି ତାର କାମନା ଥିଲା, ତେବେ ସେଇ କାମନାର ବିନାଶ ସେ କିପରି କରି ପାରିଥାଆନ୍ତା ?? ସେଇ ଭୋକ, ତାର ଖାଇବାର ଇଚ୍ଛା, ତାର କାମନା, ସେଇ କାମନାର ବିନାଶ ହୋଇଥିଲେ ତାର ନିଜର ବି ବିନାଶ ହୋଇ ଯାଇଥାଆନ୍ତା । ତେବେ ତାର ସେଇ ଖାଇବା କାମନାର ବିନାଶର ନାଆଁ କଣ ନିର୍ବାଣ (ମୋକ୍ଷପ୍ରାପ୍ତି) ହୋଇ ଥାଆନ୍ତା ???

ବୁଦ୍ଧ କେବେଠାରୁ ନିର୍ବାଣ ପ୍ରାପ୍ତି କରି ଚାଲିଗଲେଣି । ଆଜି ଜୀବନ ବାବୁଙ୍କୁ ଏ ପ୍ରଶ୍ନର ଉତ୍ତର କିଏ ଦେବ ? ହଁ ସୁମିତ୍ରା, ହୁଏତ ସେ କିଛି କହିପାରିବେ ଏ ବିଷୟରେ । ଜୀବନବାବୁ ସିନା କେମିଷ୍ଟ୍ରିର ଅଧ୍ୟାପକ କିନ୍ତୁ ସୁମିତ୍ରା ତ ଫିଲୋସଫି ପଢାନ୍ତି, ସେ ନିଶ୍ଚୟ ଜାଣିଥିବ ।

ସୁମିତ୍ରା ଦେବୀ ଚା ଦୁଇକପ୍ ନେଇ ବାରଣ୍ଡାକୁ ଆସି ସାମ୍ନା ଟି'ପୟ ଉପରେ ଗୋଟିଏ କପ୍ ରଖିଦେଇ କହିଲେ, ହେଇଟି ଚା' ନେଇଆସିଛି ପିଇନିଅ । ଥଣ୍ଡା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଗଲେ ଆଉ ଥରେ ଗରମ କରିବାକୁ କହିବନି, ଆଗୁଆ କହିଦେଉଛି । ହଠାତ୍ ଜୀବନ ବାବୁ ପ୍ରକୃତିସ୍ଥ ହେଲେ ଯେପରି । କହିଲେ ହଁ ହଁ ପିଉଛି କହି ଚା' କପଟିକୁ ଉଠାଇନେଇ ଢୋକେ ପିଇ ଗୋଟିଏ ଦୀର୍ଘନିଶ୍ୱାସ ଛାଡି କହିଲେ, ଜାଣିଛ ସୁମିତ୍ରା, ଗୌତମବୁଦ୍ଧ ଠିକ୍ କହିଥିଲେ, 'କାମନାର ବିନାଶରେ ଦୁଃଖର ବିନାଶ' ଆମ ମଣିଷ ଜୀବନରେ ସବୁ ଦୁଃଖ ଏଇ କାମନାରୁ ତ ଆସେ । କାମନା ନାହିଁ ତ ଦୁଃଖବି ନାହିଁ, କାମନା ନଥିଲେ, ସବୁ ସୁଖ ମିଳିଯିବ, ନିର୍ବାଣ ବି । ହେଲେ ଏ କାମନାର ବିନାଶ କିପରି ହୁଏ ?

ସୁମିତ୍ରା ଦେବୀ ହୁଁଟିଏ କହି ରହିଗଲେ । ଚା' କପରେ ମୁହଁ ଲଗାଇ ଚା' ଢୋକାଏ ପିଇ କହିଲେ, ଆଉ ଥରେ କୁହ, କଣ କହୁଥିଲ । ଜୀବନବାବୁ କହିବା ଆରମ୍ଭ କଲେ, କାମନାର.... ସୁମତି ଦେବୀ ତାଙ୍କୁ ଅଟକେଇ ଦେଇ କହିଲେ, ନାଇ ନାଇ, ଲାଷ୍ଟ ଲାଇନଟା ଆଉଥରେ କୁହ, ଜୀବନରେ କାମନା ନଥିଲେ.... ଜୀବନବାବୁ କହିଲେ, ହଁ, ହଁ ଜୀବନରେ କାମନା ନାହିଁତ ଦୁଃଖବି ନାହିଁ, ସବୁ ସୁଖ ମିଳିଯିବ, ନିର୍ବାଣ ବି । ସୁମିତ୍ରା ଦେବୀ କହିଲେ ଏଇ ବାକ୍ୟଟା ଆଉଥରେ କୁହ, ଜୀବନ ବାବୁ ପୁଣି ଥରେ କହିଲେ ସେ ବାକ୍ୟଟି, ଏମିତି ଆଉ ଥରେ, ଆଉ ଥରେ କହି କହି ସୁମିତ୍ରା ଦେବୀ ଜୀବନବାବୁଙ୍କ ମୁହଁରୁ ସେଇ ବାକ୍ୟଟିକୁ ଦଶଥର ରିପିଟ କରେଇଦେଲେ । ଶେଷରେ ଜୀବନବାକୁ ବିରକ୍ତ ହୋଇ କହିଲେ, ଆରେ, ତୁମେ କହିବାକୁ କଣ ଚାହୁଁଛ ? ବାକ୍ୟଟାକୁ ବାରମ୍ବାର କହିଲେ କଥାଟା କଣ ବଦଳିଯିବ ? ସୁମିତ୍ରା ଦେବୀ ବଡ ଶାନ୍ତ ସ୍ୱରରେ କହିଲେ ନାହିଁ, କଥାଟା ବଦଳିବ ନାହିଁ, କିନ୍ତୁ ଅର୍ଥ ବଦଳି ଯିବ ।

ଜୀବନବାବୁ ଜିଜ୍ଞାସୁ ଆଖିରେ ସୁମିତ୍ରାଙ୍କ ମୁହଁକୁ ଚାହିଁ ରହିଲେ । ସୁମିତ୍ରା ଦେବୀ କହିଲେ, ଦେଖ, କଥାଟା ବହୁତ ସିମ୍ପଲ, ତୁମେ କହିଲ ଜୀବନରେ କାମନା ନଥିଲେ ସବୁ ସୁଖ ମିଳିଯିବ, ମୋକ୍ଷ ବି । ଏଇଆ ନା' ? ଏତିକି କହି ଜୀବନବାବୁଙ୍କ ମୁହଁକୁ ଚାହିଁଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନବାବୁ ମନେ ମନେ ବାକ୍ୟଟିକୁ ଥରେ ଦୋହରାଇ ନେଇ, କଣ ଟିକିଏ ଭାବି କହିଲେ ହଁ ସେଇକଥା । ତାପରେ ସୁମିତ୍ରା ଦେବି ବାକ୍ୟଟିର ପୋଷ୍ଟମଟମ କରିବା ଆରମ୍ଭ କରିଦେଲେ । କହିଲେ ବାକ୍ୟଟିକୁ ଓଲଟେଇ ଦେଖ, 'ଜୀବନର ସବୁ ସୁଖ ଏବଂ ମୋକ୍ଷପ୍ରାପ୍ତି ପାଇଁ କାମନାର ବିନାଶ କରବାକୁ ହେବ' ଏମିତି ହେବନା ବାକ୍ୟଟି । ଜୀବନ ବାବୁ ଯେପରି କିଛି ହିସାବ କରିବାକୁ ଲାଗିଲେ, ମନେମନେ ବାକ୍ୟଟିକୁ ପୁଣି ଥରେ ଦୋହରାଇ ପରଖିନେଲେ ଏବଂ କହିଲେ, ଏକଜାକଟ୍ଲି ସେଇ କଥା । ସୁମିତ୍ରା ଦେବୀ କହିଲେ, ବାକ୍ୟଟିକୁ ଟିକେ ସରଳ କରିଦେବା । ଜୀବନର ଅସଲ ସୁଖ ଏବଂ ନିର୍ବାଣ ପାଇଁ କାମନାର ବିନାଶ କରିବା । ମାନେ ସୁଖ ଏବଂ ମୋକ୍ଷପ୍ରାପ୍ତି ପାଇଁ, କାମନାର ବିନାଶ କରିବା । ତେବେ 'କାମନାର ବିନାଶ କରିବା' କାର୍ଯ୍ୟଟି କଣ ଏକ କାମନା ନୁହେଁ ? କିଛି ପାଇବା ପାଇଁ ଆଶା କରିବା ଏବଂ ସେଥିପାଇଁ କିଛି କରିବା ତ କାମନା, ନା' କଣ କହୁଛ ?? ଜୀବନବାବୁ ବାଧ୍ୟ ଶିଷ୍ୟଟିଏ ପରି ମୁଣ୍ଡ ହଲାଇ ହଁ କହିଲେ ।

ସୁମିତ୍ରା ଦେବି ପଚାରିଲେ, ପୁଣି ଏଇ ନୂତନ କାମନାର ବିନାଶ ପାଇଁ ଆଉ କଣ କରିବ ? ଯେମିତି ଯାହା କଲେବି, ଶେଷରେ ଏମିତି ଏକ ନୁଆ କାମନା ପୁଣି ମୁଣ୍ଡ ଟେକି ଉଠିବ । ଠିକ୍ ପିଆଜର ପାଖୁଡା ଛଡେଇଲା ଭଳି । ଅସଲ କଥା ହେଲା କାମନାଠାରୁ ମଣିଷର ମୁକ୍ତି କେବେବି ସମ୍ଭବ ନୁହେଁ । ମଣିଷ କାମନା ଠାରୁ ଯେତେ ଦୂରକୁ ଯିବାପାଇଁ ଚେଷ୍ଟା କରିବ କାମନା ସେତେ ତୀବ୍ର ଗତିରେ ତାର ପିଛା କରିବ, ଠିକ୍ ଯେପରି ନୀରିହ ମୃଗ ଶାବକ ପଛରେ କ୍ଷୁଧାର୍ତ୍ତ ସାର୍ଦ୍ଦୁଳ ତାର ପିଛାକରେ । କାମନା ଯେପର୍ଯ୍ୟନ୍ତ ମଣିଷକୁ ନିଜର ବଶିଭୂତ କରି ନନେଇଛି ସେ ପର୍ଯ୍ୟନ୍ତ ତୁମର ପିଛା ଛାଡିବନି । ଆହୁରି ଅଧିକ ପାଇବାର ଇଚ୍ଛା ମଣିଷର ସହଜାତ ପ୍ରବୃତ୍ତି ଏବଂ ଏହି ପ୍ରବୃତ୍ତି ସମସ୍ତ କାମନାର ଜନନୀ । କିନ୍ତୁ ମଣିଷ ଯଦି କାମନାର ବଶବର୍ତ୍ତୀ ନହୋଇ କାମନାକୁ ନିଜର ବଶିଭୂତ କରିପାରିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେବେ ମୋକ୍ଷ ପ୍ରାପ୍ତି ହେବକି ନାହିଁ ଜାଣେନି କିନ୍ତୁ ଜୀବନରେ ଶାନ୍ତି ଏବଂ ଖୁସି ନିଶ୍ଚିନ୍ତଭାବେ ପ୍ରାପ୍ତ କରିପାରିବ ।

ନିର୍ବାଣର କାମନା କରି ବୁଦ୍ଧ ସମସ୍ତ କାମନାର ବିନାଶ କରିପାରିଥିଲେ କି ନାହିଁ ଜଣାନାହିଁ । ନିର୍ବାଣର କାମନାକରି ସେ ନିର୍ବାଣ ପାଇଥିଲେ କି ନାହିଁ କିଏ ଜାଣେ ? କିନ୍ତୁ ମୁଁ ଯାହା ଭାବେ, ସେଇଟା ହେଉଛି, "କାମନାର ବିନାଶରେ ଦୁଃଖର ନୁହେଁ, ବରଂ ଜୀବନର ବିନାଶ ହୋଇଥାଏ" କିମ୍ବା କଥାଟାକୁ ତୁମେ ଏମିତି ବି କହିପାର, 'ଜୀବନର ବିନାଶ ପରେ କାମନାର ବିନାଶ' । ମଣିଷ ମଲାପରେ କାମନା ବି ମରିଯାଏ । ମଲା ମଣିଷର ଆଉ କଣ କିଛି କାମନା ଥାଏ ? ଅସଲ କଥା ହେଲା, ଏଇ କାମନା ହିଁ ମଣିଷକୁ ଜୀବିତ ରଖିଛି । ଜୀଇବାର ଇଚ୍ଛା ଏକ କାମନା । ଭୋକ ଲାଗିଲେ ଖାଇବାର ଇଚ୍ଛା ତ କାମନା, ଶୀତ ଲାଗିଲେ ଘୋଡେଇ ହେବାର ଇଚ୍ଛାବି ତ କାମନା ! ଭଗବାନଙ୍କର ଆଶିର୍ବାଦ, କରୁଣା ପ୍ରାପ୍ତ କରିବାର ଇଚ୍ଛା ବି କାମନା । ଜୀବନରେ ସୁଖ ଭୋଗିବା, କଷ୍ଟ ନପାଇବା ବି କାମନା । ପରିବାରକୁ ସୁଖି ରଖିବା, ସନ୍ତାନଙ୍କୁ ଯୋଗ୍ୟ କରିବା ଏସବୁତ କାମନା ?

କେଉଁ କାମନାର ବିନାଶ କରିବ ମଣିଷ ? ଆଉ ରହିଲା କାମନାର ବିନାଶରେ ନିର୍ବାଣ ବା ମୋକ୍ଷ ପ୍ରାପ୍ତି ହେବା କଥା । ତୁମକୁ ଚାର୍ବାକଙ୍କର ଥିଓରୀ ବିଷୟରେ କହି ଦେଉଛି, ଚାର୍ବାକ କହନ୍ତି ; "ନ ସ୍ୱର୍ଗେ ନାପବର୍ଗେ ବା ନୈବାତ୍ମା ପରଲୌକିକଃ । ନୈବ ବର୍ଣ୍ଣାଶ୍ରମାଦୀନାଂ କ୍ରୀୟାଶ୍ଚ ଫଳଦାୟିକାଃ ।।" ଅର୍ଥାତ୍ ସ୍ୱର୍ଗ ଅବା ନର୍କ ଏପରି କିଛି ସ୍ଥାନ ନାହିଁ, ନା ମୋକ୍ଷ ବୋଲି କିଛି ଥାଏ, ନା ପରଲୋକ ଯିବା ପାଇଁ କିଛି ଆତ୍ମା ଥାଏ । ନା ବ୍ରାହ୍ମଣ ଆଦି ଚାରିବର୍ଗ ମାନସିକତା ଏବଂ ବ୍ରହ୍ମଚର୍ଯ୍ୟ, ଗର୍ହସ୍ଥ୍ୟ ଆଦି ଚାରି ଆଶ୍ରମରେ ପାଳନ କରାଯାଇଥିବା କର୍ମର କୌଣସି ଫଳ ପରଲୋକରେ ମିଳିଥାଏ । ଏ ସବୁ କେବଳ ଶୁଣାକଥା ଏହାର କେହି ପ୍ରତକ୍ଷଦର୍ଶୀ ନାହିଁ । ଚାର୍ବାକ ଠିକ ତ କହିଛନ୍ତି । ଏ ସବୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥ୍ୟର କେହି ପ୍ରତ୍ୟକ୍ଷଦର୍ଶୀ ଅଛି ?

ଅସଲ କଥା କଣ ଜାଣିଛ ? ମଣିଷର ଅନେକ କାମନା, ଏବଂ ସେଇ ସବୁ କାମନାକୁ ପୂର୍ଣ୍ଣ କରିବାପାଇଁ ମଣିଷ କର୍ମବି କରେ, ଏବଂ କର୍ମଫଳ କାମନା ବି କରେ । ଇପ୍ସିତ ଫଳ ନମିଳିଲେ ଭାଙ୍ଗିପଡେ, ଦୁଃଖି ହୋଇଯାଏ, ଗୀତାରେ ଭଗବାନ କୃଷ୍ଣଙ୍କ ବାଣୀକୁ ଦୋହରାଏ । 'କର୍ମଣ୍ୟେବାଧିକାସ୍ତେ ମା ଫଳେଷୁ କଦାଚନ' । ଆମେ ଗୀତାର ଏଇ ବାଣୀଟିର ସବୁବେଳେ ମିସ-ଇଣ୍ଟରପ୍ରେଟେସନ କରିଆସିଛୁ । 'କାମ କରିଯାଅ ଫଳର ଆଶାକରନା' । କହିଲ ଦେଖି, ଫଳର ଆଶା ନଥିଲେ କିଏ କାହିଁକି କର୍ମକରିବ ? ଦରମା ମିଳିବାର ଆଶା ନଥିଲେ କିଏ କାହିଁକି କାମ କରିବାକୁ ଯିବ ? ପାଶ୍ କରିବାକୁ କି ପରୀକ୍ଷାରେ ପୋଜିସନ ରଖିବାର ଆଶା ବା କାମନା ନଥିଲେ କିଏ କାହିଁକି ପାଠପଢାରେ ଅଧିକ ପରିଶ୍ରମ କରିବ ? ଆମେ ଯେଉଁଟାକୁ କାମ କହୁ, ଅସଲରେ ସେଇଟା କାମନାଦ୍ୱାରା ହିଁ ପ୍ରେରିତ ହୋଇଥାଏ । କର୍ମ ସର୍ବଦା ସକାମ । ବାକି ରହିଲା କର୍ମଫଳର ଆଶା କରିବା । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି 'କର୍ମଣ୍ୟେବାଧିକାରସ୍ତେ' ଅର୍ଥାତ୍ ତୁମର ଅଧିକାର କେବଳ ତୁମର କର୍ମ କରିବା ପର୍ଯ୍ୟନ୍ତ ସୀମିତ । କର୍ମ ମଣିଷର ଅଧୀନ, ସେପରି ଫଳ ପ୍ରଦାନ କରିବା ଅନ୍ୟ ବ୍ୟକ୍ତିର ଅଧୀନରେ ଥାଏ । ଯେପରି ତୁମେ ପରୀକ୍ଷା ଦେଲ । ସେଇଠି ତୁମର ଅଧିକାର ସୀମା ସମାପ୍ତ । ତାପରେ ଫଳଦେବା ଅଧିକାର ପରୀକ୍ଷକ ହାତରେ । କର୍ମ ଯଦି ଠିକ୍ ଭାବେ କରାଯାଇଛି ଫଳ ମଧ୍ୟ ଉତ୍ତମ ମିଳିବ, ଏଥିରେ ଆଶା ନିରାଶାର ପ୍ରଶ୍ନହିଁ ନାହିଁ । କିନ୍ତୁ ଆମେ ସବୁ ଓଲଟାକରୁ, ଆମେ କର୍ମକରୁ ଏବଂ ସଙ୍ଗେ ସଙ୍ଗେ ଫଳବି ଆମ ଅଧିକାରରେ ଥିଲାଭଳି ମନେକରୁ । ସେଇଠି ଆମେ ଦୁଃଖକୁ ଆମନ୍ତ୍ରଣ ଦେଇଦେଉ । ଆତ୍ମ ସମୀକ୍ଷା କରୁନା, ହୁଏତ ଆମର କର୍ମରେ କୌଣସି ତୃଟି ରହିଯାଇଛି, ତାହା ଖୋଜିବାକୁ ଚେଷ୍ଟା କରୁନା । ପୂନଃପ୍ରଚେଷ୍ଟା କରୁନା । ନିରାଶ ହୋଇଯାଉ ଭାଗ୍ୟ ଆଉ ଭଗବାନଙ୍କୁ ଦୋଷ ଦେଇଦେଉ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୌଣସି କାର୍ଯ୍ୟ, ବିନା କାମନାରେ ଆରମ୍ଭ ହୁଏନା । କିଛି ପାଇବାର ଇଚ୍ଛାରଖି ତ ମଣିଷ କର୍ମ କରେ । ସବୁ କର୍ମ ପଛରେ ଏକ ଉଦ୍ଦେଶ୍ୟ ଥାଏ, ତେଣୁ ନିସ୍କାମ କିଛିବି ନଥାଏ । ଭିକାରୀକୁ ଭିକ୍ଷା ଦେବା ପଛରେ ଆମ ମନରେ ଧର୍ମ ଅର୍ଜନର କାମନା ଥାଏ । ମନ୍ଦିରକୁ ଦିଅଁ ଦର୍ଶନ କରିବାକୁ ଗଲେ, ଆମ ମନରେ ଭଗବାନଙ୍କ ପାଇଁ ଭକ୍ତି ଅପେକ୍ଷା କିଛି ପ୍ରାପ୍ତିର କାମନା ଅଧିକ ଥାଏ । ସନ୍ତାନକୁ ଭଲ ସ୍କୁଲରେ ପଢାଇବାରେ ବି ଆମର ସ୍ୱାର୍ଥ ଏବଂ କାମନା ଜଡିତ ଥାଏ । ବନ୍ଧୁମାନଙ୍କ ଆଗରେ ବାହାଦୂରୀ ଦେଖେଇ ହେବା ମୋ ପିଲା ଅମୂକ ସ୍କୁଲରେ ପଢେ ଏଥିରେ ନିଜକୁ ଦେଖେଇ ହେବାର କାମନାଥାଏ । ମଣିଷ ଯେ ପର୍ଯ୍ୟନ୍ତ ଜୀବିତ ଅଛି ତାର କାମନା ତା ସହିତ ରହିବଇ ରହିବ ।

କାମନାର ବିନାଶ ସିନା ହୋଇପାରିବନି କିନ୍ତୁ ସେଥିରେ ଅଂକୁଶ ନିଶ୍ଚୟ ଲଗାଇ ହେବ । ବୁଝିଲ, ଆଜି ମଣିଷ ନିଜର ମୌଳିକ ଆବଶ୍ୟକତାକୁ ଭୂଲିଯାଇଛି । ମଣିଷର କିଛିବି ଅସୁବିଧା ନାହିଁ, ଖାଲି ତା ପାଇଁ ଆବଶ୍ୟକତାର ପରିଭାଷା ବଦଳି ଯାଇଛି । ମଣିଷର ଆବଶ୍ୟକତା କେବଳ ତାର ମୌଳିକ ଆବଶ୍ୟକତା ମଧ୍ୟରେ ସୀମିତ ରହିଯାଇନି । ମନେକର ଯେମିତି ମଣିଷକୁ ଭୋକଲାଗେ, ଖାଇବା ଅର୍ଥ କେବଳ କ୍ଷୁଧା ଶାନ୍ତ କରିବା । କିଛିବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ପେଟ ଭରାଯାଇ ପାରିବ । ମୁଠାଏ ଭାତ, କି ଦୁଇ ପଟ ରୁଟିରେ ମଣିଷର ପେଟ ଭରିଯାଏ, ଭୋକ ବି ଶାନ୍ତ ହୋଇଯାଏ । କିନ୍ତୁ କେବଳ ଭୋକ ମାରିବା କିଏ ଚାହୁଁଛି ? ଜିଭକୁ ସୁଆଦ ବି ଦରକାର, ମନକୁ ବିରିଆନିର ବାସ୍ନା ପାଗଳ କରିଦିଏ, ମଣିଷକୁ ପେଟ ପାଇଁ ଆହାର ନୁହେଁ ପାଟିପାଇଁ ସ୍ୱାଦିଷ୍ଟ ବ୍ୟଞ୍ଜନ ଦରକାର । ଆମେ କେବଳ କ୍ଷୁଧାକଥା ଭାବୁନା, ଆମେ ଭାବୁ ସ୍ୱାଦିଷ୍ଟ, ରୁଚିକର ଆଉ ମହାର୍ଘ୍ୟ ଭୋଜନ । ସ୍ୱାସ୍ଥ୍ୟର କଥା, ସ୍ୱାସ୍ଥ୍ୟ ବର୍ଦ୍ଧକ ପୁଷ୍ଟିକର ଖାଦ୍ୟ କଥା, ମନରେ ଆସେନା ।

ସେମିତି ଆମର ବ୍ୟସନ, ଆମକୁ ଶରୀର ଘୋଡେଇ ହେବାକୁ କେବଳ ବସ୍ତ୍ର ନୁହେଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରଂ ଫେସନ କରିବାକୁ ମହଙ୍ଗା ରଙ୍ଗ ବେରଙ୍ଗର ପୋଷାକ ଦରକାର । ଶରୀର ଆବୃତ ହେଉ ବା ନହେଉ, କିଛି ଯାଏ ଆସେନା । ଶରୀର ଢାଙ୍କିବାକୁ ଯାଇ ଆମେ ନଗ୍ନତା ଆଡକୁ ଗତିକରୁ । କେତେ ଅଧିକ ଢାଙ୍କିବୁ ସେକଥା ନଭାବି କେତେ ଅନାବୃତ ରଖିପାରିବୁ ସେକଥା ଫେସନ ଡିଜାଇନ୍ କଲାବେଳେ ଧ୍ୟାନରେ ରଖୁ । ମଣିଷ ନିଜର ମୁଣ୍ଡ ଗୁଞ୍ଜିବାକୁ ଛାତଟିଏ ଲୋଡେ, ସେଇଟା ଛାଳ ଛପର କି ଲୁହା ସିମେଣ୍ଟର କଂକ୍ରିଟର ଛାତ ସେଥିରେ କିଛି ଫରକ ନଥାଏ, କିନ୍ତୁ ମଣିଷ ଚାହେଁ ରାଜାଉଆସ ପରି ମହଲ । ଆଜି ମଣିଷ ମୌଳିକ ଆବଶ୍ୟକତାର ଅଭାବରୁ କମ୍ ଦୁଃଖି ଏବଂ ବିଳାଶ ପୂର୍ଣ୍ଣ ଜୀବନର ଲାଳସା କାରଣରୁ ବେଶି ଦୁଃଖି । ନେସେସିଟି ଏବଂ ଲକଜୁରୀ ଭିତରେ ଥିବା ଫରକ ଆମକୁ ଜାଣିବାକୁ ହେବ । ଯାହା ଅଛି ସେଥିରେ ଖୁସିରହିବା ଏବଂ ସୁଖିହେବା ଶିଖିବାକୁ ହେବ । ଯାହା ନାହିଁ ତାପାଇଁ ଚେଷ୍ଟା ଅବଶ୍ୟ କରବା, କିନ୍ତୁ ତା ପାଇଁ ଦୁଃଖି ନହେବା ହିଁ ସୁଖର ମାର୍ଗକୁ ସୁଗମ କରିଦିଏ । ସବୁ ଠାରୁ ବଡକଥା ଜୀବନରେ ସନ୍ତୁଷ୍ଟ ରହି ଜାଣିଲେ ଦୁଃଖ କେବେ ବି ପାଖ ମାଡିବନି । ପ୍ରକୃତରେ କାମନାର ବିନାଶ କରିବା ଦରକାର ନାହିଁ, କିନ୍ତୁ କେବେ ବି କାମନାର ଦାସ ହୋଇ ଯାଅନି, ବରଂ କାମନାକୁ ନିଜର ଦାସ କରିନିଅ । ଜୀବନରେ ଖୁସିର ଅଭାବ ରହିବନି ।

ଜୀବନବାବୁ ମନ୍ତ୍ରମୁଗ୍ଧ ହୋଇ କେଉଁ ସାଧୁଙ୍କର ପ୍ରବଚନ ଶୁଣିଲା ପରି ଚୁପ୍ ହୋଇ ସବୁ ଶୁଣୁ ଥାଆନ୍ତି । ଶେଷରେ କହିଲେ, ସୁମିତ୍ରା ତୁମେ ଏଇ ଅଧ୍ୟାପିକା ଚାକିରୀ ଛାଡିଦିଅ । ସୁମିତ୍ରା ଦେବି ଆଶ୍ଚର୍ଯ୍ୟ ହୋଇ ଜୀବନ ବାବୁଙ୍କ ମୁହଁକୁ ଏକ ପ୍ରଶ୍ନିଳ ଆଖିରେ ଚାହିଁ ରହିଲେ, ପଚାରିଲେ କାହିଁକି ? ଜୀବନବାବୁ ଟିକିଏ ହସିଦେଇ କହିଲେ, ତୁମେ ଏତେ ସୁନ୍ଦର ଭାବେ କଥାଟିକୁ ବୁଝେଇଦେଲ, ହୁଏତ ଆଉ କେହି ଏପରି ବୁଝେଇ ପାରି ନଥାନ୍ତା । ଆଜି କାଲି କେତେ ଭଣ୍ଡବାବା ଓଲଟା ସିଧା ପ୍ରବଚନ ଦେଇ ଲୋକଙ୍କୁ ଭୁଆ ବୁଲାଉଛନ୍ତି । ତୁମେ ପ୍ରବଚନ ଦେଲେ ଲୋକେ କିଛି ଭଲକଥା ତ ଶିଖିପାରିବେ, ତାପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁମିତ୍ରା ମାତାଙ୍କର ଜୟବାନାବି ଉଡିବ । କେତେ ଭକ୍ତ ଜମା ହେବେ, ଜୟ ଜୟକାର ହେବ । ସୁମିତ୍ରା ମାତାଙ୍କର ଆଶ୍ରମ, ମନ୍ଦିର, ୟୁନିଭରସିଟି, ମେଡିସିନ, ଧୂପକାଠୀ ଠାରୁ ଦନ୍ତମଞ୍ଜନ ପର୍ଯ୍ୟନ୍ତ ସବୁ ବନିଯିବ । ତୁମେ ଷ୍ଟାର ସେଲେବ୍ରିଟି ହୋଇଯିବ । ସୁମିତ୍ରା ଦେବି ଟିକେ ହସିଦେଇ କହିଲେ, ଥାଉ ବାବା, ମୋର କିଛି ବାବା, ମାତା ହେବା ଦରକାର ନାହିଁ । ଏମିତିରେ ମୁଁ ବହୁତ ଭଲରେ ଅଛି । ବହୁତ ଖୁସି ଅଛି ।

ପଟିଆ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଲପିନ୍

ସୁଧାଂଶୁ ଦ୍ୱିବେଦୀ



ହଠାତ୍ ଦିନେ ଏକ ସରକାରୀ କାର୍ଯ୍ୟାଳୟରେ ଶୋସାଲ ମେଡିଆ ମାଧ୍ୟମରେ ଘଟଣାକ୍ରମଟି ତୀବ୍ର ବେଗରେ ଭାଇରାଲ ହେଇଗଲା ।

ଖବର ଶୁଣିବାକୁ ମିଳିଲା ଅଫିସରେ ଆଲପିନ୍ ନାହିଁ ।

ତ୍ରିପାଠୀ ବାବୁଙ୍କ ଟେବୁଲ ଉପରେ ଦରକାରୀ କାଗଜ ସବୁ ସିଲିଂ ଫେନର ତୀବ୍ର ହାୱାରେ ଫର୍ ଫର୍ ହୋଇ ଉଡୁଥାଏ । କାଗଜ ସମ୍ଭାଳିବାକୁ ଆଲପିନ୍ ଆବଶ୍ୟକ । ଦରକାରୀ କାଗଜକୁ ସଜାଡୁ ସଜାଡୁ ଚିତ୍କାର କଲେ-ଗିରିଧାରୀ ! ଆରେ ମୋ ପାଣି ବୋତଲଟା ଭରିଦେ ! ଆଉ ଷ୍ଟୋର ରୁମରୁ ଆଲପିନ୍ ଡବା ଗୋଟେ ନେଇଆ ।

ଗିରିଧାରୀ ! ଯିଏକି ଅଫିସ ଅପେକ୍ଷା ଅଧିକ ସମୟ ବାବୁଙ୍କ ଘରେ ବାବୁଆଣୀଙ୍କ ସେବାରେ ନିଯୁକ୍ତ ରହେ । ତ୍ରିପାଠୀ ବାବୁଙ୍କ ଡ଼ାକରାରେ ଚଟାପଟ୍ ପ୍ଲାଷ୍ଟିକ ଚେୟାରରୁ ଉଠି ଠିଆହେଲା । ପୁଣି ୩୦ ପାଦ ଷ୍ଟୋର କିପର ଜେନା ବାବୁଙ୍କଯାଏ ଗଲା । ସମ୍ଭବତଃ ତାକୁ ଦକ୍ଷିଣ କୋରିଆରୁ ଉତ୍ତର କୋରିଆ ଯାଏ ଯିବାକୁ ପଡିଲା । ଷ୍ଟୋର କିପର ଜେନା ବାବୁ ଗତ କାଲିରୁ ଚିନ୍ତାମଗ୍ନ । ଷ୍ଟେସନାରୀ ସପ୍ଲାୟର ଗତ ମାସର ବିଲ ପେମେଣ୍ଟ ନେଇଗଲା ଅଥଚ ପୂରା ହିସାବ ଦେଇନାହିଁ । ଗିରିଧାରୀ ଆଲପିନ୍ ଡବା ମାଗିବା ମାତ୍ରେ ଉତକ୍ଷିପ୍ତ ହୋଇ କହିଲେ: ଆଲପିନ୍ ନାହିଁ, ସାରିଯାଇଛି ।

ଆକସ୍ମିକ ଏଭଳି ଘୋଷଣାନାମାରେ ପୂରା ଅଫିସ ହଇଚଇ । ପତି ମାଡାମ ମନେ ମନେ କ୍ରୋଧିତ ହୋଇ ହାତରେ ଧରିଥିବା ଫାଇଲକୁ ଧଡ଼ାସ୍ କରି ଟେବୁଲ ଉପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖିଦେଇ କହିଉଠିଲେ, କାମ କରିବୁ ନା ଛେନାଗୁଡ଼ । ଦେଖ ଏତେବଡ଼ ସରକାରୀ ଅଫିସରେ ସାମାନ୍ୟ ଆଲପିନ୍ ନାହିଁ ।

ସରକାରୀ ଅଫିସରେ ଆଲପିନ୍ ସାରିଯାଇଛି । କାମ କେମିତି ଆଗେଇବ ? ସମସ୍ତ କର୍ମଚାରୀଙ୍କ ମଣ୍ଡରେ ବଜ୍ର ପଡିଲା ଭଳି ଉତ୍ତେଜନା । ତ୍ରିପାଠୀ ବାବୁ ଅଫିସିଆଲି କାଗଜକୁ ଆଉ ସମ୍ଭାଳି ପାରିଲେ ନାହିଁ । ତାଙ୍କ ଟେବୁଲ ଉପରେ, କଡ଼ରେ, ତଳେ କାଗଜ ସବୁ ଗୁଡି ଭଳି ଉଡିବାକୁ ଲାଗିଲା । ଦାସ ବାବୁଙ୍କ ସମ୍ମୁଖ ଚେୟାରରେ ବସିଥିବା ଠିକାଦାର ଏଭଳି ଅଧିକୃତ ଘୋଷଣାନାମା ଶୁଣି ବଦାନ୍ୟ ଅବସ୍ଥାରେ କହିଉଠିଲେ-ସାର ! ଆଲପିନ୍ ମୁଁ ମଗେଇ ଦେଉଛି । ଦାସ ବାବୁ ଠିକାଦାରଙ୍କୁ କଣେଇ ଚାହିଁ ଭଡ଼ଭଡ଼ କଣ୍ଠରେ କହିଲେ-ଖବରଦାର । ଆମ ସରକାରକୁ ଏତେ ଗରିବ ଭାବନ୍ତୁ ନାହିଁ । ସରକାର କଣ ଆପଣଙ୍କ ଭରଷାରେ ଚାଲିଛି ? ଅନ୍ୟମାନେ କଣ ଭାବିବେ । ସରକାର ସାମାନ୍ୟ ଆଲପିନ୍ କିଣି ପାରୁନି । ଆରେ ବାବୁ ଆମେ ସିନା ଘରେ ମିକ୍ସ କିଣି ପାରିବା, କାରଣ ଆମେ ହେଲୁ ଗରିବ, ହେଲେ ସରକାର ନୁହଁ ।

ଆଲପିନ୍ ଶେଷ ହେବା କଥା ବଡ଼ ସାହେବଙ୍କ କାନକୁ ଗଲା । ଷ୍ଟୋର କିପର ଜେନା ବାବୁଙ୍କୁ ଡକାଇ କହିଲେ-ଷ୍ଟେସନାରୀ ଦୋକାନରୁ ମଗାଇଆଣି ବିଲ ଯୋଡିଦିଅ । ଷ୍ଟୋର କିପର ଜେନା ବାବୁ କହିଲେ-ଷ୍ଟେସନାରୀ ଟେଣ୍ଡରର ସମୟ ଅବଧି ଶେଷ ହୋଇ ଯାଇଛି ସାର । ପୁଣି ନୂଆ ଟେଣ୍ଡର ପାଇଁ ଜଏଣ୍ଟ ଡାଇରେକ୍ଟରଙ୍କଠାରୁ ପରମିଶନ ନେବାକୁ ପଡିବ । ବଡ଼ ସାହେବ ଶାନ ହିନ୍ଦୀ ଚଳଚ୍ଚିତ୍ରର ସାକାଲ ଭଳି ଚନ୍ଦା ମୁଣ୍ଡରେ ହାତ ବୁଲେଇ ବୁଲେଇ କହିଲେ-ନୋଟ୍ ସିଟ୍ ତିଆରି କରି ଯଥାଶୀଘ୍ର ଜଏଣ୍ଟ ଡାଇରେକ୍ଟରଙ୍କଠାରୁ ପରମିଶନ ଆଣ ।

ବଡ଼ ସାହେବଙ୍କ ଆଦେଶ ପାଇ ଜେନା ବାବୁ ଆନନ୍ଦ ମନରେ ବାହାରକୁ ଆସିଲେ । ଷ୍ଟେସନାରୀ ସପ୍ଲାଇବାଲା ହିସାବ କିତାବରେ ବଡ଼ ଗୋଳମାଳ କରୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହାବି ହେଉ ଏବେ ପଡୋଶୀ ଦୋକାନୀକୁ ସୁଯୋଗ ମିଳିଯିବ । ଆଉ ପଡୋଶୀ ଦୋକାନୀର ହିସାବ ଟାଇମ ଟୁ ଟାଇମ ହେଇଯିବ ।

ନୋଟ୍ ସିଟ୍ ତୟାର ହୋଇ ଚାଲିଲା ବଡ଼ବାବୁଙ୍କଠାରୁ ବଡ଼ ସାହେବଙ୍କ ଯାଏ..., ପୁଣି ଯାଇ ପହଞ୍ଚିଲା ଜଏଣ୍ଟ ଡାଇରେକ୍ଟରଙ୍କ ପାଖରେ । ଏସବୁ ଅଫିସିଆଲି କାମରେ ଭାଇ । ହେଃ-ଇଏ ଗୋଟେ କି କାମ ? ଯେଉଁ ଅଫିସରେ ଆଲପିନ୍ ନାହିଁ, କାଗଜକୁ ଯୋଡା ଯୋଡି କରି ରଖିବାର ବ୍ୟବସ୍ଥା ନାହିଁ ସେଭଳି ଅଫିସକୁ ଯୋଡିବ କିଏ ?

ଲେଟର ପେଡରେ ନୋଟ୍ ସହିତ ଚାରିଦିନ ପରେ ପରମିଶନ ଆସିଲା । ନୋଟ୍ ରେ ଲେଖାଥିଲା, ଆଲପିନ୍ କ୍ରୟ ବାବଦକୁ ଖବର କାଗଜରେ ବିଜ୍ଞାପନ ଜାରୀ କରାଯାଉ । ଏଥିରୁ ଅନୁମାନ କରା ହେଉଛି ସରକାର ଭାରି ଟାଇଟ୍ । ପ୍ରତିଟି ଜିନିଷ କ୍ରୟ କରିବାରେ ପାରଦର୍ଶିତା ଅନୁସାରେ କରିବାକୁ ପଡୁଛି ।

ଷ୍ଟୋର କିପର ଜେନାବାବୁଙ୍କ ଶଳା ସ୍ଥାନୀୟ ଖବର କାଗଜର ସମ୍ପାଦକ, ପ୍ରତିନିଧି, ପ୍ରକାଶକ ସବୁକିଛି । ଭିଣୋଇକୁ ୬ ମାସ ଧରି ବିଜ୍ଞାପନ ଦେବାଲାଗି ଅନୁରୋଧ କରି ଆସୁଛି । ସରକାରୀ ଅଫିସରେ ଆଲପିନ୍ ଟେଣ୍ଡର କଥା ଶୁଣି ଦେବତାଙ୍କ ଭଳି ହଠାତ୍ ପ୍ରକଟ ହେଲା । ଆଲପିନ୍ କ୍ରୟ କରିବା କୁଟେସନ ପ୍ରସ୍ତୁତି ସହିତ କ୍ୱାଲିଟି, ସାଇଜ, କମ୍ପାନୀ ଆଦି ସଂପୂର୍ଣ୍ଣ ବିବରଣୀ ତା' ଖବର କାଗଜରେ ପ୍ରକାଶ ପାଇଲା । ବିଜ୍ଞାପନ ବାବଦକୁ ୩୦୦୦ ଟଙ୍କାର ଚେକ୍ ବି ତାକୁ ମିଳିଗଲା । ବାହାସ୍ଫୋଟ ମାରି ଜେନା ବାବୁଙ୍କ ଶଳା କହିଲା-ଦେଖ ଭିଣୋଇବାବୁ । ତୁମେ କହୁଥିଲ ନା ସରକାରୀ କାମ ଶୀଘ୍ର ହୁଏ ନାହିଁ । ଗୋଟେ ଦିନରେ କେମିତି ଖତମ ହେଇଗଲା ଦେଖିଲ !

ଟେଣ୍ଡର ଅନୁସାରେ ପଡ଼ିଶୀ ଦୋକାନୀ ସରକାରୀ ଅଫିସରେ ଆଲପିନ୍ ଡବା ଉପଲବ୍ଧ କରାଇ ଫେରିଗଲା । ଷ୍ଟୋରକିପର ଜେନା ବାବୁ ନୂଆ ଟେଣ୍ଡରରେ ଆସିଥିବା ଆଲପିନ୍ ଡବାକୁ ଆଲମାରୀରେ ରଖୁଥାନ୍ତି ହଠାତ୍ ତାଙ୍କ ଦୃଷ୍ଟି ସାଇଡ଼ରେ ଥୁଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିବା ଡବା ପ୍ରତି ପଡିଲା । ଆରେ ଏସବୁ କଣ ? ଆଲମାରୀରେ ୧୦ଟି ଆଲପିନ୍ ଡବା ଥୁଆ ହୋଇଥାଏ । ତାଙ୍କ ମୁଣ୍ଡ ଚକ୍କର ଖାଇଲା । ବିଚରା ତ୍ରିପାଠୀ ବାବୁ, ପତି ମାଡାମ, ଦାସ ବାବୁ ମାନେ ଆଲପିନ୍ ପାଇଁ କେତେ ହଇରାଣ ହରକତ ହେଲେ । ଯଦି ଜାଣିବେ ପୁରୁଣା ଷ୍ଟକ ଥାଉ ଥାଉ ନୂଆ ଆସିଛି ସବୁ ଗୋଳମାଳ ହେଇଯିବ । ତା' ପୂର୍ବରୁ ପୁରୁଣା ୧୦ଟି ଆଲପିନ୍ ଡବାକୁ ଗାୟବ୍ କରିଦେଲେ ସବୁ ଦିଗରୁ ମଙ୍ଗଳ ।

ସେଇଥିପାଇଁ ହେଲା ଜେନା ବାବୁ କୌଶଳକ୍ରମେ ୧୦ଟି ଆଲପିନ୍ ଡ଼ବାକୁ ହରିଲୁଟ କରିଦେଲେ । ସରକାରୀ ହସାବରେ ନୂଆ ଆଲପିନ୍ ଡବା ଆଲମାରୀରେ ମହଜୁଦ ହୋଇ ରହିଲା ।

ବିସି-୭୪, ସଲଟ ଲେକ, କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାର୍ଥପର

ବୀଣା ନାୟକ



ସ୍ୱର୍ଗରୁ ଯେମିତ କୋଉ ଅପ୍ସରୀ ଏହି ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି । ଆଶିଷ ପ୍ରଥମ ଦେଖାରେ ହିଁ ତାଙ୍କୁ ଅପଲକ ନେତ୍ରରେ ଚାହିଁ ରହିଥିଲା । ଗୋରା ତକ ତକ ଚେହେରା, ସୁନ୍ଦର ନାକ, ମୃଗ ନୟନା, ଅଳ୍ପ ଟିକିଏ ଚକା ମୁହଁ, ବେକଟା ଟିକିଏ ଲମ୍ବା, କଳା ମଚ ମଚ ଲମ୍ବା ଅଣ୍ଟା ତଳ ଯାଏ କେଶ, ପଦ୍ମ ପାଖୁଡା ରଙ୍ଗର ଅଧର, ପାଞ୍ଚ ଫୁଟ ଆଠ ଇଞ୍ଚ ଲମ୍ବା ଶରୀର । ପୁରା ସିଲ୍କି ଆକାଶି ରଙ୍ଗର ପ୍ଲେନ ଶାଢୀରେ ଜରି ପକା ବୋଡ଼ର, କୁଞ୍ଚ ଗୁଡିକ ଯେମିତି ନିଜ ନିଜ ରାସ୍ତା ଦେଖି ଦେହଟାକୁ ଜାବୁଡି ଧରିଛି । ସୁଢୋଲ ଉନ୍ନତ ଗ୍ରୀବା ଦର୍ଶାଉଛି ଯେ ନିଜର ଅତୁଳନୀୟ ରୂପ ସାମ୍ରାଜ୍ୟ ଯେମିତି ଅଜାଡି ହୋଇ ପଡିଛି । ଏମିତି ସୁନ୍ଦରତାକୁ ନେଇ କହିବାକୁ ଗଲେ ଯେମିତି ଗୋଟିଏ ଚାଉଳରେ ଗଢ଼ା । ସୃଷ୍ଟିକର୍ତ୍ତା ଗଢିବାରେ କୋଉଠି ଊଣା କରିନାହାନ୍ତି ।

ଏମିତି ଦେଖି ଦେଖି ଆଶିଷ ନିଜ ଭାଗ୍ୟ ଉପରେ ବିଶ୍ୱାସ କରିପାରୁନଥିଲା ଯେ ଏମିତି ଅନିନ୍ଦ୍ୟସୁନ୍ଦରୀ ପାଇଁ ପ୍ରସ୍ତାବ ତା ପାଖକୁ ଆସିଛି । କିନ୍ତୁ ତାଙ୍କ ମାଁ ଯେତେବେଳେ ପୁଅ ପୁଅ କହି ସ୍ନେହରେ ଆଦର କରିବା ଆରମ୍ଭ କରିଦେଲେ, ତେଣୁ ତାଙ୍କର ଆତିଥ୍ୟକୁ ପୁରା ମାତ୍ରାରେ ସ୍ୱୀକାର କରିବାକୁ ଆଶିଷ ଟିକିଏ ମଧ୍ୟ ବିଳମ୍ବ କରିଲେନି ।

ଆଶିଷ ମଧ୍ୟ କିଛି କମ ନଥିଲେ । ଗୌର ବର୍ଣ, ସୁନ୍ଦର ନାକ-ନକ୍ସା, ଘନ କେଶ, ସୁନ୍ଦର ଚେହେରା ଏବଂ ସଭ୍ୟ ଶିଷ୍ଟାଚାର ମିଷ୍ଟ ଭାଷି, ମୋଟାମୋଟି କହିବାକୁ ଗଲେ ସୁଦର୍ଶନ ଯୁବକ । ଅନେକ ରୁପସୀଙ୍କ ଧ୍ୟାନ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜର କହିଲେ ଆଶିଷର କେବଳ ଦୂର ସମ୍ପର୍କୀୟ ପିଉସୀ ହିଁ ଜଣେ ଥିଲେ ଯାହା ସହିତ କେବେ ଅକାଳେ ସକାଳେ ଦେଖା ହେଉଥିଲା । ତାଙ୍କରି ସହିତ ସେ ଅନିଶାଙ୍କ ପରିବାରଙ୍କ ସହ ମିଶିବାକୁ ଯାଇଥିଲେ । କାହାର କିଛି ଆପତ୍ତି ନଥିଲା, ତେଣୁ ଚଟ ମଙ୍ଗନୀ ପଟ ବିଭା ଭଳି କଥାକୁ ଚରିତାର୍ଥ କରି ଅଳ୍ପ ବହୁତ ପାଖ ଲୋକଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟ ସମାପନ ହେଇଗଲା ।

ଅନିଶାର ସ୍ୱାର୍ଥପରତା ଆଶିଷକୁ ଜଣା ଥିଲା । କିନ୍ତୁ ନିଜର ସ୍ନେହ ଆଉ ଭଲପାଇବା ରେ ସେ ସବୁକୁ ଧୋଇ ଦେଉଥିଲା, ଆଶିଷର ଦୃଢ ବିଶ୍ୱାସ ଥିଲା ଯେ ପଦ୍ମ ପତ୍ରରେ ଜଳ କଣୀକା ପରି, ଅନିଶାର ସ୍ୱଭାବକୁ ଅତି ସୁନ୍ଦର ଭାବରେ ସହି ଯାଉଥିଲା । କେବେ କେମିତି ରାଗ ରୁଷା ହେଇଗଲେ ଅନିଶାର ମୁହଁ ଦେଖି ଜାଣି ପାରୁଥିଲା ଆଉ ସେହି କଥାକୁ ଟାଳିବା ପାଇଁ ଗୋଟିଏ କୁଶଳୀ ଯାଦୁଗର ପରି ତାଙ୍କ ଧ୍ୟାନ ଅନ୍ୟ ଦିଗକୁ ନେବାକୁ ବିଳମ୍ବ କରୁନ ଥିଲା । କିମ୍ବା କିଛି ମନୋହର ଜିନଷ ଅତି ପ୍ରେମ ପ୍ରଣୟରେ ତାଙ୍କୁ ଭେଟି ଦେଇ ମନାଇ ନେଉଥିଲା । ଅତି ସୁନ୍ଦର ଭାବରେ ସଂସାରଟା ଚାଲୁଥାଏ । ଭଗବାନଙ୍କ ଦୟାରୁ ତାଙ୍କ ପ୍ରେମ ବାଗିଚାରେ ଗୋଟିଏ ସୁନ୍ଦର ଉପହାର ହୋଇ ଆସିଗଲା ପୁତ୍ର ଶୁଭମ ରୂପରେ ।

ଫାଲଗୁଣ ମାସ ଆରମ୍ଭ ହୋଇଯାଇଛି । ଶୁଭମ ଦୁଇବର୍ଷରେ ପ୍ରବେଶ କଲାଣି । ଅନିଶା ଆଜିକାଲି ଟିକିଏ ଅଧିକ ପ୍ରସନ୍ନ ଦେଖା ଯାଉଥିଲା । ସରଳ ଆଶିଷ ମନକୁ ମନ ନିଜ ସଂସାରକୁ ସବୁଠାରୁ ଧନୀ ବ୍ୟକ୍ତି ମାନୁଥିଲା । ଛୋଟ ପରିବାର ସୁଖୀ ପରିବାର ଏହା ଠାରୁ ଅଧିକ ଭଗବାନଙ୍କ ଠାରୁ ଆଉ କିଛି ଆବଶ୍ୟକ ନଥିଲା ।

କିନ୍ତୁ ଭାଗ୍ୟର ବିଡମ୍ବନା ଏମିତି ଯେ ପୂର୍ବ ସୂଚନା ନଥାଇ ହିଁ ସୁଖୀ ଗୃହସ୍ତିଟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପରେକୁ ଦୃଷ୍ଟି ନିକ୍ଷେପ କରିଛି, ଏହି ସତ୍ୟର ଉଦାରମନା, ଅନଭିଜ୍ଞ ଥିଲା । ସୂର୍ଯ୍ୟ ଦେବଙ୍କର ପ୍ରଖରତା ବଢ଼ି ଯାଇଥିଲା । ପଙ୍ଖା ଲଗାଇଲେ ଶୀତ ଲାଗୁଥାଏ ଆଉ ନଲଗାଇଲେ ଗରମ ଲାଗୁଥାଏ ଏ ଭଳି ତାପ ମାତ୍ରାକୁ ନେଇ ଅନିଶା କହିଲା, "ତୁମର ଆଉ ଶୁଭମର ଶେଜଟା ଉପର ଛାତରେ ପକାଇ ଦେଉଛି, ତଳେ ଗରମ ହେତୁ ସିଏ ଠିକରେ ଶୋଇପାରୁନି । ମୁଁ ଏଇଠି ଶୋଇ ଯିବି ଖୋଲାରେ ଶୋଇବା ମୋର ଅଭ୍ୟାସ ନାହିଁ ।" ଏହା କହି ଅନିଶା ସୁଗୃହିଣୀ ଭଳି ଫୋଲ୍ଡିଂ ଖଟଟି ଝଡା ଝଡି କରି ସ୍ୱଚ୍ଛ ଚନ୍ଦ୍ରମା ଧୌତ ଛାତ ଉପରେ ବିଛାଇ ଦେଇ ଶୁଭମକୁ ଅତି ଆଦର ଆଉ ସ୍ନେହରେ ଶୁଆଇଦେଲା । ରୁପସୀ ଅନିଶାର ଏହି ରୂପ ଦେଖି ଆଶିଷ ନିଜକୁ ଗର୍ବ କରୁଥିଲା, ଏହାତ ସେ ସ୍ୱପ୍ନ ଦେଖିଥିଲା । ସୁନ୍ଦର ଭାର୍ଯ୍ୟା ଆଉ ଗୁଲୁଗୁଲିଆ ଛୋଟ ପୁଅ ଏହା ହିଁ ତ ତାର ଛୋଟ ସଂସାର । ଏମିତି ଭାବନା ରାଜ୍ୟରେ ଘୁରି ବୁଲୁ ବୁଲୁ ନିଘୋଡ଼ ନିଦରେ ଶୋଇ ଯାଇଥିଲା ଆଶିଷ ।

ସକାଳ ପକ୍ଷୀ ମାନଙ୍କର କଳରବରେ ଆଶିଷର ଆଖି ଖୋଲିଗଲା ପାଖରେ ଶୁଭମ ନିଘୋଡ଼ ନିଦରେ ଶୋଇଛି, ତାକୁ କୋଳରେ ଧରି ତଳକୁ ଆସିଲା । ଅତି ସାବଧାନରେ ପଲଙ୍କ ଉପରେ ଥାପୁଡ଼େଇ ଶୁଆଇ ଦେଲା । ଅନିଶା ଗାଧୁଆ ଘରେ ଅଛି । ଆଶିଷ ରୋଷେଇ ଘରକୁ ଯାଇ ଗ୍ୟାସରେ ଚା ବସାଇ ଦେଲା, ପୁଣି ବାଲକୋନିରୁ ଖବର କାଗଜ ଆଣି ଆସିଲା । ଏଯାଏ ଅନିଶା ଗାଧୁଆ ଘରୁ ଆସିନି । ଖୋଲା ଆଲମିରା ଉପରେ ଆଶିଷର ନଜର ପଡିଲା, ଟିକିଏ ଖୋଲା ଅଛି । ଆରେ ବାବା ଇଏ ଅନିଶା ନା... ଆଲମିରାର କବାଟ ବନ୍ଦ କରିବାକୁ ଚେଷ୍ଟା କଲା କିନ୍ତୁ କବାଟ ବନ୍ଦ ହେଉନି କିଛି ଗୋଟିଏ ଲାଗୁଛି । ଭଲରେ ବନ୍ଦ କରିବାପାଇଁ ପୁରା କବାଟ ଖୋଲିଲା, ଦେଖିଲା ଭିତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲକର କବାଟ ଖୋଲା ଅଛି ସେଇଠି ଲାଗିଯାଉଥିଲା । ଲକର ଭିତରେ ମଧ୍ୟ କିଛି ଲାଗୁଥିଲା ଭିତରେ ଦେଖିଲା ବେଳକୁ ସବୁ ଜିନିଷ ଅସ୍ତ ବ୍ୟସ୍ତ ହେଇ ପଡିଛି । ଛାତିଟା ଧକ କରିଗଲା ଆଶିଷର "ଆରେ ଘରେ ଚୋରି ହେଇଗଲା ଆରେ ଏ ଅନିଶା ଅନିଶା, ଶୀଘ୍ର ଆସ, ଆମ ଘରେ ଚୋରି ହେଇଗଲା" କିନ୍ତୁ କୋଉଠୁ କିଛି ଉତ୍ତର ମିଳିଲାନି । ସେ ଚାରିଆଡକୁ ନଜର ବୁଲାଇନେଲା । ଦେଖିଲା ସୁଟକେଶ ମଧ୍ୟ ନାହିଁ, ଅନିଶାର ଅନେକ ଲୁଗା ପଟା ମଧ୍ୟ ନାହିଁ, ଆଉ ଲକରରୁ ସୁନା ଗହଣା, ଟଙ୍କା ପଇସା ଆଉ କିଛି ବି ନାହିଁ । "ଓହଃ ଅନିଶା, ତୁମର ତ ସବୁ ସାମାନ ଚୋରି ହେଇଗଲା" ସବୁ ଆଡ଼େ ବୁଲି ଦେଖିଲା "ଆରେ ଗାଧୁଆ ଘରର କବାଟ ମଧ୍ୟ ଖୋଲା ଅଛି ।" ପୁଣି ବାହାର କବାଟ ପରଖିଲା କେବଳ କବାଟଟାକୁ ଚାପି ଦିଆଯାଇଛି ଗେଡା ଦିଆ ଯାଇନି । "ଅନିଶା ତୁମେ କୋଉଠି ଅଛ ?" ଯେତେବେଳେ ଦୃଷ୍ଟି ପଡିଲା ଡ୍ରେସିଙ୍ଗ ଟେବୁଲ ଉପରେ ଗୋଟିଏ ଧଳା କାଗଜ ପଡିଛି ଆଉ ସେଥିରେ ଅଳ୍ପ କିଛି ଲେଖା ଅଛି, କାଗଜ ଖଣ୍ଡିକ ଉଠାଇ ଆଶିଷ ପଡିଲା ସେଥିରେ ଲେଖା ଥିଲା, "ଆଶିଷ ମୁଁ ଚାଲି ଯାଉଛି ବିକାଶ ପୁଣି ଫେରି ଆସିଛି ମୋତେ ନେବାପାଇଁ । ସେ କରିଥିବା ଭୁଲ ପାଇଁ ବହୁତ ଅନୁତପ୍ତ ଆଉ ଦୁଃଖ ପ୍ରକାଶ କରିଛି । ଏବେ ମୋତେ ଆଉ ସେ ଧୋକା ଦେବନି । ନିଜକୁ ବୁଝାଇବା ପାଇଁ ବହୁତ ଚେଷ୍ଟା କଲି, କିନ୍ତୁ ମୋତେ ଯେମିତି ଲାଗିଲା ମୁଁ ତାଙ୍କ ବିନା ରହି ପାରିବିନି । ମୋତେ ଖୋଜିବା ପାଇଁ ଜମା ଚେଷ୍ଟା କରିବନି । ଶୁଭମ ତୁମକୁ ଲାଗିଲା । "ଆଶିଷକୁ ବାସ୍ତବିକତା ଯେମିତି ଆତ୍ମସାତ କରିବାକୁ ବସିଛି, ପାଦ ତଳର ମାଟି ଯେମିତି ଖସି ଯାଉଛି । ନିର୍ବଳ ପାଦ ଦୁଇଟା ଦେହର ଭାର ବୋହିବା ପାଇଁ ଅସମର୍ଥ ହୋଇ ପଡିଛି ତେଣୁ ସେ ନିଷ୍ପଦରେ ଶେଜଟା ଉପରେ ବସିଗଲା । ଭାବିବା ଆଉ ବୁଝିବା ଶକ୍ତି କ୍ଷୀଣ ହେଇ ଯାଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମ୍ପୁଥିବା କାୟା ଭିତରେ ସହସ୍ର ଭୂମିକମ୍ପ ହୋଇ ଆଗ୍ନେୟଗିରିର ଲାଭା ପ୍ରବାହିତ ହେଉଥାଏ । କଣ କରିବ, କୁଆଡେ ଯିବ । ଅବୋଧ ଶୁଭମ କେମିତି ବଞ୍ଚିବ ବିନା ମାତୃତ୍ୱରେ । କଣ ପ୍ରେମ ଆଗରେ ଅନିଶାର ମାତୃତ୍ୱ ଏତେ ତୁଚ୍ଛ ହେଇଗଲା ଯେ କ୍ଷୀର ପିଉଥିବା ସନ୍ତାନର ମୋହ ମଧ୍ୟ ସେହି ମୁଢମତୀର ଗୋଡ଼ରେ ବେଢ଼ି ବାନ୍ଧି ପାରିଲାନି । ଆଶିଷର ନିଛକ, ସୀମାହୀନ ପ୍ରେମ ମଧ୍ୟ ତାକୁ ତାର ସେହି ହାରାମି ପୂର୍ବ ପ୍ରେମିକ ପାଖକୁ ଯିବାପାଇଁ ରଖିପାରିନଥିଲା, ଯିଏ ତାକୁ ପ୍ରତାରଣା କରିଥିଲା । ତା ପରେ ମଧ୍ୟ ଅନିଶାର ମାଁ ବାପାଙ୍କ ଆଗ୍ରହହେତୁ ଆଶିଷ ତାଙ୍କ ଝିଅର ବିବାହର ପ୍ରସ୍ତାବ ସ୍ୱୀକାର କରିଥିଲା । ଅପମାନ, କ୍ଷୋଭ ଆଉ ଯନ୍ତ୍ରଣାରେ ଯେମିତି ସେ ଅଙ୍ଗାର ହେଇଗଲା । ଏମିତି କୁଟିଳ ସ୍ୱାର୍ଥୀ ସ୍ତ୍ରୀକୁ ଶବକ ଶିଖାଇବା ଆବଶ୍ୟକ ହେବ । କୋର୍ଟରେ ଅନେକ ଓକିଲ ସାଙ୍ଗ ଅଛନ୍ତି । ବାରିଷ୍ଟର ପଣ୍ଡାଙ୍କ ସହିତ ମଧ୍ୟ ଚିହ୍ନା ପରିଚୟ ଅଛି । ଏମିତି କିଛି କରିବା ପାଇଁ ଚିନ୍ତା କରିବା ସମୟରେ ପଲଙ୍କ ଉପରେ ଶୋଇଥିବା ଶୁଭମ ହାଂବୁଡି ହାଂବୁଡି ଗେଲରେ ଆଶିଷର କୋଳ ଭିତରେ ପଶି ଆସିଲା । କ୍ଷୀର ଖାଇବା ପାଇଁ ଖୋଜି ହେଲା । ଛୋଟ ଅବୋଧ ଛୁଟା କେମିତି ଜାଣିବ ତା ବାପାର ବର୍ତ୍ତମାନର ଅବସ୍ଥା କଣ ଜୀବନ ଗତିପଥଟା କେମିତି ଓଲଟ ପାଲଟ କରିଦେଇଛି । ଆଶିଷ ବ୍ୟାକୁଳତାରେ ସେହି ସୁକୋମଳ ଛୁଆଟାକୁ ହୃଦୟରେ ଜାବୁଡି ଧରି ଭୋ ଭୋ ହୋଇ ଅତି କରୁଣତାର ସହ କାନ୍ଦି ପକାଇଲା । ସିଏ ଭଗବାନଙ୍କ ଠାରୁ ଆଉ କିଛି ବି ଆଶା କରୁନଥିଲା । କୌଣସି ନିର୍ଣ୍ଣୟରେ ଉପନୀତ ହେଇ ପାରୁନଥିଲା ଆଶିଷ । ଛାତିକୁ ପଥର କରି ସହିବାକୁ ହେବ ସବୁ ଦୁଃଖକୁ ତାକୁ ସାମନା କରିବାକୁ ହେବ । ଏବେ ଆଶିଷ ଦୃଢ଼ତାର ସହ ନିଷ୍ଚୟ କରିନେଲା । "ହଁ ହଁ ଶୁଭମ, ମୁଁ ପାଳିବି ତୋତେ, ଆଜିଠାରୁ ମୁଁ ହିଁ ତୋର ବାପା ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଁ । ଆଜିଠାରୁ ତୁ ହିଁ ହେବୁ ମୋର ତପସ୍ୟା ।"

ରୋଷଇ ଘରକୁ ଯାଇ ଶୁଭମ ପାଇଁ କ୍ଷୀର ବୋତଲ ତିଆରି କରିଦେଲା, ତାକୁ ଗୋଡ଼ରେ ଶୁଆଇଦେଇ କ୍ଷୀର ପିଆଇ ଦେଲା । ଶୁଭମକୁ ଗାଧୁଆ ପାଧୁଆ କରି ନିଜେ ମଧ୍ୟ ରେଡି ହେଇଗଲା । ଅଫିସରୁ ସପ୍ତାହ ପାଇଁ ଛୁଟି ଦରଖାସ୍ତ ପଠାଇ ଦେଲା । ନିଜ ଅଫିସ ପାଖରେ ଥିବା ଚାଇଲ୍ଡ କେରରେ ନେଇ ଶୁଭମର ଏଡମିଶନ କରିଦେଲା । ଏବେ ପ୍ରତେକ ଦିନ ସେଠାକୁ ଯାଇ ମେଡମଙ୍କ ସହିତ, ଅନ୍ୟ ଛୁଆଙ୍କ ସହ, ପରିଚାରିକାଙ୍କ ସହିତ ଶୁଭମର ମିଳା ମିଶା ବଢ଼ିବାରେ ଲାଗିଲା, ଛୁଆମାନଙ୍କ ସହ ଖେଳୁଥିଲା । ଚାରି ପାଞ୍ଚ ଦିନ ଭିତରେ ଶୁଭମ ପରିବେଶ ସହିତ ମିଶିଗଲାଣି ।

ତାଙ୍କ ଅଫିସର ସାଙ୍ଗ ସାଥି ବୁଝାଇବାକୁ ଲାଗିଲେ । "ତୁ ଦ୍ୱିତୀୟ ବିବାହ କରିନିଏ. ଶୁଭମ ଏବେ ବହୁତ ଛୋଟ ଅଛି । ତାକୁ ପାଳିବୁ କେମିତି ? ଏବେ ତୋ ବୟସ ମଧ୍ୟ କଣ ହେଇଯାଇଛି, ସାରା ଜୀବନ ପଡିଛି ।" କିନ୍ତୁ ଗୋଟିଏ ବାପାର ହୃଦୟରେ ଏବେ ଗୋଟିଏ ମାଁର ଆନ୍ତରିକତା ବସି ଯାଇଥିଲା । ନାହିଁ ସେ ନିଜ ପୁଅକୁ ଗୋଟିଏ ସାବତ ମାଁ ହାତରେ ସମର୍ପି ପାରିବ ନାହିଁ । ପାଷାଣ ହୃଦୟ ନେଇ ସେ କେତେ ଝିଅଙ୍କ ବିବାହ ପ୍ରସ୍ତାବକୁ ମନା କରିଦେଇଛି ।

ରାତି ହେଲେ ଶୁଭମ ଶୋଇବା ସମୟରେ ମାଁ କୋଳ ଅଭାବକୁ ଝୁରି ହେଉଥିଲା କାନ୍ଧରେ ଅନିଶାର ଶାଢ଼ୀଟାକୁ ପକାଇ ତାକୁ ଥାପୁଡ଼େଇ ଥାପୁଡ଼େଇ ରାତିସାରା ଉଜାଗର ରହୁଥିଲା । ଶୁଭମକୁ ଗାଧୁଆ-ପାଧୁଆ,ଗୀତ ଗାଇ ଶୁଣାଇବା, ନେପକିନ ବଦଳାଇବା, ଏହିସବୁ ଗୋଟିଏ ବୈରାଗୀ ତପସ୍ୱି ଭଳି ଜୀବନରେ କେବଳ ଧର୍ଯ୍ୟର ସହକାରେ ନୀତି ଦିନିଆ କାମରେ ପରିଣତ ହେଇଗଲା । ଅଫିସ ଯିବା ପାଇଁ ରେଡି ହେଉ ଥିବା ସମୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟିଏ ଗୋଡ଼ ଘରେ ଆଉ ଗୋଟିଏ ଗୋଡ଼ ରୋଷଇ ଘରେ ରହୁଥିଲା । ଶୁଭମ ପାଇଁ ଗରମ ପାଣୀ, ଦିଓଲି ପାଇଁ କ୍ଷୀର ବୋତଲ, ଜଳଖିଆ, ଖାଇବା ପାଇଁ ଟିଫିନ ଏହିସବୁ ପେକ କରି ଅତି ତର ତର ହୋଇ ଚାଇଲଡ କେରରେ ଅନିଚ୍ଛା ସତ୍ୱେ ଅତି ଆଦରର ପୁଅକୁ ଅପରିଚିତଙ୍କ ହାତରେ ସମର୍ପି ଦେଉଥିଲା । ମାଁକୁ ହେଉଥିବା କଷ୍ଟ ଭଳି ତା ହୃଦୟକୁ ମଧ୍ୟ କଷ୍ଟ ହେଉଥିଲା ।

"ମେଡମ, ମୋ ପୁଅକୁ ମୁଁ ଦେଇଥିବା ବୋତଲର ପାଣି ହିଁ ପିଆଇବେ", "ମେଡମ ଆଜି ମୋ ପୁଅର ପେଟ ଖରାପ ଅଛି ଖେଚୁଡ଼ିକୁ ଛାଡି ଆଉ କିଛି ଖୁଆବେ ନାହିଁ ।" ଯାଉଥିବା ସମୟରେ ପୁଣି ଫେରିଆସି" ମେଡମ ଯେତିକି କ୍ଷୀର ମୋ ପୁଅ ପିଇବ ସେତିକି ହିଁ ଦେବେ ଜବରଦସ୍ତି ଅଧିକା ପିଆଇବେ ନାହିଁ, କାହିଁକିନା ତା ପେଟ ଖରାପ ଅଛି ନା ।" ଅଫିସରେ କାମ କରୁଥିବା ସମୟରେ ମଝିରେ ମଝିରେ ଚାଇଲଡ କେର ଆସି ପୁଅ ଶୁଭମକୁ ଦେଖି ଯାଉଥିଲା ।

ମାଁ ନଥିବା ଗୁଲୁଗୁଲିଆ ପୁଆଟା ଉପରେ ଚାଇଲଡ କେରର ଦୀପ୍ତି ମେଡମଙ୍କୁ ବହୁତ ଶ୍ରଦ୍ଧା ଆଉ ଦୟା ଆସୁଥିଲା । ଘରକୁ ଗଲାପରେ ମଧ୍ୟ ଅଭାଗାଟା ମାଁର ସ୍ନେହ, ଶ୍ରଦ୍ଧାରୁ ବଞ୍ଚିତ ରହୁଛି, ଏମିତି କଥା ଭାବି ଭାବି ଦୀପ୍ତିଙ୍କ ହୃଦୟଟା ଭିତରେ ଗୋଟିଏ ଆନ୍ଦୋଳନ ସୃଷ୍ଟି କରୁଥିଲା । ଏଇଥି ପାଇଁ ସେ ସ୍ୱାଭାବିକ ଠାରୁ ଅଧିକ ଆନ୍ତରିକତାର ସହ ଯତ୍ନ ନେଉଥିଲା ଶୁଭମର । "ଆଶିଷ ସାର, ଡ଼ାଇରୀ ଲେଖାହେଇଛି ଆସନ୍ତା କାଲି ସ୍କୁଲରେ ୟେଲୋ ଡେ ପାଳନ କରୁଛି, ସେଇଥିପାଇଁ ଆସନ୍ତା କାଲିକୁ ଶୁଭମକୁ ହଳଦିଆ ରଙ୍ଗର ପୋଷାକ ପିନ୍ଧାଇ ଆଣିବେ । ଆଜି ଶୁଭମର ଗଳା ଖରାପ ଅଛି, ଆପଣ ଶୋଇବା ପୂର୍ବରୁ ତା ଛାତିରେ ଭିକ୍ସ ଲଗାଇ ଦେବେ, ଦିନବେଳା ମୁଁ ଲଗାଇ ଦେଇଛି ", "ଆଶିଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାର, ଆଜି ଗଣିତ ହୋମ ୱାର୍କ ପୁରା ହେଇନାହିଁ, ତିନୋଟି ପ୍ରଶ୍ନ ଏବେ ବାକି ଅଛି, ଆପଣ ଟିକିଏ ଦେଖି ନେବେ । ସନ୍ଧ୍ୟାରେ ଘରକୁ ଫେରିଲା ପରେ ଦୀପ୍ତି ମେଡ଼ମଙ୍କ ସବୁ ସୂଚନା ମିଳିଯାଉଥିଲା ।

ଶୁଭମ ଏବେ ବାର ବର୍ଷରେ ପଦାର୍ପଣ କରିଲା । ଯୋଉ ଅବସମ୍ଭାବି କଥାକୁ ଆଶିଷ ଆଜିଯାଏ ଟାଳି ଯାଉଥିଲା, ସେହି ଅନାଧିକୃତ ଦୁଃସାହସ କଥା ଆଜି ତା ଆଗରେ ଉପସ୍ଥିତ ହେଇଗଲା । ଶୁଭମ ସ୍କୁଲରୁ ଆସୁ ଆସୁ ସେହି ପ୍ରଶ୍ନ ଉଠାଇଲା ଯୋଉଟା କି ଆଜିପର୍ଯ୍ୟନ୍ତ ବଡ଼ ଚାଲାକ ଭାବରେ ଟାଳି ଦେଉଥିଲା ଆଶିଷ ।

"ବାପା, ମାଁ କୋଉଠି ଅଛି ? ତାଙ୍କ ବିଷୟରେ ମୋତେ କହୁନ କାହିଁକି ?"

"ପୁଅ .... " ଆଶିଷ କିଛି କହିବା ପୂର୍ବରୁ ହିଁ ଶୁଭମ ଚମକି ଉଠିଲା, "ନାହିଁ ବାପା, ମୋତେ ସବୁ ସତ କଥାଟା କୁହ ।" ଯେମିତି ଗୋଟିଏ ଦୋଷୀ ଛାତ୍ର ଦୋଷକୁ ଲୁଚାଇବା ପାଇଁ ଭାବିଥିବା ଉପାୟ ଆଗରେ, ନିରୀକ୍ଷକଙ୍କ କଡା ପ୍ରଶ୍ନ ଆଗରେ ଲୁଚିଯାଏ, ଠିକ ସେଇଭଳି ଆଶିଷ ନିଜର ମିଛ ଉତ୍ତର ଶୁଭମର ଜିଦ ଆଗରେ ଫସର ଫାଟିଗଲା ।

"ବାପା ମୋତେ ଗୋଟି ଗୋଟି କରି ସବୁ ସତ ସତ କଥା କୁହ ।" ଆଶିଷ ବୁଝିଗଲା ଯେ ଏତେ ବର୍ଷ ଧରି ଅତି ଯତ୍ନରେ ଲୁଚାଇଥିବା ତା ମାଁର ଅପକୀର୍ତ୍ତି ଆଜି ତା ପାଖରେ ପହଞ୍ଚି ଯାଇଛି । ଏବେ ଆଉ କିଛି ଚାରା ନାହିଁ ତା ପୁଅ ଆଗରେ ସବୁ ସତ କଥାକୁ ଲୁଚାଇ ରଖିବାରେ । ଆଜି ଶୁଭମ ପୁର୍ଣରୂପରେ ଅତୀତର କାହାଣୀ ଜାଣିଲେ ହିଁ ଶାନ୍ତି ହେବ। ଅଜାଣତରେ କେତେ ସମୟ ଯାଏ ବାପା ପୁଅ ଦୁହେଁ ଅତୀତର କାହାଣୀ ଭିତରେ ବୁଡ଼ିଯାଇଥିଲେ, ଉଭୟେ କାନ୍ଦୁଥିଲେ ।

ସମୟ ନିଜ ଅବାଧ ଗତିରେ ଚାଲିଥାଏ । ଆଶିଷର ପରିଶ୍ରମ ସଫଳତା ଆଡକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଲାଣି । ଆଜି ଶୁଭମ IAS ଅଧିକାରୀ ହୋଇ ଉଚ୍ଚ ପଦ ଉପରେ ବସିଗଲାଣି । ଏବେ ତାର ପାଳି, ବାପାଙ୍କର ଜୀବନସାରା କରିଥିବା ତ୍ୟାଗର ଋଣ ଶୁଝିବା ପାଇଁ । ଆସନ୍ତା ସପ୍ତାହରେ ବାପାଙ୍କ ସହ ତାକୁ ମିଳିଥିବା ବଡ଼ ସରକାରୀ କ୍ୱାର୍ଟରକୁ ଚାଲିଯିବେ । ଆଜି ସନ୍ଧ୍ୟାରେ ଶୁଭମ ଗୋଟିଏ ବିବାହ କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ଯାଇଥିଲା । ସେ ଘରକୁ ଆସୁ ଆସୁ ବହୁତ ରାତି ହେଇଯାଇଥିଲା । ବାପାଙ୍କ ରୁମକୁ ଯାଇ ଦେଖିଲା ସେ ଶୋଇ ଯାଇଥିଲେ । ଭାବିଲା ସକାଳେ କଥା ହେବ ।

ସକାଳୁ ଶୁଭମ ବାପାଙ୍କ ପାଖକୁ ଯାଇ କହିଲା "ବାପା କାଲି ମୁଁ ମାଁକୁ ଭେଟିଲି । ସେ ମଧ୍ୟ ସେହି ବାହା ଘରକୁ ଆସିଥିଲା ।" ଆଶିଷ ଶାନ୍ତ ହେଇଯାଇଥିଲା । ପୁଣି ଗୋଟିଏ ଜଟିଳ ପରିସ୍ଥିତି । ସେ ଗମ୍ଭୀର ହେଇଗଲା ଦୁହିଁଙ୍କ ଭିତରେ ନୀରବତାର ବାତାବରଣ ଖେଳିଗଲା । କିନ୍ତୁ ଆଶଙ୍କିତ ଆଶିଷ ଜାଣି ଯାଇଥିଲା ଯେ ସେହି ସ୍ୱାର୍ଥପର ସ୍ତ୍ରୀଟା ସବୁବେଳ ଭଳି ନିଜକୁ ନିରୀହ ଭଳି ଦେଖାଇଥିବ । ନିଜର କଥାର ଚାତୁରୀରେ ଫସାଇ ଦେଇଥିବ, ନିଜର IAS ପୁଅର ହୃଦୟ ଭିତରେ ନିଜ ପାଇଁ ଦୟା ପୂର୍ଣ ସହାନୁଭୂତି ଉପୂର୍ଣ କରି ସ୍ଥାନସଂରକ୍ଷଣ କରିନେଇଥିବ । ସେହି ମୌନତା ଭିତରେ ନିଜକୁ ପ୍ରସ୍ତୁତ କରି ନେଇଥିଲା ଯାହା ଆଗକୁ ଆସୁଥିବା ଯେକୌଣସି ଅପ୍ରିତିକର ପରିସ୍ଥିତି ପାଇଁ ।

"ବାପା, ମାଁ ମୋ ସହିତ ରହିବାକୁ ଚାହୁଁଛି । ସାରା ଜୀବନ ମୋ ଅଭାବରେ ରହିଛି, ଆଜିକାଲି ବହୁତ ଅସୁବିଧାରେ ଅଛି । ତେଣୁ ମୁଁ ଭାବୁଛି, ତାଙ୍କୁ ନୂଆଁ କ୍ୱାର୍ଟରକୁ ଡାକି ଦେବି । ଆପଣଙ୍କ ପାଖରେ ତ ଏହି ଘରଟା ଅଛି ।"

ଗୋଟିଏ ତପସ୍ୱିର ସମ୍ପୂର୍ଣ ଜୀବନଟା କେବଳ ତ୍ୟାଗରେ ଚାଲିଗଲା । କେବଳ ଗୋଟିଏ ସ୍ୱାର୍ଥପର ମାଁ ପାଖରେ ବଳି ପଡିଗଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇଏ କି ପ୍ରେମ

ସିଦ୍ଧେଶ୍ୱର ତ୍ରିପାଠୀ



ସ୍ୱିଟି ଜଣେ ବିବାହିତା ନାରୀ ତାର ଘରେ ଦୁଇଟି ଛୋଟ ଛୋଟ ଝିଅ ଅଛନ୍ତି । ଏକଥା ଜାଣିଲା ପରେ ବି ମିଲନ ତା ପ୍ରେମରେ ପଡି ଯାଇଥିଲା । ସ୍ୱିଟିର ସ୍ୱାମୀ ଦିଲ୍ଲୀରେ ଚାକିରୀ କରନ୍ତି । ସେ କିନ୍ତୁ ଦୁଇଝିଅଙ୍କ ସହିତ କଟକରେ ରୁହେ । ମଝିରେ ମଝିରେ ବର୍ଷକୁ ଦିଚାରି ଥର ସ୍ୱାମୀ ଘରକୁ ଆସନ୍ତି । ସଂସାର ଠିକ୍ ଠାକ ଚାଲିଥାଏ । ମିଲନ ଏଇ କଟକରେ ଚାକିରୀ କରେ ଗାଁରେ ତାର ଯୌଥ ପରିବାର ଗହଳି କୁଟୁମ୍ବ ଘର । ପିଲାଦିନୁ ବହୁ ଅଭାବ ଅନାଟନରେ ଚଳି ସେ ମଣିଷ ହୋଇଛି । ଆଉ ହଁ ସ୍ୱିଟି ଆଉ ମିଲନର ଘର ପୁରା ପାଖାପାଖି ଦୁହେଁ ଭଡା ଘରେ ରୁହନ୍ତି ।

ଧିରେ ଧିରେ ସମୟ ବିତେ ଘଣ୍ଟାରୁ ବ୍ୟାଟେରୀ ସରିଲେ ସେଥିରେ ନୂଆ ବ୍ୟାଟେରୀ ପଡେ ଆଉ ବର୍ଷ ଶେଷରେ ପୁରୁଣା କ୍ୟାଲେଣ୍ଡର ବଦଳରେ ଘରକୁ ନୂଆ କ୍ୟାଲେଣ୍ଡର ଆସେ । କେବେ କେବେ ସଉଦା କେବେ କେବେ ଭଲମନ୍ଦ ଏସବୁ ସ୍ୱିଟି ଘରକୁ ଆସେ ତାହାପୁଣି ମିଲନ ହାତରେ । ପ୍ରଥମେ ଏରୁଣ୍ଡି ବନ୍ଧ ପାଖେ କିଛି କଥା ସୋଫା ଉପରକୁ ଯାଉ ଯାଉ  କିଛି କଥା ଖାଇବା ଟେବୁଲ ଯାଏଁ ବି ଯାଏ । କେବେ କେବେ ମିଲନର ଟଙ୍କା ଦରକାର ହେଲେ ସେ ସ୍ୱିଟିଠୁ ଉଧାର ନିଏ ପୁଣି ସମୟ ସୁବିଧା ଦେଖି ସୁଝିଦିଏ । ଭାବ ଟିକେ ଅଧିକ ବଢେ ଫେସବୁକରେ ବି ବନ୍ଧୁତା ଯୋଡି ହୁଏ । ଆଉ ହ୍ୱାଟ୍ସଆପରେ ବି, ଘଣ୍ଟା ଘଣ୍ଟା ଚାଟିଙ୍ଗ ବଢେ ସ୍ୱିଟିର ପରିସ୍ଥିତି ଆଉ ଏକେଲାପଣର ସୁଯୋଗ ଆଉ ଏ କୁଆଁରା ବୟସ  ଯେପରି ପରସ୍ପରକୁ ଆକର୍ଷଣ କରୁଥାଏ ଭିତରେ ଭିତରେ ।

ହାଲୋ ହାଏ ଗୁଡ୍ ମର୍ନିଙ୍ଗ ଗୁଡ୍ ନାଇଟର ବାର୍ତ୍ତା ଧିରେ ଧିରେ ସ୍ୱର ବଦଳାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁତ ଆଗରେ ପହଞ୍ଚେ । ମାତାମ ବହୁତ ଭଲଟା ଆସି ଧନ ଆଜି ବହୁତ ସୁନ୍ଦର ଦିଶୁଛରେ ବଦଳି ଯାଏ । ନାଲି ପାନପାତ୍ର ଚିତ୍ର ଦିଆନିଆ ଆଉ ଚୁମ୍ବନ ଚିତ୍ର ଦିଆନିଆ ପରେ ଧିରେ ଧିରେ ସମୟ ସାଥିରେ ଦୁହେଁ ଦୁହିଁଙ୍କ ପାଇଁ ପାଗଳ ହୋଇଯାଆନ୍ତି । ତାପରେ ଫୋନ କଲରେ ରାତିସାରା କଥା ବାର୍ତ୍ତା ଆଉ ଶେଷରେ ଭିଡିଓ କଲ । ଦୁଇ ଝିଅଙ୍କୁ ଶୁଆଇ ଦେଇ ରାତି ଅଧରେ ସ୍ୱିଟି ଯାଇ ବାଥରୁମରେ ପହଞ୍ଚେ ଆଉ ମିଳନର ବାରମ୍ବାର ଅନୁରୋଧରେ ଭିଡିଓ କଲରେ ଚାଲେ ଫ୍ଲାଇଂ କିସ୍ । ତାପରେ ସ୍ୱିଟି ଦେହରୁ ଶାଢ଼ୀ ଖୋଲେ ଗୋଟେ ପର ପୁରୁଷ ପାଖରେ ଅଜାଡି ଦିଏ ଦେହର ଦହନକୁ । ଆଉ ଏଇ ଦହନରେ କୁହୁଳିବାକୁ ସତେ ଯେମିତି ବ୍ୟାକୁଳ ଥାଏ ମିଳନ । ଧିରେ ଧିରେ କଥା ଆଗକୁ ବଢେ । ଚିତ୍ରିତ ଘଟଣା ସତ ସତିକା ଘଟେ । ସବୁଦିନ ଠିକ୍ ରାତି ଏଗାର ବେଳକୁ ଏ ସହରଟା ନିରବ ହେଇଗଲା ପରେ ମିଳନ ସ୍ୱିଟି ଘରକୁ ଚାଲିଯାଏ । ତାପରେ ଦୁହିଁଙ୍କ ଆଲିଙ୍ଗନରେ ରାତି ଆଗକୁ ବଢେ । ରାତି ସାଥିରେ ମିଳନର ଓଠ ଛୁଇଁ ଚାଲିଥାଏ ସ୍ୱିଟିର ଅଷ୍ଟାଙ୍ଗ ଶରୀରକୁ । କିଛି ମିଛି ମିଛିକା ବିରୋଧ ପରେ ସ୍ୱିଟି ଲୋଟିଯାଏ ମିଳନ କୋଳରେ । ଦୁହିଁଙ୍କ ଦୀର୍ଘ ନିଶ୍ୱାସ ଆଉ ଫୁସ ଫୁସ କଥା ଆଉ ମୁରୁକା ହସରେ ରାତି ଆଗକୁ ବଢେ । ଗଙ୍ଗଶିଉଳି ଫୁଲଗୁଡା ଫୁଟି ମହକି ଝରିବା ବେଳକୁ ମିଳନ ସ୍ୱିଟି ଘର ଛାଡ଼ି ନିଜ ଘରେ ଆସି ଶୋଇଯାଏ । ଏ ସ୍ୱିଟିଯେ ଜଣେ ବିବାହିତା ନାରୀ, ଅନ୍ୟ କାହାର ସ୍ତ୍ରୀ ଦୁଇଟି ସନ୍ତାନର ମାଆ ଜାଣିଲା ପରେବି ମିଳନ କିନ୍ତୁ ସ୍ୱିଟି ମୋହରେ ପାଗଳ । ଯୋଉ ମୋହ ପାଇଁ ସେ ଆଜି ମହାପାପୀ ହୋଇବି ଖୁସି ।

ସମୟ ମିଳିଲେ ମିଳନ ଦିଚାରି ଦିନ ଛୁଟିରେ ଗାଁକୁ ଯାଏ କୁଣିଆ ମୈତ୍ର ଘର ବୁଲି ଆସେ । ଆଉ ସ୍ୱିଟିର ସ୍ୱାମୀ ମହାନ୍ତି ବାବୁ ଘରକୁ ଆସିଲେ ଆଠ ପନ୍ଦର ଦିନ ରୁହନ୍ତି କେତେ କୁଆଡେ ବୁଲିବାକୁ ଯାଆନ୍ତି । ଦୁଇ ଝିଅ ଆଉ ନିଜ ସ୍ତ୍ରୀର ଯତ୍ନ ନିଅନ୍ତି । ଆଉ ଏଇ ଦିନଗୁଡା ସ୍ୱିଟି ଆଉ ମିଳନ ପାଇଁ ଭାରି କଷ୍ଟ ଦାୟକ ହୋଇପଡେ । ଦୁହେଁ ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବାଧରେ ମିଳାମିଶା କରି ପାରନ୍ତି ନାହିଁ । ପରକୀୟା ପ୍ରୀତିର ନିଶାରେ ମସଗୁଲ ହୋଇଥିବା ଦୁଇଟି ମଣିଷ ଭାରି ଛଟପଟ ହୁଅନ୍ତି ଯାହା । କିଛି ଦିନ ପରେ ମହାନ୍ତି ବାବୁ ଫେରି ଯାଆନ୍ତି ତାଙ୍କ କର୍ମଭୂମିକୁ । ପୁଣି ଚାଲେ ମିଳନ ଆଉ ସ୍ୱିଟିର ଅବାଧ ମିଳାମିଶା । ସତ କେବେ ଲୁଚି ରହେନା ଏକଥା ଦାଣ୍ଡରେ ପଡି ହାଟରେ ଗଡ଼ ଗଡେଇଲାଣି । କଥା ଯାଇ ପହଁଚିଲା ମହାନ୍ତି ବାବୁଙ୍କ କାନରେ । ମହାନ୍ତି ବାବୁ ଘରକୁ ଆସିଲେ ଘରେ ତୁମ୍ବି ତୋଫାନ । ମହାନ୍ତି ବାବୁ ସ୍ତ୍ରୀ ଆଉ ଦୁଇ ଝିଅଙ୍କୁ ନେଇ ଦିଲ୍ଲୀ ଚାଲିଗଲେ । କିଛିଦିନ ସବୁ ଠିକ୍ ଠାକ ଚାଲିଲା ।

ହେଲେ ଏବେ କଥା ଆଉ ଗୋଟେ ପ୍ରକାରେ ସ୍ୱିଟି ଏବେ ଘର ପରିବାର ସୁଖର ସଂସାର ସ୍ୱାମୀ ଆଉ ଦୁଇ ଝିଅଙ୍କୁ ଛାଡି ମିଳନ ସାଙ୍ଗରେ ଫେରାର । ଏସବୁ ଜାଣିଲା ପରେ ମହାନ୍ତି ବାବୁଙ୍କର ହଠାତ ମୃତ୍ୟୁ ହୋଇଛି । ଗଣମାଧ୍ୟମ ପ୍ରତିନିଧି ଆଉ ସ୍ଥାନୀୟ ବିଧାୟକଙ୍କ ସହଯୋଗରେ ମହାନ୍ତି ବାବୁଙ୍କ ବୁଢା ବାପ ମା ଭେଣ୍ଡା ପୁଅର ଶବକୁ ଗାଁକୁ ଆଣି ସଂସ୍କାର କରିଛନ୍ତି । ବୁଢା ବୁଢ଼ୀ ଦିଇଟା ଏ ବୟସରେ ଦୁଇ ନାତୁଣୀଙ୍କ ଯତ୍ନ ନେଉଛନ୍ତି । ସେମାନଙ୍କ ଅନ୍ତେ ପିଲା ଦିଇଟାଙ୍କ ଭବିଷ୍ୟତ ଯେ  କ'ଣ ହବ । ଲୋକ ସବୁ ଛି ଛି କରୁଛନ୍ତି । ଦେଖ ହୋ ଇଏକି ପ୍ରେମ ସେ ମହାନ୍ତି ଘର ବୋହୁଟା ଦିଇ ଦିଇଟା ପିଲାର ମାଆ ହେଇ ସାରିଲା ପରେ ପିଲା ଗେରସ୍ତକୁ ଛାଡି ସେ ଛତରା ଟୋକା ସାଙ୍ଗରେ ଚାଲିଗଲା । ଏବେ ପୁଣି ଲୋକ ସବୁ ଟୁପୁର ଟାପର ହଉସନ୍ତି ପରା ସିଏ କୁଆଡେ ସେ ମିଳନ ସାଙ୍ଗରେ ରିଲସ ଏ ଯୋଉ ଭିଡିଓ ମ ଫେସବୁକ ଇନ୍‌ସଟାଗ୍ରାମ  ଏମିତି କେତେ କୋଉଥିରେ ଛାଡୁଛି । ସେଥିରେ ପୁଣି ଗୀତ ବାଜୁଛି ତୁମେ ହିଁ ସ୍ୱର୍ଗ ମୋର ତୁମେ ଦେବତା ମୋର । ଗୋଟେ ହସିଲା ପୁରିଲା ସଂସାରକୁ ନିଜ ହାତରେ ଛାରଖାର କରି କି ସୁଖ ପାଇଲା କେଜାଣି । ଇଏକି ପେରେମକୁ ପାଉଛି ।

କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା, ୭୦୦୮୩୧୫୦୪୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୋଟ୍

ସରସ୍ୱତୀ ପଣ୍ଡା



ବାହାରେ ଖୁବ ବର୍ଷା । ଚାରିଆଡ଼େ ବହଳ ଅନ୍ଧାର । ଘଡଘଡି ଶବ୍ଦରେ ଛାତିରେ ଛନକା । ଏଇତ ଭୟରେ ଆଖିପତା ବୁଜିଦେଲି । କାନରେ ହାତ ଦେଇଦେଇ ଭାବୁଛି ସେଇ ବର୍ଷାଭିଜା ସନ୍ଧ୍ୟାକୁ । ତମେ ଆଉ ମୁଁ ଗୋଟିଏ ଛତା ତଳେ ଠିଆ ହୋଇଥିଲେ । ତମେ ମୋ ମୁଣ୍ଡ ଉପରେ ତୁମ ଛତାକୁ ଟେକି ଧରିଥିଲ । ଛୋଟିଆ ଛତାଟି ଦୁହିଁଙ୍କୁ ସମ୍ପୂର୍ଣ ସୁରକ୍ଷା ଦେଇ ପାରୁନଥିଲା ହେଲେ ତମେ ମୋତେ ଭିଜିବାକୁ ଦଉ ନଥିଲ । ଧୀରେ ଧୀରେ ଆମେ ଚାଲୁଥିଲେ ବେଳେ ବେଳେ ତମେ ମୋର ଏକାନ୍ତ ନିକଟ ହୋଇଯାଉଥିଲ ଯେ ତୁମ ଉଷ୍ମ ନିଃଶ୍ୱାଶ ମୋତେ ଆନମନା କରୁଥିଲା । ହଠାତ ଢୋ କରି ଘଡ଼ ଘଡିଟାଏ ଦେଲା ଯେ ଭୟରେ ମୁଁ ତୁମକୁ କୁଣ୍ଢେଇ ଧରିଲି । ଛାନିଆରେ ତୁମ ହାତରୁ ଛତାଟା ଖସିପଡ଼ିଲା ଆଉ ଦୁହେଁ ଭିଜିଲେ । ଚକ ଚକ ବିଜୁଳି ଆଲୁଅରେ ରାସ୍ତା ଚାଲୁଥିଲେ ଆମେ । କୋହଲା ପବନରେ ଦେହ ଥରୁଥିଲା ତୁମର ବେଶୀ ବେଶୀ କାରଣ ତୁମ କୋଟ୍ ଟି ମୋତେ ପିନ୍ଧିବାକୁ ଦେଇଥିଲ । ମୋତେ ହଷ୍ଟେଲରେ ଛାଡ଼ି ତୁମେ ଫେରିଗଲ । ହେଲେ ରହିଗଲା ମୋ ପାଖରେ ତୁମ କୋଟ । ଆଜିବି ସାଇତି ରଖିଛି ତାକୁ ଅତି ଯତ୍ନରେ, କାରଣ ତୁମେ କେବେ ମାଗିନ କି ମୁଁ ଦେଇନି । ପରଦିନ କଲେଜ ଗଲାବେଳେ ବାଟରୁ ଛତାକୁ ଆଣିଲି ସେଇଠି ସେମିତି ପଡିଥିଲା ବୋଧେ ମୋତେ ଅପେକ୍ଷା କରିଥିଲା । ତୁମେ ଆଜି ବହୁତ ଦୂରେ । ତୁମେ ମୋତେ ମନେ ରଖିଛ କି ନାହିଁ ଜାଣିନି ହେଲେ ବର୍ଷା ଆସିଲେ ସେଇ ଛତା ନେଇ କଲେଜ ଯାଏ । ତୁମ ହାତର ସ୍ପର୍ଶ ଅନୁଭବ କରେ ।

ଆଉ ସେଇ କୋଟ୍ ରୁ ତୁମ ଦେହର ବାସ୍ନା ମୋତେ ପାଗଳ କରେ, ହେଇତ ମୋ ଦେହରେ ତୁମ କୋଟ୍---

ଶ୍ରୀରାମପୁର, ମଙ୍ଗଳପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ପୁଷ୍ପଲତା ମିଶ୍ର



ଆକାଶରେ କଳା ହାଣ୍ଡିଆ ମେଘ ସାଙ୍ଗକୁ ନିର୍ଜନ ରାତି, ମୁହଁକୁ ମୁହଁ ଦେଖାଯାଉନି, ତୁହାକୁ ତୁହା ବର୍ଷା ସହ ତାଳ ଦେଇ ବଢ଼ି ଚାଲିଛି ସୁନୀତାର ଗର୍ଭ ଯନ୍ତ୍ରଣା । କଣ କରିବ ସୁଧୀର ତାକୁ ବୁଦ୍ଧି ବାଟ କିଛି ଦିଶୁନି । ରିକ୍ସା ଚଳେଇ ପେଟ ପୋଷୁଥିବା ସୁଧୀର ଦାସ ଏ ପରିସ୍ଥିତିରେ କରିବ ବା କଣ ? ଅଟୋ, ମୋ ବସ ଯେବେ ଠାରୁ ଚାଲିଲାଣି ସେବେ ଠାରୁ ରିକ୍ସାର ଚାହିଦା କମି ଯାଇଛି, କିଏ ବା ପଚାରେ ରିକ୍ସାକୁ ........ । ରୋଜଗାର ବି ଆଉ ହଉ ନାହିଁ ।

ତା ପରେ, ରିକ୍ସା ଖଣ୍ଡକ ବି ଭାଙ୍ଗି ଗଲାଣି । ସଜାଡିବାକୁ ହାତରେ ଧନ ନାହିଁ, ଏଇ ପନ୍ଦର ଦିନ ହେଲା ଜଣେ ବାବୁଙ୍କ ସହାୟତାରେ ତାଙ୍କ ଗାଡ଼ିଟିକୁ ଆଣି ଶିଖି ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିଛି । ସେଇ ବାବୁଙ୍କ ପାଖକୁ ଚାଲିଲା ସୁଧୀର ଛତା ଖଣ୍ଡେ ଧରି । ବର୍ଷାକୁ ଖାତିରି ନ କରି । ବାବୁ ସବୁ ଶୁଣି ଗାଡି ସହ କିଛି ଟଙ୍କା ସୁଧୀରକୁ ଦେଲେ ।

ତାପରେ ସେମିତି କଷ୍ଟ ପାଉଥାଏ ସୁନୀତା, ସେଇ ଗାଡିରେ ସୁନିତାକୁ ନେଇ ପହଁଚିଲା ବଡ଼ ମେଡ଼ିକାଲରେ, ସେ ଦିନ ଥିଲା ଗଣେଶ ଚତୁର୍ଥୀ । ତାର ପୁଅଟିଏ ହେଲା, ଖୁସିରେ ନାଚିଗଲା ସୁଧୀର । ସେ ପୁଣି ଗଣେଶ ଚତୁର୍ଥୀ ଦିନ ଗଣେଶଙ୍କ ପରି ବିଦ୍ୱାନ ହେଉ ମୋ ପୁଅ । ଠାକୁରଙ୍କୁ କୋଟି କୋଟି ଦଣ୍ଡବତ କଲା ସୁଧୀର ।

ତା ପରେ, ସୁଧୀର ଓ ସୁନୀତା ପୁଅକୁ ଭଲ ମଣିଷ କରିବା ପାଇଁ ଆପ୍ରାଣ ଚେଷ୍ଟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରି ମନରେ ସଂକଳ୍ପ କଲେ ଯେନ ତେନ ପ୍ରକାରେଣ ପୁଅକୁ ଡାକ୍ତର କରିବେ । ଏଇ ଆଶା ନେଇ ସୁଧୀର ଗାଡି ଚଲାଏ ଆଉ ସୁନୀତା ପରଘରେ ବାସନ ମାଜି ଅକ୍ଳାନ୍ତ ପରିଶ୍ରମ କରି ଲାଗି ପଡ଼ିଲେ ପୁଅ ମନୋଜକୁ ଡାକ୍ତର କରିବା ପାଇଁ ।

ତା ପରେ ସୁଧୀରର ସ୍ୱପ୍ନ ସଫଳ ହେଲା । ଏ ମନ ଭାବୁଥାଏ ଯାହା କାଳେ ପ୍ରାପତ ହୁଏ ତାହା । ଡାକ୍ତର ପୁଅ ପାଇଁ ସୁନ୍ଦରୀ ଗୁଣବତୀ ଝିଅ ଦେଖି ପୁଅର ବାହାଘର ମଧ୍ୟ କରି ଦେଲେ । ସୁଧୀର ତ ଗରିବ ମଳିମୁଣ୍ଡିଆ ଲୋକ ହେଲେ ପୁଅ ତ ନାମକରା ଡାକ୍ତର । ସେହି ଭଳି ଲୋକଙ୍କୁ ପାର୍ଟିରେ ଡାକିବାକୁ ପଡ଼ିବ । ଶେଷରେ ସୁଧୀର କରଜ କରି ଆଣିଥିବା ଗାଡି ଖଣ୍ଡକ ବିକି ଦେଲା । ସେଇ ଟଙ୍କାରେ ଧୁମ୍ ଧାମରେ ପୁଅର ବାହାଘର ଭୋଜି ସହ ବୋହୁପାଇଁ ସୁନା ହାର କରି ସରିଲା ପରେ ସୁଧୀର ହୋଇଗଲା ନିଃସ୍ୱ ।

ତା ପରେ ପୁଅ ଅଧିକ ପଢ଼ିବା ପାଇଁ ବିଦେଶ ଚାଲିଗଲା, ଘରେ ରହିଗଲେ ସୁଧୀର, ସୁନୀତା ଆଉ ବୋହୁ ଅଞ୍ଜଳି । ଡାକ୍ତର ମନୋଜର ଅନୁପସ୍ଥିତିରେ ବୋହୁ ଅଞ୍ଜଳି ନିର୍ଯାତନା ଦେଇଚାଲିଲା ଶାଶୁଶଶୁରଙ୍କୁ ...... । ସେ ଧନୀ ଘରର ଝିଅ ତ ! ମାନି ନେଇ ପାରିଲାନି ଏମାନେ ତାର ଶାଶୁ ଶଶୁର ଆଉ ଗୁରୁଜନ ବୋଲି.. ।

ଚାକର ପରି ଖଟେଇଲା । ନିଜେ ଅୟସ କଲା । କ୍ଲବ୍ ପାର୍ଟିରେ ଦିନ ସରେ ଅଞ୍ଜଳିର, ମନୋଜ ଯେବେ ଫୋନକରେ ଅଞ୍ଜଳିକୁ ବାପାମାଆ କେମିତି ଅଛନ୍ତି ତାଙ୍କ କଥା ବୁଝୁଥିବ । ସେମାନେ ଭଲରେ ଅଛନ୍ତି କହି ଫୋନ କାଟିଦିଏ ଅଞ୍ଜଳି । ସରଳ ବିଶ୍ୱାସୀ ମନୋଜ ବୁଝି ପାରେନା ଅଞ୍ଜଳିର ମାୟାକୁ .......... ।

ତା ପରେ ଅଞ୍ଜଳି ଶାଶୁ ଶଶୁରଙ୍କୁ ନେଇ ଅନାଥାଶ୍ରମରେ ଛାଡ଼ି ଆସିଛି । କିନ୍ତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନୋଜକୁ କହିଛି ତୁମ ବାପାମାଆ ତୀର୍ଥ ଦରଶନରେ ଯାଇଛନ୍ତି । ଅନାଥାଶ୍ରମରେ ସୁଧୀର ଓ ସୁନୀତା ରହି ନପାରି ସେଠୁ ପଳେଇ ଆସି ଗୋଟିଏ ବସ୍ତିରେ ରହିଛନ୍ତି । ସୁନିତା ଦେହ ଭୀଷଣ ଖରାପ । ସେ ଆଉ କାମ କରି ପାରୁ ନ ଥାଏ ।

ତା ପରେ ସୁଧୀର ଚିନ୍ତା କରେ ପୁଣି ସେଇ ଗାଡି ଚଲେଇବ, ସୁନୀତାକୁ ଭଲ ଡାକ୍ତର ଦେଖେଇବ, ତା ଦେହ ବହୁତ ଦୁର୍ବଳ ହୋଇଗଲାଣି । କିନ୍ତୁ ପାଖରେ ତ ଡ୍ରାଇଭିଂ ଲାଇସେନ୍ସ ନାହିଁ କି ଆଧାର କାର୍ଡ ନାହିଁ, କେମିତି ବା ଗାଡି ଚଲେଇବ । ଏ ସବୁ କାଗଜ ପତ୍ର ତ ଘରେ ରହିଗଲା । ଏ ସବୁ ପ୍ରମାଣ ପତ୍ର ନ ଥିଲେ କିଏ ବା ଦବ ଗାଡ଼ି ଚଳାଇବାକୁ ?

ତାପରେ ମନରେ ସାହାସ ବାନ୍ଧି ଘରକୁ ଗଲା ଆଧାର କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ଆଣିବା ପାଇଁ । କିନ୍ତୁ ସେ ଦେଖିଲା ଘର ତାଲା ପଡିଛି । ଏମିତି କେତେ ଥର ଯାଇଛି ନିରାଶରେ ଫେରିଛି । ଦିନ ମଜୁରୀ ଲାଗି ଯେନତେନ ପ୍ରକାରେଣ ଚଳି ଯାଉଥାନ୍ତି ସୁଧୀର ଆଉ ସୁନିତା । ଦିନେ ମଜୁରୀରୁ ଫେରିବା ବେଳେ ସେ ଦେଖିଲା ତା ପୁଅ ଓ ବୋହୂ ଗୋଟେ ଘରୁ ବାହାରି ଗାଡ଼ିରେ ବସି କୁଆଡେ ଗଲେ । ଡ୍ରାଇଭର ଥାଏ ଜଣେ ଅଚିହ୍ନା ଯୁବକ !

ତା ପରେ, ସେଇ ଘର ପାଖରେ ବସି ରହିଲା ସୁଧୀର । ଭୋକରେ ପେଟ ମୋଡ଼ି ହେଇ ଯାଉଥାଏ । "ଭୋକରେ ଓଡ଼ିଆ ନିଦ ଯାଏ" କେତେ ବେଳେ ଯେ ଆଖି ଲାଗି ଯାଇଛି ସୁଧୀରର ସେ ଜାଣି ପାରି ନାହିଁ । ଗାଡି ଆସିବାର ଶବ୍ଦରେ ଉଠି ବସିଲା ସୁଧୀର । ଦେଖେ ତ ତା ପୁଅ ମନୋଜ ଗାଡିରୁ ଓହ୍ଲାଇ ଘର ଭିତରକୁ ଚାଲିଗଲା ।

ପଛେ ପଛେ ଆସୁଥାଏ ବୋହୁ ଅଞ୍ଜଳି ! ସୁଧୀର ଡାକିଲା ବୋହୁ ମା ଆମକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନାଥାଶ୍ରମରେ ଛାଡି ଆସିଲ କିନ୍ତୁ ଦିନକ ପାଇଁ ବି ଆମ ଦୁଇ ଜଣକୁ ଦେଖା କରିବାକୁ ଆସିଲନି । ପୁଅ କେବେ ବିଦେଶରୁ ଆସିଲା ତାକୁ ଆମ କଥା କହିଛ ନା ନାହିଁ । ମୋ ପୁଅକୁ ଟିକେ ଡାକ ଦିଅ ମା ! ମୋ ଲାଇସେନ୍‌ସ ଆଉ ଆଧାର କାର୍ଡ ଟିକେ ଆଣି ଦେଇଦେଲେ ମୁଁ ଗାଡ଼ି ଚଲେଇ ମୋ ପେଟ ପୋଷି ପାରିବି, ଆଉ ତୁମ ଉପରେ ବୋଝ ହେବିନି ।

ତା ପରେ, ଅଞ୍ଜଳି କାହା ସହିତ କଥା ହେଉଛି ଶୁଣି ଡାକ୍ତର ମନୋଜ ଆସି ଦେଖେ ତ ! ତାର ବାପା । ଗୋଟିଏ ଭିକାରୀ ବେଶରେ ଠିଆ ହୋଇଛି । କିଛି ବୁଝି ପାରିଲା ନାହିଁ ଡାକ୍ତର ମନୋଜ । ମୁଣ୍ଡ ଗୋଳମାଳ ହେଇଗଲା ତୀର୍ଥ ଦରଶନରେ ଯାଇଥିବା ବାପା ଏ କି ଅବସ୍ଥାରେ........ ।

ତା ପରେ ନିଜକୁ ସମ୍ଭାଳି ନେଇ ପଚାରିଲା ଅଞ୍ଜଳୀ ଏ ବୁଢ଼ା ଲୋକଟି କିଏ ? ତୁମେ କଣ ପାଇଁ ଏଠି ଠିଆ ହେଇ ଗପୁଛ ?

ତୁମ ବାପା ତୀର୍ଥ କରିବା ନାଁରେ କୁଆଡେ ଗଲେ ମୁଁ ଜାଣିନି କିନ୍ତୁ ଏବେ ଆସି ମତେ ଦୋଷ ଦେଉଛନ୍ତି ମୁଁ କୁଆଡ଼େ ତାଙ୍କୁ ଅନାଥାଶ୍ରମରେ ଛାଡିଥିଲି ବୋଲି...... ।  ନିଅ ଏ ଚପଲ ତାଙ୍କୁ ପିଟି ପିଟି ଏଠୁ ବାହାର କରି ଦିଅ । ମତେ ପିଟିବା ଦରକାର ନାହଁ ବୋହୁ ମା, ମୋ କାଗଜ ପତ୍ର ଦେଇ ଦିଅ । ମୁଁ ଏଠୁ ପଳେଇବି ।

ତା ପରେ, ଡାକ୍ତର ମନୋଜ ଅଞ୍ଜଳି ହାତରୁ ଚପଲ ଆଣି ଧରି କହିଛି, ବାପା ମୁଁ ଯେତେବେଳେ ଛୋଟଥିଲି ଏଇ ଚପଲରେ କେତେ ମାଡ଼ ମାରିଥିଲ । ଭାତ ନ ଖାଇଲେ ଏମିତି ଚପଲରେ ଭାବ ମାରି ଥାଳି ଥାଳି ଭାତ ଖୋଇ ଦଉଥିଲ । ପାଠ ନ ପଢ଼ିଲେ ଏଇ ଚପଲରେ କେତେ ଯେ ବାଡେଇଛ । ଆଜି ମୋର ସେ ସବୁକଥା ମନେଅଛି ବାପା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଲିନି । ସ୍କୁଲକୁ ନ ଯିବା ପାଇଁ ଜିଦ୍ କଲେ ଏଇ ଚପଲ ବାପା ! ଚପଲ୍ ରେ ବାଡେଇ ବାଡେଇ ସ୍କୁଲ୍ ରେ ଛାଡି ଆସୁଥିଲ । ଆଜି କଣ ହେଲା ବାପା ମତେ ନ ଜଣେଇ ତୁମେ ତୀର୍ଥବାହାନାରେ କୁଆଡେ ହଜିଗଲ ? ମୁଁ କିଛି ବୁଝି ପାରିଲିନି ବାପା ! !

ଏ ଜନ ଜଗତ ଦେଖିବ । ଏ ମୋ ସ୍ତ୍ରୀ ବି ଦେଖିବ ମୁଁ ଆଜି କଣ କରିବି । ଏଇ ଚପଲ ବାପା ଏଇ ଚପଲ ମୁଁ ଆଜି କଣ କରିବି ଦେଖ ।

ନିଅ ବାପା ନିଅ ଏ ଚପଲ ବାପା ତୁମର ଏ ଅଝଟିଆ ପୁଅକୁ ଚପଲରେ ପିଟି ପିଟି ବୁଦ୍ଧି ଶିଖେଇ ଦିଅ, ସେ ଯେପରି ଏପରି ଭୁଲ ନ କରୁ ପିଟ ବାପା ପିଟ ବାପା ପିଟ .............

ଭୁବନେଶ୍ୱର, ୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତା'ପରେ

ଅନୁପମା ବିଶ୍ୱାଳ



ସୂର୍ଯ୍ୟଙ୍କ ବାଳ କିରଣ ଠିକ୍ ମିଶ୍ରବାବୁଙ୍କ ବାରଣ୍ଡାକୁ ଅଯାଚିତ ଭାବେ ପଶି ଆସୁଥାଏ । କେହି ବାରଣ କରିବା ସତ୍ତ୍ୱେ ସତେ ଯେପରି ସେଇ କିରଣ ନିଜ ବାଲ୍ୟ ଚପଳତାକୁ ଏଡାଇ ନପାରି ନାଚି ନାଚି ଡେଇଁ ଡେଇଁ ଆସି ମିଶ୍ରବାବୁଙ୍କ ସହିତ ଗେଲ ବସର ହେଉଥାଏ । ଅଜାତ ସ୍ନେହ ବାତ୍ସଲ୍ୟକୁ ଜବରଦସ୍ତି ଭଲପାଇବା ବୋଧହୁଏ ମିଶ୍ରବାବୁ ଭୁଲି ଯାଇଛନ୍ତି । ବାହାଘରର ୧୨ବର୍ଷ ବିତି ଯାଇଥିଲେ ମଧ୍ୟ ନିଜ ସନ୍ତାନର ମୁଖ ଦେଖିବା ସ୍ୱପ୍ନ ହୋଇଯାଇଛି । ବିମଳା ଦେବୀଙ୍କ ପୂଜା, ଓଷା, ବ୍ରତରେ ନିଶ୍ଚୟ କିଛି ଆବିଳତା ରହି ଯାଉଛି, ଯଦ୍ୱାରା ଠାକୁରେ ତାଙ୍କ ଡ଼ାକ ଶୁଣୁନାହାନ୍ତି ।

ସ୍ୱାମୀ ସ୍ତ୍ରୀ ମଧ୍ୟରେ ବେଳେବେଳେ ଭୁଲ ବୁଝାମଣା ହେଉଥାଏ, ହେଲେ କଣ କରାଯିବ । ଭାଗ୍ୟ ତ ବାମ ... !

ସେଦିନ ଥାଏ ସୋମବାର । ବୀଣା ଦେବୀଙ୍କ ଉପବାସ । ଘରେ ଦିଅଁ ପୂଜା ସାରି ସ୍ୱାମୀଙ୍କୁ କହିଲେ, "ଆଜି ମନ୍ଦିର ଯିବା ନାହିଁ କି ? ମୁଁ ଘର ପୂଜା ସାରିଛି । ମନ୍ଦିରରୁ ଆସିଲେ ରୋଷେଇ କରିବି । ନହେଲେ ଦିନ କାକା ବି ରୋଷେଇ କରିଦେବେ । ଆମେ ଚାଲ ଠାକୁର ଦର୍ଶନ କରି ଆସିବା ।"

ବସିବା ଆସନରୁ ହଠାତ ଠିଆ ହୋଇ ମିଶ୍ର ବାବୁ ରୁକ୍ଷ କଣ୍ଠରେ କହିଲେ, "ଥାଉମ ତୁମର ପୂଜାପାଠ । ଏତେ ଭକ୍ତି ଆଉ ଦେଖାଅ ନାହିଁ ।"

ବୀଣା ଦେବୀଙ୍କ କାନରେ ପଥର ମାଡ଼ ହେଲାପରି ଲାଗିଲା ସେଇ ଶବ୍ଦଗୁଡିକ । କିଛିକ୍ଷଣ ପରେ ବୁଝେଇ ସୁଝେଇ କୋଣସି ପ୍ରକାରେ ସ୍ୱାମୀଙ୍କୁ ମନ୍ଦିର ଯିବାପାଇଁ ପ୍ରସ୍ତୁତ କରାଇଲେ । ଶୁଭ ମନାସି ଏଥର ଘରୁ ବାହାରି ଦୁଇଜଣ କପିଳାସ ମନ୍ଦିର ଅଭିମୁଖେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାତ୍ରାକଲେ । ପ୍ରଭୁଙ୍କ ନାମ ସୁମରଣା କରି କରି ଯଥା ସମୟରେ ମନ୍ଦିର ପହଞ୍ଚି ପ୍ରଭୁଙ୍କୁ ଆରାଧନା କଲେ । ସବୁଥର ପରି ଏଥର ମଧ୍ୟ ନିଜ ଶୂନ୍ୟ କୋଳକୁ ଭରିଦେବା ପାଇଁ ଭଗବାନଙ୍କୁ ଜଣାଇଲେ ।

ପୂଜକ ମଧ୍ୟ ସେଦିନ କହିଲେ, "ତୁମ ଡ଼ାକ ଈଶ୍ୱର ନିଶ୍ଚୟ ଶୁଣିବେ । ତୁମର ସର୍ବ ମଙ୍ଗଳ ହେବ ।"

ପ୍ରସାଦ ଟିକିଏ ପାଇ ବାହୁଡ଼ିବା ସମୟରେ ରାସ୍ତାରେ କୋମଳ ଶିଶୁର କ୍ରନ୍ଦନ ଶୁଣି ଗାଡି ଅଟକାଇଲେ ମିଶ୍ରବାବୁ । ଦୁଇଜଣ ଯାକ ଓହ୍ଲାଇ ଚାରିଆଡେ ଦୃଷ୍ଟି ଦେଇ ଦେଖିଲେ, ଗୋଟିଏ ଦୁଇବର୍ଷର ଶିଶୁକନ୍ୟା ଅବହେଳିତ ଅବସ୍ଥାରେ ଗଛତଳେ ବସି କାନ୍ଦୁଛି । ପଚରାଉଚୁରା କରିବାରୁ ସେ କିଛି କହିପାରିଲା ନାହିଁ । ବୀଣା ଦେବୀ କହିଲେ, ଏହା ଆମ ତାପସ୍ୟାର ଫଳ । ଆମେ ଏ ଝିଅକୁ ଘରକୁ ନେଇଯିବା ।

ମିଶ୍ରବାବୁ ମଧ୍ୟ ଠିକ୍ କଥା ବୋଲି ବିଚାର କରି ଝିଅକୁ ସ୍ନେହରେ ଗାଡ଼ିରେ ବସାଇ ପୋଲିସକୁ ସବୁ ଜଣାଇ ଆଇନର ଆଶ୍ରୟ ନେଇ ନିଜ ଘରକୁ ତାକୁ ଆଣିଲେ । ଯା'ହେଉ ଏତେ ଦିନପରେ ଠାକୁର ତାଙ୍କ ଡ଼ାକ ଶୁଣିଛନ୍ତି । ଆନନ୍ଦ କହିଲେ ନସରେ । ଭଗବାନ ଏ ଗୋଟିଏ ଛଡା ବାକିସବୁ ଦେଇଥିଲେ । ଖୁସିର ଲହରୀ ଖେଳିଗଲା । ଭୋଜିଭାତ ଦେଇ ବନ୍ଧୁବର୍ଗଙ୍କୁ ଜଣାଇଦେଲେ ଯେ ସ୍ୱୟଂ ଲକ୍ଷ୍ମୀମାତା ତାଙ୍କ ଘରେ ବିରାଜମାନ ।

ତାପରେ ଝିଅଟି କଳିକାରୁ ଫୁଲରେ ଫୁଟିବାକୁ ଲାଗିଲା । ରୂପର ଛଟା ସହ ଗୁଣ ଗାରିମାରେ ସଭିଙ୍କ ମନ ଜିଣୁଥାଏ । ଇନ୍ଦ୍ରଧନୁର ସବୁ ରଙ୍ଗ ତା ଭିତରେ ଖେଳି ଯାଉଥାଏ । ପ୍ରତି ଅଙ୍ଗରେ ଯୌବନର ବାସ୍ନା ମାଦକ ଭରି ଦେଉଥାଏ । ପୁଅ ପିଲା କଣ, ଝିଅମାନେ ମଧ୍ୟ ତାକୁ ଦେଖି ପ୍ରେମରେ ପଡିଯାଉଥାନ୍ତି ।

ଦିନେ କଲେଜକୁ ବାହାରିବା ବେଳେ ବାପାଙ୍କୁ କହିଲା, "ବାପା ! ମୁଁ ଆଜି ତୁମ ସହିତ ନଯାଇ ଏକା ସାଇକେଲରେ ଯିବି । ମୋର ଭାରି ଇଚ୍ଛା ହେଉଛି ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଝିଅକୁ କୌଣସି ପ୍ରକାରେ ଏକା ଛାଡ଼ିବାକୁ ରାଜି ନଥିଲେ ମିଶ୍ରବାବୁ । କିନ୍ତୁ ତା ଅଳି ଦେଖି ରାଜି ହୋଇଗଲେ । ଭଲରେ ଭଲରେ ଯିବୁ ମା, କହିଲେ ବୀଣା ଦେବୀ ।

ପାଠପଢି ଫେରିବାବେଳେ କାଳ ପରି ବାଟ ଚାହିଁଥିଲା ବିପଦ । ହଠାତ ଟୋକାଟିଏ ଆସି ଟାଣି ନେଇଗଲା ବୁଦାମୂଳକୁ । ପାଟିରେ କନା ଦେଇ ତାକୁ ତାକୁ ଖରାପ ବ୍ୟବହାର ଦେଖାଇଲା । ନଖରେ କୋମଳ ଦେହକୁ ଫୋଡି କ୍ଷତାକ୍ତ କରିଦେଲା । କେବଳ ଏତିକି ନୁହେଁ ବୟସର ଉଦ୍ଧମତା ଦେଖାଇ ତା'ର ପୋଷାକକୁ ଟାଣି ଓଟାରି ଚିରିଦେଲା । ନିଜ ଯୌବନକୁ ଢାଙ୍କିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ଝିଅଟି ସଫଳ ହୋଇ ପାରୁନଥାଏ । ହେଲେ ଏ ଆଶ୍ଚର୍ଯ୍ୟ ! ପିଲାଟିର ହାତ ହଠାତ ଅଟକିଗଲା ।

ଅତୀତରେ ଘଟିଥିବା ଘଟଣା ମନେ ପଡିଗଲା ତା'ର । ଅନାଥ କରି ବାପା ମା ଅଫେରା ଜାଗାକୁ ଚାଲିଗଲେ । ଦିନେ ଭଉଣୀର ହାତ ଧରି ଯାତ୍ରା ଦେଖି ଯାଇଥିବା ବେଳେ ହାତ ଛାଡି ହୋଇଯିବାରୁ ସେ ହଜିଗଲା । ବହୁତ ଖୋଜିଛି ସେଦିନ, କାନ୍ଦିଛି ମଧ୍ୟ । କିନ୍ତୁ ଆଉ ପାଇଲା ନାହିଁ । ଇଏ ସେ ଭଉଣୀ ନୁହେଁ ତ ?ତା ପିଠିରେ ମଧ୍ୟ ଠିକ୍ ଏହି ଭଳିଆ ଚିହ୍ନ ଥିଲା ।

ହାତ ସେଇଠି ଅଟକିଗଲା । ଝିଅର ମୁହଁରୁ କିଛି ଉତ୍ତର ପାଇ ନିଶ୍ଚିତ ହେଲା ଯେ, ଇଏ ହିଁ ତା ହଜି ଯାଇଥିବା ଭଉଣୀ । ଦେହରେ ଶତ ଶିହରଣ ଖେଳିଗଲା । ଆନଂଦ କହିଲେ ନସରେ । ହେଲେ ନିଜକୁ କ୍ଷମା କରିପାରୁ ନଥାଏ । କଣ ସେ କରିବାକୁ ଯାଉଥିଲା । ଯେଉଁ ହାତରେ ଦିନେ ଭଉଣୀକୁ ଗେଲ କରୁଥିଲା ସେହି ହାତରେ ଇଜ୍ଜତ ଲୁଟିବାକୁ ଯାଉଥିଲା ।

ଛି ଛି ନିଜର ପୁରୁଷ ପଣିଆ । ଏହା କଣ ଉନ୍ନତ ସମାଜ ଗଠନ କରିପାରିବ । ବହୁତ ଘୃଣା କଲା ନିଜକୁ ନିଜେ । ନିଜେ ନିଜେ ଚାପୁଡ଼ା ଉପରେ ଚାପୁଡ଼ା ମାରିହେଲା । ଭୁଲର ପ୍ରାୟଶ୍ଚିତ କରିବ ନିଶ୍ଚୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଉଣୀକୁ ଧରିଥିବା ଗାମୁଛାରେ ବାନ୍ଧି ମିଶ୍ରବାବୁଙ୍କ ଘରକୁ ଯାଇ ସବୁକଥା ନିଜେ କହିଲା । କ୍ରୋଧରେ ମିଶ୍ରବାବୁ ତାକୁ ବହୁତ ବାଡେଇଲେ ଓ ପୋଲିସରେ ଦେଲେ । ସେ ମଧ୍ୟ ସେଦିନ ଶପଥ କଲା ଜୀବନରେ ଏଭଳି ଭୁଲ ଆଉ କେବେ କରିବ ନାହିଁ ।

ଝିଅଟି ମୂର୍ତ୍ତିଟିଏ ପରି ଅନାଇ ରହିଥାଏ । ଏ ଘଟଣା ତାକୁ ଯେତେ ଖୁସି ଦେଉଥାଏ ତାଠାରୁ ଅଧିକ ଦୁଃଖ ଦେଉଥାଏ । ରକ୍ତ ସମ୍ପର୍କ ଭାଇକୁ ପାଇଲା, ପୁଣି ଏଭଳି ଅବସ୍ଥାରେ । ସତରେ ଏସବୁ ଭାଗ୍ୟର ଖେଳ......।

ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ସୀମା କାନୁନଗୋ



"ଲତା, ଲତା, ମୋ କଥା ଟିକିଏ ଶୁଣୁ"

ହରିଆ ଡାକ ଛାଡିଥାଏ, ଧାନ ବିଲ ହିଡରେ ଲତା ଜୋର୍ ଜୋରରେ ପାହୁଣ୍ଡ ପକେଇ ଚାଲିଯାଉଥାଏ । ହରିଆ ତା' ପଛରେ ଯାଇ ତା' ହାତ ଧରି ତାକୁ ଅଟକେଇ କହିଲା, "ଆଲୋ, ତୁ ଯାହା କହୁଛୁ, ଟିକେ ଭାବିଚିନ୍ତି କହ । ତୁ ସାଆନ୍ତ ଘର କଥା ଜାଣିଛୁ, ତାଙ୍କ ପୁଅର ଯଦି କିଛି ଅସୁବିଧା ହେବ ନା, ତୋତେ ଆଉ ରଖିବେନି । ଆମେ ତାଙ୍କ ଘରେ କାମ କରୁଛେ, ତାଙ୍କ ବିରୁଦ୍ଧରେ ଯିବାଟା କ'ଣ ଆମର ଠିକ୍ ହେବ ? ତାଙ୍କ କାମ କରି ଦୁଇପଇସା ସଞ୍ଚିଲେ ସିନା ଆମେ ବାହାହେବା, ଘର କରିବା । ମୋର ସିନା କେହି ନାହିଁ, ତୋର ତ ବାପା ଅଛି । ପଇସା, ଘର ଦ୍ୱାର ନହେଲେ କ'ଣ ସେ ତୋ ହାତ ମୋ ହାତରେ ଦେଇଦେବ କି ?"

ଲତା କହିଲା, "ଥାଉମ, ତୋ ବାହାଘର, ମୋତେ ସେ ସାଆନ୍ତ ଘରେ ଆଉ କାମ କରିବାର ନାହିଁ । ଉପାସରେ ପଛେ ରହିବି ସେ ସାଆନ୍ତ ଘର ପଇସା ଆଉ ଖାଇବିନି । ସାଆନ୍ତ ପୁଅ ମଦ ଖାଇ ବାଡ଼େଇ ପିଟି ତା' ସ୍ତ୍ରୀ ଟାକୁ ମାରିଦେଲା ଆଉ ବାରିପଟ ଆମ୍ବ ଗଛରେ ତା ଦେହଟାକୁ ଝୁଲେଇ ଦେଲା । ଆଜି ସକାଳେ ଖବର ପାଇ ତା' ବାପା ମା ଆସିଥିଲେ । ତା ଶବକୁ ଧରି କେତେ ବିକଳ ହେଇ କାନ୍ଦୁଥିଲେ ଦେଖିଛୁଟି । ପୁଣି ସାଆନ୍ତ ଓ ସାଆନ୍ତାଣୀ ପୁଅ ପଟେ ହେଇ ବୋହୂ ନାଁରେ ମିଛ ସତ କଥା ଗୁଡା ଗାଇ ଯାଉଥିଲେ ତ ପୁଅ ମିଛ କାନ୍ଦଣା କାନ୍ଦି, ତା ସ୍ତ୍ରୀ ଆତ୍ମହତ୍ୟା କଲା ବୋଲି କହି ବୁଲୁଥାଏ । ତୁ କେମିତିକା ମଣିଷଟା କିରେ ହରିଆ..., ଏଗୁଡା ଦେଖି ତୋ ଦେହ ସହୁଛି କିରେ ! ! ! ଏତେ ଅନ୍ୟାୟ ମୁଁ ସହି ପାରିବିନି... । ପୁଲିସ ପଚାରିଲେ ମୁଁ ସତ ସତ ସବୁ କହିବି । ତୁ ମୋତେ ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଆନ୍ତ ଘର କାମ କଥା ଆଉ କହନା ବା । ଯା... ଯା... ତୋ କାମରେ ଯା ।"

ଏହା କହି ହରିଆର ହାତକୁ ଛାଟିଦେଇ ଧପ୍ ଧପ୍ ହେଇ ଚାଲିଗଲା ଲତା ।

ହରିଆ ଏବେ କ'ଣ କରିବ ବୁଝିପାରୁନଥିଲା । ଲତାକୁ ସାହାଯ୍ୟ କରିବ ନା ସାଆନ୍ତଙ୍କ ସାଥିରେ ରହିବ । ପିଲାଟି ଦିନରୁ ସାଆନ୍ତ ଘରେ ସେ ରହି ଆସିଛି । ବାପା, ମାଆ ଚାଲିଗଲା ପରେ ସାଆନ୍ତ ହିଁ ତା'ର ସବୁକିଛି । ସାଆନ୍ତଙ୍କ ଘରେ କାମ କରି କିଛି ପଇସା ବି ସଞ୍ଚିଛି । ଘର କରି ଲତାକୁ ବାହା ହେବାକୁ ତା'ର ପ୍ରବଳ ଇଚ୍ଛା । ସାଆନ୍ତ ବି ଏକଥା ଜାଣିଛନ୍ତି କି କ'ଣ । କେଜାଣି ବେଳେବେଳେ ଲତାକୁ ଦେଖେଇ ତାକୁ ଥଟ୍ଟା କରନ୍ତି ।

ଏହି ସମୟରେ ତା' କାନ୍ଧରେ କିଏ ହାତ ରଖିବାରୁ ଚମକି ପଡିଲା ହରିଆ । ପଛକୁ ବୁଲି ଦେଖିବା ବେଳକୁ ସାଆନ୍ତଙ୍କ ଡ୍ରାଇଭର ରାଧୁଭାଇ ।

ରାଧୁ କହିଲା, "କ'ଣ ଭାବୁଛୁ କିରେ ହରିଆ, ଲତାକୁ ବାହାହେବା କଥା ?"

ହରିଆ ଲାଜେଇ ଯାଇ କହିଲା "ନା ମ ରାଧୁଆଇ, ମୋର ତ ଘରଦ୍ୱାର ନାହିଁ, ଲତା ବାପା କ'ଣ ରାଜିହେବ... ?"

ରାଧୁ କହିଲା, "କାହିଁ ରାଜି ହେବନି ଯେ, ଏହି ବିଷୟରେ ପରା କଥା ହେବାକୁ ସାଆନ୍ତେ ତୋତେ ଖୋଜୁଛନ୍ତି ।"

"ତୁମେ ସତ କହୁଛ ରାଧୁଆଇ, ମୋତେ କାଇଁ ବିଶ୍ୱାସ ହେଉନି ବା ।"

"ମୁଁ କାଇଁ ମିଛ କହିବି । ତୋ ହାବଭାବ ଦେଖି ସାଆନ୍ତେ ପା ମୋତେ କେବେରୁ କହିଲେଣି, ହେଲେ ମୋତେ ସମୟ ମିଳୁନଥିଲା ତୋତେ କହିବା ପାଇଁ । ଆଜି ତ ସମୟ ଅଛି, ଆ ଯିବା ସାଆନ୍ତଙ୍କ ଫାର୍ମ ହାଉସକୁ ସେଠି ସାଆନ୍ତଙ୍କ ସହ ସବୁକଥା ହେଇଯିବୁ ।"

ରାଧୁ ହରିଆକୁ ଗାଡିରେ ନେଇ ଚାଲିଲା ଫାର୍ମ ହାଉସକୁ ।

ତା' ପରଦିନ ଭୋର୍ ହେଇଆସୁଛି । ହଠାତ୍ ହରିଆର ନିଦ ଭାଙ୍ଗିଗଲା, ତା' ଆଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଲରେ ଖୋଲୁନଥାଏ, ମୁଣ୍ଡ ଭାରି ଭାରି ଲାଗୁଥାଏ । ତଥାପି ସେ ଜବରଦସ୍ତି ଆଖି ଖୋଲି ଚାହିଁଲା, ଆରେ ଏ କ'ଣ... ଏ ତ ଗାଁ ବାହାର ଆମ୍ବତୋଟା । ଏଠାକୁ କେମିତି ଆସିଲା ସେ ? ନିଦ ବାଉଳାରେ ଚାଲି ଆସିଲାକି ଆଉ । ହଠାତ ତା'ର ନଜର ପଡିଲା ଆମ୍ବ ଗଛ ତଳେ ଚଉତରା ଉପରେ । ଆରେ, ଏଠି ଗୋଟିଏ କିଏ ଶୋଇଛି ତ । ପାଖକୁ ଯାଇ ଦେଖେତ ଲତା । ଏଁ ... ଏ ଲତା କାହିଁ ଏଠି ଶୋଇଛି ? ଇଏ ବି କେମିତି ଆସିଲା ଏଠିକି ? ତା' ମୁଣ୍ଡଟା ଗୋଳମାଳ ହେଇଯାଉଥିଲା । କିଛି ଭାବି ପାରୁନଥିଲା ସେ । ତା'ର ଖାଲି ମନେ ପଡୁଥିଲା ସାଆନ୍ତଙ୍କ ଫାର୍ମ ହାଉସରେ ସାଆନ୍ତେ ଲତା ସହ ତା'ର ବାହାଘର କରିବେ ବୋଲି କହି କେତେ ଭଲ ଭଲ ଜିନିଷ ଖାଇବାକୁ ଦେଉଥିଲେ । ପୁଣି ରାଧୁଆଇ କି ନାଲି ନାଲି ସରବତ୍ ଆଣି ତାକୁ ପିଆଇ ଦେଇଥିଲା । ତା'ପରେ ତ ଖାଲି ଖୁସି ଆଉ ଖୁସି.... ଲତା ସହ ବିବାହ, ପିଲାଛୁଆ ଘରଦ୍ୱାର, ହସ ଖୁସିର ସ୍ୱପ୍ନ ଦେଖି ଖାଲି ହସୁଥିଲା ସେ । ଆଉ ତ ତା'ର କିଛି ମନେପଡୁନି । ହେଲେ ଲତା ସହ ସେ ଏଠିକୁ କେମିତି ଆସିଲା...

ହଠାତ୍ ଲତାର ବାପା ସହ କିଛି ପୁଲିସ ଓ ଗାଁ ଲୋକଙ୍କୁ ତା ଆଡକୁ ଆସୁଥିବାର ଦେଖି ଆଶ୍ଚର୍ଯ୍ୟ ହେଇଗଲା । ଲତା ବାପା ହରିଆ ଆଡକୁ ହାତ ଦେଖାଇ କ'ଣ ସବୁ କହିଯାଉଥିଲା ପୋଲିସ ମାନଙ୍କୁ ।

ତା'ପରେ ପୋଲିସ ବାବୁ ଆସି ହରିଆ ହାତରେ ହାତକଡି ପକେଇ ଟାଣି ନେଉଥିଲେ । ହରିଆ କିଛି ବୁଝି ପାରୁନଥିଲା, ଖାଲି କହୁଥିଲା, "ମୋର ଦୋଷ କ'ଣ ପୋଲିସ ବାବୁ ? ମୋତେ କାହିଁକି ବାନ୍ଧି ନେଉଛ ? ମୁଁ ଖାଲି ଲତାକୁ ଭଲ ପାଏ ଆଉ ତାକୁ ବାହାହେବାକୁ ଚାହେଁ । ଲତା ତ ଶୋଇଛି, ତାକୁ ଉଠେଇ ପଚାରୁନ, ସେ ସବୁକଥା କହିବ । ଆଲୋ ହେ ଲତା, ଉଠୁନୁ, ସତ କ'ଣ କହିଦେ । ତୋ ବାପା ମୋ ପଛରେ ପୋଲିସ ଲଗେଇ ମୋତେ ବାନ୍ଧି ନେଉଛି ବା । କ'ଣ କହ ହେଲେ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୋଲିସ ତାକୁ ଟାଣି ନେଉ ନେଉ କହିଲେ, "ଲତା ତୋ ପ୍ରସ୍ତାବରେ ରାଜି ନହେବାରୁ ତୁ ତାକୁ ଭୁଲେଇ ଏଠାକୁ ଆଣି ତା' ତଣ୍ଟି ଚିପି ମାରିଦେଇଛୁ ବୋଲି ତା' ବାପା ଥାନାରେ କହିଛି । ତୁ ଗୋଟିଏ ଖୁନୀ ଆସାମୀ ହରିଆ । ତୋ କଥା ଥାନାରେ ବିଚାର ହେବ ।"

ଲତାର ମୃତ୍ୟୁ ଖବର ଶୁଣି ହରିଆ ଚେତାଶୁନ୍ୟ ଭୁଇଁରେ ଧମ୍ କରି ପଡିଗଲା ।

ତା'ପରେ... ଦୁଇବର୍ଷ ପରେ, ହରିଆ ଏବେ ପାଗଳ ଗାରଦରେ ଚୁପ୍ ହେଇ ବସି ରହିଥାଏ । କ'ଣ ମନେ ପକେଇ କାନ୍ଦେ ଏବଂ ବେଳେବେଳେ ହସେ ।

ଆଇନଜୀବୀ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ସୁନିତା ମହାନ୍ତି



ଜୀବନରେ ଭଲପାଇବା ସମସ୍ତଙ୍କ ପାଖରେ ଥାଏ । ବୟସର ପରିପକ୍ୱତା ତାକୁ ଆକର୍ଷିତ କରେ ସୁନ୍ଦର ଜିନିଷଟିଏ ହେଉ କି ଫୁଲଟିଏ କି ଅବା ସୁନ୍ଦର ମଣିଷଟିଏ । ସ୍ନେହ, ଶ୍ରଦ୍ଧା, ପ୍ରେମ ହେଉଛି ଭଲ ପାଇବାର ଗୋଟିଏ ଗୋଟିଏ ପ୍ରତୀକ । ମାଆର ସ୍ନେହ, ଭାଇଭଉଣୀଙ୍କର ଶ୍ରଦ୍ଧା ଏବଂ ପ୍ରିୟାର ପ୍ରେମ । ଏହି ସବୁକୁ ଆମେ ଜୀବନରେ ଆଦାନ ପ୍ରଦାନ ବିନିମୟକୁ ନେଇ ସୁନ୍ଦର ଜୀବନଟିଏ ଗଢି ପରିବା । ପ୍ରେମ ରାଇଜରେ ସୁନ୍ଦର ପ୍ରେମିକା ବା ପ୍ରେମିକଟିଏ ହୋଇ ପରିବା ।

ଏହି ସ୍ନେହ, ଶ୍ରଦ୍ଧା, ପ୍ରେମ, ଭକ୍ତି ସବୁ କିଛି ଅଜାଡି ଦେଇଥିଲା ପରିବାର ପାଖରେ । ଯାହାର ଯାହା ଦରକାର ଅନୁଯାଇ ବାଣ୍ଟି ଚାଲିଥିଲା ଜୀବନରେ । ପାଇବାର ଅପେକ୍ଷା ନ ଥିଲା କି କିଛି ଅନୁଭବ ମଧ୍ୟ ନ ଥିଲା । କେବଳ ମୁହଁରେ ହସଟିଏ ଥିଲା ।

ସାଥିହୋଇ ବଞ୍ଚିବା ପାଇଁ ପରିବାର ସହିତ ସେବା ଓ ଧର୍ମ ଥିଲା ତାର ଆଉ ଦୋଟିଏ ହାତ । ଦୁଃଖ ଆଉ ସୁଖ ସବୁ ଥିଲା ତା ପାଖରେ ସମାନ । ତାର ସଂସ୍କାର ସଦାଚାର ପାଇଁ ସମାଜରେ ସେ ଥିଲା ଆଦର୍ଶ ଓ ଆଦରଣୀୟା । ନାଁ ଟି ମଧ୍ୟ ତା ରୂପ ଗୁଣ ଅନୁଯାୟୀ ଥିଲା "ମୀରା" । ମୀରା କଥା ଚର୍ଚ୍ଚାରେ ଆସିଲେ ଗାଁରେ ସମସ୍ତେ ଧନ୍ୟ କହୁଥିଲେ । ଛୋଟରୁ ବଡ଼ ଯାଏ ସମସ୍ତଙ୍କ ଚର୍ଚାର ପାତ୍ରୀଟିଏ ମୀରା । ତାର କେହି ନ ଥିଲେ ଦୁନିଆଁରେ..... ! ବାହା ଦେଇ ବାପା ମାଆ ଆରପାରିରେ । ଭାଇଟିଏ ଥିଲା ସେ ବି ବିବାହ ପରେ ବାହାରେ ଚାକିରୀ କରି ଆଉ କିଛି ସମ୍ପର୍କ ରଖିଲାନି । ତା ପରେ ମୀରା ଭାବିନେଲା ଯେ ଜୀବନରେ ମୋତେ ମୋ ପରିବାର ସହିତ ରହିବାକୁ ହେବ ଶେଷ ଜୀବନ ଯାଏ । ପରିବାର କହିଲେ ତାର ଦୁଇ ଶାଶୁ, ଦୁଇ ଶଶୁର, ଦିଅର ନଣନ୍ଦ ପାଞ୍ଚ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣ, ସ୍ୱାମୀ ଏବଂ ପୁଅଟିଏ । ତାର ବିଶ୍ୱାସ ଓ ଭାବନାରେ କେବେ ପର ଆପଣାର ଭେଦ ଭାବ ନ ଥିଲା ତା ସାଂସାରିକ ଆନୁଭୂତିରେ ।

ତା'ପରେ ଜୀବନର ମୋଡ଼ କେତେବେଳ ବଦଳିଯିବ ସେ କଥା ମୀରା ଭାବି ନଥିଲା । ସ୍ୱାମୀ ସୁହାଗିନି ଥିଲା କିନ୍ତୁ ଭଗବାନ ପରୀକ୍ଷା ନେଲା ପରି ପୂରାଣର ମୀରା ପରି ଜୀବନ ତାର ଗତି ବଦଳାଇ ଦେଇଥିଲା... ସ୍ୱାମୀ "ସୁମିତ" ସୁଦୂର ଦିଲ୍ଲୀରେ ଗୋଟିଏ ବଡ଼ କମ୍ପାନୀରେ ଚାକିରୀ ପାଇଁ ଚାଲିଗଲେ । ମୀରା ପରିବାରର ହେଇ ରହିଗଲା । ନିଜ ପୁଅକୁ ଭଲ ମଣିଷ କରିବ ଆଉ ଶାଶୁ ଶଶୁରଙ୍କ ସେବାକରିବ ପ୍ରତିଦିନ ଫୋନରେ ଦିନକୁ ଦୁଇଥର କଥା ହୁଅନ୍ତି ମୀରା ଆଉ ସୁମିତ । ପରସ୍ପର ଦୁହେଁ ଦୁହିଁଙ୍କୁ ବହୁତ ଭଲ ପାଉଥିଲେ । ବର୍ଷରେ ଦୁଇଥର ଘରକୁ ମଧ୍ୟ ସୁମିତ ଆସୁଥିଲେ ନିଜ ସ୍ତ୍ରୀ ପିଲା ଓ ପରିବାରଙ୍କ ସହିତ ଖୁସି ବାଣ୍ଟିବାକୁ ।

ତା ପରେ କିଛି ଦିନ ବିତି ଯାଇଥିଲା.... କିନ୍ତୁ ସୁମିତ ବହୁତ କମ ମୀରା ସହିତ ଫୋନରେ କଥା ହୁଅନ୍ତି । ସେପଟରେ ତା ଅଫିସରେ ରାଧା ବୋଲି ଝିଅଟିଏ ନୂଆ କରି ଜଏନ କରିଥାଏ... ସୁମିତ ଯେତେ ଭଲ ହୋଇଥିଲେ କଣ ହେବ, ବିବାହିତ ଜାଣି ମଧ୍ୟ ରାଧା ସୁମିତର ବହୁତ ନିକଟରେ ଆସୁଥିଲା ଏବଂ ସମୟେ ସମୟେ ତା ନିଜ ରୋଷେଇରୁ ଲଞ୍ଚ ଟିଫିନ ମଧ୍ୟ ଆଣୁଥିଲା । ଦିନକୁ ଦିନ ସୁମିତ ମୀରାକୁ ଭୁଲିବାକୁ ପ୍ରୟାସ କଲା ।

ସୁମିତ ନିଜ ପରିବାରକୁ ଭୁଲିବାକୁ ଲାଗିଲେ । ମୀରା ଯେତେ ଫୋନ କରେ କିଛି ଉତ୍ତର ପାଏନି । ପୁଅଟି ତାର ବଡ଼ ହୋଇ ସ୍କୁଲ ଯିବାକୁ ଲାଗିଲା । ସ୍କୁଲରେ ତାର ଶିକ୍ଷା, ସଂସ୍କାର ଦିନକୁ ଦିନ ଲୋକପ୍ରିୟ ହେବାକୁ ଲାଗିଲା । ତା ପରେ ସ୍କୁଲରେ ମେଧାବୀ ପିଲାଙ୍କ ମଧ୍ୟରେ ପ୍ରଥମ ହେଲା ।

ଗ୍ରୀଷ୍ମ ଛୁଟିରେ ମୀରା ତା ପୁଅ ସହିତ ଦିଲ୍ଲୀ ଗମନରେ ବାହାରିଗଲେ । ବହୁତ ଖୁସି ଥାଆନ୍ତି ମାଆ ପୁଅ... ବହୁତ ଦିନପରେ ବାହାରକୁ ବାହାରିଛି ମୀରା । ସେ ପୁଣି ତା ସ୍ୱାମୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁମିତ ପାଖକୁ ଯାଉଛି । ଖୁସିରେ ସବୁ କହିବ ବହୁତ ବୁଲିବେ ସାଥୀ ହୋଇ, ତାଙ୍କ ପୁଅ ଜଣେ ମେଧାବୀ ପୁରସ୍କାର ପାଇଛି ସେକଥା କହିବ । ପ୍ରଥମେ ତ ସେ ବହୁତ ଅଭିମାନ କରିବ କି ସୁମିତ ସହିତ କଥା ବି ହେବନି । ଟ୍ରେନରେ ଏଇ ସବୁ ଭାବନା ମଧ୍ୟରେ ଦିଲ୍ଲୀ ପହଞ୍ଚି ଯାଇଥିଲା ମୀରା । ସୁମିତ କିନ୍ତୁ ଅଫିସର ଅରଜେଣ୍ଟ କାମରେ ବାହାରକୁ ଯାଇଥିଲେ । କିନ୍ତୁ, ଗାଡି ଏବଂ ଡ୍ରାଇଭର ଆଣିବାକୁ ପଠାଇଥିଲେ । ତା'ପରେ ମୀରାକୁ ଫୋନରେ କହିଥିଲେ ତୁମେ ଘରେ ପହଂଚିବ ମୁଁ ଆସିଯିବି ସନ୍ଧ୍ୟା ପୂର୍ବରୁ । ମୀରା ରୁମରେ ପହଞ୍ଚି ଦେଖେ ତ ସୁମିତ ସାଥେ ସାଥେ ପହଞ୍ଚି ଯାଇଛନ୍ତି । ତାଙ୍କ ସହିତ ରାଧା ମଧ୍ୟ ଉପସ୍ଥିତ ଥିଲା । ଦୁଇ ଜଣଙ୍କୁ ଗୋଟିଏ ଘରେ ଦେଖି ମୀରାର ଦୁଇ ଆଖି ଭିଜି ଯାଇଥିଲା । ତା ପରେ ସୁମିତ ତା ପାଖକୁ ଆସିବା ପୂର୍ବରୁ ମୀରା ତା ପୁଅ ସିଦ୍ଧାର୍ଥ ଉପରକୁ ଆଉଜେଇ ପଡିଥିଲା ।

ତା'ପରେ ସମ୍ପର୍କର ଦୂରତା ଦୁହିଁଙ୍କୁ ବ୍ୟବଧାନ ଆଣିଥିଲା ସୁଦୂର ଦିଲ୍ଲୀ ସହରରେ ।


କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ଡଃ ସଂଯୁକ୍ତା ପରିଡ଼ା



ତା' ପରେ ବିଷର୍ଣ୍ଣମନ ନେଇ କ୍ଲାନ୍ତ ହୋଇ ଅଫିସରୁ ଫେରିବା ପରେ ବିପିନର ଇଚ୍ଛା ହୁଏ, ଗିରି, ସାଗର ଲଙ୍ଘି ଦୂର, ବହୁଦୂର ଦିଗବଳୟ ଡେଇଁ ଚାଲି ଯାଆନ୍ତା ଅଜଣା ରାଇଜକୁ । ସେଠି ନା କିଛି ସମସ୍ୟା ଥାଆନ୍ତା ନା ସମାଧାନ, କେତେ ଆଉ ଅତୀତ କଥା ମନେପକାଇ ଦୁଃଖକଷ୍ଟରେ ପଡ଼ିରହିବ । ତା'ପରେ ଉଦାସ ମନରେ ମଉଳା ଫୁଲ ପରି ଝରିପଡୁଥିଲା ତାର ସ୍ୱପ୍ନର ଇନ୍ଦ୍ରଧନୁର ରଙ୍ଗ । ଚମକି ପଡୁଥିଲା ସେ ନିଜ କଥା ନିଜେ ଭାବି ଭାବି । କାଲି ପରି ଲାଗୁଛି.............

ସାବି ତା' ଜୀବନ ନଉକାର ନାବିକଟିଏ ଥିଲା, ମନ ଉପବନର ସୁଗନ୍ଧିତ ତଟକା ପୁଷ୍ପଟିଏ ଭଳି ଖିଲିଖିଲି ହସି ହୃଦୟର ରାଣୀ ହେଇଥିଲା । ଅପାଶୋରା ସ୍ମୃତି ଓ ନିବିଡ ସମ୍ପର୍କର ଢେଉ ଆଜି ବିପିନକୁ କ୍ଷତାକ୍ତ କରୁଛି । ସାବି ଯେତେବେଳେ ରାଗ ଅଭିମାନ କରେ ତା'ପରେ କେତେ ନ ବୁଝାଏ ସେ ତା'କୁ, ସମୟ ଆସିଲେ ସବୁ ଠିକ୍ ହୋଇଯିବ କହେ । ସେ ଅବୁଝା ହେଲେ ବିପିନ ତାକୁ କଡ଼ା ସ୍ୱରରେ କହେ କ'ଣ ହେଲା ପଇସା ରୋଜଗାର କରିବି ମୁଁ, ତମେ ଖାଲି ପିଲାଙ୍କ ଦାୟିତ୍ୱ ନେବାରେ ମତେ ସାମିଲ କରୁଛ କାହିଁକି ? ପ୍ରତି କଥାରେ ହେଇଟି ଶୁଣୁଛ, ହେଇଟି ଶୁଣୁଛ, କାହିଁକି କହି ଚାଲିଛ । ସାବି କିନ୍ତୁ ସବୁ ଶୁଣି ନଶୁଣିଲା ପରି ଚୁପ ରହେ ମୁରୁକି ହସାଦେଇ । ବାଗର ସ୍ତ୍ରୀ ଲୋକଟିଏ, କାହାକୁ କ'ଣ କହିଲେ ମନ କଷ୍ଟ ହେବନି ବରଂ ଖୁସି କରାଯାଇ ପାରିବ ସେ କଳା ତାକୁ ବେଶ ଭଲଭାବରେ ଜଣା । କେଜାଣି କାହିଁକି ଆଜି ବିପିନ ଆଖିରେ ଆଖିଏ ଲୁହ । ତା' ପରେ ବିମୁଢ଼ ହତବାକ ହୋଇ ସେ ଚାହିଁ ରହିଛି ସୁନୀଳ ଆକାଶକୁ, ଆଉ ଆକାଶରେ ସନ୍ଧ୍ୟା ସମୟରେ ଗଜୁରୀ ଉଠୁଥିବା ତାରାମାନଙ୍କୁ, ଭାବି ବି ସେ ଆଜି ଭାବିପାରୁନି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହିଁକି ଏମିତି ହେଲା ? ଭାବନା ରାଇଜରେ ସେ ମଗସୁଲ ହୋଇଗଲା, ଖାଲି ଭାବି ବସିଲା, ସାବି ଥିଲାବେଳେ କାହିଁକି ସେ ତା' କଥା ଶୁଣେନା । ଏବେ ଆଖି ବୁଜି ବସିଲେ ବନ୍ଦ ହୃଦୟ କନ୍ଦରରୁ ଶୁଭେ "ହେଇଟି ଶୁଣୁଛ", ସାବି ଆଜି ନାହିଁ, ଆକାଶର ତାରା ହୋଇ ଚାଲିଗଲାଣି ଦୁଇବର୍ଷ ହେବ, ତା'ପରେ ବିପିନ ଭୂଲି ପାରୁନି ସାଜିକୁ, ତା'ର ପଦିଏ ଡାକରେ ମନ ଓ ହୃଦୟରେ ଯେପରି ଶିହରଣ ଖେଳି ଯାଉଥିଲା । ତା'ପରେ ବିପିନ କୁହେ, କ'ଣ ହେଲା କହିଲ ସବୁ କଥାରେ "ହେଇଟି ଶୁଣିଛ" କେତେ ଶୁଣିବି । ସାବି ହସିହସି ନରମ ଗଳାରେ କହେ ପଦେ ପଦେ କଥାରେ ଏମିତି ରାଗୁଛ କାହିଁକି ? ଘରେ ପିଲାମାନଙ୍କର ଦାୟିତ୍ୱ ସହ, ଶାଶୁଙ୍କର ଯତ୍ନ ନେବା କିଛି ସହଜ କଥା ନୁହେଁ । ଦରକାର ପଡ଼ିଲେ ତୁମକୁ ଡାକିଲେ ଏତେ ଚିହିଁକି ଉଠୁଛ କିଆଁ ?

ତା'ପରେ...... ଏ ସବୁ କଥା ଏବେ ସ୍ୱପ୍ନ, ତଥାପି ତା' ମିଠାମିଠା ମଧୁର କଥାସବୁ ବିପିନିର ମନେ ପଡ଼ିଯାଉଛି । ଭାବୁଛି ଥରେ ଖାଲି ଥରେ ସାବି ଆସନ୍ତା କି, ତାକୁ ପାଖରେ ବସାଇ ବହୁତ ଖୁସିରେ କଥା ହୁଅନ୍ତି ଆଉ ତାକୁ ଜାବୁଡ଼ି ଧରି କାହିଁ କେତେ କାଳରୁ ବାକିଥିବା ସାଇତା କଥା ସବୁ ବଖାଣି ବସନ୍ତି । ଶାନ୍ତଶିଷ୍ଟ ସାବିକୁ କଡ଼ା ଭାଷାରେ ଜବାବ ଦେଇଥିବା ମୁଁ ଖାଲି ନରମ କୋମଳ କଣ୍ଠରେ ଖୁସିରେ ଗପ କରନ୍ତି । କିନ୍ତୁ ଏହା ଆଜି ସମ୍ଭବ ନୁହେଁ, ମିଛ ମାୟା ମରିଚିକା ସମ, ବହିଗଲା ପାଣି, ତୁଣ୍ଡରୁ ବାହାରିଥିବା କଥା, ଧନୁରୁ ବାହାରି ଯାଇଥିବା ଶର କେବେ ଲେଉଟି ଆସେନି । ଅନ୍ତର ଭିତରୁ କୋହ ଓ ଆଖରୁ ବୋହି ଯାଉଥିଲା ଲୁହ, କେବଳ ତା'କୁ ଶୁଭୁଥିଲା, "ହେଇଟି ଶୁଣୁଛ ।" ମନେ ହେଉଥିଲା ବିପିନର ଥରୁଟିଏ ମତେ ଆଉ ଡାକନ୍ତାନି, ମୁଁ ଚିହିଁକି ନଉଠି ପାଖକୁ ତା'ର ଯାଇ ପଚାରନ୍ତି କ'ଣ ହେଲା, କହୁନ, ହସିହସି ତା' କଥା ଶୁଣନ୍ତି । ହେଲେ ଏହା ଆଉ ସମ୍ଭବ ନୁହେଁ । ସେ ଯେଉଁଠି ଥାଉ, ଭଲରେ ଥାଉ, ସାବିକଥା ଭାଳିଭାଳି ଦୁଃଖର ପାହାଡ଼ ନେଇ ବିପିନ ଖାଲି ଥୁଣ୍ଟା ଗଛଟିଏ ପରି ବଂଚିଥାଏ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ନଳିନୀ ପ୍ରଭା ମିଶ୍ର



ଲୋକାରଣ୍ୟ ବେଳାଭୂମି କୂଳରେ ବସିଥିଲେ ଲିନା ଓ ବିବେକ । ନିକଟରେ ଅଶାନ୍ତ ମହୋଦଧି, ଲହରୀ ମାଳା ଆସି କୂଳକୁ ସ୍ପର୍ଶ କରି ଫେରି ଯାଉଛି ।

ଅଦୂରରେ ଝାଉଁ ବଣ, ଶିରି ଶିରି ପବନ, ମନ ଓ ଦେହରେ ଶିହରଣ ଆଣୁଛି, କିନ୍ତୁ ଏ ଶିହରଣ ଲିନା ଓ ବିବେକର ମନ ଓ ଦେହକୁ ଶିହରଣ ଆଣିବା ପରିବର୍ତ୍ତେ କେଉଁ ଏକ ଅଜଣା ଆତଙ୍କରେ ଛାଇ ଦେଇଛି । ଆଜି ସେ ଦୁହେଁ ପଳାୟନପନ୍ଥୀ । ଘରୁ ବାହାରି ଆସିବାର ଦଶଦିନ ବିତି ଗଲାଣି । ଦୁହିଁଙ୍କର ସ୍ୱୀକୃତିବିହୀନ ପ୍ରେମ ସମ୍ପର୍କ ।

ବେଳାଭୂମିର କେଉଁ ଏକ ହୋଟେଲରୁ ଭାସି ଆସୁଛି ଓଡ଼ିଆ ସିନେମା ସଙ୍ଗୀତ;

"ଆସିବ ବର ତୋର

ହୋଇବ ବାହାଘର

ତାପରେ କି ହେବ

କହ ଲୋ..."

ଏ ସଙ୍ଗୀତ ମଧ୍ୟ ସେମାନଙ୍କ ମନକୁ ଆନନ୍ଦ ଦେଇ ପାରୁନାହିଁ । ବାହାଘର ତାପରେ କଣ ହେବ ଏ ସବୁ ସେ ଦୁହିଁଙ୍କ ପାଇଁ ଆଜି ବିରାଟ ସମସ୍ୟା ।

ହାତରେ କିଛି ପଇସା ପତ୍ର ନାହିଁ । ଲଜିଂର ଭଡା ନଦେଇ ପାରିବାରୁ ମ୍ୟାନେଜର ଦୁହିଁଙ୍କୁ ବାହାର କରି ଦେଇଛି । ବିବେକ ବେକାର । କିଛି କାମ ଧନ୍ଦା ନାହିଁ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆମେ ଅସ୍ପୃଶ୍ୟତାକୁ ବାରଣ ବିରୁଦ୍ଧରେ ଯେତେ ସ୍ଲୋଗାନ ଦେଲେ ମଧ୍ୟ ଆମ ଆଗରେ ହିମାଳୟ ଭଳି ଠିଆ ହୋଇଛି ନୀତି ନିୟମର ପ୍ରତିବନ୍ଧକ ପ୍ରାଚୀର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟାଣି ହୋଇଯାଇଛି ଲକ୍ଷ୍ମଣ ରେଖାଟିଏ । ତାକୁ ଅତିକ୍ରମ କରିଗଲେ ଜାତିଭାଇ ନିଆଁ ପାଣି ସବୁ ମନା । ଲିନା ଓ ବିବେକ ଦୁହିଁଙ୍କର ଜାତି ଅଲଗା । ନୀରବତା ଭିତରେ ଦୀର୍ଘ ସମୟ ବିତିଗଲାଣି । ଲିନା ବିବେକର ପିଠି ଉପରେ ହାତ ରଖି ପଚାରିଲା ଏବେ ଆମେ ଏଠି ତା ପରେ କଣ କରିବା ?

ଏହି ପ୍ରଶ୍ନର ଉତ୍ତର ବିବେକ ହୃଦୟକୁ ତୀର ମାରିଲା ଭଳି ନିକ୍ଷେପ କରିନେଲା, ସତରେ ସେ ତ ଏ ପର୍ଯ୍ୟନ୍ତ ପର କଥା ଚିନ୍ତା କରିନାହିଁ । ଜୀବନ ତ ! ଖାମଖିଆଲି ନୁହେଁ, ସେ ଗୀତାରେ ପଢିଥିଲା କର୍ମ ହିଁ ଭଗବାନ ।

କର୍ମ କରିଯାଅ ତା ପରେ ଫଳ ଯାହା ହେବ ଭଗବାନଙ୍କ ହାତରେ ।

ବିବେକ ଉଚ୍ଚ ଶିକ୍ଷିତ ଅଥଚ ବେକାର ଆଜିକାଲିର ଚାକିରୀ ବ୍ୟବସ୍ଥା ଯାହା ନା ଅନ୍ଧାରରେ କେବଳ ବାଡି ବୁଲାଇବା । ଗୋଟିଏ ଇଣ୍ଟରଭିୟୁ ପାଇଁ ଲକ୍ଷ ଲକ୍ଷ ପିଲା । ତା ପରେ ସେଥିରେ ପୁଣି ସ୍ଥାନ ସଂରକ୍ଷଣ । ମନେ ପଡ଼ିଲା କଲେଜ ପଢା ସମୟର କଥା ମାଗାଜିନ୍ ରେ "ତା'ପରେ ଶୀର୍ଷକ ଗଳ୍ପଟିଏ ଦେଇଥିଲା । ମାଗାଜିନ୍ ର ସବୁ ଗଳ୍ପ ଗୁଡ଼ିକୁ ନେଇ ବାର୍ଷିକ ଉତ୍ସବ ପାଇଁ ଯେଉଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ସେଥିରେ ସେ ହୋଇଥିଲା ପ୍ରଥମ ।

ପ୍ରଥମେ ପ୍ରେମର ଉତ୍ପତ୍ତି, ବିନ୍ଦୁରୁ ବଳୟ । ବିନ୍ଦୁ ଠାରୁ ସମ୍ପୂର୍ଣ୍ଣ ବଳୟର ଦୂରତାକୁ ପ୍ରଥମେ ନିଜ ସାମର୍ଥ୍ୟ ଅନୁସାରେ ଆକଳନ, ପ୍ରେମରେ ସଫଳତା ତା 'ପରେ ଭବିଷ୍ୟତ ପନ୍ଥା ନିରୂପଣ । ଏଥିରୁ ଗୋଟିକରେ ଅକୃତକାର୍ଯ୍ୟ ହେଲେ ସେ ପ୍ରେମ ମୂଲ୍ୟହୀନ । ଲିନାର ପ୍ରଶ୍ନର ଉତ୍ତର ସେ ଏବେ ଦେଇ ପାରିବ ।

କାରଣ ତା'ପରେ ସେମାନେ ଚାଲିଯିବେ ବହୁତ ଦୂରକୁ ଯେଉଁଠି ନଥିବ ଜାତିଭେଦର ପ୍ରାଚୀର ।

ଜଙ୍ଗଲର ବାଘ, ଭାଲୁମାନଙ୍କ ଠାରୁ ମଧ୍ୟ ଅଧିକ ହିଂସ୍ର ଏ ମଣିଷଗୁଡାକ, ଜାତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାତି କହି ଶେଷ କରିଦେବେ ଏ ଜୀବନକୁ ।

ପୋଲିସ ଖୋଜୁଛି ଏ ଦୁହିଁଙ୍କୁ ।

ତା' ପରେ ଯେ ଅବସ୍ଥା କ'ଣ ହେବ ?

ଆଖି ବୁଜି କିଛି ସମୟ ଚିନ୍ତା ଭିତରେ ବୁଡିଗଲା ବିବେକ । ତା'ପର ସେମାନଙ୍କ ହାତରେ ନାହିଁ । ଈଶ୍ୱରଙ୍କ ଉପରେ ଶେଷ ନିଷ୍ପତ୍ତି ଛାଡି ଦେଇ ଦୁହେଁ ବାଛି ନେବେ ଏକ ସୁସ୍ଥ ସୁନ୍ଦର ନିର୍ଭୟ ପରିବେଶ ।

ଅସ୍ପୃଶ୍ୟତା ବିରୋଧରେ ଜାଗରଣର ସ୍ୱର । ତା'ପରେ ଏହା ହିଁ ସେମାନଙ୍କ ଭବିଷ୍ୟତର ନିର୍ଦ୍ଧାରିତ ପନ୍ଥା ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ

ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭକତ ବନ୍ଧୁ ଶ୍ରୀଜଗନ୍ନାଥ

ନିତ୍ୟ ରଞ୍ଜନ ନନ୍ଦ



ସେଦିନ ଥିଲା ଏକ ବର୍ଷା ଭିଜା ଦିନ । ତୁହାକୁ ତୁହା ବର୍ଷା ଲାଗି ରହିଥାଏ ପାହାନ୍ତା ପହରରୁ । ବାହାରକୁ ବାହାରିବା କଷ୍ଟ । ଘରେ ବି ପରିବା ନଥାଏ । ଶ୍ରୀମତୀଙ୍କୁ ପଚାରିଲି ଆଜି କଣ ରୋଷେଇ ହେବ, ଘରେ ପରିବା ତ ସରିଯାଇଛି । ଶ୍ରୀମତୀ କହିଲେ - ନାଇଁ, ଆଜି ରୋଷେଇ କରିବାକୁ ମନ କହୁନି । ଭାରି ଇଛା ହେଉଛି, ଜଗନ୍ନାଥଙ୍କ ପ୍ରସାଦ ଟିକେ ମିଳନ୍ତା କି ? ଉପାସ ରହିଯିବି ପଛେ ଜଗନ୍ନାଥଙ୍କ ପ୍ରସାଦ ବିନା ଆଜି ଅନ୍ନ ଛୁଇଁବିନି । ମୁଁ କହିଲି, ପାଗଳ ହେଲ । ଏ ଯେଉଁ ବର୍ଷା, ମୁଁ ପରିବା ଆଣିବାକୁ ବାହାରି ପାରୁନି, ତୁମକୁ ପୁଣି ପୁରୀରୁ ଅବଢ଼ା ଆଣି ଦେବ କିଏ ? ହେଉ ହେଲା, ଏବେ ଚୁଡାଘଷା କରିଦିଅ, ଖାଇଦେବା, ତେଣିକି ତାଙ୍କ ଇଛା । ଚୁଡାଘଷା ଖାଇ ପ୍ରାୟ ଆଉ ଭୋକ ହେଉ ନଥାଏ । ଶ୍ରୀମତୀ କିନ୍ତୁ ମଝିରେ ମଝିରେ ମହାପ୍ରସାଦ କଥା ମନେ ପକେଇ ଦେଉଥାନ୍ତି । କଥାଟା ଅସମ୍ଭବ ଭାବି ମୁଁ ସେ କଥାରେ ଗୁରୁତ୍ୱ ଦେଉ ନଥାଏ । ପ୍ରାୟ ସାଢ଼େ ତିନିଟା ବେଳକୁ ବର୍ଷା ଛାଡି ଆସିଲା । ଛତା ଆଉ ପରିବା ବ୍ୟାଗ ଧରି ମୁଁ ବାହାରିଗଲି ବଜାରକୁ ।

କିଛି ସମୟ ପରେ ଆମ ଘର କବାଟ ଠକ ଠକ ହେଲା, ଶ୍ରୀମତୀ କବାଟ ଖୋଲି ଦେଖନ୍ତି ତ ଜଣେ ବୁଢା ବ୍ରାହ୍ମଣ ଠିଆ ହୋଇଛନ୍ତି । ହସି ହସି କହିଲେ - ମା' ପୁଅ ନାହିଁକି ? ହେଉ, ତୁ ମତେ ଚିହ୍ନିନାହୁଁ, ପୁଅ ଜାଣିଛି । ମୁଁ ମଉସା ପରା । ପୁରୀ ଯାଇଥିଲି, ବାଦାମବାଡ଼ିରେ ପହଞ୍ଚି ଭାବିଲି ଏ ଅବଢ଼ା ଗଣ୍ଡାକ ପୁଅ ଘରେ ଦେଇ ଗାଁକୁ ଚାଲିଯିବି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉ ମା' ନେଲୁ ନେଲୁ ଅବଢ଼ା, ମୁଁ ଗାଁକୁ ଯିବି, ଡେରି ହୋଇଯିବ ।

ଶ୍ରୀମତୀ ଅବଢ଼ା ନେଇ ରଖୁ ରଖୁ କହିଲେ ମଉସା ! ବର୍ଷାରେ ଭିଜିଛ, ଘରକୁ ଆସ । ମୁଁ ଟିକିଏ ଚା' କରିଦେଉଛି, ପିଇଦେଇ ଚାଲିଯିବ । ଡେରିହେବ କହି ବହୁ କଷ୍ଟରେ ରାଜିହେଲେ ମଉସା । ଦାଣ୍ଡଘରେ ପୋଛିପାଛି ହୋଇ ବସିଲେ । ଶ୍ରୀମତୀ ଚାଲିଲେ ଘର ଭିତରକୁ ଚା' କରିବାକୁ । ଚା' ନେଇ ଆସିଲା ବେଳକୁ ମଉସା ନାହାନ୍ତି । ଚା' କପ ଧରି ଶ୍ରୀମତୀ ସେମିତି ଠିଆ ହୋଇଛନ୍ତି । ମୁଁ ପହଁଚିଲା ବେଳକୁ ଏ ଦୃଶ୍ୟ । ଘର ମହାପ୍ରସାଦ ମହ ମହ ବାସ୍ନାରେ ଭରପୂର । ଶ୍ରୀମତୀଙ୍କୁ ପଚାରିବାରୁ ସେ କହିଲେ ତମର ମଉସା ଆସିଥିଲେ ଏ ମହାପ୍ରସାଦ ନେଇ, ଚା' କରି ଆଣିଲା ବେଳକୁ ସେ ପଳେଇ ଗଲେଣି ।

ମୁଁ ଆଶ୍ଚର୍ଯ୍ୟ ହୋଇ ମଉସାଙ୍କ ରୂପ ଶୁଣିବା ପରେ ଶ୍ରୀମତୀଙ୍କୁ କହିଲି ଯେ ଏପରି କେହି ମୋର ମଉସା ନାହାନ୍ତି । ତା ଛଡା, ଦିନ ସାଢେ ୨ଟା ପରେ ପୁରୀ ଅବଢ଼ା ବାହାରେ, ପୁରୀରୁ ଆଣି ଏଠି କଟକରେ ପହଞ୍ଚିବାକୁ ଅତି କମରେ ତିନି ଘଣ୍ଟା ଲାଗିବ । ଏ କେମିତି ସମ୍ଭବ ? ଅବଢ଼ା ପୁଡ଼ିଆ ଖୋଲ, ଦେଖିବା । ପୁଡ଼ିଆ ଖୋଲି ଦେଖିଲୁ, ସବୁ କିଛି ଗରମ ଗରମ, ମହ ମହ ମହକୁଛି ଘର । ମୁଣ୍ଡରେ ହାତ ଯୋଡି ବସିପଡି ଶ୍ରୀମତୀଙ୍କୁ କହିଲି, ତମେ ଭାଗ୍ୟବତୀ, ତାଙ୍କୁ ସ୍ୱଚକ୍ଷୁରେ ଦେଖିଲ । ସେ କେହି ନୁହନ୍ତି, ଜଗତର ନାଥ ଜଗନ୍ନାଥ । ତମ ଜିଦ ପାଇଁ ତାଙ୍କୁ ପୁରୀରୁ ପ୍ରସାଦ ନେଇ କଟକ ଆସିବାକୁ ହେଲା ।

ଶ୍ରୀମତୀ ବୁଝିସାରି ଖାଲି କାନ୍ଦୁଥିଲେ, କହିଲେ, ମୋ ହାତର ଚା' କପେ ତାଙ୍କୁ ଦେଇ ପାରିଲିନି । ମୁଁ ବୁଝାଇଲି, ସେ କଣ ଚା' ପିଅନ୍ତି ଯେ ପିଇଥାନ୍ତେ । ତା ଛଡ଼ା ମୁଁ ବି ତ ଫେରି ଆସୁଥିଲି ନା ! ସେ ରହିଥାନ୍ତେ କେମିତି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଦିନ ମହାପ୍ରସାଦ କେଇ ଜଣ ଜଗନ୍ନାଥ ଭକ୍ତ ସାଇପଡ଼ିଶାଙ୍କୁ ଦେଇ ଆମେ ଆନନ୍ଦରେ ପ୍ରସାଦ ସେବନ କଲୁ । ଜୟ ଜଗନ୍ନାଥ ।

କଥାଟି ସରିଲା ବେଳକୁ ମୋ ଟେବୁଲ ଉପରେ ଥିବା ଆମ ଦୁହିଁଙ୍କ ପାଇଁ ଚା' ଥଣ୍ଡା ହୋଇ ସାରିଥିଲା । ପରିବେଶ ଜଗନ୍ନାଥମୟ ହୋଇ ସାରିଥିଲା । ଜୟ ଜଗନ୍ନାଥ ।

ଡ଼ି ଏଲ ଏ -୧୨

ବୀର ସୁରେନ୍ଦ୍ର ସାଏ ନଗର

ଭୁବନେଶ୍ୱର -୭୫୧୦୧୦

ମୋ - ୯୪୩୭୬୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନଖ

ଜଗଜୀବନ ସେଠୀ



ନଖ ତ ସମସ୍ତଙ୍କର ଥାଏ । ପିଲାବେଳର ଅପରଛନିଆ ନଖ ସମସ୍ତଙ୍କର ମନେ ଥିବ ନିହାତି । ନାକ ଭିତରେ ନଖ ପୁରାଇ ଶୁଖିଲା ସିଂଘାଣି ବାହାର କରିବା, ପିଠି କୁଣ୍ଡେଇ ହେବା, କଳି ଲାଗିଲେ ରମ୍ପା ରମ୍ପି ହେବା ଆଦି ଅନେକ କାମରେ ନଖ ଶରୀରର ଏକ ବଳୁଆ ଅଙ୍ଗ । ରମ୍ପା ରମ୍ପି କହିଲେ ସୁର ଅଜାଙ୍କ ରମ୍ପା ରମ୍ପି ନୁହେଁ, କାଛୁ କୁଣ୍ଡିଆ କି ଘିମିରି କଥା କହୁଛି । ପିଲାଦିନର କଥା, ବୟସ ୪ କି ୫ହେବ, ଥରେ ଆମ୍ବ ଗଛକୁ ଟେକା ମାରୁ ମାରୁ ଟେକାଟି ଡାଳରେ ବାଜି ମୋ ବାମ ଗୋଡ଼ର ବୁଢା ଆଙ୍ଗୁଳି ଉପରେ ପଡିଲା, ନଖଟା ମରିଗଲା, ବହୁତ କଷ୍ଟ ହେଲା ତାକୁ ବାରିକ ପାଖକୁ ଯାଇ ବାହାର କରାଗଲା । ମୋର ଗୋଟେ ଚିନ୍ତା, ବାହାଘର ପାଇଁ ଝିଅ ମିଳିବେ ତ, କାରଣ ଯଦି ନଖ ନଥିବା କଥା ସେ ଝିଅ ଜାଣିଦେବ, ତାହେଲେ କଥା ସରିଲା ! ମୋ ସାଙ୍ଗ ରମେଶ ଆସି କହିଲା, "ବୋଇଲେ, କିଅଣ ପାଇଁ ଚିନ୍ତା କରୁଚ ହେଁ, କିସଟା ହେଲେ ହେଁ ତମର ।" କହିଲି, ସମସ୍ତେ କହିବେ ଭଙ୍ଗା ନଖୁଆ, ମୋ ନଖଟା ମରିଗଲା, ଜୀବନ ସାରା ଆଉ ମୋ ନଖ ରହିବନି ।

"ବୋଇଲେ ଏଇଟା ଆକା, ଗୋଟେ କଥା କିରେ ବାବୁ, ନଖ କେବେ ମରେ କିରେ ମୂର୍ଖ, ନଖ ବା ଆଉଥରେ ଜନମ ହୁଏ, ଆହୁରି ଜାଣିଥା ଯଦି ନଖକୁ ପୋତି ଦେବୁ ନା ସେଥିରୁ ନଖ ଗଛ ବି ଉଠିବ !"

ରମେଶ ଭାଇ ଏତିକି କହି ଚାଲିଗଲେ, ବୟସରେ ୬ ମାସ ବଡ କିନ୍ତୁ ଆମ ସମସ୍ତଙ୍କର ଲିଡର ଥିଲେ । ଏ କଥାକୁ ନେଇ ମୁଁ ପରୀକ୍ଷା କରିବାକୁ ଚାହୁଁଥିଲି, ଅଙ୍ଗନବାଡିରେ ପଢୁଥିଲି ନା, ସୋନାଲି ବି ସେଠି ପଢେ । ସୋନାଲି ଗୁଲୁଗୁଲୁ କଥା କହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ ହୃଦୟଟାକୁ ଚୋରାଇ ନେଇଥିଲା । ଆଚ୍ଛା ଆଚ୍ଛା, ମୁଁ ତା ପାଇଁ ପରାଜପତି ଧରି ଦିଏ, ସେ ଖୁସି ହେବ ଭାବି କଙ୍କି ଧରି ବି ତାକୁ ଦିଏ । ଦିନେ ଦିନେ ଯେତେବେଳେ ଅଙ୍ଗନବାଡି ନ ଆସେ, ମୋର ବି ପେଟ କାଟେ କହି ମାଆକୁ ଠକି ଦିଏ । ସୋନାଲିକୁ ସବୁ କଥା କହିଲି, ନଖ ବିଷୟରେ ବି କହିଲି । ସୋନାଲି କହିଲା, "ମୂର୍ଖ ନଖ ଗଛରେ ଖାଲି ନଖ ଫଳେନି, ଯାହାର ନଖ ସେ ବି ଫଳେ ।" ମନେ ମନେ ବହୁତ ଖୁସି ହେଲି, କାରଣ ଏବେ ମୋ ପାଖରେ କେତେ ସୋନାଲି ହେଇଯିବ । ଦୁଇଟା, ଚାରିଟା, ଶହେଟା ! ସୋନାଲି...... ସୋନାଲି... ସୋନାଲି.... ସୋନାଲି..... ଚାରି ଆଡ଼େ ସୋନାଲି ହିଁ ସୋନାଲି ହେଇଯିବ । ଯେଉଁ ସୋନାଲିକୁ ଅଙ୍ଗନବାଡି ଦିଦି ବେଳେ ବେଳେ ଗାଳି କରିବେ, ତାକୁ ଆଉ ଦେଖିକି ମନ ଦୁଃଖ ନକରିକି ଆଉ ଗୋଟେ ସୋନାଲିକୁ ଦେଖିବି, ଯିଏ ହସୁଥିବ । ବାପରେ, ଏତେ ସୋନାଲି ଦରକାର ନାହିଁ, କିଏ ଏତେ ପରଜାପତି ଧରିବ, କିଏ ଏତେ କଙ୍କି ଧରିବ । ତେଣୁ ନିଷ୍ପତି ନେଲି ତିନିଟା ସୋନାଲି ରଖିବି ।

ସୋନାଲିକୁ ଗୋଟେ ଉଚ୍ଚା ଜାଗାରେ ବସାଇଦେଲି, ଜେଜେ ବାବା ଦାଢ଼ି କାଟିଲା ବେଳେ ଯେଉଁ ବ୍ଲେଡ ବ୍ୟବହାର କରୁଥିଲେ, ସେଥିରୁ ଗୋଟେ ମୋ ମୁଣାରେ ଥିଲା । ସୋନାଲିର ବାମ ହାତର ସବୁ ନଖକୁ କାଟି ସଫା କରିଦେଲି । ଗୋଟେ ପତ୍ରରେ ସବୁ ଯାକ ନଖକୁ ପୁଡିଆ କରି ବାଡ଼ି ବଗିଚାକୁ ଧାଇଁଲି । ଗୋଟେ ଛୋଟ ଗାତ କରି ନଖ ଯାକୁ ପୋତିଦେଲି । ସେ ଦିନଠୁ ଯେତେବେଳେ ଘରେ ଖାଏ, ମୁଁ ସୋନାଲିର ନଖ ଗଛକୁ କିଛି ଲୁଚେଇ କି ଖାଇବାକୁ ଦିଏ । ହେଲେ ଆମ ଟୁଟୁ କୁକୁରଟା କେମିତି ଜାଣିଦିଏ, ସାଙ୍ଗେ ସାଙ୍ଗେ ଆସି ଚାଟି ପକାଏ । ତେଣୁ ନିଷ୍ପତି ନେଲି, ଏବେ ଖାଇବା ଆଉ ମାଟି ଉପରେ ରଖିବିନି, ଟିକେ ମାଟି ଘୋଡେଇ ଦେଉଥିବି ।

ତା ପରଠୁ ଆଉ ସୋନାଲିକୁ ଦେଖିନି, ବାପା ତାର ସୁରତରେ ରୁହେ, ସୋନାଲିର ଦେହ ଖରାପ ହେଲା ବୋଲି ତା ବାପା ତାକୁ ସାଙ୍ଗରେ ନେଇଗଲେ । ହେଲେ ମୋ ମନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଃଖ ନାହିଁ କାରଣ, ସୋନାଲି ଗଛରେ ଏବେ ଅଙ୍କୁର(ପ୍ରଥମ ପତ୍ର) ଆସିଲାଣି, ଏବେ ନିତି କ୍ଷୀର ଆଉ ଫଳ ବି ଖାଇବାକୁ ଦେଉଛି । ନୀଳ ନୀଳ ପତ୍ର ଶାଖା ମେଲିଲାଣି, ଖୁସି କହିଲେ ନସରେ, ଗୋଟେ ସୋନାଲିକୁ ହରାଇବା ଦୁଃଖ ଅନୁଭବ କରିବି ନା କେତେ ସୋନାଲି ପାଇବା ପାଇଁ ଖୁସି ମନାଇବି ଦ୍ୱନ୍ଦ୍ୱରେ ରହୁଥିଲି । ବାପା ହଠାତ ଅଦାଢୁଆ କୋଦାଳ ଆଣି ଗଛଟାକୁ କାଟିଦେଲେ, ବହୁତ କାନ୍ଦିଲି । ଅଙ୍ଗନବାଡି ବାଡ଼ି ଗଲି, ମନ ଦୁଃଖରେ ବସିଥିଲି, ରମେଶ ଆସି କହିଲା, କାହିଁ ମନ ଦୁଃଖ କରିଛୁ, ସୋନାଲି ଚାଲିଗଲା ବୋଲି, ଆଜି ତାଙ୍କ ଘରେ କାନ୍ଦୁଥିଲେ... ସୋନାଲି ଆଜି ସକାଳେ ମରିଗଲା ବେ ।

ମୁଁ ରମେଶକୁ କହିଲି, ତୁ ତ କହିଥିଲୁ ନଖ ଗଛରେ ଫଳ ଫଳିବ, ହେଲେ କାହିଁକି ଫାଳିଲାନି । ଆବେ ତୁ ଡାହାଣ ହାତର ନଖ ପୋତିଥିଲୁ ତ ? ନରି, ତା ଆଇର ଡାହାଣ ହାତ ନଖ ପୋତିଥିଲା ଯେ ତାର ୬ଟା ଆଇ ଫଳିଥିଲା, ବୋଧେ ତୁ କିଛି ଗଡ଼ବଡ କରିଛୁ । ମୁଁ, ମୋର ଭୁଲ ବୁଝିପାରିଲି, ହେଲେ ମୋର ସବୁଯାକ ରାଗ ବାପା ଉପରେ, ସେ ସକାଳେ କାହିଁକି ଗଛଟାକୁ ହାଣିଦେଲେ । ନଖ ପୋତିଥିବା ଜାଗାରେ ଅଲଗା ଗଛଟିଏ ଭୁଲରେ ଉଠିଯାଇଥିଲା । ପ୍ରକୃତରେ ସେଇଟା ଦୁଦୁରା ଗଛ ଥିଲା, କିଛି ବର୍ଷ ପରେ ଏ କଥା ଜାଣି ପାରିଲି । କିନ୍ତୁ, ଆଜି ବି ହସ ଲାଗେ ନଖ ଗଛ ଯୋଗୁଁ ସୋନାଲି କେମିତି ମୋ ଚୀର ମାନସରେ ରହିଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶ୍ରାବଣ ସନ୍ଧ୍ୟା

ରୁଦ୍ରକାନ୍ତ ରାଉତରାୟ



ଶ୍ରାବଣର ସନ୍ଧ୍ୟା, କାର୍ ଡ୍ରାଇଭର୍ର ଦେହଖରାପ ଥିବାରୁ ଭାବିଲି ଅଫିସ୍ କାମ ସାରି ଚାଲିଚାଲି ପଳେଇବି । ଜୟଦେବ ବିହାରରେ ଘର, ଅଫିସରୁ ଘର ମାତ୍ର ଗୋଟେ କିଲୋମିଟର ହଠାତ୍ ବର୍ଷା, ଦୌଡି ଦୌଡି ମହାପାତ୍ର ବାବୁଙ୍କ ଗେଟ୍ ଭିତରେ ପଶି ତାଙ୍କ ସ୍ଥଟିକରେ ଛିଡା ହୋଇ ରୁମାଲରେ ଆଗ ମୁଣ୍ଡ ଓ ମୁହଁକୁ ପୋଛୁଥାଏ । ମହାପାତ୍ର ବାବୁ ସେକ୍ରେଟାରୀଏଟରେ ଚାକିରି କରନ୍ତି । ଆସୁ ଆସୁ ରାତି ହେବ । ଘରେ କେବଳ ତାଙ୍କ ସ୍ତ୍ରୀ । କାହିଁକି ଡ଼ିଷ୍ଟର୍ଭ କରିବି ଭାବୁ ଭାବୁ ପଛପଟୁ ଶବ୍ଦଟିଏ ଶୁଣାଗଲା ଆରେ "ବିକାଶ" ସେଠି ଛିଡ଼ା ହୋଇଛ ଯେ, ପଛକୁ ଚାହିଁ ଦେଖେ ତ ମହାପାତ୍ର ବାବୁଙ୍କ ପତ୍ନୀ ମୋତେ ବିକାଶ ବୋଲି ସମ୍ବୋଧନ କରି ଡ଼ାକୁଥାନ୍ତି । ଆଶ୍ଚର୍ଯ୍ୟ ଲାଗିଲେବି ତାଙ୍କ ମୁହଁରୁ କେଉଁ ଏକ କାହାଣୀର ଅଜଣା ରୂପରେଖକୁ ଦେଖିପାରୁଥାଏ । ଆଖିର ଚଞ୍ଚଳତାରୁ ଅନୁମେୟ ହେଉଥାଏ ଅନ୍ୱେଷଣର ଆଭାଷ । ଜୋର କରି ମୋ ହାତ ଧରି ଘର ଭିତରକୁ ନେଇଗଲେ । ଡ୍ରଇଁ ରୁମରେ ସୋଫାରେ ବସାଇ ଘରଭିତରକୁ ଚାଲିଗଲେ । ୫ମିନିଟ୍ ପରେ ହାତରେ କଫି ଧରି ଆସି ମୋ ପାଖରେ ବସିପଡ଼ି କହିବାକୁ ଲାଗିଲେ ଜାଣିଛ ବିକାଶ 'ସୋନା' ଗଲାପରେ ତୁମକୁ ମୋ ପୁଅ ବୋଲି ଭାବିଥିଲି । ଗୋଟିଏ ଝିଅ, ସେ ଚାଲିଗଲା ପରେ ଜ୍ୱାଇଁ ହିସାବରେ ତୁମର କଣ ଏ ମାଆ ପ୍ରତି ଟିକିଏ ଦରଦ ନାହିଁ ? ଆସୁନାହଁ କି ଫୋନ୍ ବି କରୁନାହୁଁ । ଠିକ୍ ଏତିକି ବେଳେ ମୋ ମିସେସ୍ଙ୍କ ଫୋନ୍ ଆସିଲା । ହ୍ୟାଲୋ, ହଁ କୁହ ।

- କ'ଣ ଅଫିସରୁ ଫୋନ୍ ?

- କୁହ ଶ୍ୱଶୁର ଘରେ ଅନ୍ତତଃ ୨/୪ଦିନ ରହିକି ଯିବି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାରଦା ଦେବୀଙ୍କର ଏକଥା ଶୁଣି ଫୋନ୍‌କୁ ଓଠ ନିକଟସ୍ଥ ନେଇ ଧୀରେ କହିଲି - ଶୁଣ ତୁମେ ରଖ ମୁଁ ପରେ କଥା ହେଉଛି । ଆରେ ବାବା ବାଟରେ ଅଛି । ବର୍ଷା ହେଉଛି କହି ଫୋନ୍ କାଟି ଦିଅନ୍ତି । ହଠାତ୍ ସେ ସୋଫାରୁ ଉଠିପଡ଼ି ଶାରଦା ଦେବୀ (ମହାପାତ୍ରଙ୍କ ସ୍ତ୍ରୀ) କାନ୍ଥରେ ଝୁଲୁଥିବା ବିକାଶ ଓ ସୋନାର ଫୋଟକୁ କାଢ଼ିଆଣି ଦେଖନ୍ତି ଆଉ କହି ଉଠନ୍ତି ଜାଣିଛ ବିକାଶ ଏଇଟା ତୁମର ସ୍ୱିଜରଲ୍ୟାଣ୍ଡର ଫଟୋ ନା ? କିଂ କର୍ତ୍ତବ୍ୟ ବିମୁଢ ହୋଇ କହି ଉଠିଲି ହଁ, ଆଁ, ହଁ, କଣ କରିବି କିଛି ଭାବିପାରୁନଥାଏ ମୁଁ । ଏ ଅନିଶ୍ଚିତତା ଭିତରେ ଗୋଟେ ନିଶ୍ଚିତ ଚରିତ୍ର ଉଦ୍ଭାବନ ଯେ, ଖୁବ୍ କଠିନ କାର୍ଯ୍ୟ, ହାଲିଆ ବି ଲାଗୁଥାଏ । ଶାରଦା କହି ଉଠନ୍ତି, ଆରେ ବିକାଶ କଫି ଥଣ୍ଡା ହୋଇଗଲା ଯେ, ରୁହ ଗରମ କରି ନେଇଆସେ କହି କିଚେନକୁ ଚାଲିଗଲେ ।  କିଛି ନଭାବି ସିଧା ଘର ଅଭିମୁଖେ ବାହାରିଲା ବେଳକୁ ସ୍ୱଟିକରେ ମହାପାତ୍ର ବାବୁଙ୍କ ଗାଡି ପାର୍କ ହୁଏ । ମହାପାତ୍ର ବାବୁ ମୋତେ ସମ୍ବୋଧନ କରି କହି ଉଠିଲେ, ବର୍ଷା ପାଇଁ ବୋଧେ ଆପଣ .... ? ?

ଓକେ ଓକେ ଆସ ଯିବତ - ଘରକୁ ଆସ । ମାତ୍ର ମୋ ବିବ୍ରତ ଚେହେରା ଦେଖି ମହାପାତ୍ର ବାବୁ ସାମାନ୍ୟ ବିସ୍ମିତ ହୋଇ କହି ଉଠିଲେ ମୋ ସ୍ତ୍ରୀଙ୍କ ସହ ଦେଖା ହୋଇ ସାରିଛ ବୋଧେ । ମହାପାତ୍ର ବାବୁ ମୋତେ ଜୋର କରି ଡ଼ାକିନେଇ ସୋଫାରେ ବସାଇ କହିଲେ ସେଇ ଲୋମ ହର୍ଷଣକାରୀ ବିମାନ ଦୁର୍ଘଟଣାର କଥା  ! ! ! ?

"ସୋନା ଓ ବିକାଶ ଦୁହେଁ ସ୍ୱିଜରଲ୍ୟାଣ୍ଡରେ ରହୁଥିଲେ ଦୁହେଁ ସେଠାରୁ ୫ବର୍ଷ ପରେ ଘରକୁ ଫେରୁଥିଲେ ଦୁର୍ଘଟଣାରେ ସୋନା ଓ ସୋନା ପେଟରେ ବଢୁଥିବା ପିଲାଟିର ଡେଥ୍ ହେଲା । ମାତ୍ର ବିକାଶର ହାର୍ଟବିଟ୍ ଚାଲୁଥିବାରୁ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ଆଡ଼ମିସନ୍ କରାଗଲା । ନ୍ୟୁଜ୍‌ରେ ସେ ସବୁ ଦେଖି ଶାରଦାଦେବୀଙ୍କ ମସ୍ତିଷ୍କର ଭାରସାମ୍ୟ ରହିଲା ନାହିଁ । ଏକମାତ୍ର ଝିଅକୁ ହରାଇଛନ୍ତି ତାର ଦୁଃଖକୁ ପ୍ରସମନ ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜ୍ଞାଇଁ ବଞ୍ଚିଛି ବୋଲି ଯେଉଁ ଟିକକ ଆଶ୍ୱାସନା ଆଜି ପର୍ଯ୍ୟନ୍ତ ତାଙ୍କୁ ବଞ୍ଚେଇ ରଖିଛି । ମାତ୍ର ବିକାଶ ମଧ୍ୟ ସେଇ ମେଡିକାଲ ବେଡ୍‌ରେ ... !!! ମହାପାତ୍ର ବାବୁ ମୋତେ ଡ଼ାକି ତାଙ୍କ ବ୍ୟାଡ଼ରୁମ୍‌କୁ ନେଲେ ସେଠି ଦେଖିଲି ଶାରଦା ଦେବୀ ଘୋର ନିଦ୍ରାରେ । ମାତ୍ର ସେ ବିକାଶ ଓ ସୋନାର ଫଟୋ ଜାବୋଡିଧରି ସାମାନ୍ୟ ସ୍ମିତ ହାସ୍ୟ ମୁଦ୍ରାରେ ବେଶ୍ ଆରାମରେ ଶୋଇଛନ୍ତି ।

ମୁଁ କହି ଉଠିଲି "ମ୍ୟାଡ଼ମ୍ କଫି ଗରମ କରିବାକୁ ଆସି ଏମିତି ଶୋଇ ପଡ଼ିଲେ" ଯେ ? ଉତ୍ତରରେ - ମହାପାତ୍ର ବାବୁ କହିଲେ "ସେ ଏବେ ଜିଅନ୍ତା ଶବ ପାଲଟି ଯାଇଛି ଶରୀର ଅଛି, ଜୀବନ ଅଛି । ମାତ୍ର ମସ୍ତିଷ୍କର କଥା ମନ ବୁଝିପାରୁନି, ଡୋଣ୍ଟ ଓରି ଯାଅ ବହୁତ ଲେଟ୍ ହେଲାଣି, ଘରେ ଅପେକ୍ଷା କରିଥିବେ ।

ବର୍ଷା କମି ଯାଇଥାଏ । ରାସ୍ତାରେ ଆସିବା ବେଳେ ଭାବିଭାବି ଆସିଲି ଅମାବାସ୍ୟାରେ କଣ ଚାନ୍ଦର କଳ୍ପନା ଯୁକ୍ତ ସମ୍ମତ ? କବି ଓ ଲେଖକମାନଙ୍କ ପାଇଁ ହୁଏତ ସମ୍ଭବ ହେଲେ ଶାରଦା ଦେବୀଙ୍କ ପରି ମଣିଷଙ୍କ ପାଇଁ ନାଁ । ଦିନୁଆର ଭଲ ମନ୍ଦର ସାମାନ୍ୟ ବାଛ ବିଚାର ନାହିଁ । ତାଙ୍କ ମାନସ ପଟ୍ଟରେ କେବଳ ଗୋଟିଏ ନାଁ ... 'ବିକାଶ' ତାଙ୍କ ଜ୍ଞାଇଁ ଯାହା ଅଫେରା, ଅସମ୍ଭବ । କେବଳ ତର୍କଶାସ୍ତ୍ରର ଯୁକ୍ତିଭଳି ।

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୧୮୪୦୫୪

ଇମେଲ୍ - rudrakanta456@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମଣିଷ ପଣିଆ

ହେମନ୍ତ ସାହୁ



ସକାଳୁ ସକାଳୁ ଘର ଲୋକଙ୍କ ଜବରଦସ୍ତି କରିବାରୁ ମୁଁ ବାହାରିଛି ମାର୍କେଟ ମନରେ ଗୋଟିଏ କଥା ମୋ ଭଳି କାହାର କଷ୍ଟ ଏତେ ନଥିବା । ମଟର ସାଇକେଲରେ ଟିକେ ଦୂର ଗଲା ପରେ ଜଙ୍ଗଲ ବାଟ ଆଗରେ ଜଣେ ୭୦ ବୟସର ବୁଢ଼ା ବ୍ୟକ୍ତି ଠିଆ ଓ ଆଗକୁ ଯିବା ପାଇଁ ଲିଫ୍ଟ ମାଗୁଛି, କିନ୍ତୁ ଜଣେ ମଧ୍ୟ ତାହା ଆଡ଼କୁ କିଏ ମଧ୍ୟ ସାହାଯ୍ୟ କରୁନାହାନ୍ତି, ଆଜିର ଯୁବପିଢିର ମଣିଷ ପଣିଆ ଭାବ ନାହିଁ ।

ବୁଢ଼ା ବ୍ୟକ୍ତି ଦେଖିବାକୁ ହାଡକଙ୍କାଳ ଭଳି ଦିଶୁଥିଲେ, ଶରୀରରେ ନଥିବା ଭଳି ଚର୍ମ ତା ଆଖିକୁ ଦେଖି ମନ ହୁଏ ଯେମିତି ତା ହୃଦୟର କଷ୍ଟ ତା ଆଖିରେ ଲୁଚାଇ ରଖାଯାଇଛି । ବୁଢାକୁ ଦେଖି ମନରେ ମଣିଷ ପଣିଆ ଭାବ ଜାଗ୍ରତ ହୋଇଛି ଓ ସାହାଯ୍ୟ କରିବା ପାଇଁ ତାଙ୍କ ସାମ୍ନାକୁ ଆସି ଗାଡ଼ି ବନ୍ଦ କରିଛି । ମୁଁ କହୁଛି - ବବା କେଉଁଠାକୁ ଯିବେ । ବୁଢ଼ା ବ୍ୟକ୍ତି - ବବା ୨ କି.ମି ଆଗରେ ରାସ୍ତା କାମ କରାଯାଉଛି ସେଠାକୁ ଯିବି । ମନରେ ପ୍ରଶ୍ନ ଉଠିଲା ଏତେ ଖରା ବେଳକୁ ୭୦ ବୟସ ବୁଢ଼ା କଣ କରିବା ପାଇଁ ଯାଉଥିବ ! ତାଙ୍କୁ ବସାଇ ଗାଡ଼ି ଚଳାଇଲି ।

ଟିକେ ବାଟ ଗଲା ମୋ ମନ ହେଲା ବୁଢ଼ା ବବାକୁ କିଛି ପ୍ରଶ୍ନ ପଚରାଇବା ପାଇଁ - ବବା ଏତେ ଖରାରେ କଣ ରାସ୍ତା କାମ ଦେଖିବାକୁ ଯାଉଛନ୍ତି କେମିତି ? ବୁଢ଼ା ବବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଲେ - ନାହିଁ ବବା ମୁଁ ରାସ୍ତା କାମ ଦେଖିବାକୁ ନୁହଁ ସେଠାରେ କୁଲି ଲେବରର କାମ କରେ ।  ଏହା ଶୁଣି ମୁଁ ଟିକେ ଆଶ୍ଚର୍ଯ୍ୟ ହେଇଗଲି ୭୦ ବୟସର ଜଣେ ବୁଢ଼ା ଲୋକ ଉଠି ପାରୁ ନାହାନ୍ତି , କିନ୍ତୁ ଏହି ବୁଢ଼ା ବବା ସିମେଣ୍ଟ ବସ୍ତା ବୁହୁଛନ୍ତି।  ଏହା ଶୁଣି କି ଟିକେ ଦୁଃଖ ଲାଗିଲା ଓ ମନରେ ପ୍ରଶ୍ନ ଉଠିଲା କି ତାଙ୍କ ପୁଅ ମାନେ କେତେ ନିର୍ଦୟୀ ଥିବେ ୭୦ ବର୍ଷ ବୟସର ବାପାକୁ କାମ କରିବା ପାଇଁ ପାଠଉଛନ୍ତି ।

କିଛି ନଭାବି ବୁଢ଼ା ବବାଙ୍କୁ ତାଙ୍କ ପୁଅ ମାନଙ୍କ ବିଷୟରେ ବୁଝିବାକୁ ଚେଷ୍ଟା କଲି । ତାଙ୍କ ପୁଅ ବିଷୟରେ କହିବା ମାତ୍ରେ ବୁଢ଼ା ବବା ଙ୍କ ମୁହଁରେ ଦୁଃଖର ସୌଲାବ ମାଡ଼ି ଆସିଛି ।  ବୁଢ଼ା ବବା କାନ୍ଦିଲା ଭଳି ଶବ୍ଦରେ କହିଲେ ବବା ତୁମକୁ କଣ ଆଉ କହିବି ଏ ବୁଢ଼ା ର ଦୁଃଖ ଶୁଣିବା ପାଇଁ କାହା ପାଖରେ ସମୟ ଅଛି, ୧ ବର୍ଷ ହେଉଛି ମୋ ଗୋଟେ ବୋଲି ପୁଅ ରମେଶକୁ କନକପୁର ଗାଁ ରୁ ବିବାହ କରାଇଥିଲି ।  ମୋ ପୁତ୍ରବଧୂ ମଧ୍ୟ ଏକ ମାତ୍ର ସେ ଘରର ଝିଅ ଥିଲେ ।  ତେଣୁ ମୋ ପୁଅ ରମେଶ ଆମ ଘର ଆଉ କନକପୁର ତା ଶଶୁର ଘର କାମ କରି ଚଳାଉଥିଲେ ।  ସାତ ଦିନ ତଳର କଥା ମୋ ପୁଅ ରମେଶ ଲେବର କାମ କରିବାକୁ ଯାଇଥିଲା ।  ଦିବା ୧ଟା ରେ ଘରକୁ ଆସି ପାଣି ଟୋପେ ପିଇବା ମାତ୍ରେ ଅଂଶୁଘାତର ଶିକାର ହୋଇ ମୃତ୍ୟୁ ଘଟିଛି ।  ଏବେ ସବୁ ଦୁଇ ପରିବାରର ପାଳନ ପୋଷଣ ମୋ ର କର୍ତ୍ତବ୍ୟ ତେଣୁ ଏତେ ପରିଶ୍ରମ କରିବାକୁ ପଡୁଛି ।  ଏହା କହୁ କହୁ ବୁଢ଼ା ବବା ଆଖିରୁ ଲୁହର ରକ୍ତ ଝରି ଯାଉଛି ।  ଭାରତରେ ୧୪୦ କୋଟିରୁ ଅଧିକ ଲୋକ ବସବାସ କରନ୍ତି କିନ୍ତୁ ୧୪୦ କୋଟି ରୁ ଜଣେ ଅସହାୟ ର ଦୁଃଖ ବୁଝିବା ପାଇଁ କାହା ପାଖରେ ମଣିଷ ପଣିଆ ଭାବ ଜାଗ୍ରତ ହୋଇ ନାହିଁ ।  ମୁଁ ବୃଦ୍ଧ ବ୍ୟକ୍ତିର ଦୁଃଖ ଦେଖି ତାଙ୍କୁ ଆମ ପାଖର ଗୋଟେ କିରାନା ଦୋକାନ ରେ ସହଜ ଭଳି କାମ ଦେଖି ଦେଲି ସେ ଏବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଠି କାମ କରୁଛନ୍ତି।

ନିର୍ବିଶେଷରେ ଆଜି କାଲି ର ଯୁବପିଢି ଅନୁରୋଧ କି ବିବେକାନନ୍ଦ କହି ଯାଇଛନ୍ତି ମାନବ ସେବା ହିଁ ମାଧବ ସେବା ତେଣୁ ନିଜ ମନରେ ମଣିଷ ପଣିଆ ଭାବ ଜାଗ୍ରତ କରି ଦୁଃଖୀ ମଣିଷ ତଥା ଅସହାୟଙ୍କୁ ସାହାଯ୍ୟ କରନ୍ତୁ । ତେବେ ହିଁ ଭାରତ ଦେଶ ରେ ସମସ୍ତେ ଧନୀ, ଗରିବ ଖୁସିରେ ରହିପାରିବେ । ଏହା ଏକ ବାସ୍ତବିକ ଗଳ୍ପ ।

(ରେଗଡା, ଏମ. ରାମପୁର, କଳାହାଣ୍ଡି)

ମୋ - ୬୩୭୧୮୨୭୦୩୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାଲିଆ ଯାଇଛେ ମାଉସୀ ଘର୍

ସତ୍ୟ ନାରାୟଣ ମିଶ୍ର



ଧୁବୁଲାମୁହାଁ, ସୁନାନାକୀ ଆରୁ କାଲିଆଡୁସା ତିନ୍ ହି ଠାକୁର ଯାକର୍ ରଥ କଟକଟ୍, କବାଟ ଠକଠକ୍ ଆବାଜ୍ ସୁନି କରି ମାଉସୀ ମା ଯେନ୍ତା କବାଟ କେ ଖୁଲିଛେ ଇ' ମାନକୁ ଦେଖିକରି କାବା ! ପାଉଆର୍ ଚଷମା ଲଗେଇ କରି ଚିହ୍ନିଲା ଆରୁ ଉସତ୍ ମାଡ଼େ ଗହଗହ ହେଇ କହେଲା "ଇଏ ମା ଗୋ ! ମୋର୍ ପୁତା ମାନେ କାଁ ରେ ! ରଥନେ ବସିକରି ଆଏଜ୍ ମାଉସୀ ଘର୍ ଆଏଲ କାଁ ରେ ଧନ ! ଫୁନ୍ ଫୁନା ଟେ କେନ୍ତା ନାଇଁ କଲ ? ହଉ, ଆସ ଆସ, ଇ ଖଟେ ବସରେ ବା ମାନେ ! ମୁଇଁ ତମର ଲାଗି ପିଠାମଡା ଗୁଡାଦୁ ଛାନି ଦେମି ଯେ ଖାଏବ ।"

କାଲିଆ ବଏଲା, "ନାଇଁ ଗୋ ମାଉସୀ ଥାଉ ଥାଉ, ଆରୁ ଛନା ପନା କିଛି ନି କର ନ, ଘରେ ଜେନ୍ ଟା ଭିଲ୍ ଅଛେ ଦେଇ ଦେ ଯେ ଖାଏମୁ ନ, ବଡା ଭୋକ୍ ଲାଗଲା ନ ଗୋ ।"

ମାଉସୀ କହେଲା, "ବାବୁରେ ! ଇ' ଛନେଆଘଁନୁ ପିଠା ପୁଡ଼େଇ କରି ରଖିଛେଁ, ଖାଏବ ଭେଲ୍ ପୁଡା ପିଠାକେ ?" ଉସତ୍ ହେଇ କାଲିଆ କହେଲା, "ହଁ ଗୋ ମାଉସୀ ! ପୁଡା ପିଠା କେ ଆମର ତ ବଡା ସଉକି, ଦେ ଖାଏମୁ ।" ତେହେରୁ ମାଉସୀ ପୁଡା ପିଠା ଥାଲି ଥି ଆନି କରି ରଖିଛେ ଯେନ୍ତା ଭୋକର୍ ମାଡ଼େ ଗବୋ ଗବୋ ଠୁକି ଦେଲେ ତିନ୍ ଭାଇ ବହେଁନ୍ ।

ଖାଇଲା ବେଲେ ମାଉସୀ କାଲିଆ କେ ପଚରାଲା, "ହଏ ରେ ବାବୁ, ମୋର୍ ବହ ଲଖି କେ ସଂଗେତୁଇ କେନ୍ତା ନି ଆନି ଆସଲୁ ?" ସୁଭଦ୍ରା ଝଟ୍ ସେ କହି ପକାଲା, "ମୋର୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଡ଼ଖା ଦଦା ପରେ ସଂଗେ ଇଟା ଆସିଛନ୍ ଗୋ ! ଦେଢ଼ଶଶୁର ଥିଲେ ଭାଏବ ସଂଗେ ଆସବେ କେନ୍ତା କରି ?" ମାଉସୀ ବଏଲା, "ଖୋ ରେ ମା, କାଁ ହେଲା ଯେ ? ଏଭେ ଆରୁ ଭାଏବ କେନେ ଦେଢ଼ସୁର କେ ଲୁକୁଚନ୍ କାଁ ? ଭାଇ ବହେନ୍ ମାଏନ୍ କରି ଛିଆଁ ଛିଇଁ ଭିଲ୍ ହେଲେ ନ ।" ବଲିଆ ବଏଲା, "ଛାଡ଼ ସେ କଥା, ଇହାଦେ ଦୁଃଖର୍ ସୁଖର କଥା ଟିକେ ହ ଗୋ ମାଉସୀ ! ତୁଇ ଭଲେ ଭଲେ ଅଛୁ ତ ?"

"କାହିଁ ର୍ କଥା ରେ ପୁତା ? ବୁଢ଼ୀ ହେଲି ନ, ଆଖି ଥି ଜାଲି ବସିଛେ ଯେ ବନେ କରି ନାଇଁ ଦିଶୁଛେ, ଭାବୁଛେଁ, ଇ ଥର କେମ୍ପ ଆସଲେ ଅପରେସନ୍ ଟେ କରାମି ନ, ଆରୁ ତମେ ଯେ ରେ ବା ମାନେ ! ବନେ ବନେ ଅଛ ତ ?"

ସୁଭଦ୍ରା କହେଲା, "ତୁଇ ନାଇଁ ଜାନି କାଁ ଗୋ ମାଉସୀ ! ଗଲା ଜେଠ ର୍ ପୁନି ଦିନେ ହେ ପଣାବାହ୍ମନ୍ ମାନେ ଆମକୁ ଜବରଦସ୍ ଗରିଆ ଗରିଆ ଚୁଆଁ ପାନି ଗୁଧେଇ ଦେଲେ ଯେ ତହିଁ ଆର ଦିନୁ ତେର ଦିନ ଯାଏ ତିନେ ଭାଇ ବହନି କେ ଜର୍ । ଜର ବୋଲି ଜର୍ କାଁ, ଶହେ ଚାର୍ ଡିଗ୍ରୀ ତପତ୍ । ଖଟେ ପଡି ପଡି ପିଠି ଅଣ୍ଟା ଦୁଃଖେଇ ଗଲା, ଉଷ ଖାଇ ଖାଇ ତୁଣ୍ ମୁଣ୍ ପିତା ଲାଗିଗଲା । ମନ୍ ଟା ମୁଟେ ସରସ୍ ନାଇଁ ରହେଲା ଯେ ଇଟା ବୁଲି ବାହାରିଥିଲୁଁ ଗୁଂଚା ଗୁଡି ଆଡେ, ଗୁଟେ ହପ୍ତା ହେନେ ରହି କରି ବାହାଡା ଦଶମୀ ଦିନେ ଫିରି ଆସଛୁଁ ଇଟା ।"

କାଲିଆ ବଏଲା, "ଆସଲା ବାଟେ ତୋର ଘର୍ ପଡୁଚେ ଯେ ତତେ ଛନେ ଦେଖି ଆସଲୁଁ ଗୋ ମାଉସୀ ! ଖାସ୍, ତୋର ହାତୁ ପୁଡା ପିଠା ଖାଏମୁଁ ବୋଲି ।" ଭାବେ ଗଦ୍ ଗଦ୍ ହେଇ ମାଉସୀ ବଏଲା, "ଇ ଭାବ୍ ସେନ ସର୍ଦା ଟିକେ ତୋର ମାଉସୀ ର୍ ଉପୁରେ ସବୁଦିନେ ରଖିଥିବ ରେ ବା ମାନେ, କେଭେଁ ଭୁଲିଭୁଲା ନାଇଁ ଯିବ ।" କାଲିଆ କହେଲା, "ଭୁଲିଥିଲେ ତୋର୍ ଘରକେ ଆମେ ଆସିଥିତୁଁ କାଁ ଗୋ ? ହଉ, ଇଛେନ୍ ଆମକୁ ବିଦାକି ଦେ । ବଡ଼ଦେଉଲ୍ କେ ଗଲେ ଯାକେ, ସେଆଡେ ରିଷେ କମଲା ଆମର୍ ବାଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖୁଥିବା ।”

“ଦେଖିକରି ରେ ପୁତା, ଲଖି ର୍ ନେ ନି ଗାଲି ଲାଗବୁ ।” ହସି କରି ଜଗନ୍ନାଥ କହେଲା, “ମୁଇଁ ଯେନ୍ତା ରସିଆ ମନମହନିଆଁ, ମୋର୍ ରସ ରସିଆ କଥା ଥି ତାକେ ମନେଇ ନାଇଁ ପାରେଁ ଭାବିଛୁ କାଁ ?”

“ଛି ରେ ମା ! ପୁଓ ହେଇକରି ମାଉସୀ ଆଘେ ଇଂତା ଅଲାଯୁଗିଆ କଥା କହେସୁ କେନ୍ତା ।”

କାଲିଆ କହେଲା, “ହଏ ଗୋ ମାଉସୀ ! ଏଭେଁ ଇ ପିଲା ଟୁକେଲ ମାନେ ମା ବୁଆ ସାମନେ ଟିଭି ଥି କେନ୍ତା ନଂଗଲା ନାଚି, ପୁଟୁଲା ପୁଟୁଲି, ଚୁମା ଦିଆ ଦି ପିକ୍‌ଚର୍ ସବୁ ଦେଖସନ୍ ଯେ ଇମାନକେ ତ ଲାଜ ନାଇଁ କି ଦେଖଉ ବାଲା କେ ସରମ୍ ନାଇଁ । ମୁଇଁ ତତେ କାଁ ଲାଜ ର୍ କଥା ଟେ କହି ପକାଲି ? ? ? ? ?”

ସିଂଧେକେଲା ବଲାଙ୍ଗୀର


୯୫୮୩୬୦୫୯୧୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାତ୍ ମୁଠେ

ଶୋଭାରାଣୀ ମାଝୀ



ବାଏର୍ ଆଡ଼ର୍ ଘରେ ବସି ବୁଢ଼ା ଘାଏ ଘାଏ ବାଟ ଆଡକେ ଠଁକଉଛେ, ମନେ ମନେ ପୁଟପୁଟେଇ ହଉଛେ । ବେଲ୍ ଉଛୁର୍ ହେଲା ନ କାହିଁ ଗଲା ଗା ଆମର ଭୁଆସେନ୍, ଥିର୍ ନି ଆନି ଦେଲା ଯେ, ଟିକେ ଥେବି କରି ଡାକ୍ ପକାଲା, କିଏ ଥିଲେ ତ ସୁନବା୍ । ବାଟେ ଜୁଗି କରି ବସଲା୍ । ଛନେ ଗଲା ଉତାରୁ ଭୁଆସେନ୍ ଆସଲା୍ ବେଗ ମୁନା ଦୁଇ ଚାଏର୍ ଟା ଧରି, ବୁଢ଼ା ଦେଖୁନ୍ ଧାବ୍ କହେଲା କାହିଁ ଯେଇଥିଲୁ ଗୋ ଉଛୁର୍ ହେଲା ନ ଭାତ୍ ଗରସ୍ୱେ ବାଢ଼ି ଦେ ଖାଏସିଁ, ଭୁଆସେନ୍ ଟାନି ଘାନି ହେଇ କହେଲା କଁଏରୁ ଘରେ ଡାକି ଆସିଥିଲେ ଏକଶିଆ ଭୁଜି ଖାଇ ଯିବ ବଲି କହିଥିନି, କାଏଁଜେ ନାଇଁ ଗଲ, ମୁଇଁ ତ ନି ରାନ୍ଧି ତମର୍ ଲାଗି । ମୁଁଇ ଆଉର୍ ତମର୍ ପୋ ତ ହଟେଲ ନ ଖାଇ କରି ଆଇଛୁଁ, ତମେ ତ ହେ ଘର୍ ନ ଖାଇ ଥିତ । ବୁଢା ମନ ମାରି କରି କହେଲା ନି ସୋର୍ କରି ନ ରେ ମାଁ, ବାସି ମୁଠେ ହେଲେ ଦେ ତ କେତେ ଖାଏସିଁ ଯେ, ବୁଢ଼ାର କଥା ନି ସରି କରି ଭୁଆସେନ୍ କହେଲ୍ା ଆଏଜ୍ ନି ଖ ନ ବାସି ବି ନି ନ, ଦିନେ ନି ଖାଇଲେ କାଏଁ ହେବାଯେ, ବୁଢ଼ା ଆଉର୍ ଉଁ ସୁଁ ନି କରି ପାରଲା ମୁଡ୍ରେ ହାତ୍ ଦେଇ କହେଲା ହାଏରେ ମୋର୍ କପାଲ୍।

ତୁଷୁରା, ବଲାଙ୍ଗୀର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶ୍ୱାବସୁର ଅଶ୍ରୁ

ଶିବନାରାୟଣ ଦାସ



ନୀଳକନ୍ଦରରେ ଯେବେ ଶୁଭିଥିଲା
ତୁମର ସେ ଛାତିଫଟା କରୁଣ କ୍ରନ୍ଦନ,
ବୃକ୍ଷ-ଲତା, ପତ୍ର-ପୁଷ୍ପ ଗହଣେ ସେଦିନ
ପ୍ରତିଧ୍ୱନି ତୋଳୁଥିଲା ଯେବେ
ବିସ୍ଫାରିତ ନୟନରେ ତୁମ ଯନ୍ତ୍ରଣାର ଅରଣ୍ୟରୋଦନ -
"କାହିଁଗଲା କାହିଁଗଲା କୁହ ମୋର ପ୍ରାଣପ୍ରିୟ
ହୃଦୟର ଗଣ୍ଠିଧନ ?
କାହିଁ ହେଲେ ଅନ୍ତର୍ଧ୍ୟାନ
ମୋ ଜୀବ-ଜୀବନ ?
ଭାବର ଅଭାବନୀୟ
ଭାବଗ୍ରାହୀ ମୋର !
କେଣେ ଗଲ ଛାଡି ମୋତେ
ହେ ନୀଳମାଧବ !"

ବିଶ୍ୱାବସୁ ! କେ ବୁଝିଲା କୁହ
ତୁମ ଅଶ୍ରୁ ନିପୀଡିତ ବ୍ୟଥା ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଏ ଅବା ତୁମ ପାଶେ
ଠିଆ ହେଲା ଆସି
ଦେଇ ଟିକେ ସାନ୍ତ୍ୱନାର ଆଶା  !
ତୁମେ ଖାଲି କାନ୍ଦୁଥିଲ
କୋହଶ୍ରୁରେ ଗୁମୁରି ଗୁମୁରି
ଆପଣା ଭିତରେ ଆପେ ଜଳି ଏକା ଏକା ।

ବିଦ୍ୟାପତି ଅପରାଧୀ ତୁମ
କାହାପାଶେ ପାରିଲା କି କହି ?
ବିପ୍ର ହୋଇ କେମନ୍ତ କରିଲା
ଏତାଦୃଶ ବିଧି !
ଜାମାତାର ଚୌର୍ଯ୍ୟବୃତ୍ତି ଦେଖି
କଂଠୁ ତୁମ ସ୍ଫୁରିଲାନି କଥା,
ଲଜ୍ଜା ଆଉ ସଙ୍କୋଚରେ ଯେବେ
ପଡୁଥିଲା ନଇଁ ତୁମ ମଥା ।

ବୁଝି କି ପାରିଲା ତୁମ ଆପଣା ଦୁହିତା
ହୃଦୟ ବେଦନା ତୁମ
ଅଶ୍ରୁସିକ୍ତ ନୟନର ପୀଡା  ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଝି କି ପାରିଲା ସତେ ବିଦଗ୍ଧା ଲଳିତା  !

ଯା ପ୍ରେମର ପରିଣାମ ମୂଲ

କଡା ଗଣ୍ଡା କରି ତୁମେ ଦେଲ,

ଆପଣାକୁ ରିକ୍ତ କରି

ଶୂନ୍ୟ କରି ଆପଣା ଅନ୍ତର

କି ପାଇଲ କୁହ

ବିଶ୍ୱାବସୁ  !

ହରାଇଲ ସିନା ଖାଲି ହୃଦୟ-ଠାକୁର,

ତୁମର ଯେ ଏକାନ୍ତ ନିଜର ।

କେହି ପଛେ ନ ବୁଝିଲେ ନାହିଁ

ତୁମ ଦୁଃଖ ଯନ୍ତ୍ରଣାର ଭାଷା -

ଶୁନ୍ୟ ତୁମ ହୃଦୟର ବ୍ୟାକୁଳ ନିରାଶା,

କେହି ପଛେ ନ ଜାଣିଲେ ନାହିଁ

ତୁମର ସେ ବିରହ ବେଦନା,

ବୁଝିଥିଲେ ବୁଝିଥିବେ ଏକା

ଅନ୍ତର୍ଯ୍ୟାମୀ ପ୍ରଭୁ ଭଗବାନ !

ସେ ପାଇଁ କି ନୀଳାଚଳେ

ଦାରୁବ୍ରହ୍ମ ରୂପେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମକୁ ସେ କରିଗଲେ ତାଙ୍କ
ଅନୁଗତ ସୁଯୋଗ୍ୟ ସେବକ ।

ଦେବସ୍ନାନ ଠାରୁ ଅଣବସରର ଯେତେ
ନୀତିକାନ୍ତି ତୁମ ହାତେ ପାଇ
ପହଣ୍ଡିର ଛେଚା-ପିଟା ମାଦଳ ନୃତ୍ୟରେ
ବାହାରନ୍ତି ଚକାଡୋଳା ରଥାରୁଢ଼ ହୋଇ ।
ଦଇତାପତିର ନାମେ ହେଲ ତୁମେ ଖ୍ୟାତ,
ନବକଳେବରଠାରୁ କୋଇଲି ବୈକୁଣ୍ଠ
ଜନମ-ମରଣ ଲୀଳା ଦାରୁ-ଦେବତାଙ୍କ
ତୁମ ହାତେ ଟେକିଦେଲେ
ଜଗତର ନାଥ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରଥାରୂଢ଼ ଜଗନ୍ନାଥ

ସ୍ୱର୍ଗତଃ ମାୟାଧର ଦାସ



ବରଷକେ ଥରେ ବରଷା ଦିନରେ ହରି,
ତୁମେ ପାରନାହିଁ ଶ୍ରୀମନ୍ଦିରେ ଆଉ ରହି,
ମତ୍ତଗଜ ଚାଲି ଦେଖାଇ ପଡ଼ ବାହାରି,
ଭକତ ବତ୍ସଳ ଭାବେ ଭୋଳ ଭାବଗ୍ରାହୀ ।

ଗୁଣ୍ଡିଚା ମନ୍ଦିରେ ଯିବାତ ଖାଲି ବାହାନା,
ଭେଟିବାକୁ ତୁମ ପ୍ରିୟ ଭକ୍ତ ପରିଜନ,
ହରିଜନ ଯେଣୁ ଶ୍ରୀମନ୍ଦିରେ ଯିବା ମନା,
ଦରଶନ ପାଇଁ ସୁନ୍ଦର ତୁମ ବିଧାନ ।

ତୁମେତ ମାନନା ମଣିଷର ରୀତିନୀତି,
ଦାସିଆ ବାଉରୀ ଶ୍ରୀଫଳ ଶ୍ରୀହସ୍ତେ ନିଅ,
କାଂଚିବିଜୟ କାଳରେ ଶ୍ରୀଗଜପତି,
ମାଣିକର ଦହି ମହାଆନନ୍ଦେ ପିଅ ।

ଭକତ କିଙ୍କର ହୁଅ ପ୍ରଭୁ ଖୁସିମନେ,
ସାଲବେଗ ପାଇଁ ରଥ ଅଟକାଇ ବସ,
ମତ୍ତବଳରାମ ଭକ୍ତର ଅପମାନେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଲିରଥେ ବିଜେ ହୁଅ ବିରାଟ ପୁରୁଷ !

ଭକତ ବାନ୍ଧିଛି ତୁମପଦେ ପ୍ରେମ ଡୋରି,
ଯେଣିକି ଟାଣିଲେ ତେଣିକି ପଡିବ ଢଳି,
ତୁମ କୃପା କିଏ ପାରିବ କଳନା କରି,
ଭାବେ ଧରାଦିଅ ମହାବାହୁ ମହାବଳୀ ।

ଏ ଦେହ ରଥରେ ଜୀବନ-ରଜ୍ଜୁ ଧରି,
କରି ନ ପାରିଲେ ଭାଙ୍ଗପ୍ରୀତି ତୁମ ସାଥେ,
ପାରିବ କେ ତୁମ ଶ୍ରୀମୁଖ ଦର୍ଶନ କରି,
ଜନମେ ଜନମେ ଜୀବ-ରଜ୍ଜୁ ଥିଲେ ହାତେ !

ରଥାରୂଢ଼ ତୁମେ ହୁଅ ଯେବେ ଜଗନ୍ନାଥ,
(କୋଟି କୋଟି ରୂପେ ତୁମ ଅରୂପ ଶୋଭିତ)
ଯହିଁ କୋଟିଏ ନୟନ ଗୋଟିଏ ଶ୍ରୀମୁଖ ଚାହିଁ,
ଦେଖେ ଗୋଟିଏ ଠାକୁର କୋଟିନେତ୍ରେ ବିରାଜିତ !
ଅନାଦି ଅନନ୍ତ ଅଚିନ୍ତ୍ୟରୂପ ସ୍ୱରୂପରେ ଭାବଗ୍ରାହୀ ।

ତୁମେ ବରିନିଅ ଜନମମରଣ ହରି,
ଧର ପୁଣି ତୁମେ ଦିବ୍ୟ ନବ କଳେବର,
ତୁମ ପ୍ରିୟ ସୃଷ୍ଟି ମଣିଷମାନଙ୍କ ପରି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୈବଲ୍ୟ ଦେଇ ଶ୍ରୀଅଙ୍ଗେ ବିଲୀନ କର ।

ଷାଠିଏ ପଉଟି ଅନ୍ନ, ଛପନ ଭୋଗ,
ଏସବୁତ ଖାଲି ଜଗତଜନଙ୍କ ପାଇଁ,
ଆନନ୍ଦବଜାରେ ମହାପ୍ରସାଦର ଯୋଗ
ଭାଗ୍ୟେ ଥିଲେ ମିଳେ, ତୁମେ କିଛି ଖାଅନାହିଁ !

ଶୂନ୍ୟଦେହୀ ହେ ନାହିଁ ତୁମ ପାଦପାଣି,
ଅନନ୍ତ ବ୍ରହ୍ମାଣ୍ଡ ତୁମେ ପରିକ୍ରମା କର,
ଚତୁରବର୍ଗଦାନୀ ଚିନ୍ମୟ-ଚିନ୍ତାମଣି ।
କରରେ କମଳ, ଶଙ୍ଖ, ଚକ୍ର, ଗଦା ଧର ।

ତୁମରି ସୃଷ୍ଟିର ତୁମେ ସୂକ୍ଷ୍ମ ରୂପକାର,
ଶୂନ୍ୟପୁରୁଷ ହୋଇ ବିଶ୍ୱରୂପ ଧର,
ଯୁଗେଯୁଗେ ପୁଣି ହୋଇ ନର ଅବତାର
ଭବୁଁ ଦୂର କର ଅଜ୍ଞାନ ଅନ୍ଧକାର ।

ଚୈତନ୍ୟ ଉଦୟେ ତୁମେ ଅଭିବ୍ୟକ୍ତ ହୁଅ,
ଅଭିରାମ ରୂପ ପ୍ରତିମା ଦେଖିଲେ ଡୋଳେ,
ଜଗତ ଦିଶଇ ସର୍ବ ଜଗନ୍ନାଥମୟ !
ଅନ୍ତରେ ତୁମ ଜ୍ୟୋତିର୍ମୟ ରୂପ ଜଳେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚନ୍ଦନ ଚର୍ଚ୍ଚିତ ସୁନ୍ଦର ହରି ତୁମ ନୀଳ କଳେବର,
ଅଖଣ୍ଡମଣ୍ଡଳାକାର ଢ଼ଳଢ଼ଳ ଦୀପ୍ତ ନୟନ ଦୁଇ,
ଶ୍ରୀଭୁଜେ ଲମ୍ବିତ ସୁଶୋଭିତ ପ୍ରୀତି ତୁଳସୀ ଦୟଣା ହାର,
ପାଟ ପୀତାମ୍ବର ଦିବ୍ୟ ଶ୍ରୀଅଙ୍ଗରେ ଶୋଭାପାଉଥିବ ରହି ।

ଶିରେ ଶିଖୀପୁଚ୍ଛ, ମଞ୍ଜୁଳ କୋରକେ କେଶପାଶ ଥିବ ଭିଡି,
ନୀଳକାନ୍ତମଣି ମୁକୁଟେ ଝଟକୁଥିବ ତୁମ ଦିବ୍ୟବେଶ,
ହରିଚନ୍ଦନର ଚିତା ଲଲାଟରେ ବାସ ଯାଉଥିବ ଉଡି,
ବନ୍ଧୂଲି ଅଧରେ ଲାଗିରହିଥିବ ରହସ୍ୟମୟ ହସ !

ଏତିକି ମୋ ବାଞ୍ଛା ଏ ମାତ୍ର ଭୁବନୁଁ ଜୀବ ଯିବାବେଳେ ହରି,
ବାନ୍ଧିଥିବ ଆଣ୍ଟେ ମୋ' ଚୈତନ୍ୟ ଖୁଂଟେ ଭକ୍ତ ପ୍ରେମ ଭାବଡୋରି,
ଦରଶନ ଦେବ ହେ ପୁରୁଷୋତ୍ତମ ଭବ୍ୟ ଦିବ୍ୟରୂପ ଧରି !
ଜନମ ମରଣୁଁ ହେ ପରମ ! ମୋର ଜୀବ ଆତ୍ମା ଯିବ ତରି ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୀବନ ନଟିକା

ଅମୃତ ନାରାୟଣ ଶତପଥୀ



ଜୀବନ ନୁହଁଇ ସୁଦୀର୍ଘ ନାଟକ କ୍ଷୁଦ୍ର ଗୋଟିଏ ନାଟିକା,

ସେହି ନାଟିକା କୁ କରନାହିଁ ଶେଷ ବୁଲି ବ୍ୟସନ ବାଟିକା ।(୧)

ଭାବୁଥାଏ ଯିଏ ନିଜ ପ୍ରାଣଟିକୁ ବୁଢ଼ୀ ଅସୁରୁଣୀ କାହାଣୀ ପ୍ରାୟେ,

ସାତତଳ ପାଣି ସାତତଳ ପଙ୍କ ତଳେ ଫରୁଆରେ ଯେ ରଖିଥାଏ ।

(୨)

କିନ୍ତୁ ଜଣା ନଥାଏ ବ୍ୟସନ ଫେସନ ସେ ପ୍ରାଣ ନାଟିକା ସାରେ,

ନିଶା ଦ୍ରବ୍ୟର ସେବନ ମାତ୍ରକେ ମୃତ୍ୟୁ ଛାୟା ମନୁଷ୍ୟକୁ ଘେର । (୩)

ତମ୍ବାଖୁ ସେବନ ପାନ, ବିଡି, ସିଗାରେଟ, ଖଇନି ଅବା ଗୁଟଖା,

ଦୂରାରୋଗ୍ୟ ଆଣେ ମନୁଷ୍ୟ ଶରୀରେ ଜୀବନକୁ କରେ ହିନସ୍ତା ।(୪)

ଏଥିପାଇଁ ସର୍ବେ ସଂଯମତା ରକ୍ଷାକରି ବ୍ୟସନ ସାମଗ୍ରୀ ଛାଡ,

ନ ହେଲେ ଜୀବନ ନାଟିକା ସମାପ୍ତି ମାନିବନି ବନ୍ଧ ବାଡ ।(୫)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୃଷକ ଆମ ବନ୍ଧୁ

ଅଭୟ କୁଣ୍ଡ



ସେ ମାଟିର ମଣିଷ ମାଟିରେ ଯାଏ ମିଶି
ମାଟିକୁ ସିଏ ଚନ୍ଦନ ଭାବି
କ୍ଷେତରେ ଯାଏ ମଜ୍ଜି ।
ହଳ ଲଙ୍ଗଳ କାଙ୍କ କୋଦାଳ
ଏସବୁ ତାର ସାଥି,
ନ ଡରେ ବର୍ଷା ଶୀତ କାକର
ଡରେନା କେବେ ତାତି ।

ବନ୍ୟା ବାତ୍ୟା ମରୁଡି ମଧ୍ୟେ
କଷ୍ଟୁଥାଏ ସେ ଜୀବନ ଅଙ୍କ
ପେଶାରେ ନିଶାରେ ବୃତ୍ତିରେ ସଦା
ସେ ବୋଲାଏ ମୁଁ କୃଷକ ।

ନିଜ ରକତ ପାଣି କରି ସେ
କ୍ଷେତରେ ଖଟୁଥାଏ,
ନିଜ ଝାଳକୁ ତୁଣ୍ଡରେ ମାରି
ସଦା ସେ ହସୁଥାଏ ।

ଛିଣ୍ଡା ଧୋତିଟେ ଛିଣ୍ଡା ଗାମୁଛା
ବନ୍ଧୁ ତାହାର ସାଜେ,
ଗାମୁଛାକୁ ସେ ମୁଣ୍ଡରେ ଭିଡି
କ୍ଷେତ କାମରେ ମଜ୍ଜେ ।

ନିଜେ କାନ୍ଦେ ସେ ଅନ୍ୟ ଦୁଃଖରେ
ଅନ୍ୟକୁ ଦିଏ ହସ,
ମାଟିର ବକ୍ଷ ଚିରି ଫଳାଏ ସିଏ
ନାନାଦି ନାନା ଶସ୍ୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧନ ତାହାର ନ ଥାଏ ହେଲେ
ମନ ତାହାର ବଡ,
ଦୁନିଆକୁ ସେ ଯୋଗାଇ ଖାଦ୍ୟ
ଦୁନିଆଁରେ ସେ ବଡ ।

ଅଭାବ ତାର ସମସ୍ୟା ହେଲେ
ଖୋଲେନା କେବେ ତୁଣ୍ଡ,
ଶ୍ରମ କରି ସେ ଜୀବନ ଦିଏ
ସାଜି ସେ ମେରୁଦଣ୍ଡ ।

ସେ ଅର୍ଣ୍ଣଦାତା ସେ ଜୀବନଦାତା
ସେ ପରା ଆମ ବନ୍ଧୁ,
ଦିଅରେ ତାକୁ ସାହସ ଶକ୍ତି
ଅପାର ସ୍ନେହର ସିନ୍ଧୁ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର
ମୋ:୯୪୫୬୨୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରଜ

ପ୍ରଶାନ୍ତ କୁମାର ନାଥ



ମାଟି ମନ ଆଜି ଯାଇଛି ବତୁରି
ପ୍ରଥମ ରଜ ପରଶେ
ମନ୍ଦ ମନ୍ଦ ଗନ୍ଧେ ଦେହକୁ ପଖାଳି
ଧୂସର ଅବନୀ ହସେ ।

ପରଦେଶୀ ମେଘ ଯାଉଛି ବରଷି
ଶୁଖିଲା ମାଟି ଉପରେ
ଶୁଷ୍କ ମାଟି ଦେହେ ପ୍ରାଣ ସଞ୍ଚାରୁଛି
ସବୁଜ କଜଳ ଧାରେ ।

ଅଳସ ପୃଥିବୀ କଳସ ଭରୁଛି
ରଜନୀ ଅନ୍ତ ପ୍ରହରେ
ହେଲାଣି ସଜେଇ ରଜରୁ ଗାଧୋଇ
ସବୁଜ ରଙ୍ଗ ଅଧରେ ।

ମଣ୍ଡୁକୀର ସ୍ୱର ଶୁଭିଲାଣ ଏବେ
ଅବନୀର ଅନ୍ତଃପୁରେ
ମାଟି ଦେହେ ବୀଜ ଅଙ୍କୁରିତ ହେବ
ସୁଖର ପୃଥିବୀ ଫେରେ ।

ରଜ ହେଲେ ସିନା ହୋଇବ ସଜେଇ
ପୃଥିବୀ ସବୁଜ ବର୍ଣ୍ଣା
ଶସ୍ୟଶ୍ୟାମଳାରେ ଧରଣୀ ହସିବ
ଭରିଯିବ ଅନ୍ନପୂର୍ଣ୍ଣା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଜ ପାଇଁ ସଜ ହୋଇଲାଣି ଆଗ

ସଜେଇ ଫୁଲ ଝୁଲଣା

କୁଆଁରୀଙ୍କ ମନ ଆନନ୍ଦରେ ନାଚେ

ପାଇ ସେ ଲାଜ ଗହଣା ।

ମାଟି ପାଇଁ ପର୍ବ ଏ ଆମର ଗର୍ବ

ସର୍ବେ ରହିଥାନ୍ତି ଚାହିଁ

ଯା ପାଇଁ ସୁନ୍ଦର ଏ ସାରା ପୃଥିବୀ

ସେ ତ ଏଇ ରଜ ପାଇଁ ।

(ଜୁଣଗଡି) ରାଜନଗର, କେନ୍ଦ୍ରାପଡ଼ା,

ଦୂରଭାଷ -୮୭୫୮୨୫୨୪୨୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୋଉ ଗୀତ

ସୁଜିତ କୁମାର ମିଶ୍ର



ଚିରିଦଲେ ଯାର ଛାତିରୁ ଝରଇ
କରୁଣାର ମକରନ୍ଦ,
ସିଏ ଶରଧାର ବୋଉ ବସୁଧାରେ
ଭାବ ପୂର୍ଣ୍ଣିମାର ଚାନ୍ଦ ।

ବୋଉ ଶବଦରେ ଯେଉଁ ମହୁ ବର୍ଷା
ସେ ତ ସୁଖ ପାରିଜାତ,
ସେ ପାଇଁ ଡାକିଲେ ଦୂରୁ ବହୁଦୂରୁ
ଶୁଣି ସିଏ ଅଶ୍ରୁସ୍ନାତ ।

ବୋଉ ବିଳପିଲେ ଦୁଃଖ ନିଆଁଝୁଲେ
ବିରାଜଇ ବଇଶାଖ,
ସଂସାରର ରଥ ଆନନ୍ଦେ ଗଡେକି
ଗଡି ଭାବ ଚକଅଖ ?

ଦୁଃଖ କୁହୁଡିରେ ସୁଖର ଆଲୋକ
ସଂସାରରେ ଆମ 'ବୋଉ',
ବିଷୟୀ ସଂସାରୁ ତରିବାକୁ ତେଣୁ
ସିଏ ମୁକତିର ମହୁ ।

ବୋଉ ଏମିତିକା ବିଶ୍ୱାସର ସରାଗର
ନିସ୍ୱ ସବୁ ଦେଇ ଦେଇ,
କେବେ କେଉଁଦିନ ହାତଟେକାକୁ କା
ଚାହେଁନି ଥାଳ ବଢେଇ ।

ମନ ଆକାଶରେ ଯେଉଁ ଜହ୍ନ ଦିଶେ
ଆଉ କେହି ନୁହେଁ 'ବୋଉ',
ଚଲାପଥେ ତେଣୁ ଅନ୍ଧକାର ନାହିଁ
ଆଲୋକର ପ୍ରେମ ଢେଉ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାର ଛାତି ତଳେ  ଆକାଶ, ସମୁଦ୍ର
   ସୂର୍ଯ୍ୟ, ଚନ୍ଦ୍ର, କୋଟି ତାରା,
ସିଏ ଆମ 'ବୋଉ' ଛଳଛଳ ଛୁଆଁ
   ତାର ଭାବ ଗଙ୍ଗାଧାରା ।

ବିଦୀର୍ଣ୍ଣ ଭିତରେ  ବନ୍ଧାପନା ସିଏ
   ବନ୍ଧନର ବାସଫୁଲ,
କୁହ କି ନକୁହ ବୋଉ ମଳୟ ତା
   ବିତରିକି ଝଲମଲ ।

ଭିନ୍ନତା ଭିତରେ ଅଭିନ୍ନ ପରଶ
   ଆଭାମୟ ପରକାଶ,
ବୋଉ ତ ପରାଣୁ ପୁଣ୍ୟ ତଟିନୀର
   ତଟ ନିରଞ୍ଜନା ବେଶ ।

ବୋଉ ଡାକ ଏବେ  ନୀରବି ଯାଇଛି
   ବଡ ସ୍ୱାର୍ଥ ବରଷାରେ,
ଉଠ ହେ ଅବାଧ୍ୟ ମୋହର ନିଦରୁ
   ସେ ହସିବ ଶ୍ରଦ୍ଧା ସ୍ୱରେ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେଇ

ସ୍ୱପନକୁମାର ପାହାଡ଼ୀ

ବୁଦ୍ଧଦେବ ଦାଶଗୁପ୍ତ

ମୂଳ ବଙ୍ଗଳାରୁ ଅନୁବାଦ: ସ୍ୱପନକୁମାର ପାହାଡୀ

ଲେଖ, ଯେ ଭାବରେ ଖୁସି, ଗୋଟାଏ କବିତା ।

ଯେ କୌଣସି ଭାବରେ ହିଁ ହେଉ

ଅନ୍ତତ ଆଠ ବା ଛଅ ଲାଇନ କିଛି ଗୋଟାଏ ଲେଖ ।

ଯେକୌଣସି ଜିନିଷ ହିଁ ଭରି ଦିଆଯାଏ କବିତା ଭିତରେ କେବଳ

କେବଳ ପ୍ରକାଶ କର ନା

ରକ୍ତ ଝରି ପଡ଼ିବାର ଗୋପନ କଥା ।

ଲେଖ ।

କାହିଁକି ବସି ଅଛ ଚୁପଚାପ ଭୁତ ଭଳି । ବାଜି ଉଠେ ବେଲ,

ଦରଜା ଖୋଲ - ଶାର୍ଟ ପିନ୍ଧି ପ୍ୟାଣ୍ଟ ପିନ୍ଧି

ଆହୁରି ସବୁ ଭୁତମାନେ ଆସିଛନ୍ତି । କଫି ଦିଅ, କଥା କୁହ ।

ଭୁଲି ଯାଅ ନା ଲେଖି ପାରିବା କଥା,

ଭୁଲି ଯାଅ

ସାଦା ପୃଷ୍ଠା ଓ ପେନର କଥା, ଭୁଲି ଯାଅ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିପାଦରେ ଏଯାଏ ଛିଡା ହୋଇ ରହିବା କଥା ।

ଉଡ଼ି ଯାଅ

ଝରକା ଦେଇ ଦୂରକୁ, ହେଇ,

ଆଲୁଅ ଜଳି ଉଠିଛି ପୁଣି । ଝଲମଲ କରୁଛି ଭୌତିକ ପଡ଼ । ।

ଦକ୍ଷିଣ ପାଇକବାର୍, ଦକ୍ଷିଣ ଚୌକି

ଜୁନ୍‌ପୁଟ୍ କୋଷ୍ଟାଲ୍, ପୂର୍ବ ମେଦିନିପୁର

ପଶ୍ଚିମବଙ୍ଗ, ୭୨୧୪୫୦

୯୭୩୪୫୧୦୩୬୦

ଇମେଲ୍ : swapanpahari1956@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେ ଭାଗ୍ୟବିଧାତା

ନିରଞ୍ଜନ ସାହୁ



ଜୀବନରେ ଯେତେ ଆଶା, ସ୍ୱପ୍ନ ଥିଲା
ସବୁ ମରୀଚିକା ହେଲା
କେଉଁ ବିଧାତାର କ୍ରୁର ଅଭିଶାପ
ଏତେ ଦୁଃଖ ଆଣି ଦେଲା ।

ସମସ୍ତେ କହନ୍ତି ଈଶ୍ୱର ଚାହିଁଲେ
ଭାଗ୍ୟଟା ବଦଳି ଯିବ
ଯେଉଁ ବିଧାତାର ଭାଗ୍ୟ ବଦଳାଇ
ପାରିବା କ୍ଷମତା ଥିବ
ସେମିତି ବିଧାତା ଯଦି ମିଳିଯାନ୍ତା
ହୁଅନ୍ତି ତାହାରି ଚେଲା ।

ଜୀବନେ ବୁଲିଛି ଅନେକ ମନ୍ଦିର
ଯାଇଛି ଅନେକ ମଠ
ସବୁଠି ଦେଖିଛି ଦିଅଁ ଦେବତାଙ୍କୁ
ଭେଟିଛି ଅନେକ ଶଠ
କାହାଣୀ ଶୁଣିଛି ପାଉଣା ଗଣିଛି
ପକେଟ କରିଛି ମେଲା ।

ଜପ, ତପ, ଧ୍ୟାନ, ପୂଜା, ଜାଗଯଜ୍ଞ
ଉପାସନା, ଆରାଧନା
କେଉଁଥିରେ କାହିଁ ଭାଗ୍ୟ ବଦଳିଛି
କେ' ଘେନିଛି ଅରଚନା
ବେଳୁବେଳ ଭାଗ୍ୟ ବିପକ୍ଷେ ଲଢ଼ିଛି
କରିକି ମୁଁ ଠେଲାପେଲା ।

ଏମିତି ସମୟ ଉପନୀତ ଏବେ
ଭାଗ୍ୟ ସାଜେ ଭଗବାନ
ଭାଗ୍ୟ ସାଥେ ଏବେ ସାଲିସ କରୁଛି
ଏ ଅଧମ ହୀନିମାନ
ବେଳୁବେଳ ଭାଗ୍ୟ ବଳୀୟାର ସାଜି
କବଳିତ କରିନେଲା ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉଡ଼ନ୍ତା ମନର ଡେଣା

ଆଶୁତୋଷ ମେହେର



ଉଡି ଯିବାପାଇଁ ନୀଳ ଆକାଶରେ
ପକ୍ଷୀର ସାହାରା ଡେଣା,
ନୀଳ ଆକାଶର ମେଘ ଭରା କାଶେ
କିଏବା କରିବ ମନା ??

ମାଟିର ମମତା ବାନ୍ଧି ପାରେ ନାହିଁ
ଆକାଶ ସେ ସୀମାହୀନ ,
ଆକର୍ଷଣ ତାରି ଜୀବନର ଗୀତି
ଛନ୍ଦି ପାରିବକି ମନ ??

ମଣିଷର ମନ ଛୋଟ ପକ୍ଷୀ ଟି'ଏ
ଅସୀମ ତା' ଡେଣା ଛାଇ ,
ଲଙ୍ଘିବାକୁ ଡାକେ ଦୂର ଚକ୍ରବାଳ
ହୋଇଯାଏ ସିଏ ବାଇ !!

ଜନ୍ମ ମାଟି ଛାଡି ପର ମାଟି ମୋହ
ଆକର୍ଷଣ ନିଏ ଟାଣି ,
ପେଟ ପୁରିଗଲେ ମନ ହାଇଁପାଇଁ
ହୃଦ ହୋଇଯାଏ ହାଣି ।।

ନିଜ ମାଟି ମାଆଁ ମମତା ସେନେହ
ସେତ ଜୀବନ ର ମୂଳ ,
ଡେଣା ଦୁଇ ଝାଡି ଫେରି ଆସେ ସିଏ
କାଟିବାକୁ ଶେଷ ବେଳ !!

ଡେଣା ସିନା ନିଏ ଦୂର ଆକାଶକୁ
ମାଟି ର ମମତା ବଡ ,
ମାଆଁ ପରି ସିଏ ଆବେରି ଧରେଯେ
ରକ୍ତ ମାଂସ ଦେହ ହାଡ !!

୫୪, ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
ଦୂରଭାଷ: ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୀତା ମାଆ

ଅଲେଖ ମେହେର



ଅପ୍ରାକୃତ ପ୍ରେମ ସୌଦାଗର ତୁମ୍ଭେ
ମନ ହେଲେ ଯୋଗୀ ରାଧା,
ଶରଦ ପୂର୍ଣ୍ଣିମା କୁଞ୍ଜକାନନର
ରାସରେ ନଥାଏ ବାଧା ।
ତୁମେହିଁ ଗୋବିନ୍ଦ ଇନ୍ଦ୍ରିୟଙ୍କ ଈଶ
ଉରଃ ଦେଶେ ଅଛ ବସି,
ସାଧନାର ବଳେ ଗୋପୀ ଗୋପାଳଙ୍କ
ଭାଲରେ ପଡିଲ ଖସି ।
ଗୋ ବଂଶ ସହିତେ ରଖି ଗୋପବାସୀ
ସାଜିଲ ଗୋବିନ୍ଦ ହରି,
ନିଃସ୍ୱାର୍ଥ ପ୍ରେମର ସିଦ୍ଧିଦାତା ନାମେ
ଭକ୍ତ ଅଛି ଆଶ୍ରା କରି ।
ହିନ୍ଦୁ ଧର୍ମ ଶାସ୍ତ୍ର ସାଜିଗଲେ ଗାଭୀ
ତୁମେ ଗୋ  ଦୋହନକାରୀ,
ଉପଯୁକ୍ତ ବତ୍ସା ମଧ୍ୟମ ପାଣ୍ଡବ
ଗୀତା କ୍ଷୀର ଦେଲ ଭରି ।
ପୀୟୁଷର ଧାରା  ସଂଚ୍ଚରିଲା ଧରା
ପ୍ରସବିଲା ଜ୍ଞାନ ବାଣୀ,
ବ୍ୟାସ ବିରଚିତ ଅମୂଲ୍ୟ ସଂପଦ
ସନାତନ ମଥାମଣୀ ।

ମନନ ଶ୍ରବଣ କରିଲେ ମାନବ
ଚିତ୍ତ ସୁଦ୍ଧି ଯାଏ ହୋଇ,
ପ୍ରାଚୀ ଦିଗେ ଭାନୁ ଲପନ ମେଲିଲେ
ସନ୍ଧ୍ୟାମଛି ଯାଏ ଶୋଇ ।
ବୈଜ୍ଞାନିକ ଶକ୍ତି  ଉପଯୋଗ କରି
ମାପିହୁଏ ସିନ୍ଧୁଜଳ,
ପରିସୀମା ହିନ ଗୀତାଙ୍କ ବଚନ
ନାହିଁ ଯହିଁ  କୂଳ ସ୍ଥଳ ।
ଧର୍ମ ଅଭିଧାନ ଭାଗବତ ଗୀତା
ଅମାପ ମହାତ୍ମ୍ୟ ବହି,
ବିଶ୍ୱେ କୃଷ୍ଣାମୃତ ଆକର୍ଷିତ କରି
ମୋକ୍ଷ ମାର୍ଗ ଯିବ କହି ।

ବରପଦର, ଗୋବିନ୍ଦପୁର, ବରଗଡ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କି ନେଇକି ଯିବା ଏଠୁ ?

ମନୋରଞ୍ଜନ ସୁରୁଜାଳ



କେହି କରୁ ଘୃଣା ଭଲ ପାଅ ତାକୁ
ତା ଇଚ୍ଛାକୁ କରି ଯୋଗ୍ୟ,
ନିନ୍ଦା ଗଞ୍ଜଣାରେ ଫାଟି ପଡୁ ସିଏ
ନିଜେ ନ ହୁଅ ଅଯୋଗ୍ୟ ।
ବାଟେ ପୋତି ଦେଉ କଣ୍ଟା ବାଡ଼ ନିତି
ଯା କରୁ ତା ଯେତେ ବୋଧ,
ସହନଶୀଳତା ସାଧୁତା ଆଚାରି
କି ନେବାରେ ପ୍ରତିଶୋଧ ?
କି ଦିନ କି ରାତି ତୁମ ଅମଙ୍ଗଳ
ଚିନ୍ତୁ କେବେ ନାହିଁ ବାଧା,
ପ୍ରଭୁ ଶ୍ରୀଚରଣେ ତା ମଙ୍ଗଳ ପାଇଁ
ଜଣାଅ ତା ପ୍ରତି ଶ୍ରଦ୍ଧା ।
ତୁମ ଉନ୍ନତିରେ ଜଳି ଯାଉ ତନୁ
କଟୁତା ତାହାରି ଲବ୍ଧ,
ତା ଇଚ୍ଛାରେ ଇଚ୍ଛା ସମ ତାଳ ଦେଇ
ତା ଭଳି ହେବା କି କ୍ଷୁବ୍ଧ ?

ତୁମ ପ୍ରତି ଯଦି କଟୁକ୍ତି ଭାଷଇ
କର ମଧୁର ଆଳାପ,
ତା ମନକୁ ମନ କରୁ ଯାହା କରୁ
ତା ଠାରେ ରହିଛି ପାପ ।
କପଟତା ଗୁଣେ ବ୍ୟର୍ଥ ସେ ଜୀବନ
ପର କୁତ୍ସା ପର ନିନ୍ଦା,
କିବା ରାତ୍ରୀ ଦିନ ଗୁଣି ହେଉଥିବ
ଛାଡି ଦେଇ କାମ ଧନ୍ଦା ।
ଅପର କଥାରେ କି ଲାଭ ମିଳଇ
ନିଜେ ହେଲେ ହୁସିଆର,
ପ୍ରଗତି ପଥରେ ଧରି ନିଜ ସୂତ୍ର
ଆପେ ହୁଅ ବଳିଆର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକଳ ସଂସାର ଜଣେ ସୂତ୍ରଧର
ଜଣାଇ ଦିଅ ତାହାରେ,
ମୁକତ ହୋଇଣ ନିଜ କର୍ମ ପଥେ
ଚାଲି ଯାଅ ଧିରେ ଧିରେ ।
ଯଦି ବିଶ୍ୱପିତା ଏକ ଅଦ୍ୱିତୀୟ
ସବୁରି ହୃଦୟେ କିଏ !
ଯାହା ପାଇଁ ସଦା ଅମଙ୍ଗଳ ଚିନ୍ତା
ନାହିଁ କି ତା ହୃଦେ ସିଏ ?
ପରମ କରତା ପ୍ରତି ଅନୁକ୍ଷଣେ
ଜାଣନ୍ତି ଆମରି କଥା,
ଭଲ ପାଇବାର ମନ୍ତ୍ରେ ମନ୍ତ୍ର ଯୋଡି
ମନୁ ତଡ଼ି ଦେବା ବ୍ୟଥା ।
ଅଳପ ଦିନର ଗଳପ ସବୁରି
ଅନିତ୍ୟ କୁ ଖାଲି ମାଠୁ ,
ରାଗ ଅଭିମାନ ମାଟି ମିଶି ଗଲେ
କି ନେଇକି ଯିବା ଏଠୁ ?

ସୌଜନ୍ୟ ସମ୍ପାଦକ :: ପ୍ରୀତି ପ୍ରଣତି
ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ ଦାଣ୍ଡ ଆଜି ହସୁଛି ଦେଖ

ସୁହଂସ ଭୋଇ



ଦେଖ ସଖୀ ଲୋ  ଦେଖ ସଖୀ ଲୋ
ଦେଖ ବଡ ଦାଣ୍ଡ ହସୁଛି
ଅକାଳେ ସକାଳେ ନନ୍ଦିଘୋଷ ବିନା
ରଥ ଯାତ ପରି ଲାଗୁଛି

କି ଅପୂର୍ବ ଲୀଳା ଲଗେଇଛି ଜଗା
ଅଦିନେ ଭକତ ଗହଳି
ଆଲୋକ ମୟୂଖ ଝଳସି ଉଠୁଛି
ସତେ କି ଖେଳୁଛି ବିଜୁଳି

ହରିବୋଲ ହୁଳହୁଳି ଶବଦରେ
ଶ୍ରୀକ୍ଷେତ୍ର ପଡୁଛି ଉଠୁଛି
ଦେଖ ସଖୀ ଲୋ ଦେଖ ସଖୀ ଲୋ
ଦେଖ ବଡଦାଣ୍ଡ ହସୁଛି

ମହୋଦଧି କୂଳ କଳ୍ପବଟ ମୂଳ
ନବ କଳେବର ସାଜିଛି
ଆନନ୍ଦ ବଜାର ନରେନ୍ଦ୍ର ପୋଖରୀ
ନୂଆ ନୂଆ ସବୁ ଦିଶୁଛି

ଭାବ ଭକତିରେ ନିଳାଚଳ ଧାମ
ତୁଳସୀ ତୁଳସୀ ବାସୁଛି
ଦେଖ ସଖୀ ଲୋ ଦେଖ ସଖୀ ଲୋ
ଦେଖ ବଡଦାଣ୍ଡ ହସୁଛି

ପହଣ୍ଡି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିରବତା

ଆଞ୍ଚଲ କବି



ତୁମେ ପଚାରିବ ଯଦି କେବେ
"କେତେ ଭଲପାଅ ମୋତେ ?"
ଉତ୍ତରରେ ବୋଧେ କିଛି ନଥିବ କହିବାକୁ !

ବୁଝି ପାରିବ ଯଦି ବୁଝିଯିବ
ମୋ ଓଠ ହସକୁ,
ପଢି ପାରିବ ଯଦି ପଢିନେବ
ଅସ୍ଥିର ମୋ ଆଖିକୁ ।

ମୁଁ କହିପାରେ "ମୁଁ ଜାଣିନାହିଁ"
କିନ୍ତୁ ତୁମେ ଝାଙ୍କି ଦେଖିବ
ମୋ ମନରେ ଉଠୁଥିବା ଲହରୀ ସବୁକୁ ,
ତୁମେ ମାପି ଦେଖିବ ମୋ ଆଖିରୁ ଗଡୁଥିବା
ଲୁହ ବୁନ୍ଦାର ଓଜନକୁ ।

ନିରେଖି ଦେଖିବ ମୋ ଚେହେରା ରଙ୍ଗଟା
ଯେବେ ତୁମ ନାଁ ମୋ କାନେ ବାଜେ ,
ପରଖି ଦେଖିବ ମୋ ମୁହଁ ଚମକ
ଯେବେ ମୁଁ ତୁମ ପାଇଁ ସାଜେ ।

ହଜିଯାଏ କେବେ କେବେ ତୁମ ଭାବନାରେ
ଏମିତି
ନିଜ ଭିତରେ ଯେମିତି ମୁଁ ନାହିଁ ନିଜେ ,
ମୋର ପ୍ରତିଟି ଶବ୍ଦ ରେ ତୁମ ଝଲସୁଛ
ତଥାପି ତୁମକୁ କାଇଁ ମୋ "ନୀରବତା"ରେ
ଖୋଜେ !

କେନ୍ଦୁଝର, ଓଡିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷା ବଧୂ

ରତ୍ନପ୍ରଭା ବାଇ



ପହିଲି ଅନ୍ଧାରେ ପବନ ଟାଣୁଚି କୁଆଁରୀ ମେଘର କାନି
ଚପଳା ଚମକେ ଚହଲି ପଡୁଚି କାଖ କଳସର ପାଣି ।
ଋତୁ ରଙ୍ଗ ମାଖି ଧରାକୁ ଆସିଛି ରୂପସୀ ବରଷା ବଧୂ
ପ୍ରିୟତମ ପାଇଁ ପିଆଲାରେ ଅବା ଢାଳୁଚି ପ୍ରୀତିର ମଧୁ ।

ଅନ୍ତପୁରେ ଆଜି ପାଦର ପାଉଁଜି ରୁମୁ ଝୁମୁ ତା'ର ଶୁଭେ
ବୟସୀ ବରଷା ବିଭୋରେ ମାତିଛି ମିଳନର ମହୋତ୍ସବେ ।
ସଜଳ ପ୍ରେମରେ ଫଟା ଭୂଇଁ ବାସେ ଭିଜି ଭିଜି ଅହରହମ
ବିଧବା ବୈଶାଖି ବେଦନା ମାପି କି ! ମାଖୁଚି ଶୀତଳ ସ୍ନେହ ।

ଫୁଲେଇ ନଈର ଫେନୀଳ ସୁଅରେ ହସର ଭଉଁରୀ ଭରା
ସବୁଜିମା ରଙ୍ଗେ ସଜେଇ ସୁନ୍ଦର ଦିଶୁଚି ଧୂସର ଧରା ।
ବୟସ ବାସ୍ନାରେ ବତୁରି ଯାଉଛି ବିରହିର ତନୁମନ
ନିଶବ୍ଦ ନିଶିରେ ଖୋଜୁଚି ପ୍ରିୟାର ନିବିଡ ବାହୁ ବନ୍ଧନ ।

ବିରହିଣୀ ପାଇଁ ବଇରୀ ସାଜିଛି ବୋଲି ଏ ବରଷା କାଳ
ଭାବନା ଭାଙ୍ଗୁଚି ନୟନର ନିଦ ନିଃସଙ୍ଗେ ବିତୁଚି ବେଳ ।।

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ ଅନୁଗୁଳ
ମୋ - ୯୩୩୭୯୭୨୭୪୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଲୋକ ଅଛନ୍ତି ନା !

ଅନନ୍ୟା ପ୍ରଧାନ



ତୁମେ ନିଜର ଗୁଣକୁ ଖୋଜ

କ'ଣ ପାଇଁ ନା ତୁମ ଦୋଷକୁ ଖୋଜିବା ପାଇଁ ଲୋକ ଅଛନ୍ତି ନା !

ଯଦି ଜୀବନରେ ଉନ୍ନତି କରିବା ପାଇଁ ଚାହୁଁଛ ତା' ହେଲେ ଆଗକୁ ଯାଅ

କ'ଣ ପାଇଁ ନା ତୁମକୁ ପଛକୁ ଟାଣିବା ପାଇଁ ଲୋକ ଅଛନ୍ତି ନା !

ସ୍ୱପ୍ନ ଦେଖିବା ପାଇଁ ଚାହୁଁଛ ଯଦି ଉଚ୍ଚ ସ୍ୱପ୍ନ ଦେଖ

କ'ଣ ପାଇଁ ନା ତୁମକୁ ନିଚ୍ଚ ଦେଖିବା ପାଇଁ ଲୋକ ଅଛନ୍ତି ନା !

ଯଦି ବିଶ୍ୱାସ କରୁଛ ଭଗବାନଙ୍କ ଉପରେ ଏବଂ ନିଜ ଉପରେ କର

କ'ଣ ପାଇଁ ନା ବିଶ୍ୱାସ ଭାଙ୍ଗିବା ପାଇଁ ଲୋକ ଅଛନ୍ତି ନା !

ଯଦି ଭଲପାଇବା ପାଇଁ ଚାହୁଁଛ ଭଗବାନ ଙ୍କୁ ଏବଂ ନିଜକୁ ପାଅ

କ'ଣ ପାଇଁ ନା ତୁମକୁ ଘୃଣା କରିବା ପାଇଁ ଲୋକ ଅଛନ୍ତି ନା !

ତୁମେ ଅନ୍ୟ ମାନଙ୍କର ଭଲ ଚିନ୍ତା କର

କ'ଣ ପାଇଁ ନା ତୁମ ଖରାପ୍ ଚିନ୍ତା କରିବା ପାଇଁ ଲୋକ ଅଛନ୍ତି ନା !

ଅନ୍ୟର ଖୁସି ରେ ତୁମେ ଖୁସି ହେବା ପାଇଁ ଚେଷ୍ଟା କର

କ'ଣ ପାଇଁ ନା ତୁମ ଖୁସି ଦେଖି ଦୁଃଖ ହେବା ପାଇଁ ଲୋକ ଅଛନ୍ତି ନା !

ଅନ୍ୟର ସଫଳତା ଦେଖି ତୁମେ ଖୁସି ହୁଅ

କ'ଣ ପାଇଁ ନା ତୁମ ବିଫଳତା ଚିନ୍ତା କରିବା ପାଇଁ ଲୋକ ଅଛନ୍ତି ନା !

ଡାକ୍ତରୀ ଦ୍ୱିତୀୟ ବର୍ଷ ଛାତ୍ରୀ, ଠିକଣା-କୁଚିଣ୍ଡା ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶ୍ରୀ ଗୁରୁଗୋବିନ୍ଦ

ଗୁପ୍ତେଶ୍ୱର ଚାନ୍ଦ



ଆଲୋକ ଆହ୍ଲାଦ ଉତ୍ତାପ କିରଣ
ଏ ନୁହେଁ ବିଚ୍ଛିନ୍ନ ଯେସନେ ।
ଚନ୍ଦ୍ର ସୂର୍ଯ୍ୟଙ୍କର ଯୁଗଳ ବିଭବ
ପରିପୂରକ ତ୍ରିଭୁବନେ ।।୧
ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି
ସମ୍ପର୍କଟି ଅତି ନିବିଡ଼।
ନୀର ବ୍ୟତିରେକେ କ୍ଷୀର ନ ବଞ୍ଚଇ
ଧାନ କିଆରୀ ବିନା ହିଡ଼ ।।୨
ଚନ୍ଦ୍ରକୁ ଚକୋର ମେଘକୁ ଚାତକ
ରହିଥାଏ ସଦା ଅନାଇଁ ।
ଜଳ ବିନା ମୀନ ତରୁ ଛାଡ଼ି ଲତା
ଏମାନଙ୍କ ଅସ୍ତିତ୍ୱ କାହିଁ ? ।।୩
ପୁରୁଷ ପ୍ରକୃତି କୁସୁମ ସୁରଭି
ଧେନୁ ବତ୍ସା ଏ ପରସ୍ପର ।
ଗୁରୁଙ୍କ ଅଭାବେ ଅବସ୍ଥା ଶିଷ୍ୟର
ପ୍ରଭୁ ଭକତ ଏ ପ୍ରକାର ।।୪

ଏକାକ୍ଷର ତେଜି ମନ୍ତ୍ର ଶକ୍ତିହୀନ
ଜ୍ୟୋତି ନଥାଇଣ ନୟନ ।
ପ୍ରାଣବାୟୁ ଅନୁପସ୍ଥିତିରେ ପିଣ୍ଡ
ଆତ୍ମା ବିହୁନେ ଅପଘନ ।।୫
ଜନକ ଜନନୀ ଦିବସ ରଜନୀ
ରବି ଶଶି ଶିଶୁ ସନ୍ତାନ ।
ସ୍ୱର ବିନା ଗୀତ ରଙ୍ଗ ଛଡ଼ା ଚିତ୍ର
ପର ଅଭାବେ ପକ୍ଷୀ ଜାଣ ।।୬
ଗୁରୁ ବିନା ଗତି ମୁକତି ପଣ୍ଡିତେ !
ମିଳେ କି ଗୋବିନ୍ଦ ଦର୍ଶନ ?
ଗୋବିନ୍ଦ ତେଣୁ ହେ ବରିଥିଲେ ଗୁରୁ
ଅବତରି ମର୍ତ୍ତ୍ୟ ଭୁବନ ।।୭

ସମାସିଂହା, ଝାରସୁଗୁଡ଼ା, ଓଡ଼ିଶା
ମୋ.୭୬୮୩୮୪୧୦୬୪.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଫୋଟକା

ଡା ନୀଳମାଧବ କର



ମୁଁ ଘୋଡ଼େଇ ରଖିଥିବା
ତତଲା ଦୁଃଖର ବାମ୍ଫରେ
ଫୋଟକା ହେଇ ଯାଇଥିବା ମୋ ମୁହଁ
ତା ଉପରେ ତୁମ ଆହା ଚୁ' ଚୁ'
ଖାଲି ନାଲି ଲଙ୍କା ଆଉ ଲୁଣ ଛିଞ୍ଚିବା ପରି !
.
ତମକୁ ଭଲ ଲାଗୁଥିଲା ବୋଧେ
ଚାଟୁଥିଲ ତ ବେଶ କିଛି ସମୟ
ତଳୁ ଉପର !
.
କାଳେ ମୋ ଦୁଃଖ ବୁଝିବ ବୋଲି
ମୁଁ ବି ମୁହଁଟାକୁ ବାଗେଇ ଧରିଥିଲି
ତମ ଆଗରେ ।
.
ପେଟ ପୁରିଗଲା ପରେ
ଅଇଁଠା ବାସନ ପରି ତମେ ମୋ ମୁହଁକୁ
ଛାଡ଼ି ଦେଇଗଲ
ଆଉ କିଏ ଧୋଇଧାଇ ସଫା କରିବ ବୋଲି !

ଓଲଭରହାମ୍ପଟନ, ୟୁକେ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମହାନାୟକ

ନନ୍ଦିତା ବଡ଼ାଇ



ହେ ମହାନାୟକ ......

କଣ ବା ମୁଁ ଦେଇପାରେ ଆପଣଙ୍କୁ

ଆପଣ ମୋତେ ଦେଇଛନ୍ତି ତ ଅନେକ କିଛି

ହେଲେ ମୁଁ ଆପଣଙ୍କୁ କିଛି ଦେଇପାରି ନାହିଁ

ବିଂଶ ଶତାବ୍ଦୀର ର ଶେଷ ପର୍ଯ୍ୟାୟରେ ଆସିଥିଲା ଏକ ମହାବାତ୍ୟା

ସେହି ଯମ ରୂପୀ ମହାବାତ୍ୟା ଓଡିଆଙ୍କୁ କରିଥିଲା କବଳିତ

ପୁଣି ତାହା ଓଡ଼ିଆଙ୍କ ମେରୁଦଣ୍ଡକୁ ଭାଙ୍ଗି ରୁଜି ଛିନ୍ନ କରିପକାଇଲା

ସେହି ବାତ୍ୟାର ତାଣ୍ଡବରେ ଭଗ୍ନ ଅଶ୍ରୁଳ ଓଡିଆଙ୍କୁ ଦେଲ ନୂଆ କଳେବର

ବିପର୍ଯ୍ୟସ୍ତ ଭୋକିଲା ମୁହଁରେ ଆହାର

ତମପାଇଁ ଥିଲେ ସଭିଏ ସମାନ

ଜାତି ଧର୍ମ ବର୍ଣ୍ଣ ନିର୍ବଶେଷରେ ସଭିଙ୍କୁ ଏକ ସୂତ୍ରରେ ବାନ୍ଧିଲ

କଣ ବା ନ ଦେଇଛ ତମେ ?

ଅର୍ଦ୍ଧ ଶତାବ୍ଦୀର ଏକ ଭାଗ ତମେ ଥିଲ ଆମ ମୁଖ୍ୟମନ୍ତ୍ରୀ

ପଚିଶି ବରଷ ସେବା କରିଅଛ ଓଡ଼ିଶା ବାସୀଙ୍କ ପ୍ରତି

ଦେବତା ଥିଲ ତମେ ପ୍ରତି ଗରିବଙ୍କ ପାଇଁ

ସଭିଙ୍କ ପାଇଁ ଥିଲା ସୁବିଧା

ନା ଥିଲା କାହା ପାଇଁ ଊଣା ନା ଥିଲା କାହା ପାଇଁ ଅଧିକ

ଶରୀରରେ ସାମର୍ଥ୍ୟ ଥିବା ପର୍ଯ୍ୟନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନା ଓଡ଼ିଶାରେ ଥିଲା ଦଙ୍ଗା ନା ଆଉ କିଛି
ଜାତି ଧର୍ମକୁ ନେଇ ବନ୍ଦ କରିଥିଲେ ରାଜନୀତି
ଓଡ଼ିଶାରେ ଥିଲା କେବଳ ଶୃଙ୍ଖଳା ଆଉ ଶାନ୍ତି
ନା ମୁହଁରେ ଥିଲା ତମ ବିରୋଧୀଙ୍କ ପ୍ରତି କଟୁ କଥା
ନା ଥିଲା ଅନ୍ୟ କାହା ପ୍ରତି ଆକ୍ଷେପ
ପ୍ରତିଟି ଜାଗା ରେ ଛାଡି ଯାଇଅଛ ତୁମର ଅଭୁଲା ସ୍ମୃତି
ସରଳ ନିରୀହ ନିଷ୍କପଟ ମଣିଷ ଟିଏ
ନା ଥିଲା ମିଛ ଅଭିନୟ
ନା ମିଥ୍ୟା ପ୍ରତିଶ୍ରୁତି
କଥାଠାରୁ କର୍ମରେ ଥିଲା ତୁମ ବିଶ୍ୱାସ
ଯାହାବି ଦେଇଛ ଯାହାବି କରିଛ
ସବୁ ଥିଲା ତୁମରି ପ୍ରସାଦ
ହେ କର୍ମଯୋଗୀ ସତ୍ୟନିଷ୍ଠ ଉଜ୍ଜ୍ୱଳ ପୁରୁଷ ସଫଳ ରାଜନେତା
କୋଟି ଓଡିଆଙ୍କ ହୃଦୟର ଆଜି ତମେ ଅଭିନେତା
ତୁମ ଅବଦାନ ଆମ ପାଇଁ କେବେ ନ ଥିଲା ସାମାନ୍ୟ
ତାହା ତ ଯୁଗ ଯୁଗ ପାଇଁ ଅବିସ୍ମରଣୀୟ ......

କଦଳିମୁଣ୍ଡା, ପଡ଼ିଆବହାଲ , ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ମୃତି ମଧୁ

ଲୋପାମୁଦ୍ରା ସାହୁ

ଅଟଇ ସ୍‌ୱତନ୍ତ୍ର କାହିଁକି ଜାଣେନା
ସବୁ ସ୍ମୃତି ସାକ୍ଷ୍ୟ ନେଇ,
ମହାନଦୀ ବହେ କୁଳୁକୁଳୁ ନାଦେ
ମୋ ଗାଁ ପାଦ ଛୁଇଁ ।...................୧

ନଦୀକୂଳ ଧାର ଝାଉଁବଣ ତଳ
ଅତୀତକୁ ଯାଏ ଚାଲି,
ସମୟ ନଦୀର ବିପରୀତ ସ୍ରୋତେ ,
ଭସାଇ ମନକୁ ଦେଇ ।..................୨

କଣ୍ଟାଝଣ୍ଟାର ସେ ବଣ ପରିହେଲେ,
ଦିଶେ ମୋ ସୁନ୍ଦରୀ ଗାଆଁ
କେତେ ସ୍ମୃତି ଛୁଆଁ କେମିତି କହିବି,
ହୃଦୟ ଜାଣଇ ତାହା ।................୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଉଳ ମହକ ମନ କିଣିନିଏ,

ବଣମଲ୍ଲି ଝାରେ ବାସ

ରୁଣୁଝୁଣୁ ତା'ର ପାଉଁଜିର ସୁର ,

ନିଛାଟିଆ ମନେ ଶ୍ୱାସ ।...............୪

ମନ ରହିଯାଏ ଶୁଣିବାକୁ ତା'ର

କୋକିଳ କଣ୍ଠର ଗୀତ,

ନିର୍ଜନ ବଣକୁ ଉସୁକାଇ ଦିଏ

ମନକରେ ଆମୋଦିତ ।...............୫

ଆଜିବି କାହାଣୀ ତାଜା ହୋଇଉଠେ

ସେଇବାଟେ ଯାଉଯାଉ,

ମତୁଆଲା ମନ ଝୁମି ଚୁମି ଯାଏ

ସ୍ମୃତି ମଧୁ ପିଉ ପିଉ ।..............୬

ବ୍ଲକ:- ତିର୍ତ୍ତୋଲ

ଜିଲ୍ଲା:- ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଗ୍ନ କୋଣାରକ ମୂର୍ତ୍ତି ଗୋ ତୁମେ

ନୀଳମଣି ଚାନ୍ଦ



ଭଗ୍ନ କୋଣାର୍କ ପାର୍ଶ୍ୱର ମୂର୍ତ୍ତି ଆଗୋ ତୁମେ
କେତେ ଅପବାଦ ଆହା ଯୋଡା ତୁମ ନାମେ
ରୂପକଳ୍ପଟିଏ କେଉଁ ବିନ୍ଧାଣି ମନର
ତୁମ କ୍ରନ୍ଦନ ଶବଦ ଶୁଭଇ କର୍ଣ୍ଣର ।

ତୁମ ମନ କଥା କେବେ କହିନାହଁ ଖୋଲି
ବସିଗଲି ତୁମ ପାଶେ ପଚାରିବି ବୋଲି
ରହିଲ ନୀରବ ପାଇଲିନି ମୁଁ ଉତ୍ତର
ଜାଣିଗଲି ମନ ମାଟି ନୁହଁଇ ବତର ।

କେଉଁ ଶାପେ ପଡିଅଛ ପାଷାଣଟି ହୋଇ
ପ୍ରତୀକ୍ଷା କରିଛ ମୁକ୍ତି ଲଭିବାର ପାଇଁ
ସେଦିନ ଶୁଣିବି ତୁମ ବଚନ ମଧୁର
ଉଲ୍ଲସିତ ହେବ ମୋ'ର ଦରଦୀ ଅନ୍ତର ।

ଭଗ୍ନ ସିନା କୋଣାରକ ତୁମେ ନୁହଁ ଭଗ୍ନ
କୁହ କିଆଁ ଭାବନାରେ ରୁହ ସଦା  ମଗ୍ନ ।

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଈ

ଆଚାର୍ଯ୍ୟ କ୍ଷିତୀଶ ଜେନା



ଜନନୀକୁ ମୋର ଯିଏ ଦୁନିଆକୁ ଆଣିଥାଏ
ଦଶମାସ ଦଶଦିନ ଗରଭେ ବୋହି
ଦେଇତା' ବକ୍ଷରୁ କ୍ଷୀର ଗଢ଼ିଛି ପିଲାଙ୍କୁ ତା'ର
ଜୀବନେ କେତେଯେ ଦୁଃଖ ଯନ୍ତ୍ରଣା ସହି
ମା' ପରି ଯେ ମମତାମୟୀ
ନୁହଁଇ ସେ ଆଉ କେହି ଅଟେ ମୋ ଆଈ ।
ମୋ ଯିବା ଖବର ଶୁଣି ଅଧା ବାଟେ ଥାଏ ଚାହିଁ
ପହଞ୍ଚିଲେ ନିଏ ମୋତେ ପାଛୋଟି ଆଈ
ହାତେ ରାନ୍ଧି ରଖିଥାଏ ସ୍ୱାଦିଷ୍ଟ ଦରବ ସିଏ
ପାଖେ ବସି ଆଦରରେ ଦିଏ ଖୁଆଇ
ତା' କୋଳେ ମୋ ମସ୍ତକ ଥୋଇ
ନାନାବାୟା ଗୀତ ଗାଇ ପକାଏ ଶୋଇ ।
ହୋଇ ଶୀତେ ଥୁରୁଥୁରୁ କମ୍ବଳ କାଢ଼ି ଦେହରୁ
ନାତି ନାତୁଣୀଙ୍କ ଦେହେ ଢ଼ାଙ୍କି ଦିଅଇ
ମୋ ଦେହ ଅସୁସ୍ଥ ହେଲେ ପାଖେ ଥାଏ ସବୁବେଳେ
ତା' ସେବାରେ ଶୀଘ୍ର ସୁସ୍ଥ ହୁଅଇ ମୁହିଁ
ସେ ନିତି ଦିଅଁକୁ ଡାକଇ
ଆମ୍ଭେମାନେ ସଦାସୁଖୀ ରହିବା ପାଇଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପର୍ବପର୍ବାଣୀରେ ସିଏ ମାମୁଁଙ୍କୁ ବ୍ୟସ୍ତ କରାଏ
ଝିଅଘର ତା'ର ବୁଲି ଆସିବା ପାଇଁ
ନଦେଖିଲେ ବହୁଦିନ ଉଚ୍ଛନ୍ନ ହୁଏ ତା' ମନ
ଦେଖିବାକୁ ଆମକୁ ସେ ଆସଇ ଧାଇଁ
ମୋ ବାଟକୁ ଥାଏ ଅନେଇ
ଆଗ ଖୋଇ ମୋତେ ପରେ ନିଜେ ଖାଅଇ ।
ମାମୁଁ ଘର ଯେବେ ଯାଏ ଆଗ ପଚାରଇ ସିଏ
କିପରି ଅଛନ୍ତି ଝିଅ ଜ୍ୱାଇଁ ତାହାରି
ମୁଁ ଯେବେ ଅବୁଝା ହୁଏ ଯାହା ମାଗେ ଆଣିଦିଏ
ଅବୁଝା ମନକୁ ମୋର ଦିଏ ବୁଝେଇ
ତା'ବିନା ଶ୍ରୀହୀନ ଲାଗଇ
ସତେ ଅବା ମାମୁଁ ଘରେ ନଥିଲେ ସେଇ ।
ମୁଁ ଯେବେ ଫେରେ ଘରକୁ ଦେଇଥାଏ ଖଞ୍ଜିସବୁ
କିଛି ବାଟ ସାଥେ ଆସି ଦିଏ ବଳେଇ
ତାହାର ଆଦର ସ୍ନେହ ମନେ ପଡ଼େ ଅହରହ
ରହିଥିବ ଚିରଦିନ ଅଭୁଲା ହୋଇ
ସେ ଅଟେ ମୋ ସେନେହୀ ଆଇ
ପାଦେ ତା'ର ନମସ୍କାର ଜଣାଏ ମୁହିଁ ।

କଣ୍ଟିଗଡ଼ିଆ,ଧର୍ମଶାଳା,ଯାଜପୁର
ମୋ-୭୮୭୩୫୧୦୦୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୋହୂ ଯିବ ଶାଶୁଘର

ନିତ୍ୟ ରଞ୍ଜନ ନନ୍ଦ



ସବାରୀ ଉଠୁଛି ଅହିଡେଙ୍ଗୁରାରେ,
ବୋହୂ ଯିବ ଶାଶୁଘର...
ବରଘର ତାର ଶ୍ରୀକ୍ଷେତ୍ର ଧାମ  ଲୋ,
ଗାଁଆ ନାଁ ସ୍ୱର୍ଗଦ୍ୱାର...

ମଥାରେ ସିନ୍ଦୁର ଆଖିରେ କଜ୍ଜ୍ୱଳ
ହାତରେ ନାଇଚି ଶଙ୍ଖା,
ନାଲି ପଣତରେ ମୁହଁ ଦିସୁନାହିଁ,
ଗୋରା ରଙ୍ଗ ଦିଶେ  ଫିକା...

ଛ' ଖଣ୍ଡ କାଠରେ ହୋଇଛି ସବାରୀ,
ପାଳ ଦଉଡିରେ ବନ୍ଧା,
ଚାରିଖଣ୍ଡି ଆଡ଼, ବାରି ବାଉଁଶ ଲୋ,
ତା ସଂଗେ ହୋଇଛି ଛନ୍ଦା..

କିଏ ଡାକେ ମା'  କିଏ ଡାକେ ଝିଅ,
କିଏ ଡାକେ ବୋହୂ ବୋହୂ,
ଅମାନିଆ ନିଦ ଆଖି ଛାଡୁନାହିଁ
ବୋହୂ ତ ଉଠୁନି ଆଉ...

ଭିଜା ପଣତରେ ଆଖି ଲୁହ ପୋଛି,
ସଂସାର ଗଢିଲା ଅଧା,
ସେରକ ପୁରିଲା ମାଣକ ପୁରିଲା
ଫେରିଲାନି ଆଉ ରାଧା...


ଡ଼ି ଏଲ ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର -୭୫୧୦୧୦
ମୋ - ୯୪୩୭୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଶାଳତା

କୀର୍ତ୍ତନ ସାହୁ



ବେଶ୍ ସତେଜ ସକ୍ରିୟ
ସଦ୍ୟ ପ୍ରସ୍ଫୁଟିତ ଫୁଲ ଟିଏ ପରି
ସଦାବେଳେ ସର୍ବଦା
ତମେ

ବାରି ପାରେନା
ତନ୍ନ ତନ୍ନ ନୀରେଖିଲେ ବି
ଅବସାଦ ତମର

ଆପଣା ଛାଏଁ
ମୁଁ ଯେମିତି ଧରା ପଡ଼ି ଯାଏ
ସାମାନ୍ୟତମ ଦୁଃଖକୁ ନେଇ
ମୋ ଅସ୍ତବ୍ୟସ୍ତ ହାବଭାବରୁ
ମୋ ମୁଖ ମଣ୍ଡଳର
ଅପୂର୍ବ ମୁଦ୍ରାରୁ

ଦୁଃଖର ପଙ୍କିଳ ପୁଷ୍କରିଣୀରେ
ତମେ ତମର
ସୁଖର ପଦ୍ମଫୁଲ ଫୁଟେଇ ପାର
ଆପଣାପଣରେ ବାନ୍ଧି ରଖି
ତମେ ଢାଙ୍କି ପାର ତମ
ଗ୍ଲାନିର କଳା ବାଦଲ
ତମ ପ୍ରସନ୍ନତାର ମୁଖ ମଣ୍ଡଳରେ

ସେଇଥି ପାଇଁ ତ
ତମ ପାଇଁ ନଗଣ୍ୟ ହେଲେ ବି
ମୋ ପାଇଁ ଏହା
ତମର ମହନୀୟତା
ତମର ବିଶାଳତା ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର ୯୪୩୮୪୧୪୭୦୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆହେ ପ୍ରଭୁ ବନମାଳୀ

ନଳିନୀ ଦାଶ



ମନ ମନ୍ଦିରରେ ବସାଇ ରଖିଛି
ଆହେ ପ୍ରଭୁ ବନମାଳୀ
ମନ ବଗିଚାରୁ ରଙ୍ଗ ବେରଙ୍ଗର
ଫୁଲ ମୁଁ ଆଣିଛି ତୋଳି ।
ମନ କୁଞ୍ଜବନେ ବାନ୍ଧି ମୁଁ ଦେଇଛି
ତୁମ ପାଇଁ ପ୍ରଭୁ ଦୋଳି
ମନ ଫୁଲମାଳ ଗୁନ୍ଥି ପିନ୍ଧାଇବି
ଭକତିରେ ମାରି ତାଳି ।
ମନ ଆଇନାରେ ତୁମର ଦର୍ଶନ
ପାଉଛି ହେ ବନମାଳୀ
ମନ ଉପବନେ ବଂଶୀ ସ୍ୱରେ ତୁମେ
ଆସୁଥାଅ ଢ଼ଳିଢ଼ଳି ।
ମନର କୋହରେ ଆଞ୍ଜୁଳେ ଲୁହରେ
ଜୀବନ ସଳିତା ଜାଳି
ମନ ଆକାଶରେ ବିରାଜିତ ହୁଅ
ଶାନ୍ତିର ପୀୟୂଷ ଢ଼ାଳି ।
ମନ ସିଂହାସନେ ସରାଗେ ବସାଇ
ବାଢ଼ିଦେବି ଭୋଗ ଥାଳି
ମନ କଥା ବୁଝି କରୁଣା କରିବ
ଏତିକି ମୋହର ଅଳି ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପହିଲି ବର୍ଷା

ସିଦ୍ଧେଶ୍ୱର ତ୍ରିପାଠୀ



ଆଷାଢ଼ ପରଶେ ପହିଲି ବରଷା
ମାଟିକୁ କରୁଛି ଓଦା
ତୁମେ ନାହଁ ବୋଲି ଭିଜିମୁଁ ପାରୁନି
ସବୁ ଲାଗେ ଅଧା ଅଧା ।

ଭୂଇଁରୁ ଆକାଶ ସବୁ ଏକାକାର
ଏ ମଧୁର ଲଗନରେ
କେଉଁଠି କେମିତି ରହିଥିବ ତୁମେ
ସେ ଗୋପନ ଠିକଣାରେ ।

ତୁମ ବିନା ଏଠି ଭିଜାପଦ ଲେଖି
ଅଙ୍ଗେ ଅଙ୍ଗେ ପାଏ ବାଧା
ଆଷାଢ଼ ପରଶେ ପହିଲି ବରଷା
ମାଟିକୁ କରୁଛି ଓଦା ।

ଆକାଶ ବୁକୁରୁ ବରଷା ଝରୁଛି
ଝୁରୁଛି ତୁମକୁ ମନ
ଏତେ ସପନକୁ ରାତିତ ନିଅଣ୍ଟ
ଯେହ୍ନେ ତୁମ ଆଲିଙ୍ଗନ ।

ତୁମ ଚଲା ବାଟ  ମୋ ଘର ଆଡ଼କୁ
କେବେ ହେବ ଆଉ ସିଧା
ଆଷାଢ଼ ପରଶେ ପହିଲି ବରଷା
ମାଟିକୁ କରୁଛି ଓଦା ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ନାରାୟଣ ଚନ୍ଦ୍ର ସେନାପତି



ବିଶ୍ୱ ବ୍ରହ୍ମାଣ୍ଡର ସବୁଠୁ ତ୍ୟାଗୀ ବୋଲି ତ
ମୋ ପାଦେ ନଇଁଯାଏ ମୁଣ୍ଡ
ବିନା ନିମନ୍ତ୍ରଣ ରେ ସାଜି ସ୍ୱେଚ୍ଛାସେବୀ
ଯାଚି ଯାଚି କରିଥାଏ ଅଙ୍ଗ ଦାନ
କେବେ ଦାନବୀର କେବେ ଦଧିଚି ସାଜି
ହସି ହସି କରୁଥାଏ ସମର୍ପଣ
ଆଉ କେବେ ମହାଦାନୀ କର୍ଣ୍ଣ ହୋଇ
ନିର୍ଦ୍ୱନ୍ଦ୍ୱରେ ସର୍ବସ୍ୱ ଦେଇ
ଦେଇଛି ବୋଲି କେବେ ବି ଖୋଲି ନଥାଏ ମୋ ତୁଣ୍ଡ ।

ଖାଦ୍ୟ ବସ୍ତ୍ର ବାସଗୃହ ଦେଇ
କେବେ ସାଜିଥାଏ ସଭିଙ୍କ ପିତା
ଜାଲେଣି ଔଷଧ ଆସବାବ ଦେଇ
ସାଜେ ମୁଁ ମମତାମୟୀ ମାତା
କେବେ ଅମ୍ଳଜାନ କେବେ ବର୍ଷା
କେବେ କରି ମୃତ୍ତିକା ସଂରକ୍ଷଣ
ସାଜିଥାଏ ଭାଗ୍ୟ ବିଧାତା
ଜୀବ ମୋ ଜୀବନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ତାଙ୍କ ମଧୁ ବୃନ୍ଦାବନ
ଆମ ପ୍ରେମ ସମ୍ପର୍କକୁ  ବର୍ଣ୍ଣିବାକୁ ଥକିଯାଏ ଗୀତା
ସତରେ ମୁଁ ତ ସଭିଙ୍କ ଜିହ୍ୱା କୁ ଚୁମୁଥିବା
ଏକ ପବିତ୍ର ନିଷ୍କଳଙ୍କ ସଂହିତା ।

ଆଖିରୁ ଠପ୍ ଠପ୍ ଲୁହ ଝରିଯାଏ
ଯେବେ ଅବିବେକୀ ସ୍ୱାର୍ଥପର ମଣିଷଟା
ବାରମ୍ବାର କରୁଥାଏ ମୋତେ କ୍ଷତ ବିକ୍ଷତ
ମୋ ମୂଳକୁ ଉପାଡ଼ି କରିଥାଏ ମୋ ବଂଶନାଶ
ଭାବେନା ମୁଁ ତା ଭବିଷ୍ୟତ ନିଃଶ୍ୱାସ ପ୍ରଶ୍ୱାସ ବିଶ୍ୱାସ
ନିଦାଘ ବିଷ ଶୋଷି ଭରେ ସ୍ପନ୍ଦନ
କୋଳରେ ବସାଇ ବିଞ୍ଚଣାରେ ବିଞ୍ଚି
କହି ଥାଏ ଶୋଇଯା ଧନ
ଗଛ ଟିଏ ମୁଁ ଗଛ ଟିଏ
ସଭିଙ୍କ ପରାଣ ମିତ
ମୋତେ ଟିକେ ଭଲ ପାଇଲେ
ମୁଁ ପରା ସାଜେ ଜୀବଜଗତ ପାଇଁ ଚିର ବସନ୍ତ ।

ଜମ୍ଭରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ସ୍ୱାଗତିକା ସାହୁ



ରାଗ--ଚୋଖି

ଝଟକୁଛି ନୀଳ ଜ୍ୟୋତି
ସବୁଜର ପ୍ରତିଶ୍ରୁତି
ପ୍ରଭାତ ପ୍ରଭାରେ ସେ ଦିବ୍ୟମୟ ପୂତି
ନାଚେ ଧରା ସମ୍ମୋହନେ
ପ୍ରାଣୀ ମନେ ଉଚ୍ଚାଟନେ
ସବୁଜିମା ପତ୍ର,ଫଳ ଭରା ଏ ମୋତି
ବୃକ୍ଷ ରାଜି କଲ୍ଲୋଳିତ...
ବାସ୍ତବରେ ସେ ପର ପାଇଁ ପୁଲକିତ ।। ୧

ଗଛଟିଏ ମୁଁ ଗଛଟେ
ସବୁଜ ଅନ୍ତର ପରିଟେ
ବିମୁଗ୍ଧ ଅନୁପମ ସବୁଜେ ପ୍ରସ୍ଫୁଟେ
ସକଳ ଜଗତେ ବୋଲି
ନାଚୁଥାଏ ରଙ୍ଗେ ଢ଼ଳି
ଅୟି ପ୍ରକୃତିର ରମ୍ୟ ଉପହାରଟେ
ପ୍ରାଣର ସେ ପ୍ରୀତିନନ୍ଦା
ରୂପରେ ଗୁଣରେ ସେ ପରା ମଧୁଛନ୍ଦା ।।୨

ବିସ୍ତରୀ ଫୁଟଇ ମହୀ
ଦୁଃଖ କର୍ଷଣକୁ ସହି
ନିଘଞ୍ଚ ଜଙ୍ଗଲ ସଫାକରି କି କେହି
ଗଢ଼ିଛି ଭବ୍ୟ ସହର
ବାଢୁଛି ତା ଅଧିକାର
କୋଠାବାଡ଼ି,କଳକାରଖନା ଯେ ବାହି
ବଢ଼ାଉଛି ନିଜ ଶକ୍ତି...
ସ୍ୱାର୍ଥକୁ ଜାବୁଡି ପାଇବକି ସେ ମୁକ୍ତି ।। ୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ଅଭିଳାଷ ପାଇଁରେ

କାଟେସେ ବୃକ୍ଷର ମୂଳରେ

ଏକ ବୃକ୍ଷ ହେଲେ ବସୁଧା ଆମେରେ

ଡାଳ ତାର ସବୁ ଦେଶ

କାଟି ନ କରିବା ଶେଷ

ପାରିଜାତ ଆମ ସବୁଜ ପାଦପରେ

ଜାଗା ସଭ୍ୟ ସମାଜ...

ଶ୍ୟାମଳ ମନ୍ତ୍ରକୁ ଦୃଢ ଚିତ୍ତରେ ହେଜ ।। ୪

ଉମରକୋଟ, ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ରଶ୍ମିତା ରାଉତ



ଅକୁହା କାହାଣୀ କହୁଅଛି ମୁହିଁ
ଶୁଣିବୁ ଡେରି ତୁ କର୍ଣ୍ଣ
ବୃକ୍ଷ ଦେବ ବୋଲି ପୂଜୁଥିଲୁ ଯାକୁ
ସେ ଆଜି କରେ ରୋଦନ ।
କାହିଁକି ରେ ନର ହେଲୁ ତୁ ନିଷ୍ଠୁର
ଏକି ମନ୍ଦ ବୁଦ୍ଧି ତୋର
କେଉଁ ଅପରାଧ କରିଥିଲି ସତେ
କଲୁ ମୋତେ ନାରଖାର ।
ସାରା ଜୀବନ ମୋ ତୋହରି ସେବାରେ
ନିଜକୁ ସମର୍ପି ଦେଲି
ବୁଝିଲୁନି ଥରେ ମୋ ତ୍ୟାଗର ମୂଲ୍ୟ
କଲୁ ମୋତେ ହତ ଶିରୀ ।
ପତ୍ର,ଫୁଲ,ଫଳ,ଚେର, ମୂଳ, ଡାଳ
ସବୁ ଦେଇ ବଞ୍ଚାଇଲି
ସର୍ବାଙ୍ଗ ଶରୀର ତୋହରି ସେବାରେ
ସମର୍ପି ମୁଁ ଦେଇଥିଲି ।
ଖାଦ୍ୟ,ବସ୍ତ୍ର ସାଥେ ବାସ ଗୃହ ଆଦି
ସବୁ ଯୋଗାଇଛି ମୁହିଁ
ଅମ୍ଳଜାନ ଦେଇ ପ୍ରାଣ ତୋ ବଞ୍ଚାଏ
ଏ କଥା ନବୁଝୁ କାହିଁ ।
ମୋ କୋଳରେ ଆସି ଆଶ୍ରୟ ନିଅନ୍ତି
କେତେଯେ ନିରୀହ ପକ୍ଷୀ
କେତେ ଯେ ବାଟୋଇ ବିଶ୍ରାମ ନିଅନ୍ତି
ମୋହରି କୋଳରେ ଆସି ।
ଗ୍ରୀଷ୍ମ ତାପୁ ତନୁ ବଞ୍ଚାଇବା ପାଇଁ
ଦିଏ ଛାୟା ସୁଶୀତଳ
ସଭିଙ୍କ ସେବାରେ ଲାଗି ଥାଏ ବୋଲି
ଲାଗେ ମୋତେ ଭାରି ଭଲ ।
ବୁଝି ପାରୁନାହୁଁ ଅବୁଝା ମଣିଷ
ମୋତେ କାଟି ଦେଲୁ କଷ୍ଟ
କଳ କାରଖାନା ତିଆରି କରି ତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁ ପରିବେଶ ନଷ୍ଟ ।

ଏବେ ବୁଝୁନାହୁଁ ସତର୍କ ହେଉନୁ

ଦେଖିବୁ ବେଳ ଆସିବ

ଜଳ,ଅମ୍ଳଜାନ ଅଭାବ ହୋଇବ

ଅକାଳ ରେ ପ୍ରାଣ ଯିବ ।

ସେ ଲାଗି କୁହେ ରେ ବିବେକୀ ମଣିଷ

ବୃକ୍ଷକୁ ଦେବତା ମଣି

ଆପଣା ହସ୍ତରେ ଲଗାଇଲେ ଗଛ

ହସି ଉଠିବ ଧରଣୀ ।

ବୃକ୍ଷ ଲଗାଇଲେ ଜଙ୍ଗଲ ବଢ଼ିଲେ

ପଶୁ ପକ୍ଷୀ ହେବେ ଖୁସି

ସଭିଙ୍କ ଖୁସିରେ ଖୁସି ହୋଇ ଆମେ

ଦେବାରେ ଅଳପ ହସି ।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ଅନୁପମା ବିଶ୍ୱାଳ



ଗଛଟିଏ ମୁଁ ଗଛଟିଏ
ନର ପଶୁପକ୍ଷୀ  ସମସ୍ତଙ୍କ ପାଇଁ
ଅତି ଆପଣାର ବନ୍ଧୁଟିଏ
ଗଛଟିଏ ମୁଁ...........।
ଫଳ ଫୁଲ ଶାଗ ଔଷଧ ପତର
ଖୁସିରେ ଅରପି ଦେଇଥାଏ
ଗଛଟିଏ ମୁଁ ...........।
ଅଙ୍ଗାରକାମ୍ଳ ନିଜେ ରଖି ମୁହିଁ
ଅମଳଜାନକୁ ଦେଇଥାଏ
ଗଛଟିଏ ମୁଁ ......... ...।
ଥକିପିଡ଼ିଥିବା ବାଟୋଇ ପାଇଁ ମୁଁ
ସାହା ହୋଇଥିବା ସାଥୀଟିଏ
ଗଛଟିଏ ମୁଁ...........।
ଭୋଜନ ବ୍ୟବସ୍ଥା ରୁଚିକର କରି
ହସ ଖୁସି ମୁହିଁ ଭରିଦିଏ
ଗଛଟିଏ ମୁଁ  ............।
କୃଷକ ଭାଇର ମନଜାଣି ମୁହିଁ
ବର୍ଷାକୁ ସାଦରେ ଆଣିଦିଏ
ଗଛଟିଏ ମୁଁ ...........।
ଡାଳ ପତର ମୋ ଶୁଖିଗଲେ ମଧ୍ୟ
ମାନବ ସେବାରେ ଲାଗିଥାଏ
ଗଛଟିଏ ମୁଁ .............।
ଅଜ୍ଞାନ ମଣିଷ ମୋତେ ହାଣିଦେଇ
ମନେ ମୋର ଦୁଃଖ ଭରିଦିଏ
ଗଛଟିଏ ମୁହିଁ ..............।
ଆଧୁନିକତାକୁ ଆପଣେଇ ନର
ସଦାବେଳେ ମୋତେ କଷ୍ଟଦିଏ
ଗଛଟିଏ ମୁଁ .............।
ମୋ ଆଖି ଲୁହକୁ ଦେଖି ହସେ ସିଏ
ତା ଲୁହ ଦେଖି ମୁଁ କାନ୍ଦିଥାଏ
ଗଛଟିଏ ମୁଁ ..............।
ପର ଉପକାର ପୁଣ୍ୟମୟ ବ୍ରତ
କଥାଟିକୁ ମୁଁ ଧ୍ୟାନ ଦିଏ
ଗଛଟିଏ ମୁଁ .............।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

କଳ୍ପନା ମହାରଣା



ଗଛଟିଏ ମୁଁ ଗଛଟିଏ
ଜୀବନ ଡୋରିର ବାଟଟିଏ ।
ସୁସ୍ଥ ଅମ୍ଳଜାନ ଦେଇଥାଏ
ଜୀବନ ର ସୁଦ୍ଧା ମିଳିଥାଏ ।
ଫୁଲ,ଫଳ, ବଳକଳ, କାଷ୍ଠ
ବିନା ପ୍ରତିବାଦେ ଦେଇ ଥାଏ ।
ସୁଶିତଳ ବାୟୁ ବିଞ୍ଚିଣ ଦେଇ
ଆତ୍ମାକୁ ଶାନ୍ତ କରିଦିଏ ।
ସବୁଜ ବନାନୀ,ଶସ୍ୟ ସଜାଇ
ଧାରାକୁ ଶୋଭିତ କରିଥାଏ ।
ଖାଦ୍ୟ ପେୟ୍ଯ ପୋଷାକ ମୁଁ
ସହଜ ଉପାୟ୍ଯରେ ଦିଏଁ ।

ବାସ ଗୃହ ଖୁମ୍ବ ମୁଁ ବନି ଥାଏ
କବାଟ ଝରକା ସୁରକ୍ଷା ଦିଏ ।
ଜୀବ ଜଗତର ଜନ୍ମରୁ ମୃତ୍ୟୁ
ଚିରକାଳ ସାଥି ବନି ଥାଏ ।
ମୋରି ସୁରକ୍ଷା ତୁମରି ହାତେ
ଯତ୍ନ ନେବାଟା ବୁଝି ଯାଆନ୍ତେ ।
ଅଧିକ ଲଗାଇ ସୁରକ୍ଷା କର
ତୁମରି ହାତରେ ଜୀବନ ମୋର ।
ଗଛଟିଏ ମୁଁ ଗଛଟିଏ
ଜୀବନ ଡୋରିର ବାଟଟିଏ ।

ରାୟ୍ଯପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ଅପରାଜିତା ପରିଡ଼ା



ଗଛଟିଏ ମୁଁ ଗଛଟିଏ
ତୁମମାନଙ୍କର ପରମ ମିତ
ମିଛ ନୁହେଁ ମୁଁ କହୁଛି ସତ,
ମୋ ପାଇଁ ପାଇଛପ୍ରାଣଟିଏ.....
ଗଛଟିଏ ମୁଁ ଗଛଟିଏ.....

ମୋ ପାଇଁ ବରଷା ନିତି ହୁଏ
ଜିଇଁବାକୁ ଅମ୍ଳଜାନ ଦିଏ
ହାନିକାରକର ବିଷର ଧୂଆଁକୁ
ମୁଁ ଶୋଷି ଶୁଦ୍ଧ ବାୟୁ ଦିଏ....
ଗଛଟିଏ ମୁଁ ଗଛଟିଏ.........୨

ସବୁଜିମା ମୟ ଧରା କରେ
କେତେ ଫୁଲ ଫଳ ଯାଚିଦିଏ
ସୁଶୀତଳ ମୟ ପରିବେଶ କରି
ବିଶ୍ୱ ତାପାୟାନୁ ତ୍ରାହିଦିଏ...
ମୁଁ ତ ତୁମର ମିତଟିଏ
ଗଛଟିଏ ମୁଁ ଗଛଟିଏ...........୩

କେତେ ଜଡିବୁଟି ଅଉଷଦ
ଝୁଣା ଲାଖ ମହୁ ହେଙ୍ଗୁ ଗଦ
ହରିଡ଼ା ବାହାଡା ବଣ ଉତ୍ପାଦକ
ମଣିଷ ଜାତିକୁ ମହୋଷଡଦ
ତୁମ ଉପକାରେ ଯୋଗାଏ...
ଗଛଟିଏ ମୁଁ ଗଛଟିଏ..........୪

ବାସ ପାଇଁ କେତେ ଘରକର
ରାସ୍ତାଘାଟ ଯେତେ ବନ୍ଧବାଡ଼
ମୋ କାଠରେ ସବୁ ତିଆରି କର ଯେ
ଯେ ସୌଖିନ ଜିନିଷ ହୁଏ...
ଗଛଟିଏ ମୁଁ ଗଛଟିଏ..........୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧରା ରେ ବରଷା ମୋ ପାଇଁ
କ୍ଷେତ ରେ ସୁନା ଫସଲ ଫଳଇ
ନଈ ପୋଖରୀ ରେ ଜଳ ଭରି ଯାଏ
ସୁନ୍ଦର ସଂସାର ମୁଁ ହସାଏ
ପଶୁପକ୍ଷୀ ଙ୍କୁ ମୁଁ ଆଶ୍ରା ଦିଏ
ଗଛ ଟିଏ ମୁଁ ଗଛ ଟିଏ.........୬

ବଡ଼ ସ୍ୱାର୍ଥପର ମଣିଷ ଜାତି
ଆପଣା ସ୍ୱାର୍ଥ ରେ ଦିଅନ୍ତି କାଟି
ବଣ ଜଙ୍ଗଲ କୁ ଧ୍ୱଂସ କରିଦେଇ
କଂକ୍ରିଟ ଜଙ୍ଗଲେ ହୁଅନ୍ତି ଖୁସି
ପାରିବ କି ସହି କୁହ କିଏ ?
ଗଛଟିଏ ମୁଁ ଗଛ ଟିଏ.........୭

ରଖ ମନୁଷ୍ୟ ମୋ ନିବେଦନ
ବଢୁଛି ସୁରୁଜ ତାପାୟନ
ଧ୍ୱଂସ ପଥରୁ ବଞ୍ଚାଅ ଧରଣୀ
କାଟ ନାହିଁ ଆଉ ବୃକ୍ଷ ମାନ
ସୃଷ୍ଟି କର ନୂଆ ନୂଆ ବଣ
ମୁଁ ତ ପରମ ମିତ ଟିଏ....
ଗଛ ଟିଏ ମୁଁ ଗଛ ଟିଏ.........

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ରମେଶ ଟାକ୍ରୀ



ଗଛଟିଏ ହୋଇ ରହିଅଛି ଛି ଯହିଁ
କରିବି ପ୍ରାଣୀଙ୍କ ହିତ
ପ୍ରକୃତି ସହିତ ରହେ ଅବିରତ
ମାଟି ମୋ ପରାଣ ମିତ ।୦।

ତ୍ୟାଗରେ ବଢ଼ିଛି ସେବାରେ ରହିଛି
କରି ସମାଜ କଲ୍ୟାଣ
ସାଖାରେ ମୋ ଡାଳ ପତ୍ରଫୁଲଫଳ
କରିଅଛି ମୁଁ ଧାରଣ

ମୃତ୍ତିକା କ୍ଷୟର କରେ ପ୍ରତିକାର
ମାଟିରୁ ହୋଇଛି ଜାତ ।୧।

ଝଡ଼ ବରଷାରେ ସୁରକ୍ଷା ଦେବାରେ
କାହାକୁ କରେନା ମନା
ଗ୍ରୀଷମର କାଳେ ବସି ଗଛତଳେ
ବାଟୋଇ ଭୁଲେ ଯାତନା

ପକ୍ଷୀ ଗଛଡାଳେ ରହି ସାଥୀ ମେଳେ
ଶୁଣାଏ ମଧୁର ଗୀତ ।୨।

ଲାଖ, ଝୁଣା,ମହୁ ଫୁଲ ଫଳ ହେଉ
ଦେଇପାରେ ଯାହା ଯେତେ
ଘର ପାଇଁ କାଠ ଝରକା କବାଟ
ମୋଠାରୁ ପାଆନ୍ତି ସେତେ

ଦେଇପାରେ ସିନା କାହାଠୁ ନିଏନା
ସଭିଏଁ ମୋହର ମିତ ।୩।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି
ନବରଙ୍ଗପୁର।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ଭାସ୍କର ରାଉତ



ଗଛଟିଏ ମୁଁ ଗଛଟିଏ
ସବୁଠାରୁ ବଡ଼ ଦୁଃଖୀଟିଏ ।
ଜୀବଙ୍କ ଜୀବନ ଅଟଇ ମୁହିଁ
ଜାଣିକିମଣିଷ ବୁଝଇ ନାହିଁ ।
କେତେ ଜୀବ କୋଳେ ଆଶ୍ରୟ ନିଏ
ଶୀତଳ ଛାଇକୁ ଯୋଗାଉ ଥାଇ ।
ଅମ୍ଳଜାନ ସଦା ଯୋଗାଏ ରହି
ଋତୁଚକ୍ର ମୁହିଁ ସମ୍ଭାଳୁ ଥାଇ ।
ଜୀବନ ରଖିବା ଔଷଧ ଦେଇ
ଘର କରଣାକୁ ଯୋଗାଏ ରହି ।
ଫୁଲଫଳେ ଭରି ଖାଦ୍ୟ ଯୋଗାଇ
ପ୍ରାଣୀ ଜଗତଟା ସୁଖେ ବଞ୍ଚଇ ।

ମୃର୍ତ୍ତିକା ଜଳର ସୁରକ୍ଷାପାଇଁ
ସଦା ଜାଗରତ ମୁଁ ରହିଥାଇ ।
ମୋ ନାମରେ ସଦା ବଜାଇ ବାଜା
ନିତି ଦେଉଥାନ୍ତି ମୋତେ ସେ ସଜା ।
ଆଖିବୁଜି ଦେଇ ମୋ ବଂଶ ମାରେ
ଗଛ ବଞ୍ଚା ବୋଲି କହେ ମିଛରେ ।
ମୋ ବିନା ଜଗତ ହୋଇବ ଧ୍ୱଂସ
ବିଜ୍ଞାନୀ ହୋଇ ଦେଖାଏ ସାହସ ।

ଦେବମାୟା ଭବନ
ଶେରଗଡ଼, ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

କୃଷ୍ଣ କୁମାର



ଗଛ ଟିଏ ମୁଁ ଗଛଟିଏ ନୁହଁଇ ମଣିଷ ଅରି ,
ମୋ ଉପକାର କେ ମନ ରଖିଛି
ଦେଲେଣି ସବୁ ପାଶୋରି ।

ମୋ ଛାଇ ର ଥଣ୍ଡା ଶୀତଳତା କେତେ
ଜାଣେ ଏ ମଣିଷ ଜାତି,
ନିଦାଘ କାଳ ରେ ସବୁରି ଜୀବନେ
ଭରିଦିଏ ମୁହିଁ ଶାନ୍ତି ।

ଜଳବାୟୁ କୁ ପ୍ରଶମିତ କରେ
ଋତୁ ଚକ୍ରେ ସନ୍ତୁଳନ,
ଷଡ ଋତୁ ରେ ମୋ ଭୂମିକା ରହିଛି
ଦାନ ମୋର ଅତୁଳନ ।

ମୋ ଦେହ ରେ ଭରା ଯେତେ ଫୁଲ ଫଳ
ମଣିଷ ହିତେ ଲାଗଇ ,
ପଶୁ ପକ୍ଷୀ କୀଟ ପତଙ୍ଗ ସଭିଙ୍କୁ
ମୁହିଁ ଆଦର କରଇ ।

ଜୀବନ ବଞ୍ଚାଏ ଦେଇ ଅମ୍ଳଜାନ
ରୋକେ ମୃତ୍ତିକା କ୍ଷୟରୁ,
ଝଡ଼ ବାତ୍ୟା ବନ୍ୟା ମରୁଡି ଭୂକମ୍ପେ
ରଖେ ବାଧା ବିପଦରୁ ।

ମୋ ପାଇଁ ସୁନ୍ଦର ସାରା ପରିବେଶ
ସବୁଠି ମୁଁ ପରିପୂର୍ଣ୍ଣ,
ଗଛଟିଏ ମୁଁ ଗଛଟିଏ
ମୋ ଭଲପାଇବା ଜାଣ ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ନୂତନ କୁମାର ବେହେରା



ଗଛଟିଏ ମୁଁ ଗଛଟିଏ...
ନିତି ନିତି ଖାଉଛି କୁରାଢ଼ି କଟୁରୀର ହାଣ
ଶୁଣେନା କେହି ପକାଇଲେ ବି ରାଣ
ଯିଏ ଯା'ର ରଖିଥାନ୍ତି ଟାଣ
ପଛାନ୍ତି ନାହିଁ ନେବାକୁ ମୋର ପ୍ରାଣ
ଅଟକାଇ ରଖିବ ତାଙ୍କୁ କିଏ
ଗଛଟିଏ ମୁଁ ଗଛଟିଏ...
ମୋ'ଠୁ ଉପକାର ପାଆନ୍ତି ତ ସଭିଏଁ
ମୋ ଉପକାର କରନ୍ତି ମାତ୍ର କେଇ ଜଣ
ସମସ୍ତେ ବୁଝନ୍ତି ମୋ ଗୁଣ
ପତର ଠାରୁ କାଠ ଦିଏ ସବୁ ଖୁସିରେ
ଫୁଲଫଳ ଯେତେ ହୁଏ ମୋ ଜୀବନ କାଳରେ
ଦିଏ ଛାଇ ଯୋଗାଏଁ ବିଶୁଦ୍ଧ ଅମ୍ଲଜାନ
ଛାଣି ଧୂଳିକଣା ଦିଏ ଜଳୀୟବାଷ୍ପ
ଖାଦ୍ୟ ପ୍ରସ୍ତୁତିର ରନ୍ଧନରେ ହୁଏ ମୁଁ ଇନ୍ଧନ
କାହାକୁ କେବେ କରେନା ମୁଁ ହଇରାଣ
ଯେତେବେଳେ ମାଗେ ଯିଏ
ଗଛଟିଏ ମୁଁ ଗଛଟିଏ...
ମୋ ଲାଗି ନିୟମିତ ବରଷା ହୁଏ
ନାନା ରୋଗର ଔଷଧ ମୁଁ ହୋଇଥାଏ
ଖାଦ୍ୟ ବସ୍ତ୍ର ବାସଗୃହ ମୁଁ ଯୋଗାଇ ଦିଏ
ଆତ୍ମୀୟତାରେ ବୁଝେ ଆତ୍ମାମାନଙ୍କର କଥା
ମୋତେ କିନ୍ତୁ ଭାବନ୍ତି ଯେତେ ହେୟ
ଭଲ ପାଆନ୍ତି ନାହିଁ ଦେଇ ହୃଦୟ
ମୋତେ ନାଶି କରୁଛନ୍ତି ପରିବେଶ ନଷ୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜେ ନିଜ ପାଇଁ ଭୋଗୁଛନ୍ତି କଷ୍ଟ

ଜଳବାୟୁ ପାଣିପାଗ ବିଷମ ହୁଏ

ଗଛଟିଏ ମୁଁ ଗଛଟିଏ.....

ବଞ୍ଚାଇ ରଖିଲେ ମୋତେ ମୁଁ ବି ବଞ୍ଚାଇବି

ସବୁରି ଉପଚାରରେ ରହିଥିବି

ସହଯୋଗରେ ଜୀବନ ଗଢି ହୁଏ

ବିଗାଡି ଦେଲେ ମୋତେ ସବୁ ବିଗିଡି ଯାଏ

ମୋ ସାଥେ ସଂପର୍କ ରଖିଲେ ଭଲ

ପାଇବେ ସମସ୍ତେ ଅମୂଲ୍ୟ ମୂଲ

ନୀରବେ ଧ୍ୟାନସ୍ଥ ହୋଇ ସବୁ ବୁଝାଇ ଦିଏ

କ'ଣ ଅବା ଆଉ କରିବି ବୁଝୁନି ଯିଏ

ଗଛଟିଏ ମୁଁ ଗଛଟିଏ...।

କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ସନ୍ତୋଷିନୀ ଦାଶ



ଆହା କି ସୁନ୍ଦର ଗଛଟିଏ ମୁଁହି
ମାନବ କାଲ୍ୟାଣେ ଜାତ
କେତେ ଜାତି ଫୁଲ ମୋହରି ଦେହରେ
ହୋଇଥାଏ ପ୍ରସ୍ଫୁଟିତ

ଖାଦ୍ୟପ୍ରାଣ ଭରା ମୋହର ଫଳଟି
ଦୂରକରେ ଭୋକ ଶୋଷ
ପତ୍ରରେ ମୋହର ଔଷଧୀୟ ଗୁଣ
ରୋଗକୁ କରଇ ନାଶ

ଜୀବ ଜଗତର କଲ୍ୟାଣ ନିମନ୍ତେ
ଅମ୍ଳଜାନ କରେ ଦାନ
ମୋର ଯୋଗୁଁ ସିନା ସରସ ସୁନ୍ଦର
ହୁଏ ମାନବ ଜୀବନ

ଶୁଖିଗଲା ପାରେ କାଠ ରୂପେ ମୁଁହି
ହୋଇଥାଏ ବ୍ୟବହୃତ
ପ୍ରତ୍ୟେକ ଅଙ୍ଗ ମୋ ଜନ ସେବା ପାଇଁ
ହୋଇଥାଏ ସମର୍ପିତ

ଧରଣୀ ବକ୍ଷରେ ପ୍ରଭୁଙ୍କର ମୁଁହି
ସର୍ବଶ୍ରେଷ୍ଠ ବରଦାନ
ଜୀବ ଜଗତର ସେବାରେ ଲାଗି ମୁଁ
ଭାବଇ ନିଜକୁ ଧନ୍ୟ

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ଭରତବନ୍ଧୁ ବିଶ୍ୱାଳ



ଗଛଟିଏ ମୁଁ ଗଛଟିଏ
ତୁମ ଅନ୍ତରଙ୍ଗ ମିତଟିଏ
ଜୀବନ ତମାମ ସ୍ଥିର ନିର୍ବିକଳ୍ପ
କରୁଛି ସାଧନା ନୀରବ ସାଧକ
ସଞ୍ଜିବୀତ କରେ ପ୍ରାଣକୁ ସତତ
ମୁଁ ଯୋଗୀ ଋଷି ତପସ୍ୱୀଟିଏ ।

ଗଛଟିଏ  ମୁଁ ଗଛଟିଏ
ସବୁଜିମା ପତ୍ରେ ଭରିଥାଏ
ସଂଶ୍ଳେଷି ଆଲୋକ ଆହରେ ମୁଁ ଶକ୍ତି
ଜାତି ଜାତି ରଙ୍ଗ ସୁମନ ବିକଶି
ସୁଖଶାନ୍ତି ମନେ ଆଣିଦିଏ
ଫୁଲଫଳ ଛାୟା ଦେଇଥାଏ  ।

ଗଛଟିଏ ମୁଁ ଗଛଟିଏ
ଜୀବନ ମୋ ପାଇଁ ଉନ୍ମେଷ ହୁଏ
ଶୋଷି  ଅଙ୍ଗାରାମ୍ଳ ଛାଡେ ଅମ୍ଳଜାନ
ଶୁଦ୍ଧ କରେ ସଦା ବାୟୁ ପ୍ରଦୂଷଣ
ଜୀବ ବଞ୍ଚେ ତାହା ପ୍ରଶ୍ୱାସେ ଗ୍ରାହେ  ।

ଗଛଟିଏ  ମୁଁ ଗଛଟିଏ
ଉପକାରୀ ତୁମ ପୂର୍ବଜ ପ୍ରାୟେ
ଆସେ ଦରକାରେ ପ୍ରତିଟି କ୍ଷେତ୍ରରେ
ତଥାପି ମୋ ପ୍ରତି ହୁଏ ଅବିଚାରେ
ଧ୍ୱଂସ କଲେ ମୋତେ ପାରିବକି ବଞ୍ଚି
ନିଜେ ପଚାର ମନକୁ ଥରଟିଏ  ।

ଉପର ବରୁଆଁ, କବୀରପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ରିନା ବେହେରା



ଗଛଟିଏ ମୁଁ ଗଛଟିଏ
ମାନବ ସଦା ସାଥେ ଥାଏ
ନିଦାଘ ଖରାରେ ଶୀତଳ ଛାୟା ଦିଏ

ଗଛଟିଏ ମୁଁ ଗଛଟିଏ
କରେ ମୁଁ ଜଙ୍ଗଲ ସୃଷ୍ଟି
ଆନନ୍ଦରେ ହୁଏ ବୃଷ୍ଟି

ଦିଅ ନାହିଁ ମୋତେ କଷ୍ଟ
ତୁମ ଧନ ଜୀବନ ହେବ ନଷ୍ଟ
ମୁଁ ପରା ତୁମର ବନ୍ଧୁ ଶ୍ରେଷ୍ଠ

ଶୁଦ୍ଧ ଅମ୍ଳଜାନ ମୁଁ ବାଣ୍ଟିଥାଏ
କଳକାରଖାନାରୁ ନିର୍ଗତ ବିଷକୁ ଶୋଷିନିଏ
ମାନବ ଜୀବନକୁ ସୁରକ୍ଷିତ ରଖିଥାଏ

ଫୁଲ ଫଳରେ କୁସୁମ ପରଶେ
ପଥିକର ମନ ହରସେ
ମୋ ସବୁଜିମାରେ ଧରା ସୁନ୍ଦର ଦିଶେ

ଗଛଟିଏ ମୁଁ ଗଛଟିଏ
ମୋ ବିନା ଜୀବନ ଅଥୟ
ପକ୍ଷୀମାନଙ୍କୁ ଦିଏ ଆଶ୍ରମ
ମୃତ୍ତିକା କ୍ଷୟରୁ ବଞ୍ଚାଇଥାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଛଟିଏ ମୁଁ ଗଛଟିଏ
ମାନବ ଜାତିକୁ ଅନୁରୋଧ ଥରୁଟିଏ
କୁରାଢିରେ ମୋତେ ନ ହାଣ
ଚାଲିଯିବ ଏ ନିରିହ ପ୍ରାଣ

ପରିବେଶ ହୋଇବ ପ୍ରଦୂ୍ୟଷଣ
ମିଳିବ ନାହିଁ ସ୍ୱଚ୍ଛ ବାୟୁ ଜାଣ
ବିଷାକ୍ତ ହୋଇବ ବାତାବରଣ


ଗଛଟିଏ ମୁଁ ଗଛଟିଏ
ମାନବ ଜାତିକୁ ଅନୁରୋଧ ମୋର
ମୋତେ ଭଲ ପାଅ କରି ନିଜର
ଚିରକାଳ ପାଇଁ ରହିବି ସାଥେ ତୁମର ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗଛଟିଏ ମୁଁ ଗଛଟିଏ

ମହେନ୍ଦ୍ର ପ୍ରସାଦ ଦାସ



ଜୀବ ଜଗତର ଜଡ ଜୀବଟିଏ
ଜୀବନ ରହିଛି ଜଗତେ ମୋର
ଜନମ ବେଳରୁ ଆଜିଯାଏ ମୋର
ନିଜର ସଭିଏଁ ନାହାନ୍ତି ପର ।।

ମାଟିରେ ପଡି ମୁଁ ମଞ୍ଜିରୁ ଅଙ୍କୁରି
ଧିରେ ଧିରେ ବଡ ହେଲି
ଜନନୀ କୋଳରେ ମୂଳ ମୋ ରହିଲା
ଆକାଶରେ ଦୋହଲିଲି ।।

ଡାଳ ପତ୍ରେ ଶୋଭା ମୋରକଳେବର
ସବୁଜିମା ଭରା ତନୁ
ମୃତ୍ତିକା ଗରଭୁ ଜଳ ରସ ଶୋଷି
ଭୋକ ମେଣ୍ଟାଏ ଭୁବନୁ ।।

କାହାରି କ୍ଷତି ମୁଁ କରିତ ନଥାଏ
ନାହିଁ ପାତର ଅନ୍ତର
ଅମ୍ଳଜାନ ଦେଇ ସାରା ସଂସାରରୁ
ଶୋଷେ ଅଙ୍ଗାର କାମଳ ।।

ପତ୍ର ଫୁଲ ଫଳ ଜାଳେଣି ଯୋଗାଇ
କରିନାହିଁ କେବେ ରୋଷ
ତଥାପି ଶରୀର ନଷ୍ଟ କରେ ନର
କିବା କରିଅଛି ଦୋଷ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଥ କଡେ ଥାଇ ଛାଇ ବିତରଇ
ଥକିଲା ବାଟୋଇ ପାଇଁ
ପାଚିଲା ଫଳ ମୋ ବାଟୋଇ ଅଶନ
ପେଟ ତାର ପୁରିଥାଇ ।।

ମୋ ଡାଳ ଗହଳେ ନିରିହ ପକ୍ଷୀଟି
ବସାପାରି ଥାଏ ଜାଣି
ମୁଁ ଯଦି ନଥିବି ଚଢେଇ ଛୁଆଟି
ଖେଳିବ କେଉଁଠି ପୁଣି ।।

ପବନ ବହିଲେ ସୁର ମିଳାଇ ମୋ
ପତରଟି ନାଚିଥାଏ
ସେ ନାଚରେ ଥାଏ ସୁର ତାଳ ଲୟ
ବାୟୁମଣ୍ଡଳରେ ଥୟେ ।।

ମଣିଷ ଜନମ ମରଣ କାଳରେ
ମୁହିଁ ହୋଇଥାଏ ଲୋଡା
ମୋ ବିନା ଧରଣୀ ବିବର୍ଣ୍ଣା ଦିଶଇ
ଶ୍ମଶାନେ ଯେସନ ମଡା ।।

ସବୁଜ ବଳୟ ମୋ ପାଇଁ ସୁନ୍ଦର
ଗଛଟିଏ ମୁହିଁ ଗଛଟିଏ
ମୋପାଇଁ ଜଗତେ ଧରଣୀ ମାଆଟି
ହସୁଥାଏ ନିତି ବାସୁଥାଏ ।।

ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳକୁ
ଶୋଷି ନେଇ ଦିଏ ଅମ୍ଳଜାନ
ଜୀବ ଜଗତକୁ ଅନେକ ଦେଇମୁଁ
ତଥାପି ହେଉଛି ହିନୀମାନ ।।

ମାନବ ସମାଜ ମୋତେ ମାରନାହିଁ
ମୁଁ ଅଟେ ତୁମର ଚିର ସାଥୀ
ମୋତେ ବଞ୍ଚାଇଲେ ପ୍ରାଣୀଏ ବଞ୍ଚିବେ
ନହେଲେ ଗାଇବ ମୃତ୍ୟୁ ଗୀତି ।।


ମହେନ୍ଦ୍ର ପ୍ରସାଦ ଦାସ(ଦୂର୍ବାଦଳ)
ବୈପାରିଗୁଡା/କୋରାପୁଟ।
୯୪୩୮୩୭୫୮୭୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁକ୍ତିର ଆନନ୍ଦ

ସୁନନ୍ଦା ପାଣିଗ୍ରାହୀ



ସୁନୀଳ ଆକାଶ ନଭ ମଣ୍ଡଳରେ
ଯେବେ ବୁଲେ ମୁଁହି ନିରନ୍ତରେ
ମୁକ୍ତି ର ଆନନ୍ଦ ଅନୁଭବ କରେ
ପକ୍ଷୀଟିଏ ମୁଁ ସ୍ରଷ୍ଟାଙ୍କ ସୃଷ୍ଟିରେ

ବନ୍ଦୀ ପିଞ୍ଜରାର କଠିନ ଯନ୍ତ୍ରଣା
ବୁଝିବ କାହିଁ ଏ ମାୟାବୀ ମଣିଷ
ସାକର ମିଶାଇ ସର ଲବଣୀରେ
ପକ୍ଷୀ କି ପାଇବ ମନରେ ତୋଷ

ଆରେ ଦାନବ ରୂପୀ ମଣିଷ
ତୁହି କି ଜାଣିବୁ ମୋହର କଷ୍ଟ
ସମୀର ବିହୁନେ ରୁଦ୍ଧ କୋଠରୀରେ
କିପରି ନିଏ ମୂଁ ନିଶ୍ୱାସ

ଗଗନେ ବିହରେ ଦୂର ରାଇଜକୁ
ବୁଲେ ପଙ୍ଖ ଝାଡି ଝାଡି
ଗହନ ବନର ବୁକେ ବୁଲି ବୁଲି
ଖାଏ କେତେ ମିଠା କୋଳି

ଥାଉ ପଛେ ଯେତେସୁନାର ପିଞ୍ଜରା
ଲୋଡ଼ା ନାହିଁ ରୁପା ଥାଳି
ବଣ ପରବତ ଝର ପାଣି ପିଇ
ପେଟ ମୋର ଯାଏ ପୂରି

ଆରେ ଦାନବ ରୂପୀ ମଣିଷ
ତୁହି କି ଜାଣିବୁ ମୋହର କଷ୍ଟ
ସମୀର ବିହୁନେ ରୁଦ୍ଧ କୋଠରୀ ରେ
କିପରି ନିଏ ମୂଁ ନିଶ୍ୱାସ


ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅବୁଝା ଜୀବନ ଗଣିତ

ସୌଦାମିନୀ ତ୍ରିପାଠୀ



ଜୀବନ ଗଣିତ  ଅବୁଝା ଅଦ୍ଭୁତ
　　ମିଶାଣ ଫେଡାଣ ସହ
ହରଣ ଗୁଣନ ଜ୍ୟାମିତି ରେଖାରେ
　　ଫଳଟି ଅପରିମେୟ ।
ଜନମି ଏମନ୍ତି ମାଆ ଗର୍ଭ ଛାଡି
　　ଆସିଥାଏ ଏକା ହୋଇ
ହାତ ଗୋଡ ଯୋଡି ମୁଣ୍ଡ ଗଣ୍ଡି ମୋଡି
　　ପରମାନନ୍ଦକୁ ଧ୍ୟାୟୀ ।
ଆସିଛି ଏକା ଯିବି ମୁଁ ଏକା
　　ପରମାତ୍ମା ଯୋଡି ଆତ୍ମା
ଧରିଲେ ଭୂ ମାଟି ଚିତ୍କାର କରି ପାଟି
　　ବିକଳେ ଚିନ୍ତି ପରମାତ୍ମା ।।

ଆତ୍ମା ଅଟେ ଏକ ପରମାତ୍ମା ଏକ
　　ପିଣ୍ଡ ଜୀବ ରୂପ ଏକ
ମାଆ ଖିର ପିଇ ସଂସାରରେ ମୋହି
　　ଦୁଇ ରକ୍ତ ବାପମାଆ
ଜନ୍ମେ ଏମନ୍ତି ନିଆଁ ମୃତ୍ୟେ ଶ୍ମଶାନ ନିଆଁ
　　ନିଆଁ ଖେଳା ଦୁଇ ନିଆଁ ।
ହସ କାଂଦ ଦୁଇ ଦୁଃଖ ସୁଖ ଦୁଇ
　　ଦିନ ରାତି ମୋହ ମାୟାର
ମୋର ଟି ଆମର ବଢି ଲୋଭ ମୋହର
　　ଯୋଡି ଜୀବନ ଗଣିତର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପର ଆପଣା ଭେଦ ସଂପତ୍ତି ଅଭାବ ଖେଦ

ତେଲ ଲୁଣ ଯୋଡି ଜୀବନେ

ଶତ୍ରୁ ମିତ୍ର ଫରକ ମିଥ୍ୟା ସତ୍ୟ ସଂପର୍କ

ଅର୍ଥ ଅନର୍ଥ କାରଣେ ।

ଏକରେ ଏକ ମିଶେ ବଢେ ଅଙ୍କ ବିଶେଷେ

ଲୋଭ ମୋହର ବଂଧନ

ପେଟ ପାଟେଣା ହିସାବ ଗଣନାରେ ପ୍ରଭାବ

ରେଖାରେ ମିଶାଣ ଗୁଣନ ।

ବଢି ତେଜ ଗତିରେ ଭେଦ ପଦ ଲୋଭରେ

ମାନ ସମ୍ମାନ ଫରକରେ

ଗଣନା ସାଧାଫରଦ କାଗଜରେ ଅଦେଖା ଭେଦ

ମାୟା ବଂଧନ ଛନ୍ଦି ଜାଲେ ।

ବଢଇ ଅପ୍ରମିତ ବିଚାର ରେ ମୋହ ଭେଦ

ପଂଚଇନ୍ଦ୍ରିୟ ସାଧନରେ

ସୁଖ ଲାଲସା ବଢେ ଆପଣା ଅଜ୍ଞାନ ବଢେ

ପରରେ ଭେଦ ମଣି ପାରେ ।

କ୍ରୁର ନିଷ୍ଠୁର ବୁଦ୍ଧି ମତିର କୁମତି ଗତି

ବଢଇ ଅମାବାସ୍ୟାର ଭିତ୍ତିରେ

ଜୀବନ ସରଳ ରେଖା ଛନ୍ଦି ଷଡପଦୀ ବସା

ଶେଷ ପ୍ରୟାଣ ଶ୍ମଶାନରେ ।

ମିଛମାୟା ସଂସାର ଗତିରେ ତୀବ୍ର ଘୋର

ଦୁଧରୁ ଲବଣୀ ଓ ଘୃତ

ମିଶାଣ ଗୁଣନ କ୍ରିୟା ନ ଫେଡି ମୋହ ମାୟା

ହୋଇ ଶିକାର ଗର୍ବ କ୍ରୋଧ ।

ଅତି ତୀବ୍ର ସାଧନାରେ ଶେଷପଥ ହରଣରେ

ଫଳାଫଳ ଅଛିଂଡା ପ୍ରକାଶ

ଶୂନ୍ୟ ନ ମିଳେ କେଭେ ଆତ୍ମା ସହିତ ଜୀବେ

ଜଟିଳ ଜ୍ୟାମିତି ଦୂରାଭ୍ୟାଷ ।

ଭୁବନେଶ୍ୱର - ୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଗାପାଇଁ ମୁଠେ ଫୁଲ

ଦେବାଶିଷ ଚକ୍ରବର୍ତ୍ତୀ



ବଡ଼ଦାଣ୍ଡ

*******

ବଡ଼ଦାଣ୍ଡ ଶୋଭା ଚହଟଇ  ସିନା
ଦିଅଁ ରହିଥିଲେ ରଥ ଉପରେ
ଜୀବନର ବଡ଼ଦାଣ୍ଡ କି ଚହଟେ
ବିବେକ ନଥିଲେ ହୃଦକୁଞ୍ଜରେ ?

ଚାରମାଳ

*******

ରଥରେ ଦିଅଁଙ୍କୁ ବସାଇବା ପାଇଁ
ଚାରମାଳ ସିନା ହୁଅଇ ଭିଡା
କ୍ଷମତା ଦଖଲ କରିବା ପାଇଁକି
ଭୋଟର ଯେପରି ହୁଅଇ ଲୋଡ଼ା  ?

ଅଧର ପଣା

*********

ଅଶରୀରି ମଧ୍ୟ ତୃପତ ହୁଅନ୍ତି
ରଥରେ ପାଇଲେ ଅଧରପଣା
ରାଇଜ ପାଇବି ତୃପତ ହୁଏକି
ମନ ଆମ ଲୋଭେ ହୋଇଲେ ବଣା  ?

ରସଗୋଲା

********

ରସଗୋଲା ପାଇ ଲକ୍ଷ୍ମୀଙ୍କ ମନରେ
ଚହଟଇ ସିନା ମଧୁରପଣ
ଜୀବନେ କି ମିଠାପଣ ଚହଟିବ
ସାଜିଲେ ସ୍ୱାର୍ଥର ଅରମାବଣ  ?

ଶୋଭା

*****

ଶ୍ରୀମନ୍ଦିର ଶୋଭା ଉଜୁଳଇ ଜଗା
ରତନବେଦୀ କୁ ଆସିଲେ ଫେରି
ଅଥଚ ଅଭାବୀ ଜୀବନକୁ ସୁଖ
ଫେରଇ କି ଥରେ ଗଲେ ହୁରୁଡ଼ି  ?

ମଣ୍ଡୁଆ, କେନ୍ଦୁଝର ଗଡ଼,
୯୪୩୭୭୫୨୩୯୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୋଛକିରେ ଜୀବନ

ରାକ୍ଷୀ ପ୍ରଧାନ



ରାସ୍ତାର ପଥିକ ମୁହି ଯେ ଅଟଇ
ପାଦଚଲା ବାଟୋଇଟେ
ମୋରି ଲକ୍ଷ୍ୟ ଯେ କାହି କେତେ ଦୂର
ପାଉନାହି ଆଖି ମୋଟେ
ଜୀବନର ସେଇ ଦୋଛକି ପଥରେ
ଅଟକି ଯାଇଛି ଆସି
ଭବିଷ୍ୟ ଅତୀତ ଭୁଲାଉଛି ମତେ
ଚକ୍ରବିହୁ ରଥ ସାଜି
ଜୀବନ ଯାତନା ସୁଖ ଦୁଃଖ ସବୁ
ସାଉଣ୍ଟି ଆସିଛି ଯେତେ
ଜୀବନ ପଥରେ ସାଜିଛି ଦୋଛକି
ପରିହାସ କରେ ମତେ

ଦୋଛକି ପଥ ରେ ଛିଡା ହୋଇ ମୁହିଁ
ଚିନ୍ତୁଛି କେଉଁବାଟେ ଯିବି ଚାଲି
ଦୁଃଖର ପାଉଣା ସୁଖ ଠାରୁ ବେଶି
ଆଖି କୋଣରେ ଯକାଏ ଲୁହ
ଏ ପଥ ପ୍ରାନ୍ତରରେ
ପଥିକର ସେଇ ପଥ ପ୍ରାନ୍ତରେ
ଭରିଯାଏ କେତେ କୋହ
କୋହଭରା ଦୋଛକି ଜୀବନେ
ବିତିଯାଏ କେତେ କାଳ


ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆମ ସଂସ୍କୃତି ଓ ପରମ୍ପରା

ଇତିଶ୍ରୀ ପତି



ଉତ୍କୃଷ୍ଟ କଳାର      ରାଜ୍ୟ ମୋ ଉତ୍କଳ
ଆରାଧ୍ୟ ମୋ ଜଗନ୍ନାଥ,
କଳା,ସଂସ୍କୃତିର      ମାଟି ମୋ ମହାନ
ଦିବ୍ୟଭୂମି, ପୁଣ୍ୟକ୍ଷେତ୍ର ।

ଐତିହ୍ୟ, ଐଶ୍ୱର୍ଯ୍ୟ      ଶିଳ୍ପ, ଭାସ୍କର୍ଯ୍ୟର
ଉତ୍କର୍ଷ-କୀର୍ତ୍ତିରେ ଶ୍ରେଷ୍ଠ
ମନ୍ଦିର, ମସ୍‌ଜିଦ,      ଗୀର୍ଜା, ଗୁରୁଦ୍ୱାର
ସମନ୍ୱୟର ବୈଶିଷ୍ଟ୍ୟ ।

ସଂସ୍କାର, ସଂସ୍କୃତି      ସ୍ନେହ, ସଂପ୍ରୀତିର
ଉନ୍ନତ ବିଚାର ଧାରା
ସାହି, ଭାଇଚାରା      ଶ୍ରଦ୍ଧା, ସମ୍ମାନର
ସମ୍ପର୍କର ପରମ୍ପରା ।

ଦେବ-ଆରାଧନା      ବିଧିବିଧାନରେ
ପୂଜାପର୍ବ, ଯାନୀଯାତ୍ରା
ରଜ, ରଥ, ଦୋଳ      ଦଶରା, ଦୀପାଳି
ଠାକୁରାଣୀ, ଧନୁଯାତ୍ରା ।

ନଦୀ, ବନ, ଗିରି      ସାଗର, ଝରଣା
ଗଛ, ଲତା ମଧୁହସ
ପଲ୍ଲୀ-ପ୍ରକୃତିର      ସ୍ୱଚ୍ଛ-ସମୀରରେ
ସୁସ୍ଥ ଆମ ପରିବେଶ ।

ମୋ' ଜାତି ସଂସ୍କୃତି,      ଆମ ପରିବେଶ,
ଶ୍ରେଷ୍ଠ ଆମ ପରମ୍ପରା
ଆକର୍ଷଣ ତାର      ଅତି ମନୋହର
ତା'ପାଇଁ ମୁଁ ଆତ୍ମହରା ।

ଆଜିର ଆହ୍ୱାନ      କରିବା ପାଳନ
ଗଢ଼ିବା ସ୍ୱଚ୍ଛ ଭାରତ
ଆମ ପରମ୍ପରା      ଆମ ସ୍ୱାଭିମାନ
ସଂସ୍କୃତି ମାନ ମହତ ।


ଲିଙ୍ଗରାଜ ନଗର,ଲେନ୍-୭, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆର୍ତ୍ତତ୍ରାଣ ଜଗନ୍ନାଥ

ଏଲିନା ଜେନା



ଅର୍ଦ୍ଧ ଚନ୍ଦ୍ରର ଅପୂର୍ବ  ହସରେ
ମହୋଦଧିର ତରଙ୍ଗ
ସାରା ଦୁନିଆଁରେ ବୋଳି ଦେଇଛନ୍ତି
କେତେ ପ୍ରକାରର ରଙ୍ଗ ।

ବଡ ଦାଣ୍ଡ ଦୁଃଖୀ ରଙ୍କିମାନଙ୍କର
ତୁମେ ତ ଅଟ ସାହାରା
ଶ୍ରୀକ୍ଷେତ୍ର ଶଙ୍ଖକ୍ଷେତ୍ର ପୁରୀ ଅଟଇ
ସାରା ଜଗତେ ବାଜେ ନାଗରା ।

ଆମ ଓଡ଼ିଶାରେ ବିରାଜିତ ହୋଇ
ଓଡ଼ିଶାକୁ କଲ ଧନ୍ୟ
ତୁମରି ପାଇଁ ହିଁ ଏ ଉତ୍କଳ ମାଟି
ବିଶ୍ୱ ଦରବାରେ ଗଣ୍ୟ ।

ତୁମ ପାଦ ତଳେ ଏତିକି କାମନା
ମୋ ହାତରେ ଥାଉ ହାତ
ସତ୍ୟ ଶାନ୍ତି ଦୟା କ୍ଷମାର ସାଗର
ସେ ଆର୍ତ୍ତ ତ୍ରାଣ ଜଗନ୍ନାଥ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରକୃତି ରାଣୀ

ଚନ୍ଦ୍ରକାନ୍ତ ଜେନା



ରାଣୀ ତ ରାଣୀ, ପ୍ରକୃତି ରାଣୀ
ସଜେଇ ହୋଇଛି ମନକୁ ଜାଣି,
ମନଲୋଭା ଲାଗେ ତାର ସେ ଠାଣି
ହୃଦୟକୁ ସତେ ନେଇଛି କିଣି ।

*ରାଣୀ ତ ରାଣୀ*

ରାଣୀ ତ ରାଣୀ, ପ୍ରକୃତି ରାଣୀ
ଧରାକୁ କରିଛି ସୁନ୍ଦର ପୁଣି,
ଅପରୂପ ବେଶେ ଜଗତ ଜିଣି,
ପ୍ରେମର ପ୍ରତୀକ ମଉଡ଼ମଣି ।

*ରାଣୀ ତ ରାଣୀ*

ରାଣୀ ତ ରାଣୀ, ପ୍ରକୃତି ରାଣୀ
ସବୁଜ ତା ରଙ୍ଗ ଓଢଣୀ ଟାଣି,
ଗଛଲତା ଘେରା ପାହାଡ଼ ପୁଣି,
ପ୍ରକୃତି ପ୍ରେମୀଙ୍କୁ କରିଛି ଗୁଣି !

*ରାଣୀ ତ ରାଣୀ*

ରାଣୀ ତ ରାଣୀ, ପ୍ରକୃତି ରାଣୀ
ତା ନଦନଦୀ ଝରଣା ପାଣି,
କୁଳୁକୁଳୁ ନାଦ ତାହାର ଶୁଣି,
ସାଗର ବେଳାରେ ବାଲୁକା ବୁଣି ।

*ରାଣୀ ତ ରାଣୀ*

ରାଣୀ ତ ରାଣୀ, ପ୍ରକୃତି ରାଣୀ
ଫୁଲ,ଫଳେ ଭରା ତାହାର ମୁଣି,
ସୁରୁଜ ଉଇଁଲେ ଆକାଶେ ପୁଣି,
ସୁନେଲି କିରଣ ଦେଉଛି ବୁଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

*ରାଣୀ ତ ରାଣୀ*

ରାଣୀ ତ ରାଣୀ, ପ୍ରକୃତି ରାଣୀ
ମନକୁ ସତେ ମୋ ନେଇଛି କିଣି,
ତା ଗାଥାକୁ କେ ପାରେ ବଖାଣି !
ଅବଦାନେ ତା ହୋଇଛୁ ଋଣୀ ।

*ରାଣୀ ତ ରାଣୀ*

ରାଣୀ ତ ରାଣୀ, ପ୍ରକୃତି ରାଣୀ
ଜୀବନ ଆମର ଧରିଛି ଟାଣି,
ତାର ସୁରକ୍ଷା କରିବା ଜାଣି,
ତା ଛାତିର ଧୂଳି ମଥାର ମଣି ।
ରାଣୀ ତ ରାଣୀ ସେ ସବୁରି ରାଣୀ,
*ପ୍ରକୃତି ରାଣୀ*

(ଅବକ୍ଷୟିତ ପ୍ରକୃତି ପ୍ରତି ଏକ ଦୁଃଖର ଆବେଗ)

ସହକାରୀ ଶିକ୍ଷକ, ବ୍ରାହ୍ମଣସାଇଲୋ ସରକାରୀ
ଉଚ୍ଚ ବିଦ୍ୟାଳୟ, କଣ୍ଟାପଡା, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ଲେଖିଯିବି

ଶିଶିର କୁମାର ପଣ୍ଡା



କାନ୍ଧରେ ମୋର ଝୁଲା ବେଏଗ
ନାଆଁ ଶିଶିର ପଣ୍ଡା
ନିରାମିଷାଶୀ ନୁହେଁ ମୁଁ ଖାଏ
ମାଛ, ମାଉଁସ, ଅଣ୍ଡା ।
କବିତା ଲେଖେ, କବିତା ପଢ଼େ
କବିତା ମୋର ପ୍ରାଣ
କବିତା ପାଇଁ ଦେଇପାରେ ମୁଁ
ଏଇ ଜୀବନ ଜାଣ ।
ଅଠାଅଶୀରୁ ଲେଖି ଚାଲିଛି
ଏଯାଏ ମନ ଦେଇ
ପୁରସ୍କାରରେ ନାହିଁ ମୋ ଲୋଭ
ଦେଉ ନଦେଉ କେହି ।

ତଥାପି କିଛି ଅନୁଷ୍ଠାନରୁ
ମିଳିଛି ସମ୍ବର୍ଦ୍ଧନା
ସାଦରେ ଅଛି ଗ୍ରହଣ କରି
ନକରି କେବେ ମନା ।
ଶେଷ ନିଶ୍ୱାସ ଥିବା ଯାଏ ମୁଁ
କବିତା ଲେଖି ଯିବି
ମରିବା ପରେ ଅମର ହୋଇ
ପାଠକ ମେଳେ ଥିବି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଳାମେଘୀ ପ୍ରେୟସୀ

ଦୀପ୍ତିକାନ୍ତ ପଢ଼ିଆରୀ



ଆଷାଢ଼ର ମେଘଭରା ବାଦଲଟେ ତୁ
ସେ ବାଦଲକୁ ଛୁଇଁବାକୁ ଚାହୁଁଥିବା
ପର୍ବତ ଶିଖର ମୁଁ.....
କଳାମେଘୀ ବାଦଲର ବରଷା ବିନ୍ଦୁ ତୁ
ସେ ବର୍ଷାର ପ୍ରତିଟି ବିନ୍ଦୁକୁ ଖୋଜୁଥିବା
ତତଲା ଭୂଇଁ ମୁଁ.....
ମେଘୁଆ ପାଗର ନାଲି ଓଢଣୀରେ
ସାଧବ ବୋହୂଟେ ତୁ
ତୋ ପାଦ ଚିହ୍ନକୁ ସାଇତି ରଖୁଥିବା
ଓଦା ମାଟିର ପ୍ରତିଟି ଧୂଳି ମୁଁ....
ଋତୁ ରାଇଜର ସୁନ୍ଦରତାର
ଶେଷ ସୀମା ତୁ....
ତୋ ସୁନ୍ଦରତାକୁ ପ୍ରତିଛବିର ରୂପ ଦେଉଥିବା
ଇନ୍ଦ୍ରଧନୁଟେ ମୁଁ.....
ମେଘୁଆ ରାତିର ଶୀତଳ ଜୋଛନା ତୁ
ତୋ ଜୋଛନାରେ ଭିଜୁଥିବା
ପାଗଳ ପ୍ରେମିକ ମୁଁ....

କେନ୍ଦ୍ରପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାପା ତୁମେ

ଶୁଭସ୍ମିତା

ପାଦରେ ମୋ କଣ୍ଟା ଯେବେ ଯାଏ ଫୁଟି
ଲହୁ ଝରେ ତବ ହୃଦରୁ,
ଲୁହ ମୋର ଦେଖି ପାରନି ଯେ ସହି
ହସ ଫୁଟାଅ ମୋ ଓଠରୁ ।

ମନେ ପଡେ ବାପା ତୁମ କଥା ଆଜି
ସ୍ମୃତି ତୁମ ଭୁଲି ହେବନି,
ତୁମ ସାଥେ ସେଇ ପିଲା ଦିନକୁ ମୁଁ
ଚାହିଁଲେ ବି ଫେରି ପାଉନି ।

ତୁମ ହାତ ଧରି କେତେ ମେଳା ମୁଁ ଯେ
ବୁଲୁଥିଲି ନାହିଁ ବିଚାର,
ତୁମେ ନାହଁ ବାପା ଏ ଦୁନିଆ ମତେ
ଲାଗେ ଅବିଶ୍ୱାସୀ ସହର ।

ଦୁଇ ଆଖିରେ ମୋ ସ୍ୱପ୍ନ ବୁଣିଥିଲ
କେତେ ରାତିର ନିଦ ଭୁଲି,
ସପନ ତୁମର ହେଇନି ପୂରଣ
କାହିଁକି ଦୂରେ ଗଲ ଚାଲି ।

ବାପା ତୁମ ବାଟ ଚାହିଁ ମୁଁ ବସିଛି
ପାଇବାକୁ ସ୍ନେହ ତୁମର,
ଶେଷ ସ୍ପର୍ଶ ତୁମ ପାରିଲିନି ପାଇ
ଅବଶୋଷ ମୋ ଜୀବନର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ନଳିନୀ ପ୍ରଭା ମିଶ୍ର



ବିନ୍ଦୁରୁ ପରିଧି ତାପରେ ଉତ୍ପତ୍ତି
ଜୀବନର ଇତିବୃତି
ରେଖା ଲମ୍ବି ଯାଏ ଦୂରରୁ ଦୂରକୁ
ଲକ୍ଷ୍ୟେ ଅଗ୍ରସର ମତି ।
ବର୍ତ୍ତମାନ ପରେ ଭବିଷ୍ୟ
ଜିଜ୍ଞାସା ହୁଅଇ ବଳବତ୍ତର
ଆଗାମୀ ଘଟଣା ରହସ୍ୟ
ଚକ୍ରରେ ପତିତ ହୁଅଇ ନର ।
ଅ ବିବେକ ପରେ ବିବେକ ପଣିଆ
ଚରିତ୍ର ପରିବର୍ତ୍ତନ
ଦୁଃଖ ତା ପରେ ସୁଖ ନିଶ୍ଚିତରେ
ହୋଇଥାଏ ଆଗମନ ।
ଅସୁବିଧା ପରେ ସୁବିଧାର
ସୃଷ୍ଟି ଉଦ୍ୟୋଗର କରାମତି
ଆଗକୁ ବଢିବା ବୁଦ୍ଧିର ପ୍ରୟୋଗ
ନିର୍ମାଣର ମୂଳ ଭିତ୍ତି ।

ଗଳ୍ପଟେ ପଢ଼ିବା ଚଳଚ୍ଚିତ୍ର ଦୃଶ୍ୟ
ତା ପରର କୌତୁହଳ
ତା ପରେ ତା ପରେ ନିତ୍ୟ
ନୈମିତ୍ତିକ ସର୍ବ ଘଟଣା ବହୁଳ ।
ଜନ୍ମ ଠାରୁ ମୃତ୍ୟୁ ଯାଏ ସଂଘଟିତ
ପର ପରର ଅବସ୍ଥା
ବର୍ତ୍ତମାନ ପରେ ଘଟିବ କ'ଣ
ନ ଥାଏ ମନରେ ଆସ୍ଥା ।
ବର୍ତ୍ତମାନ ଆମ ପାଇଁ ବିଦ୍ୟମାନ
କର୍ମ ହିଁ ଆମରି ଧେୟ
ତା ପରର କଥା ବିଧାତା
ହାତରେ ଅତୀବ ରହସ୍ୟମୟ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ, ୯୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତା'ପରେ

ସସ୍ମିତା ପଣ୍ଡା



ହେ ଜଗାରେ
ଥରେ ତୁ କହ
ମୋ ଭାଗ୍ୟ ତୁ କେଉଁ ବେଳାରେ ଲେଖିଛୁ ?
ନା ମୁଁ ଜିଁ ପାରୁଛି
ନା ମୁଁ ମରି ପାରୁଛି
ଡହଳ ବିକଳ ହୋଇ
ମୋ ପରାଣ ଜଳୁଛି
ତା ପରେ ବି ତୋତେ ମୁଁ ଭରଷା କରିଛି
ମା'ର କର୍ତ୍ତବ୍ୟ ରେ
ତୁ ମତେ ବାନ୍ଧି ରଖିଛୁ
ନିନ୍ଦା ଅପବାଦ ମୋ ମଥାରେ ବୋଳୁଛୁ
ମୋ ଭାଗ୍ୟ ଲେଖିଲା ବେଳେ
ଥରେ କ'ଣ ତୁ ଭାବି ନଥିଲୁ
ରକ୍ତ ମାଂସ ଗଢା ଶରୀରଟା
କେତେ ବା ସହିବ
ଏଡିକି ପାଷାଣ ହୋଇଲୁ
ତା ପରେ ବି ତୋ
ଦର୍ଶନ ପାଇଁ ମୁଁ ବ୍ୟାକୁଳ ହେଉଛି
ଅଧା ହାତେ ତୋର
ସମଗ୍ର ସଂସାର ଚଳାଉଛୁ
ମୋ ବେଳକୁ କିଆଁ
ଏତେ ଦାଉ ସାଧୁଛୁ
ହେ ଜଗା ରେ ଥରେ ତୁ କହ
ମୋ ଉପରେ କିଆଁ ରୁଷି ବସିଛୁ
ତା ପରେ ବି ତୋ କରୁଣା ଭିକ୍ଷା କରୁଛି
ରତ୍ନ ସିଂହାସନେ ବସି
ମୁରୁକି ମୁରୁକି ହସୁଛୁ
ଭାଇ ଭଉଣୀ ସାଥେ
ବାର ଓଷା ତେର ପରବ ମନାଉଛୁ
ହେ ଜଗାରେ ଥରେ ତୁ କହ
ମତେ କିଆଁ ଲୁହ ଲହୁରେ ଭିଜାଉଛୁ
ତା ପରେ ବି ତୋ ଚକା ଆଖିକୁ
ମୋ ନୟନ ଝୁରୁଛି ।


ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତା'ପରେ

ଅରୁନ୍ଧତୀ ଲେଙ୍କା



ଏତେ ସବୁ ଘଟିଗଲା ପରେ ତୁମେ
କେମିତି ମୋତେ ଡାକୁଛ
କେଉଁ ମୁହଁ ନେଇ ଯିବି ମୁଁ କୁହତ
ତୁମେ ବା କଣ ରଖିଛ ।।

ସହି,ସହି ରହିଥିଲି ବୋଲି ଆଜି
ମୋ ସାଥେ ଖେଳିଲ ଖେଳ
ସୁନ୍ଦର ଜୀବନକୁ ମାଟି କରି ଦେଇ
କରୁଅଛ କୋଳାହଳ ।।

ଯାହା କି ଆଉ ଫେରିବାର ରାସ୍ତା ନାହିଁ
ନାହିଁ ମୋ ଓଠରେ ହସ
ପ୍ରତି ସମୟରେ ଏ ମନକୁ ଆସି
କରି ଦେଉଛି ବେହୋସ ।।

ଶୁଖିଲା ଅଧରକୁ ଓଦା କରିବାକୁ
ନାହିଁ ମୋର ଆଉ ଇଚ୍ଛା
ତମରି  ପ୍ରେମରେ ପାଗଳ ନହୋଇ
ସାଉଁଟିବି ସୁଖ ମୁକ୍ତା ।।

ତା'ପରେ ତମେ ଏମିତି ଜଣେ ବ୍ୟକ୍ତି
ନିଜ ସୁଖ ନିତି ଚାହଁ
ତୁମରି ସୁଖରେ ଟିକେ କଣ ହେଲେ
ଭାଷା ଅଭାସା କରି ଦିଅ ।।

ଥାଉ ବାବା ଥାଉ ସରିଗଲା ମୋର
ଚାହୁଁ ନାହିଁ ଆଉ ଦୁଃଖ
କିଛି ଦିନ ଅତ୍ୟନ୍ତ ମନ ଖୋଲି ବଞ୍ଚେ
ପାଇଛି ଅନେକ କଷ୍ଟ ।।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତା'ପରେ

ଲତା ବେହେରା



ଲଗନ ପରେ ଯେ ମଙ୍ଗନ ଆସଇ
ତାହାପରେ ବାହାଘର
ବାହାଘରେ ଦିନ ଭୋଜି ଭାତ ସାଥେ
ବେଦୀଟି ଦିଶେ ସୁନ୍ଦର ।

ସାଜସଜ୍ଜା ହୋଇ କନିଆ ବସଇ
ଆସିଥାଏ ବର ତାର
ହାତଗଣ୍ଠି ପରେ ମାଳଟି ବଦାଳା
ତା ପରେ ଦିଏ ସିନ୍ଦୂର ।

ହାତଗଣ୍ଠି ପଡି ଯାଏ ଯେତେବେଳେ
ଆଶଙ୍କା ଛାଡେ ମନର
ଶାଳୀ ଆସି ସେଇ ହାତଗଣ୍ଠି ସେଠି
ଫିଟଇ ବେଦୀ ଉପର ।

ବନ୍ଦାପନା ସାଥେ ହୁଳିହୁଳି ପଡେ
ସାତଫେରାଟି ବେଦୀ ଉପର
ସାତ ବଚନଟି ଦେଇଥାନ୍ତି ସେଠି
ବର କନ୍ୟା ପରସ୍ପର ।

ନନା ଗଲା ପରେ କଉଡି ଖେଳଟି
ହୁଅଇ ବେଦୀ ଉପର
ବର ଦେଉଥାଏ କନିଆ ହାତରେ
କନିଆଁ ବର ହସ୍ତର ।

ପରସ୍ପର ହସ୍ତେ ଢଳା ଢଳି ହୋନ୍ତି
କନିଆ ମୁଠେ ହସ୍ତର
ସେ ମୋଠା କଉଡି ଫିଟଇ ତା ବର
ପୁଣି କାଣି ଆଙ୍ଗୁଠିର ।

କନିଆର ପାଳି ସରିଗଲା ପରେ
ତାପରେ ପାଳି ବରର
ତଳେ କାଣି ଆଙ୍ଗୁଠିରେ କଉଡିକୁ
ଚାପି ଧରେ ବର ତାର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଦୀ କାମ ସରିଗଲା ପରେ ହୁଏ
ପଖାଳ ବିଧି ବରର
ତା ପରେ ଝିଅଟି ଦହି ଭାତ ଖାଇ
ଆଞ୍ଜୁଳି ଧରେ ହସ୍ତର ।

ଇଶାଣରେ ଦେଇ ପ୍ରଣିପାତ ହୋଇ
କନ୍ୟା ଚାଲଇ ଆଗର
କନ୍ୟାର ପଛରେ ଆଞ୍ଜୁଳି ଚାଉଳ
ଧରି ଚାଲୁଥାଏ ବର ।

କ୍ରନ୍ଦନର ଧ୍ୱନି ପଡଇ ଉଚ୍ଛୁଳି
ଝିଅ ବିଦାୟ ବେଳାର
ତାପରେ ଶାଶୁଘର ଝିଅ ଯାଏ
ପାଦ ପଡେ ଶାଶୁଘର ।

ବନ୍ଦାପନା କରି ତା ଆଞ୍ଜୋଳି ଧରି
ନିଅନ୍ତି ଘର ଭିତର
ବାମ ପାଦେ ଏରୁଣ୍ଡି ବନ୍ଧ ଡେଇଁଣ
ପାଦ ଥାପେ ଶାଶୁଘର ।

ବିଧି ବିଧାନରେ ଯାଏ ଶାଶୁଘର
କନ୍ୟାଟିଏ ଥିଲେ ଘର
ଉତ୍ତମ ସଂସ୍କାର ଭଲ ବ୍ୟବହାର
କରି ଗଢେ ପରିବାର ।

ବାପଘରୁ ଝିଅ ସବାରୀରେ ଯାଏ
ରହିଥାଏ ଶାଶୁଘର
ହସାଏ ସେ ଘର ହସେ ପରିବାର
ତା ପରେ ବିଦାୟ ତାର ।

ଠାରି ଡାକେ ବେଳ ବେଳ ପୂରି ଯାଏ କାଳ
ସରିଯାଏ ଖେଳ ତାର
କୋକୋଇରେ ଯାଇ ଶୋଇଯାଏ ସିଏ
ମଶାଣୀ ଜୁଇ ଉପର ।

ଜନମ ବେଳଠୁ ମରଣ ପର୍ଯ୍ୟନ୍ତ
କର୍ମଟି ଥାଏ ତାହାର
ସିଏ ଗଲା ପରେ ତାପରେଟି ଯାଇ
ବୁଝି ଥାଏ ତାକୁ ନର ।

ଜକା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ଦେବେନ୍ଦ୍ର ନାୟକ



କିଛି ଶୁଣିଲା ପରେ ଦେଖିଲା ପରେ
ପଢ଼ିଲା ପରେ ଅନେକ
ସୃଷ୍ଟି ହୋଇ ଥାଏ ଆଗକୁ ଜିଜ୍ଞାସା
ସେହି ଶବ୍ଦଟିକୁ ଦେଖ !
କିଛି ଘଟଣାପରେ ପରୀକ୍ଷା ପରେ
ଦୁର୍ଘଟଣା ଘଟିଗଲେ
ଆସେ ଅନେକ ଚିନ୍ତା ଚେତନାର ସେ
ଶବ୍ଦଟିକୁ ବୁଝ ଭଲେ !
ବିବାହ ବନ୍ଧନେ ଯଦି ବାନ୍ଧି ହେଲେ
ସନ୍ଦେହର ସେହି ଶବ୍ଦ
କ'ଣ ହେବ ଭବିଷ୍ୟତ ଉଜ୍ଜ୍ୱଳ ନା
ଅନ୍ଧାର ସନ୍ଦେହ ସ୍ୱାଦ !
କାହାଣୀ ପେଡ଼ି ଖୋଲିଲେ କିଏ ଯଦି
ଆଗ୍ରହରେ ଶୁଣୁଥାଏ
କ'ଣ ଘଟିବ ଜାଣିବା ପାଇଁ ମନ
ପର ପଦକୁ କାନଦିଏ !

ଆରମ୍ଭରୁ ଶେଷ ଜୀବନ ଜୀବିକା
ବୁଝିବାକୁ ଡେରି ହୁଏ
ଏଇ ତ କର୍ମ ତା'ପରେ କ'ଣ ହେବ
ବୁଝୁ ବୁଝୁ ପ୍ରାଣ ଯାଏ ।
ସନ୍ଦେହ ଆସିଲେ ଦୁଶ୍ଚିନ୍ତା ବଢ଼ଇ
ଭବିଷ୍ୟତ ଚିନ୍ତା ରହେ
ଭଲ ହେବ କି ଭୁଲ୍ ହେବ ସବୁ
ଆଗ୍ରହ ଟି କଥା କହେ !

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ସନ୍ତୋଷ କୁମାର ସାହୁ



ତୁମକୁ ଜୀବନେ ପାଉଥିଲି ଭଲ
ହୃଦୟକୁ ମୋର ଦେଇ
ତା ପରେ ତୁମେ ବି ଭଲ ଯେ ପାଇଲ
ପ୍ରଣୟିନୀ ମୋର ହୋଇ...
ସାଙ୍ଗସାଥିଙ୍କର ବହୁ କଥା ଶୁଣି
ତୁମ ମୋତେ ଭୁଲି ନାହଁ
ଅତୁଟ ବିଶ୍ୱାସେ ପ୍ରୀତି ସରାଗରେ
କେବଳ ମୋ ମନ ଚାହଁ....
ସ୍ନେହଭରା ମନେ ହୃଦ ପ୍ରେମ ବନେ
ଫୁଟି ଚହଟାଅ ବାସ
ମନ ଅଗଣାକୁ ନିତି ସପନରେ
ମୋ ପାଖରେ ଆସି ବସ....

ଚୁମ୍ବକ ପରିକା ଆକର୍ଷଣ କର
ଚିତ୍ତକୁ ପ୍ରେମରେ ଟାଣି
ତୁମରି ପରଶେ ହୁଏ ମୁଁ ବିଭୋର
କାରଣ ପାରେନା ଜାଣି....
କାହିଁକି କେଜାଣି ଆଗଭଳି ଆଉ
ନାହିଁ ପୀରତିର ଭାବ
ଭାବୁଛି ଅନେକ ତୁମେ ଭୁଲିଗଲେ
ତା ପରେ କଅଣ ହେବ....
ବିଶ୍ୱାସେ ଜହର ବୁଣିଦେଇ ଯଦି
ଚାଲିଯିବ ବହୁଦୂର
ଆଜି ନହେଲେ ବି ତା ପରେ ବୁଝିବ
ଶାଶ୍ୱତ ପ୍ରେମକୁ ମୋର...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁଁ କ'ଣ ଜାଣିଥିଲି

ଦେବାର୍ଚ୍ଚନ ମେହେର



ମୁଁ କ'ଣ ଜାଣିଥିଲି...
ଶୀତୁଆ ସକାଳରେ
ତୁମ ସହ ହଠାତ୍ ଦେଖା ହେବ ବୋଲି ।।

ମୁଁ କ'ଣ ଜାଣିଥିଲି...
ତୁମେ ଅଜଣା ଅଚିହ୍ନା ପରୀ ଟିଏ
ମୋ ଜୀବନର ଆସିବ ବୋଲି ।।

ମୁଁ କ'ଣ ଜାଣିଥିଲି...
ତୁମକୁ ଦେଖିବା ପରେ
ତୁମ ପ୍ରେମରେ ପଡ଼ିବି ବୋଲି ।।

ମୁଁ କ'ଣ ଜାଣିଥିଲି...
ପ୍ରଥମ ଦେଖାରେ ତୁମ ନୟନ ଚାତୁରୀରେ
ମୋତେ ଆକର୍ଷିତ କରିବ ବୋଲି ।।

ମୁଁ କ'ଣ ଜାଣିଥିଲି...
ତୁମ ନୟନ ଯୁଗଳରେ
ବନ୍ଦୀ କରି ମୋତେ ଟାଣି ନେବ ବୋଲି ।।

ମୁଁ କ'ଣ ଜାଣିଥିଲି...
ମୋ ସହ ନୂଆଁ ନୂଆଁ ମଧୁର କଣ୍ଠରେ
କୋଇଲିଙ୍କ ପରି କଥା ହେବ ବୋଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ କ'ଣ ଜାଣିଥିଲି...
ଆମ ଦୁଇ ଆଖିର ମିଳନ ହୋଇ
ପ୍ରେମର ଜାଗ୍ରତ ହେବ ବୋଲି ।।

ମୁଁ କ'ଣ ଜାଣିଥିଲି...
ମୁରୁକି ହସିରେ ତୁମ
ବିଷ ଅଛି ବୋଲି ।।

ମୁଁ କ'ଣ ଜାଣିଥିଲି...
ମୋତେ ଆଶା ଦେଇ ତୁମେ
ନିରାଶା କରିବ ବୋଲି।।

ମୁଁ କ'ଣ ଜାଣି ଥିଲି...
ଭଲ ପାଉଛି କହି
ମୋତେ ଭୁଲି ଯିବ ବୋଲି।।

ମୁଁ କ'ଣ ଜାଣିଥିଲି...
ତୁମେ ମୋ ସହ ଭଲ ପାଇବାର
ଅଭିନୟ କରୁଥିଲ ବୋଲି।।

ମୁଁ କ'ଣ ଜାଣିଥିଲି...
ତୁମେ ମୋ ହୃଦୟ ସହ
ଖେଳୁଥିଲ ବୋଲି।।

ମୁଁ କଣ ଜାଣିଥିଲି...
ମୋତେ ଶେଷରେ
ଧୋକା ଦେବ ବୋଲି।।

ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନେ ପଡ଼େ ସେଇ ମୁହୂର୍ତ୍ତ

ରଞ୍ଜିତା ଦାଶ



ମନେ ପଡେ ସେଇ ମୁହୂର୍ତ୍ତ
ଯେଵେ ଦୁଇ ଆଖିର ମିଳନରେ
ସୃଷ୍ଟି ହୋଇ ଥିଲା ମୃଦୁ ଭୂମିକମ୍ପ ।

ଝାଳୁଆ ଦେହରେ ଲାଜୁଆ ଚାହାଁଣୀ
କିଛି କାହାଣୀ କହୁଥିଲା,
ତୁମେ ବି ଖୁବ୍ ସତର୍କତାରେ ନିଜକୁ
ଲୁଚାଇ ଚୁପି ଚୁପି ହସୁଥିଲ,
ଆଉ ଭାବୁଥିଲ---
ସେଦିନର ସାକ୍ଷାତକୁ ।

ହଠାତ୍ ଏମିତି ଭେଟ ହୋଇଯିବ
ଜାଣି ନଥିଲ !
ଅନ୍ୟ ପାଇଁ ହେଉକି
ନିଜ ପାଇଁ
କିଛିତ ରଖିଥିଲ ସଞ୍ଚି ।

ଖୁସିରେ ବାଢି ଦେଇଥିଲ ଦିନେ
ଅନ୍ତର ଭିତରୁ ଲୁଚିଲୁଚି।

ମୋ ଆଖି ଆଉ ତୁମ ଓଠ
କହିବ କହିବ ହୋଇ ବି
କିଛି କହି ନଥିଲା ।
ଫେରି ଆସିଥିଲି ସେଦିନ ସେଇଠୁ,
ତୁମ ଛବି ଆଉ ତୁମ ସ୍ୱରର ଲାଳିତ୍ୟ
ହଜାଇ ଦେଇଥିଲା ମତେ,,
କେଉଁ ଏକ ସପନ ରାଇଜରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନରେ ବି ସପନ ଦେଖୁଥିଲି
ଲୋଭନୀୟ ଥିଲା ସେ ସୁନ୍ଦର ମୁହୂର୍ତ୍ତ
ଆଖି ଆଗେ ଭାସି ଯାଉଥିଲା ତୁମ ଛବି ।

ଅଙ୍କା ବଙ୍କା କେଉଁ ନ ଇର ଆରପାରି ଗାଁ
ସେଠି ଯୁଗଳ ମୂରତୀ
ଆହାଃ କି ମନୋହର
କି ମଧୁର ସେ ବାସ୍ନା
ଆଉ ସକାଳ ଆଳତୀ ।
ମନତ ପବିତ୍ର ହୋଇ ଯାଇଥିଲା ।

ଫେରି ପାରୁ ନଥିଲି
ହେଲେ ଫେରିବାକୁତ ପଡିବନା
ବିଦାୟ କାଳୀନ ଦୃଶ୍ୟ
ସବୁ କିଛି ନୀରବ
ଭାଙ୍ଗନାର ଚକ ଗଡୁଛି ଯେ
ଏ ପର୍ଯ୍ୟନ୍ତ ଥମିବାର ନାଁ ନାହିଁ ।

ତୁମେ ବି ମିଛୁଆ ପାଲଟି ଗଲ
ଦେଇଥିବା କଥା ନ ରଖିଲ ।
ଅଧା ଗଢା ଦିଅଁ ଭଳି
ସେଇ ଅଧା ପୂଜାରେ ଅଟକି ଗଲ ।
ନାଁ ଅଛି ସେ ସ୍ୱପ୍ନ
ନା ଅଛି ବାସ୍ତବତା
କେବଳ ମରୀଚିକାର ସହିଷ୍ଣୁତା ।
ମୃତ ହରିଣୀର ଆର୍ତ୍ତ ଚିତ୍କାର।

ତୁମେ ଏବେ ଖୁବ ହସୁଛ
ଆଉ ସେ ହସରେ ଝରୁଛି
ବୁନ୍ଦା ବୁନ୍ଦା ଅନୁରାଗ ।
ମଲ୍ଲି ମାଳତୀର ଗେହ୍ଲେଇ ସୁହାଗ
ଆଗରୁ ତ କାହିଁ ଦେଖି ନଥିଲି। !!!
ଏମିତି ପ୍ରୀତି ରାଗ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚାରିଦ୍ୱାର ଖୋଲିଲା ପରେ

ଭାରତୀ ହୋତା



ଲୁହ ଛଳ ଛଳ ଆଖିରେ
ତୋ ପାଇଁ ଅଚିହ୍ନା ହେଲେ ହେଁ
ବିଶ୍ୱାସଟିକୁ ଗଣ୍ଠିଧନ କରି
ଭାବରେ ସଅଁପି ଦିଏ ଅଭାବଟିକୁ
ଫିଂଥର ପରି ପତିତପାବନରେ ହାତଟେକି
ଜଣେଇ ଦିଏ ମୋ ଅପାରଗପଣକୁ ।

ମୋ ମୋ ହାତଟେକା ସମର୍ପଣ ହିଁ ମୋ ବିଜୟ
ତୋତେ ଲୋଡ଼ିବା ପଣ ହିଁ ମୋ ସାମର୍ଥ୍ୟ
ଅନାହତ ବଂଶୀ ସ୍ୱନ ଗୁମୁରି ଉଠେ ମୋ କର୍ଣ୍ଣ ଗହ୍ୱରରେ
ଚହଟି ଉଠେ ଆଖପାଖ
ତୁମ ଉପସ୍ଥିତି ଜାହିର କରିବାକୁ... ।

ବାଷ୍ପରୁଦ୍ଧ ଥରିଲା ଥରିଲା କଣ୍ଠ
ଅନେକ ଦିନର ସାଇତା ଛାତିତଳର କୋହ
ଅମାନିଆ ଆଖିର ଧାର ଧାର ଲୁହ
ସତେକି ତୁମ ଦର୍ଶନରେ ତଲ୍ଲୀନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରତ୍ନ ସିଂହାସନର ପାବନ ପାବଚ୍ଛରେ
ମନ ମୟୂରୀର ମତୁଆଲା ରୁଣୁଝୁଣୁ ନାଚ
କାନରେ ହଜାର ହଜାର କୋଇଲିର କୁହୁଧ୍ୱନୀ
ତୁଳସୀ ଅଗୁରୁ ମିଶ୍ରିତ ମଳୟର ମନ୍ଦ ମନ୍ଦ ସଞ୍ଚାର
ମୁଣ୍ଡ ଉପରେ ତୋ ହଜାର ଆଶୀର୍ବାଦର ପଟୁଆର।

ଫେରିବି କେମିତି ଯୁ' ନାହିଁ
ଏମିତି ଏକ ମହାର୍ଘ ମୂହୁର୍ତ୍ତର ବେଳା
ମୋ ହୃଦୟବେଦୀରେ
ଶତ ଶତ ଓଁକାର ଧ୍ୱନିର ପବିତ୍ର ଉଚ୍ଚାରଣ
ତୁମ ଚାହିଁବାପଣ
ଫିଂ ଥର ପରି
ତୁମେ ପରୀକ୍ଷା ନେଉଥିଲ ମୋ ପାରଦର୍ଶୀ ସମର୍ପଣର ।

ନୂଆପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଏକାନ୍ତରେ ଭିଜିବାର ଇଚ୍ଛା

ଗାୟତ୍ରୀ ଦାଶ



ବୈଶାଖର ଝାଞ୍ଜି ଯେବେ
ଜ୍ୟେଷ୍ଠର ଉଦୁଉଦିଆ ଖରାକୁ
ସାଥିରେ ନେଇ ଚାଲିଯିବାକୁ ବସେ ,
ଥିରି ଥିରି ଆସେ ମଉସୁମୀ....
କେବେକେବେ ପାଦ ଚାପି ଚାପି.....
ଆଉ କେବେ ଅଳସ ବତାସି ହୋଇ !

ସମୀରଣ ଶିହରଣ ଭରି
ଭିଜା ଭିଜା ସ୍ୱପ୍ନସବୁ ଦିଏ ଉପହାର ।
ଆକାଶରେ ବଉଦର ଭିଡ଼ ,
ଧରଣୀ ବି ସବୁଜ ଓଢଣୀରେ
ଘୋଡେଇ ହେବାର ସ୍ୱପ୍ନ ଦେଖେ !
ମୋ' ମନର ମଧୁର କଳ୍ପନା ଉଙ୍କିମାରେ
ଭାବପ୍ରବଣତାର ପାଖୁଡା ଭିତରେ !

ବିଶ୍ୱାସର ବିସ୍ତୀର୍ଣ୍ଣ ବୁକୁରେ
ମମତାର ମଧୁ ଆଳାପନ.... !
ଆଷାଢ଼ ବର୍ଷାରେ ହଜି ହଜି
ଶ୍ରାବଣରେ ସିକ୍ତ ହୁଏ ମନ.... !
ଦୀର୍ଘ ହତାଶା ପରେ ପୁଣି ମନରେ
ପୁଲକିତ କେତେ ଆଶା... !

ଭାସିଯାଏ ଭାବନା ସ୍ରୋତରେ,
ମନରେ ସୌଦାମିନୀ ଝଟକି ଉଠେ... !
କଳ୍ପନା କଦମ୍ବ, ପୁଣି ତୃପ୍ତି ପାଇଁ ତୃଷ୍ଣା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଠା ମିଠା ଭାବନାର ସ୍ୱରେ
ଶ୍ୟାମଳିମା ଶ୍ରାବଣରେ....
ସ୍ୱପ୍ନର ଫୁଲଭରା ଫଗୁଣ ରଙ୍ଗରେ
ମାନସେ ସପନ ବୁଣେ,
କଳ୍ପନା ଲହରୀ ତୋଳେ ।
ମୋର ନୀଳ ଆଖି ଆଇନାରେ...
ସୁଧା ମନ୍ଦାକିନୀ ପରି ।

ଏ ମନେ ସପନ ରଚେ...
ଅବ୍ୟକ୍ତ ଉଲ୍ଲାସେ ନାଚେ...
ଭାବମୟ ନୀଳ ସାଗରରେ ।

ଲେଖନୀରୁ ଲିପି ଝରେ...
ଛନ୍ଦମୟ ସୁର ,ତାଳ ଆଉ
ରାଗରାଗିଣୀରେ.... !
କଳକଳ ନିନାଦ ମଧୁର ,
ଅମିୟ କଳ୍ପନା ସ୍ରୋତେ
ଏକାନ୍ତରେ ଭିଜିବାକୁ
ଜନ୍ମ ଜନ୍ମାନ୍ତରେ.... !

ଏଇ ତ ଜୀବନ....
ବୈଶାଖ ଓ ଶ୍ରାବଣକୁ ନେଇ....
ଉଆଁସ ଓ ପୂନେଇଁକୁ ନେଇ...
ଆନନ୍ଦ ଓ ବିଷାଦକୁ ନେଇ....
ମିଳନ ଓ ବିରହକୁ ନେଇ..... ! !

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରେମ ଯୁଦ୍ଧ

ଶେଖର ଚନ୍ଦ୍ର ମୋଦି



ଦେଖୁଛକି ତୁମେ... ?
ଯୁଦ୍ଧର ସେ ତାଣ୍ଡବତା
ମନ ଆଉ ମୁଣ୍ଡର ସେ ଭୀଷଣ ଶତ୍ରୁତା
ଲୁହ ହେଇ ଝରୁଥିବା ମୋର ସେ
ନାଲି ରକ୍ତ ଛିଟା

ପାରୁଛକି ଶୁଣି... ?
ସେ ଛାତିଥରା ନୀରବ ଚିତ୍କାର
ଲୁହଭରା କ୍ରନ୍ଦନ ଯନ୍ତ୍ରଣାର
ଆଉ ଯୁଦ୍ଧର ଆହ୍ୱାନ ସେ କଲମର

ଚାରିଆଡେ ଆଜି ହାହାକାର ମଯ୍ଯ
କଟା ମୁଣ୍ଡ ଆଉ କ୍ଷତ ହୃଦୟର

ଦେଖୁଛକି ତୁମେ... ?
ଅସହାୟ ଭାବେ ପଡ଼ିଅଛି ମୁହିଁ
ରଣଭୂମି କେନ୍ଦ୍ର ସ୍ଥଳେ
ଶରୀର କ୍ଷତଧାରେ ବହୁଅଛି ଲୁହ

ବହୁଅଛି ରକ୍ତ ପୁଣି ଅନ୍ତର କ୍ଷତରେ
ସୁଖିବକି କ୍ଷତ ସବୁ ତୁମରି ସ୍ପର୍ଶରେ.. ?
ବାନ୍ଧିବକି ବନ୍ଧ ତୁମେ ଲୁହ ନଦୀତିରେ.. ?

ଚାରିଆଡେ ଫୁଟିଥିଲା ଯହିଁ
ନାଲି, ନେଳି ଗୋଲାପ ଆଉ ଯୁଇ
ପାଲଟିଛି ଆଜି ତାହା
ରକ୍ତ ଆଉ ଲୁହ ଭିଜା ନଈ

ମନ ରଣଭୂମି ଆଜି ତୁମ ଅପେକ୍ଷାରେ
କାହିଁକି ବିଳମ୍ବ ଏତେ ତୁମ ଆସିବାରେ.. ?

ଠିକଣା - ହରିଚନ୍ଦନପୁର, କେନ୍ଦୁଝର
ଧରଣୀଧର ବିଶ୍ୱବିଦ୍ୟାଳୟ କେନ୍ଦୁଝର
ମୋ -୯୫୫୬୦୮୪୮୭୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜଗାରେ ତୋ ରଥକୁ ମୋତେ ନେବୁରେ ଡାକି

ମାଳତୀ ମଣି ଧଳ



ଜଗାରେ ଜଗା

ତୋ ରଥକୁ ମୋତେ ନେବୁରେ ଡାକି ।

ରଥ ଦଉଡି ମୁଁ ଟାଣୁଥିବି

ତୋତେ ଚାହିଁ ହସି କହୁଥିବି ।

ଧନ୍ୟବାଦ ଜଗା ଆଣିଛ ଡାକି

ତୋ ରଥ ଦଉଡ଼ି ଧରିବି ଯାକି ॥

ଭାଇ ଭଉଣୀ ସାଥେ ମାଉସୀ ବାଡ଼ି

ଭକତ ଗହଳେ ଯିବରେ ମାଡି ।

ମାଉସୀ ର ଘରେ ରହିଲେ ତୁହି,

ମାଆ ଲକ୍ଷ୍ମୀ ଙ୍କୁ ଭୁଲିବୁ ନାହିଁ ।

ଜଗାରେ.. ଜଗା....

ବେଳେ ହସୁଥିବି ବେଳେ କାନ୍ଦୁଥିବି

ତମ ତିନି ମୁହଁ ଚାହିଁ ।

ମନ କହୁଥିବ ମୋ ଭାଇ ଭଉଣୀ

ମୋ ପାଖରେ ଆଜି ନାହିଁ ।

ଛୋଟସମୟରେ ବାପାମାଆଙ୍କସାଥେ

ଭାଇ ଭଉଣୀ ମୋ ଥିଲେ ।

ବଡ଼ ହେଲାପରେ ମାଆ ଚାଲିଗଲେ

ସବୁତ ଦୁରେଇ ଗଲେ ।

ଆଜି ଯଦି ଅଛି ତୋହରି ପାଇଁ,

ଚାହିଁ ଥିବୁ ଜଗା ମୋତେ ।

ମୋ ଛୋଟ ସଂସାର ଘଣ୍ଟ ଘୋଡାଇ

ରଖିଥିବୁ ଜଗନ୍ନାଥେ ॥

ଜଗାରେ... ଜଗା.....

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଛିଟା ଦାୟିତ୍ୱ ଆମକୁ ଦେଇ,

ଖୁସି ଦେଇଅଛ ମୋତେ ।

ଶେଷ ରଥ ପୂଜା ଅଧରପଣା,

ରଖି ଅଛ ଆମ ହାତେ ।

ଏମିତିକା ଖୁସି ସଦା ମିଳୁଥିବ,

ତମେ ଥିଲେ ଆମ ସାଥେ ।

ଏ ଜୀବନ ଯେବେ ଚାଲିଯିବ ପ୍ରଭୁ,

ଲୀନ ହେବ ତୁମ ପାଖେ ॥

ଜଗାରେ.. ଜଗା.......

ବରଡିହି, କୁଶଳଦା

ମୟୁରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସହରର ଆଁ ଭିତରେ ମୋ ଗାଁ

ବଟକୃଷ୍ଣ ପଣ୍ଡା



ସହରର ଆଁ ଭିତରେ ମୋ ଗାଁ
କିଏ କହିଲା ବଦଳିନି ଗାଁ ?
କିଏ କହିଲା ବଦଳିନି ମୁଁ ?
କୁଆଡେ ଗଲା ସେ ଦିନ ?
ସବୁକିଛି ବଦଳିଛି ।
ବହୁତ ଦିନ ହେଲା ସହରାଭିମୁଖୀ
କିନ୍ତୁ ମଝିରେ ମଝିରେ ଯାଏ ଗାଁକୁ ।
ଟାଣି ନିଏ ଗାଁ ମାଟିର ମହକ ।
ମା' ମାଟିର ଅଦ୍ୟ ଆଷାଢର
ଭିଜା ମାଟିର ବାସ୍ନା କରେ ବିମୋହିତ ।
ପୁରୁଣା ଚଉତରା ଉପରେ
ଶାଗୁଆନ ଗଛକୁ ନିରୀକ୍ଷଣ କଲି
କାଇଁ ନାହାଁନ୍ତି ଧୋବ ଫରଫର
ଦିଶୁଥିବା ଅସଂଖ୍ୟ ବଗ ଗୁଡିକ ।
ବରଗଛକୁ ନଜର କଲି
ଗଛର ପତ୍ର ଆଢୁଆଳରେ ବସିଛି
କୋଇଲିଟିଏ ।
ହଠାତ ଜର ପଡିଲା ଘରଚଟିଆ ଉପରେ ।
ଦଳେ ବଗ ଦିଗ ବଦଳାଇ ଉଡି ଚାଲିଛନ୍ତି ।
ଡେଣା ଝାଡି ମୁକ୍ତ ଆକାଶ ବୁକୁରେ ।
କାଉ ଦେଖିବା ବହୁତ କମ
କୁମ୍ଭାଟୁଆ, କଜଳପାତି, ବଣି, ପାରା
ଦେଖିବାକୁ କମ ମିଳୁଛି ।
ରାତି ପାହିଲେ ଶୁଭେ କୁକୁଡାର ଡାକ
ସେ ଡାକ ବି ଆଉ ମିଳୁ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ ଆଉ ଗାଈ ଗୁହାଳ
ଶୁଭୁ ନାହିଁ ବନ୍ଧା ହୋଇଥିବା କଅଁଳ
ବାଛୁରୀଟିର ହମ୍ବା ରଡି ।
ହଳ ବଳଦ ଶଗଡ ଲଙ୍ଗଳ ।
ନାହିଁ ଜୋତ ଦଉଡି ।
କାଁ ଭା ଗୋଟେ ଫାଳେ ଗୁହାଳ ।
ଢେଙ୍କି ନାହିଁ କି ଢେଙ୍କିଶାଳ ନାହିଁ ।
ରାତିରେ ହଠାତ ଲାଇଟ୍ କଟ୍
ନାହିଁ ଲଣ୍ଠନ ଡିବିରି ।
ମୋବାଇଲ ଲାଇଟିରେ କାମ ଚଳେ
କାହାର କିଛି ମନେ ନାହିଁ ।
ଅଛି ଖାଲି ମନରେ କୃତ୍ରିମ ହସ
ନାହିଁ ଆଉ ସ୍ନେହ ସାଉଁଳା ଭାଷା ।
ସ୍ନେହ ଲୋଡିଲେ ସ୍ନେହ ମିଳେ
ସ୍ନେହ ଦେଲେ ତାର ବଦଳରେ
ତାର ପ୍ରାପ୍ୟ ବି ମିଳେ ।
ନାହିଁ ଆଉ ଗ୍ରାମ୍ୟ ଚେହେରା
ପଲ୍ଲୀ ବଧୁର ଆକର୍ଷଣ ।

ପିଉସୀ ମାଉସୀ ଦେଢେଇ
ଖୁଡିର ମଧୁର ବଚନ
ସହରର ଆଁ ଭିତରେ ଗାଁ ।
ସଂସ୍କୃତି ପରମ୍ପରା ଗଲାଣି ଚୁଲି ମୁଣ୍ଡକୁ ।
ହାପ୍ ପ୍ୟାଣ୍ଟ ଆଉ ନାଇଟ୍ ଭିତରେ
ଆବଦ୍ଧ ଶରୀର ।
ନାହିଁ ଭାବର ଅଦଳ ବଦଳ
ସ୍ୱାର୍ଥ ସର୍ବସ୍ୱ ସମ୍ବନ୍ଧ
ଅହଂକାର ଏବେ ଅଳଙ୍କାର
କାହିଁ ସେ ଅନାବିଳ ସ୍ନେହ ।
ଆପଣା ଲୋକରେ ନାହିଁ
ମଧୁର କଥୋପକଥନ
ଥଟ୍ଟା ପରିହାସ ।
ହଜିଗଲା ସ୍ମୃତି
ହଜିଗଲା ମଣିଷ ପଣିଆ
ଆବାଳ ବୃଦ୍ଧ ବନିତା
ସମସ୍ତେ ମୋବାଇଲ ପ୍ରେମରେ ବାଇ ।
କୁଆଡେ ଗଲା ସେ ଦିନ ?

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚଳନ୍ତା ପୃଥିବୀ

ଇତିଶ୍ରୀ ଶତପଥୀ



ଇନ୍ଦୁ ରାତିର ନିଳେ
ସମୀରଣ ଖେଳେ
ମହୀମଣ୍ଡଳେ ଅହନ ହୋଇଲେ
ମନୁଷ୍ୟ ନିଜ କର୍ମକୁ ଧାଇଁଲେ
ଦ୍ୱିଜ ବସେ ପାଦ ପରେ
ରାତ୍ର କାଳେ ବିଶ୍ରାମ ଲୋଡ଼ନ୍ତି
ସଭିଏଁ ଆକୁଳ ଅନ୍ତରେ
ଘନ ଧରେ ଗଗନେ
ପଶୁ ମହା ଆନନ୍ଦେ ଅଛନ୍ତି କାନନେ
ଊର୍ମି ଭାଙ୍ଗେ ସାଗରେ
ବାୟୁ ଖେଳେ ବାଦଲ ସାଥିରେ
ପଙ୍କ ରେ ଜାତ ହୋଇଛି ପ୍ରସୁନ
ଅର୍ଣ୍ଣବେ ନାଚଇ ମୀନ
ତରୁ ଦେହେ ଫୁଟଇ ମଞ୍ଜରି
ନାବିକ ପୁଷ୍କରିଣୀ ମଧେ
ଡଙ୍ଗା ନେଇ ଯାଏ ଧରି
ଶିଖରୀ ହୋଇଛି ପାଷାଣରେ ତିଆରି
ଘନ ଦେଖିଲେ ମୟୂର ନାଚେ ଥିରି ଥିରି ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଳ୍ପ ତୁମେ କାହିଁକି ଆସ ଶୁଷ୍କ ଇଲାକାକୁ

ତୃପ୍ତିରାଣୀ ପାତ୍ର



ଶୁଷ୍କ ଇଲାକାରେ ମଞ୍ଜି ବୁଣି ଦେବାପାଇଁ
ସବୁ ଚାଷୀ ଭାଇଙ୍କର ମନ ହୁଏ ହାଇଁପାଇଁ
ଉତ୍ତମ ମାଟିରେ ଭଲକରି ଖୋଳିତାଡ଼ି
ଚାହିଁଥାଏ ଉପର ପାଣି ଟିକକର ପାଇଁ ।

ଏମିତି ସମୟ ଅଭାବ ଭିତରେ ରହିରହି
ଶବ୍ଦ ସଂଯୋଜନା ବିମୋହିତ କଲାପରି
ଭାବନାରେ ହଜି ଭିଜିଯାଏ ପୁଣି ସେହି
ସଭିଙ୍କୁ ଟିକେ ଖୁସି ବାଣ୍ଟିଦେବା ପାଇଁ ।

ଶୁଷ୍କ ଇଲାକାକୁ ଗଳ୍ପ ତୁମେ କାହିଁକି ଆସ
ଏହା ନିତି ପ୍ରତିଦିନ କି ତୁମର ଅଭ୍ୟାସ
ଶବ୍ଦ ଭାବ ବାକ୍ୟ ମଧ୍ୟେ କରିଥାଅ ପ୍ରବେଶ
ଦର୍ଶାଇ ଦିଅ କେତେକ ଦୁଃଖ ଅବସାଦ
ଯାହା ଲେଖିବାକୁ ମନକରେ ସଦା ପ୍ରୟାସ ।

ପ୍ରୀତି ପ୍ରଣୟରେ ଉବୁଟୁବୁ ହୋଇଯାଏ ସତ
ପ୍ରାରମ୍ଭ ପର୍ଯ୍ୟାୟରୁ ମଧୁସ୍ନିଗ୍ଧେ ପ୍ରତିଫଳିତ
ମଧ୍ୟ ସମୟରେ ସମ୍ମୁଖୀନ ଘାତ ପ୍ରତିଘାତ
ଅଦୃଶ୍ୟ ଇଲାକାରେ ହେଉଥାଏ ଆତଯାତ ।

ସପନ ସମାନ ଭାବ ଶବ୍ଦ ସବୁ ଏକତ୍ରିତ
ସୁସଜ୍ଜିତ ହୋଇ ହୃଦୟକୁ ଛୁଇଁ ଯାଏ ସତ
ସୁନ୍ଦର ଗଳ୍ପରେ ତା ହୋଇଯାଏ ସମାହିତ
ସେଥିପାଇଁ ମନ ଖୁସିରେ ହୁଏ ବିଗଳିତ ।


ସହଦେବଖୁଣ୍ଟା, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱପ୍ନ ତୁମେ କାହିଁ ଆସ ଶୁଷ୍କ ଇଲାକାକୁ

ବିଦ୍ୟୁତପ୍ରଭା ମିଶ୍ର



ସପନ ତୁମେ ଗୋ କାହିଁକି ଆସ
ଏଇ ଶୁଷ୍କ ଇଲାକାକୁ,
ହଜିଅଛି ଏଠି ସବୁଜିମା ଗୋ
ମରୁ ସାଜିଅଛି ବୁକୁ ।
ବହୁନାହିଁ ଏଠି ମଳୟ ଆଉ
ଶୁଭୁନାହିଁ କୁହୁ ସୁର,
ଫୁଟୁନି ଫୁଲ ମନଉପବନେ
କାନ୍ତାରରେ ଭରପୁର ।
ବୟସର ଆଜି ଅପରାହ୍ଣରେ
ନାହିଁ ଆଖିରେ ସେ ଜ୍ୟୋତି,
ସ୍ୱପ୍ନ ତୁମେ ଗୋ କାହିଁପାଇଁ ଆସି
ଦେଖାଅ ହୀରା ଓ ମୋତି ।

ଭାଙ୍ଗିଯାଇଛି ହୃଦୟ ଟି ଯାର
କାହିଁକି ଆସିକି ଯୋଡ,
ଆଶାର ସୌଧ ଯାଇଅଛି ଶୋଇ
ଖାଇ ବତାସୀର ଝଡ଼ ।
ମନର ବନରେ ନାଚୁନି ଆଉ
ମୟୂର ପୁଚ୍ଛକୁ ଟେକି,
ମନ ଆକାଶରେ କଳା ବଉଦ
ଖେଳୁନିରେ ଲୁଚୁକାଳି ।
ମନ ସରସୀ ଜଳରେ ଆଉତ
ଫୁଟୁନାହିଁ ନୀଳ କଇଁ,
ସ୍ୱପ୍ନ ତୁମେଗୋ ଆସନା ଆଉ
ଆକାଶରେ ଜହ୍ନ ହୋଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୋଡି ଯାଇଅଛି ପଦୁଅଁ ବନ
ଦୁଃଖର କୁହୁଡ଼ି ଘାତେ
କିଲାଭ ତୁମେଅଦିନେ ଆସିଲେ
ସୂରୁଜ ଙ୍କୁ ନେଇ ସାଥେ ।
ତୁମରତ ନାହିଁ ପର  ଆପଣା
ସଭିଙ୍କର ପାଶେ ଯାଅ,
ସ୍ୱପ୍ନ ତୁମେ ଗୋ ସଭିଙ୍କର ହୃଦେ
ଆଶା ର ଜ୍ୟୋତି ଜଳାଅ ।
ଦେଖାଅନି ଗୋ ସୁନେଲି ସପନ
ରାତ୍ରୀ ଅନ୍ଧକାରେ ଆସି,
ଯାଇଛି ହଜି ମନତଳ ଆଶା
ହୋଇଅଛି ସବୁ ବାସି ।
ମନର ଝରଣା ଶୁଖି ଛି କେତେ
ଦୁଃଖର ଜ୍ୱାଳାକୁ ସହି,
କରୁଅଛି  ଅଳି ଆସନି ସ୍ୱପ୍ନ
ବିବଶ ଗୋ ଆଜି ମୁହିଁ ॥

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱପ୍ନ ତୁମେ କାହିଁ ଆସ ଶୁଷ୍କ ଇଲାକାକୁ

ବୀଣା ସାହୁ



ସ୍ୱପ୍ନ ତୁମେ କାହିଁ ଆସ ଶୁଷ୍କ ଇଲାକାକୁ ଦୁଃଖ ଦେଇ ଚାଲିଯାଅ,
ଅହରହ ସଂଗ୍ରାମରେ ନିମଜ୍ଜିତ ଅନ୍ଧକାର ଝାପସା ଛାଇ ଆଲୁଅରେ
ନିର୍ଜନ କୋଠରୀ ମଧ୍ୟରେ ରହି ନିଜେ
ନିଜକୁ ପରିହାସ କରୁଥାଅ।
କାହିଁକି ଆସ ଏଇ ଶୂନଶାନ୍ ଶୁଷ୍କ ଇଲାକାକୁ କ'ଣ ପାଅ ।
ଶୁଷ୍କ ମରୁବାଲିରେ ଛଳନାର ଦୀପକୁ କରି ଭରଷା,
କିଛି ନ ଥାଇ ବି ସବୁ ଥିବାର ସୁଖ
କିଛି ନ ପାଇ ପାଇଯିବାର ପିପାସା ।
ପୁଲକିତ ପ୍ରାଣ କୁ କରିଥାଅ ନିରାଶ

ଛଳ ଛଳ ଦୁଇ ଆଖି ଓଦା ଜୁଡୁ ବୁଡୁ
ଦୁଇ ଗାଲରେ ବୋହିଯାଏ ଅହରହ
ଲୁହ ଧାର ଭିଜୁଥାଏ ତକିଆ ଅନ୍ତରର
ଅହେତୁକ ବ୍ୟାକୁଳ ତା ହୃଦୟର
ନିବୁଜ କୋଠରୀ ମଧ୍ୟରେ ବନ୍ଦୀ ହୋଇ ରହିଯାଏ,
କିଛି ସ୍ୱପ୍ନ ମିଠା ମିଠା ସ୍ମୃତି ହୋଇ
ଆଖି ପଲକରେ ଭାସୁଥାଏ ।
ସ୍ୱପ୍ନ ତୁମେ କାହିଁ ଆସ ଶୁଷ୍କ ଇଲାକାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁଠି ନାହିଁ ତୋପାଏ ବିଶ୍ୱାସ ସାଉଁଟିବାକୁ ଟିକେ ଭରଷା,

ମନରେ ଉପୁଜଇ ଅନେକ ଆଗ୍ରହ
ଜହ୍ନ ରାଇଜରେ ତୋଳିବାକୁ ମହଲ,
ହେଲେ କେଉଁଠୁ ଆସେ ସେ ଅମାନିଆ ବାଦଲ ଢାକିଦିଏ ଚଉଦିଗ
କରିଦିଏ ହତାସ ମହଲ ଗଢ଼ିବା ଆଗରୁ ଢାକିଆସେ ଉଁଆସ ।
ସ୍ମୃତି ଫୁଲ ଗୁଡ଼ିକୁ ସାଉଁଟୁ ସାଉଁଟୁ
ଭାଙ୍ଗି ଯାଏ ସ୍ୱପ୍ନ ପାହି ଯାଏ ରାତି,
ପ୍ରତିକ୍ଷା କରି କରି ଉପବାସ କରି
ଥାଏ ପରିସ୍ଥିତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଳ୍ପନା ରାଇଜ

ମଧୁସ୍ମିତା ସାହୁ



କଳ୍ପନା ରାଇଜରେ ରାଜା ହୋଇଲ
ରାଣୀ ହେଲି ମୁଁ ତୁମର
ସ୍ୱପ୍ନର ନାୟକ ହୋଇ ରହିଅଛ
ନାୟିକା ରୁପେ ତୁମର ।।

ଅଭିନେତା ଜୀବନର ଚଲାପଥେ
ଅଭିନେତ୍ରୀ ସଜାଇଛ
ଜୀବନ ସଙ୍ଗିନୀ ସ୍ୱୀକୃତି ଦେବାକୁ
ପ୍ରକୃତ ସାଥୀ ହୋଇଛ ।।

ପ୍ରେମର ସମ୍ଭାରେ ପ୍ରେମିକା ସଜାଇ
ପ୍ରେୟସୀ ମାନି ନେଇଛ
ହୃଦୟର ଗହ୍ୱରରେ ବନ୍ଦୀ କରି
ଆଖି ପଲକେ ଛନ୍ଦିଛ ।।

ପ୍ରୀତିର ଅସୀମ ବିଭୋର କାନନେ
ସମ୍ପର୍କ ର ସେତୁ ହୋଇ
ସଂଯୋଗ ବଶତଃ ଆପଣାର ଭାବ
ମନ ମଧ୍ୟେ ଗଢି ଦେଇ ।।

ନିମିଷେ କଳ୍ପନାରୁ ବାସ୍ତବ ଧାରା
ରୁପାନ୍ତର ହୋଇଅଛି
ଆଗନ୍ତୁକ ହୋଇ ଆତ୍ମୀୟତା ଭାବେ
ମନ ମନ୍ଦିରେ ପୂଜୁଛି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ ଆଦ୍ୟ ଉପପାଦ୍ୟ ଚିରସଖା
ପ୍ରାଣ ବିନ୍ଦୁ ସାର ହୋଇ
ପ୍ରଥମ ପ୍ରେମର ଶେଷର ଠିକଣା
ରାଇଜରେ ସ୍ଥାନ ଦେଇ ।।

ବିଶ୍ୱାସ ମୂଳକ ନିର୍ବନ୍ଧ ସଜାଇ
ବିବାହ ମେଳ ହୋଇଛି
ଅବାସ୍ତବରୁ ବାସ୍ତବରେ ସଜାଇ
ସଂସାର ଗଢି ତୋଳିଛି ।।

ଭାବନା ର କଳ୍ପନା ରାଇଜ ହୋଇ
ଆଜି ସତ୍ୟ ହୋଇ ଅଛି
ଗଭୀରତା ଅମାପ ପ୍ରୀତିର ଶକ୍ତି
ଅଖଣ୍ଡ ହୋଇ ପାରିଛି ।।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ
ଓଡ଼ିଶା, ମୋ–୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରଣତି ମୋର ଘେନ

ହରେରାମ ପଣ୍ଡା



ହେ ନୀଳାଚଳିଆ, ହେ ଚକାଡୋଳିଆ
ବସିଛ ମନ୍ଦିରେ ହୋଇ ମଉନ,
ଗୋପୀଙ୍କ ଜୀବନ ଯଶୋଦାର ଧନ
ବସିଅଛ ମେଲି ଚକାନୟନ ।୦।

କେମିତି ଭୁଲିଲ ସର ଲବଣୀକୁ
ଛପନ ଭୋଗରେ ମନ ପୂରେଇ ,
କାହିଁ ଗଲେ ସାଥୀ ସୁଦାମା ସୁବଳ
କାହିଁ ଗଲେ ତୁମ ରାଧିକା ମାଈଁ ?
ସାଥେ ଘେନି ତୁମ୍ଭ ଭାଇ ଭଉଣୀଙ୍କୁ
ରତ୍ନ ସିଂହାସନେ ଦେଲ ଦର୍ଶନ ।୧।

ହେ ନୀଳ ମାଧବ କେମିତି ଭୁଲିଲ
ରାଜା ବିଶ୍ୱାବସୁ ପ୍ରେମ ଭକତି ?
ନୀଳାଚଳ ଧାମେ ଜଗନ୍ନାଥ ନାମେ
ବସିଅଛ ଦାରୁବ୍ରହ୍ମ ମୂରତି ,
ମହା ମାନବୀୟ ଲୀଳା ଯେ ତୁମ୍ଭର
ଭକତଙ୍କ ପାଇଁ ସଦା ପ୍ରସନ୍ନ ।୨।

ରଥ ଯାତରାରେ ତିନି ରଥେ ବସି
ବାହାରିଲ ବୁଲି ମାଉସୀ ଘର ,
ରୁଷିଲେ କମଳା ଦେଇ ରସଗୋଲା
କିଣି ନେଲ ତୁମ୍ଭେ ମନ ତାଙ୍କର ,
ଆହେ ମାୟାଧର ପ୍ରଭୁ ଚକ୍ରଧର
କୃପାକରି ମୋର ପ୍ରଣତି ଘେନ ।୩।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ, ଯାଜପୁର
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମା ପରି କିଏ ହେବ

ମନୋଜ କୁମାର ଭୋଇ



ଯାହା ହୃଦୟର ସ୍ନେହ ବନ୍ଧନକୁ
ଲଙ୍ଘି ପାରେନା ସାଗର
ମାଆ ପରି କିଏ ହେବ ନାହିଁ ସତେ
ଯା ପାଦ ତଳେ ସଂସାର ।।

ଯାହାର ଜଠରୁ ଜନମ ହୋଇଲୁ
ସେ ଆମ ଆଦ୍ୟ ଠାକୁର ,
ତା ସ୍ନେହ ସୁଗନ୍ଧେ ଭରିଯାଏ ପ୍ରାଣ
ସେ ହିଁ କରୁଣାବତାର ।।

ଏନ୍ତୁଡ଼ି ଶାଳରୁ କୁଆଁ କୁଆଁ ରାବି
ହୋଇଲୁ ଆମେ ଯେବେ ଜନ୍ମ ,
ଭୂମିଷ୍ଠ କରାଇ ଦେଖି ସ୍ନେହ ଭରେ
ଦେଲୁ ଅମୃତର ପାନ ।।

ଶୈଶବୁ ବାଲୁତ ହେଲୁ ଆମେ ସବୁ
ଯତ୍ନ କରି ବଢାଇଲୁ ,
ଆଦରରେ ଖଡ଼ି ସିଲଟ ଧରାଇ
ଅ ଠୁଁ କ୍ଷ ଶିଖାଇଲୁ ।।

ସହିଲୁ ଆମର ଅଳି ଅରଦଳି
ମୁଖେ ରଖି ସ୍ମିତ ହସ ,
ଦୁନିଆ ଦାଣ୍ଡର ସବୁ କଷଣରୁ
ରକ୍ଷା କଲୁ ଅହର୍ନିଶ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହାକୁ କଅଣ ଭଲ ଯେ ଲାଗଇ
ଜାଣି ଥାଉ ତୁହି ଏକା ,
ଅଭାବ ମଧ୍ୟରେ ବୁଝାଇ ସୁଝାଇ
ପୂର୍ଣ୍ଣ କରୁ ମନୋବାଞ୍ଛା ।।

ଝଡ଼ ଝଞ୍ଜା ସହି ପରିବାର ପୋଷିଲୁ
ରଖି ଅଦମ୍ୟ ସାହସ ,
ତୋ ସ୍ନେହ ପରଶେ ବିତେ ରାତି ଦିନ
ମେଣ୍ଟାଇଲୁ ଭୋକଶୋଷ ।।

ତୋ ଶରଧ୍ୟା ଲଭି ବଞ୍ଚି ଅଛୁ ଆମେ
ତୋ ବାଣୀ ଆମରି ବ୍ରତ,
ତୋ ପାଦ ରେଣୁ ସହ ସରି ନାହିଁ କେହି
ତୁ ହିଁ ଆମ ଭାଗବତ ।।

ଟିକାବାଲି, କନ୍ଧମାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବର୍ଷା

ସତ୍ୟ ନାରାୟଣ ସିଂହ



ରୁଣ୍ଣୁଝୁଣ୍ଣୁ ନୂପୁର ଶବ୍ଦରେ ପାଦଚିପି

ଆସ ତୁମେ ଏ ଧରା ଧାମରେ

ହସିଉଠେ ଚାଷିଭାଇ ତୁମରୂପେ

ଆତ୍ମହରା ହୁଏ ଅତି ଆନନ୍ଦ ମନରେ

ଝର ଝର ଝରିପଡ଼ ଭୂମିପରେ

ଚାତକ ଜୀବନ ପାଏ ତୁମେ ଆସିବାରେ

ପିଇଦିଏ ପେଟଭରି ନୀର ତୁମ

ହୁଏ ଆକୁଳିତ ମନ ଆନନ୍ଦରେ

ଛତ୍ର ତଳେ ବେଙ୍ଗ ରଜାହୁଏ

ବେଙ୍ଗୁଲିର ହୁଳହୁଳି ଶୁଭୁଥାଏ

କଦମ୍ବର କୁସୁମ ବାସ୍ନାରେ ମସଗୁଲ୍ ହୁଏ

ମନ ମାନେନାହିଁ ବାଧା

ଧେନୁଧରି ଗୋପାଳଙ୍କ ସଙ୍ଗେ କଳାକାହ୍ନୁ

ତ୍ରୀଭଙ୍ଗି ଠାଣିରେ ନାଚେ ବଇଁଶୀ ବଜାଇ

କଳାହାଣ୍ଡିଆ ବାଦଲେ ଲୁଚକାଳି ଖେଳ

ଖେଳୁଥାନ୍ତି ଅଂଶୁମାଳୀ ହସି ଓ ହସାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଐରାବତ ହସ୍ତିଶୁଣ୍ଢେ ଅଜାଡେ ବରଷା

ଇନ୍ଦ୍ରଧନୁ ଧରିଶର ମାରି ଇନ୍ଦ୍ରଦେବ

ଘଡଘଡି ଶବଦରେ ହୁଏ ପ୍ରକମ୍ପିତ

ମେଦିନୀ ସୁନ୍ଦରୀ ଭୟେ ହୁଅଇ ସ୍ତମ୍ଭିତ

ସୌଦାମିନୀ ଚମକେ ଗଗନେ ଝିଂଙ୍କାରୀର

ଝିଂ ଝିଂ ସ୍ୱ ସୁରେ

ନଦୀଗର୍ଭ ପୂର୍ଣ୍ଣ ଜଳେ ଲାଞ୍ଜକୁ ହଲାଇ

ମୀନଖେଳେ ମନ ଆନନ୍ଦରେ

ଭବାନୀପୁର ସିଂହସାହି ପିପିଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଡାକ୍ତର

ଭବାନୀ ଶଙ୍କର ଦାଶ



ଏ ଶବ୍ଦର ଏକାଗ୍ରତା ଗଭୀରତା

ଏବଂ ଗମ୍ଭୀରତା ଅବା କିଏ  ବୁଝିଛି,

ଯିଏ କଷ୍ଟକୁ ପୂର୍ଣ୍ଣଭାବେ ଆପଣେଇଛି

ସେହିଁ ତାହାର ଆବଶ୍ୟକତାକୁ ଜାଣିଛି ।

ଏ ଶବ୍ଦ ଦୁନିଆକୁ ସୁସ୍ଥ କରିବା ନିମନ୍ତେ

ଅନେକ ନିଦ୍ରାହୀନ ସ୍ୱପ୍ନକୁ ଦେଖିଥାନ୍ତି,

ରଙ୍ଗ, ଧର୍ମ, ଜାତି ଏବଂ ଏନିନ୍ଦିତ ସଂସାରକୁ

ନଦେଖି ସୁସ୍ଥ କରିବା ପାଇଁ ଶପଥ ନିଅନ୍ତି ।

ଏ ଶବ୍ଦର ଭାବନା ଯେବେ ନିଶ୍ଚଳ ଏକାଗ୍ରତାପୁର୍ଣ୍ଣ

ମନରେ ଘୂର୍ଣ୍ଣିବଳୟ ପରି ମାଡି ଆସିଥାଏ,

ସେ ଚଳଚଞ୍ଚଳ ପଥପ୍ରଦର୍ଶକ ମାନବ ତାହାରି

ଅନ୍ତିମ ଭାବନା ଯାଏ ସଂଘର୍ଷ କରିଥାଏ ।

ଦୁର୍ଘଟଣା କର୍କଟ ହୃଦଘାତ କୋଭିଡ୍ ହଉଅବା

ଡେଙ୍ଗୁ ଥଣ୍ଡାକାଶ ଝାଡା ଗ୍ୟାଷ୍ଟ୍ରିକ୍ ଜ୍ୱର,

ଅସ୍ଥିରତାରେ ଚତୁର୍ଦ୍ଦିଗରେ ଡାକ ପଡିଥାଏ

ହେ ଡାକ୍ତରଆଜ୍ଞା, ଡାକ୍ତରବାବୁ, ଡାକ୍ତରସାର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡାକ୍ତର ଶବ୍ଦର ଅପରିଚିତ ମାନବ ସାଧନାରେ

ଏ ସଂସାରର ଭୟଭ୍ରାନ୍ତି ହୋଇଥାଏ ଦୂର,

ହେ ଡାକ୍ତରବାବୁ ହେ ଡାକ୍ତର ସାରେ ହେ ଡାକ୍ତର ଆଜ୍ଞା

ମନରେ ନରଖି ଛନ୍ଦ ଘେନ ପ୍ରଣାମ ସଭିଙ୍କର ।

ଗୌରାଦେଇପୁର, କୋଦଳା, ଗଞ୍ଜାମ, ଓଡିଶା,


୭୬୧୦୩୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସଖାର ବିରହୀ ସଖୀ

ସୋନାଲି ବେଉରା



ମୁଁ ଗାଧେଇଲା ବେଳେ
ଚୁଡ଼ି ଭାଙ୍ଗି ଗେଞ୍ଜି ହୋଇଯାଏ କଚଟିରେ,
ରକ୍ତ ବାହାରେ,
ସେହି ସମୟରେ ଶୁଭେ ବାହାରେ ଦହିବରା ବାଲାର ଡାକ
ଆଉ ଦାଣ୍ଡ କବାଟର ଠକ୍ ଠକ୍ ଶବ୍ଦ
ସେହି ସମୟରେ ମୋ  ସରିଯାଏ ଗାଧୁଆ ।

ପୁଣି ଫେରେ ମୋର ସେଇ ଅତୀତ ସ୍ମୃତି ...
ଭଲପାଅ ମନା ନାହିଁ କିନ୍ତୁ ଉପଭୋଗ କରନାହିଁ
ଉପଭୋଗ କର ତୁମ ପ୍ରେମ - ଭାବନାକୁ
ଯଦି ଆଗରୁ ମିଳନ ହୋଇଥାନ୍ତା ଏ ବିରହର
ଏ ଆତୁରୀତ ତୃଷ୍ଣା ମେଣ୍ଟେଇବାକୁ
ଆଜି କଣ ମାଗିଥାନ୍ତ ଏ ସମୟର ଅପେକ୍ଷାରେ
କେତେ ଦିନ କେତେ ରାତି
କେତେ ମନ୍ଦିର କେତେ ଯେ ବଗିଚା
ସାକ୍ଷୀ ଥିଲେ ଏ ମଳୟ ପରଶ
ଖୋରାକ ଯୋଗାଇଥିଲେ ଆମ ମିଳନ ପାଇଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ତୁମେ, ଦେହର ପିପାସୀ

କାମନାର ଜ୍ୱାଳାରେ ହେଲ ବିମୋହିତ ।

ଆଜି ପୁଣି ଏ ସାଇକେଲ ପଛରେ ଦହିବରା ସହ ପ୍ରେମ

ଏ ତୁମର ପ୍ରେମ ନା.... ?

ଦହିବରାକୁ ଉପଭୋଗ କରିବାର ମାଧ୍ୟମ ।

ଅନେକ ଗୋପୀ ମଧ୍ୟେ ମୁଁ ଥିଲି ରାଧା

ଯାହା ତ ଖୋଲିଲ ଖୋଲିଲ,, ଶେଷରେ ...

ସବୁ ପିନ୍ଧାଇଦେଇ ଆଉ କାହାକୁ ଟେକି ଦେଲ

ତାହେଲେ ଏ ନିର୍ଜନ ସକାଳ ସମୟରେ

ମୋ ଘର ବାହାରେ କାହିଁ କର ଅପେକ୍ଷା

ତୁମର ସେ ଚୋରା ଚାହାଣୀ ପାଖରୁ କର ରକ୍ଷା

ସବୁ ଯାଉ ପୋଡ଼ି କାମନା ବାସନା

ସବୁ ଯାଉ ପୋଡ଼ି କାମନା ବାସନା ।

+୩ ତୃତୀୟ ବର୍ଷ ଓଡ଼ିଆ ସାହିତ୍ୟ ସମ୍ମାନ ବିଭାଗ
ସୁଭଦ୍ରା ମହତାବ ମହାବିଦ୍ୟାଳୟ, ଅସୁରେଶ୍ୱର, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁଖ୍ୟଦ୍ୱାର ସାରୀ ନାରୀ

ଅପର୍ଣ୍ଣା ମିଶ୍ର



ଆୟୁସରେ ତନୁ ରଞ୍ଜିତ ଲାଗି
ଜନମ ନେଇନି ନାରୀ
ସଂସାର ବନ୍ଧନେ ହସି ହସି ଜିଏ ଆପଣାର ଇଚ୍ଛା ମାରି ।
ପଞ୍ଜୁରୀ ଆବଦ୍ଧ ସାରିଟିଏ ପରି
ଲଳିତ ମଧୁର କଥା
ଅନନ୍ତ ମାଧୁର୍ଯ୍ୟ ହରିନିଏ ଆନ
ମନ ଗହନ ର ବ୍ୟଥା
ପରାଣ ମିତ ଓ ବଣ ଫଳ କୋଳି
ଭୁଲି ଭୁଞ୍ଜେ ଦୁଧ ଭାତ
ଗଛ ଡାଳ ଦୋଳି ଆକାଶ ଆଇନା ବିସ୍ମୃତି ଲୀନ ଅତୀତ ।
ହାତେ କି ଚାଖଣ୍ଡେ ତା ଛୋଟ ଦୁନିଆଁ
ଶକତ ସଂସ୍କାର ବାଡ଼
ନିଷ୍ଠା ଫାଟକ କୁ ନ ଡେଇଁ ନିର୍ଭିକ
କୌଶଳ ନନ୍ଦନ ନୀଡ଼ ।
ପରବାସେ ସାରୀ ପଞ୍ଜୁରୀ ଆଦରି
ପିୟୁଷ ପାରଇ ବର୍ଷି
ଛୋଟିଆ କଥାରେ ଭାରାକ୍ରାନ୍ତ ମଥା
ନାରୀଟି ସିନା ଉଦାସୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂସାର ନାବର ମଙ୍ଗରେ ଆଗୁଆ
ମୁଖ୍ୟ ଦ୍ୱାର ସାରୀ ପରି
ଅଧୀନତା ନୁହେଁ ସଂସାର ବନ୍ଧନ
ସସ୍କାର ଦୃଢ଼ ପଚେରୀ ।
ବିବେକଟି ଗୁରୁ ପ୍ରକୃତି ଏ ଶିଷ୍ୟ
ପାଞ୍ଚଣ ପାଞ୍ଚଟି ମନ
ଗୁରୁ ଶିଷ୍ୟ ଭାବେ ପ୍ରଶ୍ନ ଓ ଉତ୍ତର
ଜିଜ୍ଞାସାର ସମାଧାନ ।

ଶ୍ୟାମ ପୁର, ପୋ, ତୁଳସୀ ପୁର
ଜି: ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ସାହିତ୍ୟ

ହିରଣ୍ୟବର୍ଣ୍ଣା ମିଶ୍ର



ମୁଁ ସମାଜର ଦର୍ପଣ

କେତେ କେତେ ମୂକଙ୍କ ମନର କଥା କହିଥିବା ତାଙ୍କ ମୁଖପାତ୍ର

ଦୃଷ୍ଟିହୀନଙ୍କ କଳ୍ପନାକୁ ମୁଁ ଦିଏ ପ୍ରକୃତିର ଚିତ୍ର

ମୁଁ ମାନବ ସଭ୍ୟତାର ପଥ ପ୍ରଦର୍ଶକ

ଆଜି ଅତୀତର ସାକ୍ଷୀ ଦେଉଥିବା ଅତୀତର ସେହି ଦର୍ଶକ

ମାନବ ସଭ୍ୟତାକୁ ସଭ୍ୟ କରିଥିବା ସେହି ଶିକ୍ଷକ

ମୁଁ କେବେ ନୀତିଶିକ୍ଷା ଦିଏ

କେବେ ମୁଁ ଇତିହାସର କାହାଣୀ କୁହେ

କେବେ ମୁଁ ଜାତିନାୟକଙ୍କ ଅମରଗାଥା

ତ କେବେ କାଳଜୟୀ କାବ୍ୟ ଏବଂ କବିତା

କେବେ ମୁଁ କେଉଁ ଉପନ୍ୟାସରେ ବର୍ଣ୍ଣିତ ଚରିତ୍ରର ବ୍ୟଥା

ତ କେବେ ମୁଁ ଲେଖକଙ୍କ ମନର କଥା

କେବେ ମୁଁ ଇଶ୍ୱରଙ୍କ ପ୍ରତି ସମର୍ପଣର ଗୀତ

ପୁଣି କେବେ ତତ୍କାଳୀନ ଶାସକଙ୍କ ବିଳାସବ୍ୟସନର ସଂଗୀତ

କେବେ କେଉଁ ଆକ୍ରମଣକାରୀର ବିଭୀଷିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତ କେବେ ଧରିଣୀନନ୍ଦନଙ୍କ ବିଜୟ ପତାକା

ସବୁକୁ ମୁଁ ନିଜ ଭିତରେ ସମାହିତ କରି ପରପିଢ଼ିକୁ ପରସି ଦିଏ

କେବେ ଇତିହାସ କେବେ କଳ୍ପନା ତ କେବେ ନୂତନ ବିଚାରଧାରାକୁ ନିଜ ଠି ଶରଣ ଦିଏ

କେବେ ନିଷ୍ପକ୍ଷ ସତ୍ୟର ଉଦ୍ଘାଟନ କରେ

ତ କେବେ କବି ଓ ଲେଖକଙ୍କ ଲେଖନ ଚାତୁରୀରେ ସତ୍ୟକୁ ମିଥ୍ୟାରେ ପରିଣତ କରେ

କେବେ ମୁଁ କାହାର ଅକୁହା ବ୍ୟଥାର ଅଶ୍ରୁ ହୋଇ ପାଠକ ନୟନୁ ଝରିଛି

କେବେ କାହାର ଅପୂର୍ଣ୍ଣ ଆଶାକୁ କଳ୍ପନାରେ ସତ୍ୟ କରିଛି

କେତେ କେତେ ସାଧକ ମୋର ଉପାସନା କରିଛନ୍ତି

ସୌନ୍ଦର୍ଯ୍ୟମୟୀ ଶବ୍ଦମାଳାରେ ନିଜ ନିଜ ଭାଷାରେ ମୋତେ

ସଜାଇଛନ୍ତି

ଆଜି ସେମାନଙ୍କଠାରୁ ବଳ ନେଇ ତ ମୁଁ ଗୋଟିଏ ପିଢ଼ି କଥା ଆଣି ଆଉ ଏକ ପିଢ଼ିକୁ

ପରସି ଦେଉଛି

ସୃଜନା ସ୍ୱରୂପିଣୀ ମୁଁ "ସାହିତ୍ୟ", ସମାଜର ଆତ୍ମା ସାଜିଛି

ମୁଁ ଇତିହାସର ବାଚକ, ଭବିଷ୍ୟତର ବକ୍ତା

ସଭ୍ୟତା, ସଂସ୍କୃତିର ରକ୍ଷାକର୍ତ୍ତା

ଆଜି ସିନା ମୁଁ ରୁଗଣା, ଜୀର୍ଣ୍ଣଶୀର୍ଣ୍ଣା, ଅଲୋଡା ହୋଇଯାଇଛି

ଏ ପିଢ଼ି ମୋ ଠାରୁ ବିମୁଖ, ମୋ ମହତ୍ତ୍ୱ ଠୁ ଅଜ୍ଞାନ ରହିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ମୁଁ ମା ସରସ୍ୱତୀଙ୍କ ସନ୍ତାନ ମୋ ଅନ୍ତ ଏତେ ସହଜ ନୁହେଁ

ଭିନ୍ନ ଭିନ୍ନ ଭାଷାରେ ମୋର ଏବେ ବି ଅଳ୍ପ ହେଲେ ବି କିଛି

ଉପାସକ ଅଛନ୍ତି

ଏବେବି  ମୋତେ ସମୃଦ୍ଧ କରିବାରେ ଲାଗିଛନ୍ତି

ଆଉ ମୁଁ ବି ପୁଣି ସୁସ୍ଥ ଓ ସମୃଦ୍ଧ ହେବି

ସମାଜ ର ପ୍ରତିବିମ୍ବ ମୋ ଭିତରେ ଢାଳି କେବେ କ୍ଷୀଣ ତ କେବେ ଜୋର୍ ଶବ୍ଦ କରି

ସଭ୍ୟତାର କାହାଣୀ କହିବି

ମୁଁ ସାହିତ୍ୟ.....


ଚର୍ଚ୍ଚିକା ବଜାର, ଖେରସ, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତରେ ନାହିଁ କି ମୋ ପ୍ରଶ୍ନର ଉତ୍ତର

ଏଲିନା ପାଣିଗ୍ରାହୀ



ସେଥର........

ଚାନ୍ଦିପୁରର......

ସମୁଦ୍ର ବେଳାରେ......

ଝାଉଁ ବଣରେ ପବନର ଭିନ୍ ଭିନ୍ ଶବ୍ଦ

ଡାକି ଠିଆ କରେଇ ଦେଲା ମୋତେ

ଲୁହ ସବୁ ଧୁ ଧୁ ହୋଇ ଜଳି ଉଠିଲେ

ସ୍ତବ୍ଧ ହୋଇଗଲା ସମୟ

ନିସ୍ତବ୍ଧ ହୋଇଗଲା ସମୁଦ୍ର

କେବଳ ନୀଳ ବିସ୍ତୃତ ଗହିରା ପାଣିରେ

ଲହରିଟିଏ ଭଉଁରୀ କାଟି ଖୋଜୁଥିଲା

ମୋ ପାଦ ଚୁମିବାକୁ

ଓଦା ବାଲି ତଳୁ

ମୁଦୁ ମୁଦୁ ସିଝା ବାମ୍ଫ ମୋତେ

ବୋଧେ ପଚାରୁଥିଲା

ତୋ ଦିର୍ଘଶ୍ବାସରେ ଏତେ ଉଷ୍ଣତା କାହିଁକି ?

ଆକାଶର ନୀଳରଙ୍ଗ

ଲୁଚାଇ ଇସାରାରେ କହିଦେଲା

ଏତେ ଦିନ ସମୁଦ୍ରର ନୀଳ ସହ

ନିଜ ରଙ୍ଗ ମାପୁ ମାପୁ

ଏବେ ଆଶ୍ଚର୍ଯ୍ୟ ହେଉଛି

ତୋ ଆଖିର ନିଳୀମାର ଚାହାଣି ଦେଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୁଦ୍ର ଆସ୍ତେ ଆସ୍ତେ ନିସ୍ତେଜରୁ
ଉଠି ବସି ମୋତେ କହି ବସିଲା
ଛାତିରେ ଛାତିଏ ଦୁଃଖ ଭରି
କେମିତି ନୀରବରେ
ଲୁଣି ଲୁହ ସବୁ ପିଇ ପାରୁଛୁ
ପାରୁଛୁ ତ ମୋ ଲୁହରେ ତୋ ଲୁହକୁ
ମିଶେଇ ଦେ
ମୁଁ ତ ସବୁବେଳେ ସେମିତି
ନିଜକୁ ଭାଙ୍ଗୁଥିବି
ନିଜ ଲୁହକୁ ଚାଖି ଚାଖି ବୋଲି ଦେଉଥିବି
ଆଉ କାହା ଚିବୁକରେ

ଏହି ସବୁ ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ
ସମୟର ଚେନାଏ ବରଫକୁ
ଆସ୍ତେ ଆସ୍ତେ ବୋଳିଦେଇ ଦେଖୁଛି
କଳା ବାଦଲର ଆସ୍ତରଣ ଭିତରେ
ଉଦାସୀନ ମୂହୁର୍ତ୍ତମାନଙ୍କର ଲମ୍ବା ଓହଳରେ
ଝୁଲୁଥିବା ମଲା ବାଦୁଡ଼ିଙ୍କର
ଗୋଲାପୀ ଆଖିରେ
ମୋ କୁଢ଼ କୁଢ଼ ସ୍ୱପ୍ନର ସମାଧିର ପ୍ରତିବିମ୍ବ
ଉଙ୍କି ମାରେ ମୋ ପ୍ରଶ୍ନରେ

କୃଶବିଦ୍ଧ ଆଦମ୍ ଆଖିରେ
ଇଭ୍ ପାଇଁ ଗୋଲାପୀ କାରୁଣ୍ୟ
ସବୁ ଭିତରେ ମୁଁ ପଥର ଟିଏ
ନୀଳ ଗରଳର ଚଟାଣ
ଚାରି ଆଡ଼େ କଳା କୌଫିନ୍
କେବଳ ଯାହା
ସମୟ ଛାତିରେ ହାତ ରଖି
ମୁଁ ଡୋଳା ବୁଲାଇ ଖୋଜି ବୁଲୁଛି

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜଗା ଦର୍ଶନ ବଡ଼ ଦାଣ୍ଡେ

ସଞ୍ଜୀବ କୁମାର ଦାସ



ରତ୍ନ ସିଂହାସନୁ ଛୁଟିଛି  କାଳିଆ ଭାଇ ଭଉଣୀଙ୍କ ସାଥେ
ପ୍ରଭୁ ସୁଦର୍ଶନ ସାଙ୍ଗରେ ତାଙ୍କର  ଡୋର ଭକ୍ତ ଗଣ ହାତେ ।
ବଡ ଦାଣ୍ଡ କମ୍ପେ ବାଦ୍ୟ ତାଳେ ତାଳେ ହରିବୋଲ ହୁଳହୁଳି
ଗୁଣ୍ଡିଚା ବିଜେ  ଚତୁର୍ଦ୍ଧାମୂରତି ଭକ୍ତ କରିଛି  କେତେ  ଅଳି ।।
ନବ ଦିନାତ୍ମକ ଯାତରାରେ  ପଡ଼େନି ଭକ୍ତର ଆଖି ପତା
ରତନ ବେଦୀରୁ ବାହାରେ ଠାକୁରେ ଟେକୁଛନ୍ତି ତାଙ୍କୁ  ମଥା ।।
ସାତଦିନ ଯାଏ ଗୁଣ୍ଡିଚା ମନ୍ଦିରେ ଚାରି ଠାକୁର ରହିବେ
ଲେଉଟାଣି ଯାଏ ସଭିଙ୍କ ପ୍ରତୀକ୍ଷା   ହେବେ  ନୀଳାଦ୍ରିରେ ବିଜେ ।।
ଜୀଉଁଙ୍କୁ ରଥେ ଦରଶନ କଲେ ହୁଏ ପରା ବୈକୁଣ୍ଠ ପ୍ରାପ୍ତ
ଚକା ଆଖିରେ ଲାଖି ଯାଇଅଛି  ଭକତର ବେନି ନେତ୍ର ।।
ଘୋଷ ଯାତ୍ରାରେ ଜଗନ୍ନାଥ ଧ୍ୱନି ଶୁଭେ ଧରାର କୋଣେ କୋଣେ
ବ୍ରହ୍ମାଣ୍ଡର ନାଥ ଆହେ ଜଗନ୍ନାଥ ଦିଅ ଆଶିଷ ଆପଣେ ।।

ମର୍କତ ନଗର, କଟକ
ଦୂରଭାଷ : ୬୩୭୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସହିଦ୍ ସଲାମ

ଆକୁଳାନନ୍ଦ ପୃଷ୍ଟି



କେତେ ରାଜା ବନିଗଲେ
ଇଂରେଜଙ୍କ ଚର
ନିଆଁ ରେ ଘିଅ ଢାଳିଲେ
କେତେ ଜମିଦାର ।

ଆଉ କେତେ ବନିଗଲେ
ଚତୁର ଗୋଲାମ, ପଣ ରକ୍ଷା ପାଇଁ
ଗଣ ସବୁ ଗୌଣ ହେଲେ
ବେଠି ଖଟି, କର ଦେଇ ଦେଇ ।

ପ୍ରତିବାଦ କଲେ ହେଲା
ଜେଲ୍ ଜରିମାନା
ସମ୍ପତି ନିଲାମ ପାଇଁ
ଜାରି ହେଲା କୋର୍ଟ ପରବାନା ।

ଯିଏ କଲେ ପ୍ରତିବାଦ
ହରାଇଲେ ସକଳ ସମ୍ପଦ
ବଳିଗଲା ପ୍ରଜାଙ୍କର ଦୁଃଖ
ବେଳ ଦେଖି କିଛି ଆମ ଲୋକ
ବନିଗଲେ ଦୁଇ ମୁହାଁ ଜୋକ ।

ସବୁ ସର୍ପ ନୁହନ୍ତି ଢମଣା
ଦେଶ ରକ୍ଷା ପାଇଁ
କେତେ ଜଣ ଟେକିଥିଲେ ଫଣା ।

ଛାଡି ଘର ଦ୍ୱାର ପରିବାର ସକଳ ସମ୍ପଦ
ବୁଲି ବୁଲି ମେଳି କଲେ ଆରମ୍ଭିଲା ଯୁଦ୍ଧ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇକ ବିଦ୍ରୋହ ସତ୍ୟାଗ୍ରହ କର ଅବା ମର
ପଡ଼ିଗଲା ହା ହା କାର
ଦୋହଲିଲା ରାଜ ଦରବାର ।
ଦମନ ଆରମ୍ଭ କଲେ
ଦଗାବାଜ୍ ରାଜା ଜମିଦାର
ସଙ୍ଗେ ଥିଲେ ଗୋରା ସରକାର ।

ଲୋଭରେ ପଡ଼ିଲେ
ଆମ ଭାଇ ବିରାଦର
ଧନ ନେଇ ଜଣାଇଲେ
ବିଦ୍ରୋହୀଙ୍କ ସମସ୍ତ ଖବର ।

ବିଶ୍ୱାସରେ ବିଷ
ତୁମେ ସବୁ ଧରାହେଲ
କଲ କାରାବାସ ।

ଦ୍ୱୀପାନ୍ତର କଳାପାଣି
ଫାଶୀ ଦଣ୍ଡ ପ୍ରାଣ ନାଶ
ବୃଥା ତ ହୋଇ ନ ଥିଲା
ତୁମର ସଂଗ୍ରାମ
ତୁମ ବଳି ଦାନ ପାଇଁ
ଏ ଦେଶ ସ୍ୱାଧୀନ
ପାଳୁ ଆମେ ଅଗଷ୍ଟ ପନ୍ଦର
ହେ ଅମର ସହିଦ୍
ବର ପୁତ୍ର ଦେଶ ଜନନୀର
ବନ୍ଦେ ମାତରଂ
ଘେନ ଆମ ସଶ୍ରଦ୍ଧ ସଲାମ୍ ।


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡ଼ି କଟକ
ମୋ ୯୪୩୭୮୭୪୫୭୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦେବେ ଦର୍ଶନ କଳାଠାକୁର !

ଅଜିତ କୁମାର ରାଉତ



ମନବାଞ୍ଛା ପୂର୍ଣ୍ଣ,  ହେବ ଭକ୍ତଙ୍କ,
ବଡ଼ଦାଣ୍ଡରେ,  ଦର୍ଶନ ପ୍ରଭୁଙ୍କ !
ତିନି ଦିଅଁ ଥିବେ ତିନିରଥରେ,
ଟାଣୁଥିବେ ଭକ୍ତ ପ୍ରେମ ପ୍ରୀତିରେ ହେ
ବର୍ଣ୍ଣିବା ଶକ୍ତି କାହାର ହେ,
ଶଙ୍ଖ, ହୁଳହୁଳି ପଡୁଅଛି ତହିଁ,
ନନ୍ଦିଘୋଷେ ସେ ବାହାର ହେ !!

ଭାଇ ବଳଭଦ୍ର,  ତାଳଧ୍ୱଜ'ରେ,
ରଥ ତାଙ୍କ ଅଛି,  ସର୍ବ ଆଗରେ
ଅନୁପମ ଦୃଶ୍ୟ,  ବଡ଼ଦାଣ୍ଡର,
ମଧ୍ୟେ ଅଛି ରଥ,  ଦେବଦଳନ ହେ
ଛନ୍ତି ଭଉଣୀ ସୁଭଦ୍ରା ହେ
ବିଶ୍ୱବିଖ୍ୟାତ ଏ,  ପ୍ରଭୁ ରଥଯାତ୍ରା
ଭକତିଭରା ବ୍ରହ୍ମାଣ୍ଡ ହେ !!

କଳିଆ ରଥଟି  ସଭା ପଛ'ରେ,
ଚାହିଁଛନ୍ତି ଭକ୍ତ  ତ୍ରୀଭୁବନ'ରେ !
ଜନ୍ମସ୍ଥାନ ତାଙ୍କ  ମନେ ପଡିଛି
ଗୁଣ୍ଡିଚା ମନ୍ଦିର  ଟାଣିନେଉଛି ହେ
ମାଉସୀ ଡାକ ଶୁଭୁଛିହେ !
ଲୀଳା କରୁଛନ୍ତି  ବଡଦାଣ୍ଡରେ ସେ
ଭକ୍ତ ଦର୍ଶନ କରୁଛି ହେ !!

ଭାଗ୍ୟ ହୀନ ମୁହିଁ ଦୂରେ ରହିଛି,
ରଥଯାତ୍ରା ଦେଖି  ନାହିଁ ପାରୁଛି
ନେତ୍ରୁ ଅଶ୍ରୁ ଧାର  ବହି ଚାଲିଛି
ଭାବେ ଭୋଳ ହୋଇ ମନେ କରୁଛି ହେ
ବିଚ୍ଛିନ୍ନାଚଳେ ରହିଛି ହେ,
କରୁଣା, କରିବେ  ଜଗତର ନାଥ
ମୋ ଗୁହାରି ଶୁଣିବେ ହେ ?

ଗାଁ କଳାବାଡିଆ
ସଭାପତି ଉତ୍କଳ ସମ୍ମିଳନୀ
ଷଢେଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ବାପା ମୋ ପାଇଁ ଜଗତେ ଶ୍ରେଷ୍ଠ

ବାସନ୍ତୀ ଲତା ଜେନା



ମୋ ବାପା ମୋ ପାଇଁ ଜଗତରେ ଶ୍ରେଷ୍ଠ
ତାଙ୍କ ପରି କେହି ନାହିଁ
ସରା ଜୀବନ ସେ ସଂଘର୍ଷ କରନ୍ତି
ସୁଖ ଦେଇ ଥାନ୍ତି ଥୋଇ ।୧।

ନିଜ ସୁଖ ଭୁଲି ମୋତେ ସୁଖ ଦ୍ୟନ୍ତି
ଅତୁଳ ତାଙ୍କରି ଦାନ
ବାପା ବଟ ବୃକ୍ଷ ମୁଁ ତାଙ୍କ ଓହଳ
ତାଙ୍କ ପାଇଁ ମୋ ଜୀବନ ।୨।

ଶିକ୍ଷା ଦୀକ୍ଷା ଦେଇ ମଣିଷ କରିଲେ
ସମାଜରେ ସ୍ଥାନ ମୋର
ବିପଦ ସମୟେ ଆଗେ ଠିଆ ହୁନ୍ତି
ସମସ୍ୟା କରନ୍ତି ଦୂର ।୩।

ସତ୍ୟ ଧର୍ମ କଥା ବୁଝାଇ କହନ୍ତି
ଚାଲିବାକୁ ସତ ପଥ
ଅନ୍ୟାୟ ବିରୋଧେ ଲଢ଼ିବା ଶିଖାନ୍ତି
ସଂସ୍କାର ଭରା ଚରିତ୍ର ।୪।

ଅନ୍ତରର ଦୁଃଖ ହୃଦୟରେ ଚାପି
ମୁଖେ ହସ ଫୁଟାଅନ୍ତି
ଭାଙ୍ଗି ନ ପଡନ୍ତି ତୁଟି ନ ଯାଆନ୍ତି
ଦିନ ରାତି ଖଟୁ ଥାନ୍ତି ।୫।

ପାରାବାର ପରି ମହାନ ଅଟନ୍ତି
ଧୈର୍ଯ୍ୟ ଶୀଳ ଗିରି ପରି
ବିଶ୍ୱାସ ଭରସା ତାଙ୍କ ପରେ ମୋର
ଶ୍ରେଷ୍ଠ ମୋ ମହାନ ତରି ।୬।

ମା କାନି ପଣତ ବାପାଙ୍କର ବକ୍ଷ
ସୁରକ୍ଷା କବଚ ସେତ
ଆସୁ ଝଡ଼ ଝଞ୍ଜା ଡର ଲାଗେ ନାହିଁ
ଅମା ହୁଏ ଆଲୋକିତ ।୭।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିରାଶା ଜୀବନେ ଭରସା ଦୀପାଳି

ପିତା ମୋର ପ୍ରିୟ ସାଥୀ

ତାଙ୍କ ଆଶୀର୍ବାଦ ମସ୍ତକରେ ମୋର

ତାଙ୍କ ପାଇଁ ମୋର ସ୍ଥିତି ।୮।

ପିତାଙ୍କ ପାଇଁ ମୁଁ ଶିକ୍ଷୟିତ୍ରୀ ହେଲି

ହୋଇଗଲି କବିଟିଏ

ତାଙ୍କରି ପ୍ରେରଣା ତାଙ୍କରି ଉତ୍ସାହ

ମୋ ଜୀବନ ଜ୍ୟୋତି ସିଏ ।୯।

ପିତା ମୋର ଶ୍ରେଷ୍ଠ ଚଳନ୍ତି ଦେବତା

ହୃଦୟେ ସାଇତା ସ୍ମୃତି

ଅଲିଭା ଅକ୍ଷର ହୃଦୟେ ମୋହର

ବିନୟେ କରେ ପ୍ରଣତି ।୧୦।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବର୍ଷା ହେଲେ

କିରନ୍ ସ୍ୱାଇଁ



ଏବେ ପୁଣି ଯେବେ ବର୍ଷା ହେବ
ସ୍ମୃତିର ଅଲିଭା ଚପଳା
ଚଡ଼୍ ଚଡ଼୍ ଶବ୍ଦ କରି
ମୋ ହୃଦୟର
ଅନ୍ଧାର କୋଠରୀକୁ
ଆଲୋକିତ କରି
ପୁଣି ଥରେ ଜୀବନ୍ତ କରିବ ।

ଦୂର ପର୍ବତର ସୁନ୍ଦରତା
କ୍ଷଣିକ ଅପସରି
ଅତୀତର ଦୁଃଖ ସବୁ
ଉଙ୍କି ମାରୁଥିବ ଚାରିପଟେ
ଭସା ଭସା ମେଘ ସାଥେ
ମୁଁ ଖୋଜୁଥିବି ନିର୍ଜନ ନକ୍ଷତ୍ର ।

ବର୍ଷା ହେଲେ ମୋ ବଗିଚାର
ଫୁଲ ମାନେ ଫୁଟୁଥିବେ
ପତ୍ର ମାନେ କଅଁଳୁ ଥିବେ
ମାଟି ଘରଟି ବତୁରି
ଅତଡ଼ା ଖସିବ...
ଆହୁରି ଅନେକ କିଛି ।

ମୁଁ କେବଳ ସ୍ମିତ ହସି
ଉପଭୋଗ କରୁଥିବି
ଝରକା ସେପାଖୁ
ନୀଳ ଆକାଶରୁ
ଛିଟିକି ହେଇ ପଡୁଥିବା
ବର୍ଷା ବିନ୍ଦୁର ଚିହ୍ନରା ମୁହୂର୍ତ୍ତ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁଇ ପୁଷ୍ପ, ଭିନ୍ନ କାମନା

ବିଶ୍ୱ ରଞ୍ଜନ ମହାନ୍ତି



କାମିନୀ ଫୁଲର ସୁବାସ ,
ଶ୍ୱେତ ରଙ୍ଗର ଅବକାଶ ।

ନିସ୍ତବ୍ଧ ରଜନୀର ଐଶର୍ଯ୍ୟ
ଅପେକ୍ଷାରେ ପ୍ରତ୍ୟୁଷ ସୂର୍ଯ୍ୟ ।

କାମନାରେ ଅଲୁପ୍ତ କୁମୁଦିନୀ
ମହେଶ୍ୱରଙ୍କ ପ୍ରିୟ ଚୂଡ଼ାମଣି ।

କରି ରୌଦ୍ରତାପ ପରିହାର
ହୃଦୟ ଆକାରେ ପତ୍ରବର ।

ନିଷ୍ପେଷିତ ଜଳଦ ର କରାଘାତେ
ଅଦୃଶ୍ୟ ହୁଅଇ ଶଶୀ ରାତେ ।

ବିରହ ବେଦନା ହେବ ପ୍ରଶମିତ
ପ୍ରୟାସେ ଯେବେ ପିତା ହନୁମନ୍ତ ।

ଜ୍ୟୋତ୍ସ୍ନା ବିଧୌତ ପ୍ରଦୋଷରେ
ସତ୍ୟର ଅପଳାପ କଥାରେ ।

ଦୁଇ ପୁଷ୍ପ ପ୍ରକୃତିର ଭିନ୍ନ ସ୍ୱରୂପ
ଝୁରେ ଝରାଫୁଲ ସଦା ଦିବ୍ୟ ପ୍ରଦୀପ ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବର୍ଷା

ଦଣ୍ଡାସି ପ୍ରଧାନ



ବର୍ଷା !
ତୁମ ସୁନ୍ଦର ଅମିୟ ଧାରା ଆସ୍ୱାଦକୁ
ଝୁରିଝୁରି ଚାଲିଛି, ମୁଁ ମାଟି !
କିନ୍ତୁ ଆଜି ତୁମେ ଝରା ଝୁଲଣାରେ ଭାସିଭାସି -
ଭାସିଯାଅ-ଭିନ୍ନ ଏକ ଅଲୋଡା ଇଲାକାକୁ,
ବିଭ୍ରାନ୍ତ ମନସ୍କରେ ।
କାହିଁ ତୁମ ସେହି କାରୁ କରଣିର ଯାଦୁକର ପରସ ?
ଅଦ୍ଭୁତ ଶିହରଣର ଅପୂର୍ବ ସମାହାର ? ।୦୧

ବର୍ଷା ! ତୁମେ ଏବେ ଖୁବ୍ ପୀଡ଼ିତା ନା;
ଖାଲି ବିଭ୍ରାଟ ପ୍ରବଞ୍ଚନା ନାୟିକା ଭାବରେ !
ନା ଏବେ ତୁମେମାଟିର ? ନା ସ୍ୱର୍ଗର ?
ତୁମ ମାଟିର ବା ଦୋଷ କ'ଣ ?
ଏହି ଅସନ୍ତୋଳନର ଅସନ୍ତୁଷ୍ଟିରେ।
ଆଜି ଏଠି ଅନୁପମ ମୂଳ ପ୍ରକୃତି –
ଜୀବନବାଦ –ବନ୍ଧକ ପଡ଼ିଛି ,
ଭଙ୍ଗୁର ଜଡବାଦ ସମୀପରେ ।
ବିବର୍ତ୍ତିତ ଉତପ୍ତ ରାକ୍ଷାସ ଗ୍ରାସିଛି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୂମିରୁ ଭୂମା ଯାଏଁ । ୦୨

ଏଠି ଗ୍ରୀଷ୍ମ-ବର୍ଷା- ଶୀତ, ସର୍ବେ ଏକାକାର ।
ବିପର୍ଯ୍ୟସ୍ତ ଧ୍ୱଂସର ବିଭୀଷିକା
ମୁଖ ବିସ୍ତାରି ଗିଳି ଚାଲିଛି ;
ଅଙ୍କୁରୋଦ୍ଗମ୍ନ _ଏନ୍ତୁଡ଼ିଶାଳରୁ ଅନ୍ତରୀକ୍ଷ ଯାଏଁ ।
ସୃଜନ ଯଜ୍ଞଶାଳାରୁ ଜଗମୋହନ ଯାଏଁ ।
ଆଦ୍ୟ ଆଷାଢ଼ରେ କେକୀ
ଆଉ ଶୁଣାଏ ନାହିଁ
ନେ.... ହୋ ! ନେ.... ହୋ !
ସ୍ୱର ରାଗିଣୀ; ବର୍ଷାର ଆହ୍ୱାନ ଗୀତିକା ।
କୃଷ୍ଣ କଳାହାଣ୍ଡିଆ ମେଘ ନାହିଁ କି,
ସରୁ କାଲୁଆ ହେମାଳ ମୃଦୁ ପବନ ନାହିଁ ।
ମେଘ ଗର୍ଜନରେ
ଦୁଲଦୁଲ୍ ହେଉନାହଁ ପୁରୁବାକାଶ।
ନା ପାନ-ମୀନ ?/ ନା ବନ- ଉପବନ ?
ଅତି ଦୁର୍ଲଭ ଜୀବସତ୍ତା ଲୁପ୍ତ ପ୍ରାୟ । ୦୩

ବର୍ଷା ଆଜି ବାରଙ୍ଗନା ବିଡ଼ମ୍ବନାର ।
ଅନିଚ୍ଛାକୃତ ଉତ୍ତାପରେ ସେ ମୃତ ପ୍ରାୟ ।
ଅତି ଓ ଇତିର ଅଜଗର ଗିଳି ସାରିଲାଣି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁଜ ବଳୟରେ ଚାଷ ଓ ଚାଷୀଙ୍କୁ ।
ବନସ୍ପତିକୁ । ଆୟୁର୍ବେଦକୁ ।
ସେ ଆଜି ଅସମୟରେ ଅପନ୍ତରାରେ ବିପ୍ରାତ
ରଚିବାରେ ଧୂର୍ତ୍ତ ବିପନ୍ନ ମନସ୍କା ।
କେବଳ ଏପଟରୁ ସେପଟକୁ ବୃଥା ସଞ୍ଚାଳନ ।
ବିନା ବିନ୍ଦୁରେ-
ଖାଲି ଆଶା ଓ ନିରାଶ ମାୟାରେ ବିମନା ।
ସଂକଟାପନ୍ନ ବିଭୀଷିକାର ଅବାଞ୍ଛିତ-
ବିରୋଧାଭାସର ଖଳ ନାୟିକା,
ଧୋଇ ଆଉ ଧାସରେ । ୦୪

ଗୋରୁଗାଈ ପଲରେ
ହୋ- ହମ୍ବା - ହମ୍ବାଳି ବୋଲ,
କି ନୀଡଫେରା ବିହଙ୍ଗର
ମନଫୁଲାଣିଆ - ରାବ,
ସବୁଜିମାର ଗ୍ରାମୀଣ ପରିବେଶ _
ସବୁ ହଜିଯାଇଛି, କଂକ୍ରିଟ ନଭଶ୍ଚୁମ୍ବୀ
ପ୍ରାସାଦ ପର୍ବତ ମାଳାରେ;
ସୁବର୍ଣ୍ଣ ସବୁଜ ଆଚ୍ଛାଦିତ ସୁଜଳା ସୁଫଳା
ସୁବିସ୍ତୃତ ଖେତ କ୍ଷେତ୍ରାଞ୍ଚଳ ବିବର୍ଣ୍ଣ ପାଂଶୁଳ-
କଳକାରଖାନାର ଧୂଳି ଧୂମାଳ ଧୂଆଁରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାରୁଦ ବାସ୍ନାରେ ହଜିଛି
'ମାଟି ଓ ମେଘ'ର ମହା ମିଳନ ।
ହଜିଯାଇଛି ଅପୂର୍ବ ଶୋଭାର ମନମୁଗ୍ଧକର ଶିହରଣ ,
ବର୍ଷାରେ ବର୍ଷାର  । ୦୫

ମୃଦୁ ବର୍ଷାଭିଜାର ଅନୁଭୂତି/
ପିଲାଙ୍କ ଓଳି ତଳର ପାଣି ଖେଳ/
ଅବା କାଗଜ ଡଙ୍ଗା ଭସାଣି ମଉଜ;
ଆଜି ସ୍ମୃତିର ସ୍ମୃତିରେ, ଝାପସା ଝାପସା ଚିତ୍ରପଟ,
ମାଟି ପାଇଁ ।
ବର୍ଷାର ମୁଲାୟମ ପରଶ ହେଉ,
କି ମାଟି ଗନ୍ଧର ମହକ -
ଅବା ବେଙ୍ଗ ବେଙ୍ଗୁଲୀର ଗୁରୁ ଗମ୍ଭୀର ସ୍ୱର
ସବୁ ଭାସିଯାଇଛି, ମରୁଡିରେ-
ବାତ୍ୟାରେ ! ବନ୍ୟାରେ ! ବାତାବର୍ତ୍ତର
ଧ୍ୱସ୍ତବିଧ୍ୱସ୍ତରେ ! ବିବିଧ ବୈଷମ୍ୟରେ  । ୦୬

ବର୍ଷା ପ୍ରିୟଦର୍ଶିନୀ ଆଜି ତିଳେ ବି ପୁଲକିତା ନୁହେଁ ,
ନାହିଁ ସମ୍ପୂର୍ଣ୍ଣ ଆତ୍ମସମର୍ପଣର ମନଭରି ସ୍ଫୁର୍ତ୍ତି, ଋତୁଚର୍ଯ୍ୟା ପାଳନରେ ।
ସେ ବି ଜାଣି ପାରୁନାହୁଁ,
ତା'ର ଆପଣାର ମାଟି ମଣିଷଟି -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ଆନମନ କାହା ପାଇଁ ?
ସବୁଜିମାର ପବିତ୍ର ବେଦୀରେ,
ବର୍ଷାକୁ ସିନ୍ଦୂର ନାଇବାରେ;
ମାଟି ମଣିଷ ଆଜି ସମ୍ପୂର୍ଣ୍ଣ
ଅସମର୍ଥ କାହିଁକି ?
ବର୍ଷା ଯେ ସର୍ବ ଐଶ୍ୱର୍ଯ୍ୟର ନିରୂପମ
ବୈଭବ ହେତୁ ଜାଣି ମଧ୍ୟ,
ସେ ଆମନ୍ତ୍ରଣେ ରତ ଧ୍ୱଂସର ତାଣ୍ଡବେ,
ଅହରହ । ୦୭

ହେ ମଣିଷ !
ଏବେ ବି ବର୍ଷାକୁ ଆଦରି ନିଅ ।
ପ୍ରତିବଦ୍ଧତାର ପ୍ରତିଶ୍ରୁତି ଦେଇ
ଜଗତେ ଜୀବନ ପାଇଁ,
ହସି ହସାଇବାର ମନ୍ତ୍ର ନେଇ ।
ସନ୍ତୋଳିତ ପରିବେଶ ବିଜ୍ଞାନକୁ ଆଦରି
ସରଳ ଉଦାର ସୃଷ୍ଟିର ସୁରକ୍ଷା ନିମିତ୍ତ । ୦୮

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
୮୭୭୦୧୯୪୯୭୭
ବାଦପୁର, ଉ.ସା.ସେ ସଂସଦ, ପାତ୍ରପୁର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେ କୃଷ୍ଣ ! ହେ ମାଧବ !

ବିଜୟ କୁମାର ସାହୁ



ହେ କୃଷ୍ଣ ହେ ମାଧବ
ହେ ଶ୍ୟାମ ହେ ଗୋପାଳ
ତୁମକୁ ଅଭିବାଦନ ଅଭିବାଦନ
ହେ କୃଷ୍ଣ ହେ ରମାକାନ୍ତ
ହେ ଗୋପୀବଲ୍ଲଭ ଅଭିବାଦନ
ଅଭିନନ୍ଦନ ॥

ହେ ନନ୍ଦଲାଲା ନବନୀତ ଚୋରା
ହେ ପାପ ଚୋରା ହୃଦୟ ବିହାରା
ଅଭିବାଦନ ଅଭିବାଦନ
ଅଭିନନନ୍ଦନ ॥

ଧର୍ମ ତୁମେ ପୂଣ୍ୟ ତୁମେ
ତୁମେ ହିଁ ବ୍ରହ୍ମ ନିର୍ଗୁଣ ତୁମେ
ତୁମକୁ ଅଭିବାଦନ ଅଭିବାଦନ
ଅଭିନନ୍ଦନ ॥

ଅନୁପମ ତୁମେ ମମ ହୃଦୟର
ବିଶ୍ୱାତ୍ମା ତୁମେ ପରମାତ୍ମା କୃଷ୍ଣ
ତୁମକୁ ଅଭିବାଦନ ଅଭିବାଦନ
ଅଭିନନ୍ଦନ ॥

ତୁମେ ହିଁ ସୃଷ୍ଟି ତୁମେ ହିଁ କାରଣ
ତୁମେ ଉପାଦାନ ଆମ ସମସ୍ତଙ୍କର
ହେ ପୂଣ୍ୟ ଶ୍ଳୋକ ଅଭିବାଦନ ଅଭିବାଦନ
ଅଭିନନ୍ଦନ ॥

ବିଜିଗୋଳ , ଏନ ଟି ପିସି ,
ଅନୁଗୋଳ – ୭୫୯୧୧୭
ମୋ – ୮୭୬୩୧୪୮୬୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେ ମୁନୁଷ ଆଏ

ସୁନୀଲ କୁମାର ଅଗସ୍ତି



ସତେ ତ'
କୁଏର୍ କୁଏର୍
କୋଟିର୍ ମାଡେ ଲୋକ୍
ଗୁଲା ପୁରଥି କିନ୍ଦରୀ ବୁଲୁଛନ୍,
ଅଏଧକା ମୁନୁଷ୍ ବିନ୍ ସୁରର୍
ଚରା ଚରି ବୁଲସନ୍ ବାଗିର୍ ଲାଗସି
ଇମାନକଁର୍ ନୁ ଅଏଧକା
କାଏଁ ସୁରର୍ ଯେ କହି ନି' ହୁଏ
ଚରାର୍ ପିଛା ଧରସନ୍,
ଆର୍ ହୁଦେ କହ କି' ହୁଦା ହୁଦା
ଚରାର୍ ଚେର୍ କେ ଖୁଡେଇ ଥିସନ୍,
ହର୍ ମୁନୁଷ୍ ଝନେ ଝନେ
ଆର୍ ଫାଲେକେ ମନେ ମନେ କହିପାରନ୍
ନିଜକେ ନିଜ୍ 'ମହାକାବ୍ୟ' ଆ'ନ୍,
ହର୍ ଏକ୍ ମୁନୁଷ୍ ତ' ଇ'ଫାଲେ
ଗୁଟେ ଗୁଟେ 'ମହାଗ୍ରନ୍ଥ' ଆ'ନ୍,
ଆର୍ କେନ୍ କେନ୍ ହୁଦାର୍ ମାଡେଁ ଭେଲି
କେଭେ ନି' ସରଲା କଥାନୀ ଆ'ନ୍,
ଆର୍ କେତେକେ ଗୁନ୍ ଗାଏବ
ସଭେଁ ତ' ଗଖା 'ଉପନ୍ୟାସ'ର୍
ଝନେ ଝନେ ଲୁକିଥିବାର୍ ଆଖରୀ
ସିନେରୀର୍
ଖଲ୍ ନାଟୁଆ ଆ'ନ୍,
ଏତକି ଗୁରା ପଢତେ ପଢତେ
ଆ'ଦେ ଦିନ୍ ଗଲା ସରି,
କେନ୍ ମୁନୁଷ୍ କେନ୍ କିସମର୍
ନାଁଇଁ ପାରଲିଁ ଗମି,,
କାଁ' ଯେ ବଏଲି କି'
ମୁଁଇଁ ଗଲେ ତ' ସେ ହୁଦା
ଆର୍ ସେ ଭେଲିର୍ ଗୁଟେ 'ମୁନୁଷ୍' ଆଏ,,

ଟିଟିଲାଗଡ, ବଲାଙ୍ଗୀର
ମୋ/୭୭୩୪୮ ୭୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋର ବୁଢ଼ା ଜେଜେ ବାପା

ସୁନା ମେହେର



ରାଏତ୍ ଯାଇ ସକାଳ ହେଲା,
ଉଠି ଯାଇ ସେ କାଠି କରଲା ।।

ସକାଳୁ ସକାଳୁ ଚାହା ଟିକେ ପି କରି,
ସାଇକେଲ୍ ରେ ତାର୍ ବେଗ୍ ଦୁଇଟା ଧରି ।।

ଖରା, ବର୍ଷା, ଶୀତ୍ କେ ତାର୍ ନାଇ ଥାଏ ଡ଼ର୍,
ସାଇକେଲ୍ ଧର୍'ଲେ ସେ ଚାଲି ଯାଏସି ଟର୍ ଟର୍ ।।

ନାଇ ଗଲେ ତାର୍ କୁଟୁମ୍ ରହିଯିବେ ବୋଲି ଭୁକେ,
ଯେତେ ଦୂର୍ ହେଲେ ବି ପହଞ୍ଚିସି ତାର୍ ହାଟ୍'କେ ।।

ସାଇକେଲ୍ ମାଡ଼ି ମାଡ଼ି ଗଲାବେଳେ ବାଟେ,
ବୁହୁ ଥିସି ତାର୍ ଝାଲ୍ କେତନି କେତେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାଟେ ପହଞ୍ଚି ବାହାର୍ କର୍'ସି ତାର ଆଣିଥିବା ସାମାନ୍,

ତାର୍ ହାତ୍ ଜୁଡ଼ି କରି ଡ଼ାକସି ହେ ଭଗବାନ୍ ।।

ସବୁବେଳେ ସେ କରିଥିସି ଭଗବାନ କେ ଆଶା,

ତାର ଦୟା ହେଲେ ପାଏମି ଆଜ୍ ଦୁଇ ପଇସା ।।

ବାପୁଜୀନଗର

ଜିଲ୍ଲା - ବୌଦ୍ଧ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଘୋଷଯାତ୍ରା : ଓଡ଼ିଆ ଐତିହ୍ୟର ନିଦର୍ଶନ

ରାକ୍ଷୀ ପ୍ରଧାନ



ଘୋଷଯାତ୍ରା ବହୁ ପ୍ରାଚୀନ ବୋଲି ଗବେଷକମାନେ ମତ ପ୍ରଦାନ କରିଛନ୍ତି । ଋକ୍ ବେଦ ଓ ଅଥର୍ବ ବେଦ ଇତ୍ୟାଦିରେ ରଥ ଶବ୍ଦର ପ୍ରୟୋଗ ଦେଖାଯାଏ । ପରବର୍ତ୍ତୀ କାଳରେ ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ମଧ୍ୟ ଏହାର ଆଭାସ ମିଳିଥାଏ, ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସବୁଠାରୁ ଅଧିକ ଜନାଦୃତ ଓ ପ୍ରସାରିତ । କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି ବୋଲି ଅନୁମାନ କରନ୍ତି ।

ପ୍ରତି ବର୍ଷ ଆଷାଢ଼ମାସ ଶୁକ୍ଳପକ୍ଷର ଦ୍ୱିତୀୟା ତିଥିରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହାକୁ ଗୁଣ୍ଡିଚା ଯାତ୍ରା ଓ ଘୋଷଯାତ୍ରା ମଧ୍ୟ କୁହାଯାଏ ଏହି ଘୋଷଯାତ୍ରାରେ ରତ୍ନ ବେଦୀରୁ ଜନ୍ମବେଦୀକୁ ଚତୁର୍ଧାମୂର୍ତ୍ତି ତିନି ରଥରେ ବିଜେ କରିଥାନ୍ତି । ନନ୍ଦିଘୋଷ ରଥ, ରଥଯାତ୍ରା 'ନନ୍ଦିଘୋଷ' ବା 'ଗରୁଡ଼ଧ୍ୱଜ' ବା 'କପିଳଧ୍ୱଜ' ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି । ମୋଟ ୭୪୨ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୬ଟି ଚକ (ବିଷ୍ଣୁସିଦ୍ଧ, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆଶକ୍ତ, ରତି, କେଳି, ସତ୍ୟ, ସୁଷୁପ୍ତି, ଜାଗୃତି, ତୁରୀୟ, ଆମ, ନିର୍ବାଣ) ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ । ସାରଥି: ଦାରୁକ ରଥର ଦଉଡ଼ି: ଶଙ୍ଖଚୂଡ଼ । ପରମ୍ପରା ମୁତାବକ ଧଳାରଙ୍ଗର ଚାରୋଟି ଘୋଡ଼ା (ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ) ସ୍ଥାପନ କରାଯାଏ । ଏହାର ପତାକା ଗରୁଡ଼ ଚିହ୍ନାଙ୍କିତ । ଧ୍ୱଜପମୂର୍ତ୍ତି: ପଞ୍ଚମୁଖୀ ହନୁମାନ । ନାଲି ଓ ହଳଦିଆ ରଙ୍ଗର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କପଡ଼ାରେ ରଥାବରଣ କରାଯାଏ । ନନ୍ଦିଘୋଷରେ ହରିହର, ପଣ୍ଡୁ ନୃସିଂହ, ଗିରିଧର, ଷଡ଼ଭୁଜ ଚିନ୍ତାମଣି କୃଷ୍ଣ, ଚତୁର୍ଭୁଜ ନାରାୟଣ, ସପ୍ତଫେଣ ସର୍ପରେ ଆସୀନ ମଧୁସୂଦନ ବା ବିଷ୍ଣୁ, ଲକ୍ଷ୍ମଣ, ପଞ୍ଚମୁଖୀ ମହାବୀର ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି । ତାଳଧ୍ୱଜ 'ତାଳଧ୍ୱଜ' ବା 'ଲଙ୍ଗଳ ଧ୍ୱଜ' ରଥରେ ବଳଭଦ୍ରଙ୍କ ସହ ରାମକୃଷ୍ଣ ବିଜେ କରନ୍ତି। ମୋଟ ୭୩୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ଅଟେ । ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୬ ଇଞ୍ଚ । ଦଧିନଉତି: ହିରଣ୍ମୟୀ ସାରଥି: ମାତଳୀ ।

ରଥର ଦଉଡ଼ି: ବାସୁକୀ । ପରମ୍ପରା ମୁତାବକ କଳା ରଙ୍ଗର ଚାରୋଟି ଘୋଡ଼ା ଘୋଡ଼ା (ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ) ବା (ସ୍ଥିରା, ଧୃତି, ସ୍ଥିତି ଏବଂ ପ୍ରଜ୍ଞା) ବା (ଶଙ୍ଖ,ସୁଚିତ୍ର, ଅଙ୍ଗଦ ଏବଂ ମେଘନାଦ) ସ୍ଥାପନ କରାଯାଏ ।

ଧ୍ୱଜପମୂର୍ତ୍ତି: ଲକ୍ଷ୍ମୀନୃସିଂହ । ନାଲି ଓ ସବୁଜ ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ତାଳଧ୍ୱଜ ରଥରେ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନୃତ୍ୟ ଗଣପତି, ଲକ୍ଷ୍ମଣଙ୍କୁ ବହନ କରିଥିବା ଅଙ୍ଗଦ, ନାଟାମ୍ବର (ବୃଷଭ ଉପରେ ନୃତ୍ୟରତ ଶିବ), କାର୍ତ୍ତିକେଶ୍ୱର, ମଧୁକୈଟବଙ୍କ ସହ ବିଷ୍ଣୁଙ୍କ ଯୁଦ୍ଧ, ଅନନ୍ତବାସୁଦେବ ପାର୍ଶ୍ୱବଦେବ/ ଦେବୀ ଭାବେ ଅବସ୍ଥାନ କରିଥାନ୍ତି ।

ଦର୍ପଦଳନ 'ଦର୍ପଦଳନ' ବା 'ପଦ୍ମଧ୍ୱଜ' ବା 'ଦେବଦଳନ' ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି ମୋଟ ୭୧୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୪ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୮ ଇଞ୍ଚ ।

ସାରଥି: ଅର୍ଜୁନ । ରଥର ଦଉଡ଼ି: ସ୍ୱର୍ଣ୍ଣଚୂଡ଼ । ଧ୍ୱଜପମୂର୍ତ୍ତି: ଜୟଦୁର୍ଗା । ପରମ୍ପରା ମୁତାବକ ନାଲି ଚାରୋଟି ଘୋଡ଼ା (ରୋଚିକା, ମୋଚିକା, ଜିତା, ଅପରାଜିତା) ସ୍ଥାପନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଏ । ନାଲି ଓ କଳା ରଙ୍ଗର କପଡ଼ାରେ ରଥାବରଣ କରାଯାଏ ଦର୍ପଦଳନରେ ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ(ଶବରୂଢ଼ା ଚତୁର୍ଭୁଜା), ବନଦୁର୍ଗା ବା କଣ୍ଟକାଢ଼ି, କାତ୍ୟାୟନୀ (ଅଷ୍ଟଭୁଜା ଦୁର୍ଗା), ହରଚଣ୍ଡୀ, ରାମଚଣ୍ଡୀ (ଅଷ୍ଟଭୁଜା ଓ ବାମହାତ କାଣି ଆଙ୍ଗୁଠିକୁ ପାଟିରେ ଚୁଚୁମିଛନ୍ତି), ଅଘୋରା ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ରଥର ୧୬ ଚକ ଷୋଳକଳାର, ବଳଭଦ୍ରଙ୍କର ୧୪ ଚକ ଚତୁର୍ଦ୍ଦଶ ମନ୍ୱନ୍ତରର ଓ ସୁଭଦ୍ରାଙ୍କ ୧୨ ଚକ ବାରମାସର ଦୃଷ୍ଟି ଆକର୍ଷଣ କରିଥାଏ । ତିନି ରଥର ଦଧିନଉତି : ହିରଣ୍ୟଗର୍ଭ, ହିରଣ୍ମୟୀ, ଭୁବନକୋଷ । ଏହି ତିନି ଦଧିନଉତି ଉପରେ ମୋଟ ୯ଟି ପିତଳ କଳସ (ନଭ, ଆକାଶ, ବ୍ୟୋମ, ପରା, ଅପରା, ବୈଖାରୀ, ଚନ୍ଦ୍ର, ସୂର୍ଯ୍ୟ, ବିଦ୍ୟୁତ) ସ୍ଥାପନ କରାଯାଏ । ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସର୍ବପ୍ରସିଦ୍ଧ । ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରାର ମଧ୍ୟରେ ପ୍ରଧାନ । ଏହି ଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହୋଇଥାଏ । ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ ।

ହରିହର କାନୁନଗୋଙ୍କ ମତରେ ଜଗନ୍ନାଥଙ୍କ ରଥଯାତ୍ରା ଏକ ବୌଦ୍ଧ ଅନୁଷ୍ଠାନ । କେହି ଜଣେ ଗବେଷକ ଲାଙ୍ଗୁଳା ନରସିଂହ ଦେବଙ୍କ ପରବର୍ତ୍ତୀ ରାଜା ଭାନୁଦେବଙ୍କ (ଖ୍ରୀ.ଅ ୧୨୬୪-୧୨୭୮)ଙ୍କ ସମୟରେ ଛଅ ରଥ ପରିବର୍ତ୍ତେ ତିନି ରଥ ହେବାର ବ୍ୟବସ୍ଥା ହୋଇଥିଲା ବୋଲି ଉଲ୍ଲେଖ କରିଛନ୍ତି । ସୋମବଂଶୀ ରାଜା ଯଯାତି କେଶରୀଙ୍କ ସମୟରେ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ରଥର ଉଚ୍ଚତା ସମାନ ଥିଲା ଏବଂ ଛ ଗୋଟି ରଥ ତିଆରି କରାଯାଉଥିଲା । ତିନି ରଥକୁ ଟାଣୁଥିଲେ ଭକତମାନେ ଓ ଆଗରେ କନକ ମୁଣ୍ଡାଇରେ ରତ୍ନ ଚାନ୍ଦୁଆ ଟଣା ହେଉଥିଲା । ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁରୂପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଙ୍କୀ ମୁହାଣରେ ଆବିର୍ଭାବ ହେଲା । ସମୁଦ୍ରରେ ଭାସୁଥିବା ସେହି ଦାରୁକୁ ଆଣି ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିଥିଲେ । ସ୍ୱୟଂ ମହାପ୍ରଭୁ ଜଣେ ବୃଦ୍ଧ ବେଶରେ ଆସି ସେହି ଦାରୁରେ ମୂର୍ତ୍ତି ପ୍ରସ୍ତୁତ କଲେ । ସର୍ତ୍ତ ଥିଲା ମୂର୍ତ୍ତି ସମ୍ପୂର୍ଣ୍ଣ ନହେବା ଯାଏ ଦ୍ୱାର ଖୋଲାଯିବ ନାହିଁ । ମାତ୍ର ପନ୍ଦର ଦିନ ପରେ ଦ୍ୱାର ଖୋଲାଗଲା ମୂର୍ତ୍ତିନିର୍ମାଣ କରୁଥିବା ବୃଦ୍ଧ ଉଭାନ ହୋଇଗଲେ । କେବଳ ଅଧାଗଢା ମୂର୍ତ୍ତି ରହିଗଲା ଅଧାଗଢ଼ା ମୂର୍ତ୍ତିକୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା । ସେହି ସମୟରେ ମହାପ୍ରଭୁ କହିଥିଲେ : ହେ ରାଜା, ବର୍ଷକୁ ଥରେ ଜନ୍ମଭୂମିକୁ ଆଣିବ । ସେଥିପାଇଁ ଶ୍ରୀଜୀଉମାନେ ଗୁଣ୍ଡିଚାଘରକୁ ବୁଲି ଯାଆନ୍ତି ଓ ବାହୁଡ଼ନ୍ତି ।

ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ,ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଃସ୍ୱାର୍ଥ ସେବାର ମହତ୍ତ୍ୱ

ଅନନ୍ୟା ପ୍ରଧାନ



ହାତ, ଗୋଡ଼, ଇନ୍ଦ୍ରିୟଗଣ, ପ୍ରାଣ, ମନ, ମସ୍ତିଷ୍କ ପ୍ରଭୃତି ଏକମାତ୍ର ଶରୀରର ଅନେକ ଅଙ୍ଗ ଏବଂ ଏମାନେ ସମସ୍ତେ ମିଳିମିଶି ଶରୀର ନିର୍ବାହ ପାଇଁ କାମ କରନ୍ତି । ଏମାନଙ୍କର କାମ ଭିନ୍ନ ଭିନ୍ନ, କିନ୍ତୁ ଭିନ୍ନ ଭିନ୍ନ କାର୍ଯ୍ୟ କରି ମଧ୍ୟ ସମସ୍ତେ ପରସ୍ପରର ହିତରେ ଥାଆନ୍ତି । ସେହିପରି ସଂସାରର ସମସ୍ତ ପ୍ରାଣୀ ମିଶି ସମିଷ୍ଟ ସଂସାରର ହିତ ନିମନ୍ତେ କାମ କରିବା ଆବଶ୍ୟକ । ସେମାନେ ଯେତେବେଳେ କେବଳ ନିଜ ପାଇଁ କାମ କରନ୍ତି ସେତେବେଳେ, ସେଇଠି ହିଁ ଭୁଲ୍ ହୁଏ । ଯଦି ହାତ କେବଳ ନିଜ ପାଇଁ କାମ କରିବ, ଗୋଡ଼, ଆଖି, କାନ ପ୍ରଭୃତି କାହାରି ପାଇଁ କାମ କରିବେ ନାହିଁ, ତା'ହେଲେ ଶରୀରର ନିର୍ବାହ ହୋଇ ପାରିବ ନାହିଁ । ଯଦି ଗୋଡ଼ କହିବ, ମୁଁ କେବଳ ନିଜ ପାଇଁ କାମ କରିବି, ଶରୀରକୁ ମୁଁ କାହିଁକି ବୋହିବି, ହାତକୁ ମୁଁ କାହିଁକି ବୋହିବି, ତା'ହେଲେ ଶରୀରର କାମ ଚଳିବ ନାହିଁ । ଏହିରୂପେ ସ୍ୱାର୍ଥପରବଶ ହୋଇ ପ୍ରତ୍ୟେକ ପ୍ରାଣୀ ଯଦି ନିଜର ସ୍ୱାର୍ଥସିଦ୍ଧି ପାଇଁ ଇଚ୍ଛା କରିବେ, ତେବେ ସଂସାରର କାମ ଚଳିବ ନାହିଁ । ସ୍ୱାର୍ଥପାଇଁ କାମ କଲେ ହିଁ କାମ ଖରାପ ହୁଏ । ସମସ୍ତ ପ୍ରାଣୀ ଏକମାତ୍ର ସଂସାରର ଅନେକ ଅବୟବ । କୌଣସି ପ୍ରକାରର ମଧ୍ୟ ଶରୀର ସଂସାର ଠାରୁ ଭିନ୍ନ ବୋଲି ପ୍ରମାଣିତ ହୋଇ ପାରିବ ନାହିଁ । ଗଠନ ଦୃଷ୍ଟିରୁ, ଧାତୁ ଦୃଷ୍ଟିରୁ ବା ସଂରକ୍ଷକ ଦୃଷ୍ଟିରୁ, କୌଣସି ଦୃଷ୍ଟିରୁ ଶରୀରକୁ ଆମେ ସଂସାର ଠାରୁ ପୃଥକ୍ ପ୍ରମାଣିତ କରି ପାରିବା ନାହିଁ । ଶରୀରର ଅବୟବ ଯେପରି ଭିନ୍ନ ଭିନ୍ନ ହୋଇ ମଧ୍ୟ ଏକମାତ୍ର ଶରୀରର ଅଙ୍ଗ, ସେହିପରି ସଂସାରରେ ଛୋଟ ବଡ଼ ଯେତେ ବି ପ୍ରାଣୀ ଅଛନ୍ତି, ସମସ୍ତେ ଏକମାତ୍ର ବିରାଟର ହିଁ ଅଙ୍ଗ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକମାତ୍ର ବିରାଟର ଅଙ୍ଗ ମଧ୍ୟ ସେମାନେ ନିଜ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସିଦ୍ଧ କରୁଛନ୍ତି - ଏହା ଏମାନଙ୍କର ଭୁଲ୍ । ସ୍ୱାର୍ଥ ସିଦ୍ଧ କରିବି କି ନ କରିବି - ଏହି ଜ୍ଞାନ ପଶୁପକ୍ଷୀଙ୍କର ନ ଥାଏ; କିନ୍ତୁ ମନୁଷ୍ୟଙ୍କର ଏହି ଜ୍ଞାନ ଥାଏ । ମନୁଷ୍ୟ ହିଁ ବିବେକପୂର୍ବକ ଏହି ବିଚାର କରିପାରେ ଯେ, ସମସ୍ତ ସଂସାର ମୋର କୁଟୁମ୍ବ, ପୁଣି କେହି ନିଜର ସ୍ୱାର୍ଥ ପାଇଁ କାମ କରିବ କିପରି ?

ନୀତିରେ ଉଲ୍ଲେଖ ଅଛି - ଅୟଂ ନିଜଃ ପରୋ ବେତ୍ତି ଗଣନା ଲଘୁଚେତସାମ୍ ।

ଉଦାରଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍ ।।

"ଏହା ମୋର ଏବଂ ଏହା ଅନ୍ୟମାନଙ୍କର - ଏପରି ଧାରଣା ତୁଚ୍ଛ ହୃଦୟଯୁକ୍ତ ଲୋକଙ୍କର ହୋଇଥାଏ । ଯେଉଁମାନଙ୍କର ହୃଦୟ ଉଦାର, ସେମାନଙ୍କ ପାଇଁ ସମଗ୍ର ସଂସାର କୁଟୁମ୍ବ ଅଟେ ।"

ଜଗତର ଯେକୌଣସି ପ୍ରାଣୀ ହୋଇଥାଉ, ସେ ସ୍ଥାବର ହୋଇଯାଉ ବା ଜଙ୍ଗମ ହୋଇଯାଉ, ନିଜର ହିଁ କୁଟୁମ୍ବ । ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ଘରେ ରହୁଥିବା ପିମ୍ପୁଡ଼ି, ମାଛି, ମୂଷା ମଧ୍ୟ ଆମର କୁଟୁମ୍ବ । ସେମାନେ ମଧ୍ୟ ସେହି ଘରକୁ ନିଜର ମନେ କରନ୍ତି । ଚଢ଼େଇ ସେହି ଘରେ ଯେଉଁଠି ବସା ତିଆରି କରେ, ସେଠାରେ ସେ ଅନ୍ୟ ଚଢ଼େଇଙ୍କୁ ରଖାଇ ଦିଏ ନାହିଁ । ଚିନ୍ତା କରନ୍ତୁ, ଗୋଟିଏ ଘର ମଧ୍ୟରେ ବି କେତେ ଘର ଅଛି । ସମସ୍ତଙ୍କର ନିଜ ନିଜର ଘର ମଧ୍ୟରେ ବି କେତେ ଘର ଅଛି । ସମସ୍ତଙ୍କର ନିଜ ନିଜର ଘର ଅଛି । ତେଣୁ ଘରକୁ କେବଳ ନିଜ ମନେ କରିବା ଏବଂ କେବଳ ନିଜ ଘର ପାଇଁ ସବୁ କାମ କରିବା ପାଶବିକତା, ମାନବିକତା ନୁହେଁ । ଭାଗବତରେ କୁହାଯାଇଛି ପଶୁ ବୁଦ୍ଧି ତ୍ୟାଗ କର 'ପଶୁବୁଦ୍ଧିମିମାଂ ଜହି' ସମସ୍ତଙ୍କ ହିତକୁ ନିଜର ହିତ ମନେ କରିବା ହିଁ ମନୁଷ୍ୟବୁଦ୍ଧି ।

ଆଜି ଆଧ୍ୟାତ୍ମିକତା ଉନ୍ନତିରେ ବିଳମ୍ବ ହେବାର ମୁଖ୍ୟ କାରଣ ହେଉଛି, ଆପଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜର ବ୍ୟକ୍ତିଗତ ହିତ ଚାହୁଁଛନ୍ତି ଅର୍ଥାତ୍ ନିଜର ବ୍ୟକ୍ତିତ୍ୱ ଓ ସଂକୀର୍ଣ୍ଣତାକୁ ସୁପ୍ରତିଷ୍ଠିତ କରୁଛନ୍ତି । ମୋର ମୁକ୍ତି ହେଉ, ମୋର ସବୁ କାମ ଠିକ୍ ରେ ହେଉ - ଏହି ବ୍ୟକ୍ତିତ୍ୱ ଓ ସଂକୀର୍ଣ୍ଣତାକୁ ଆପଣ ଛାଡୁ ନାହାଁନ୍ତି । ପଶୁର ଯାହା ସ୍ୱଭାବ, ସେହି ସ୍ୱଭାବ ଅନୁସାରେ ଆପଣ କାମ କରୁଛନ୍ତି ।

ଡାକ୍ତରୀ ଦ୍ୱିତୀୟ ବର୍ଷ ଛାତ୍ରୀ,

ଠିକଣା: କୁଚିଣ୍ଡା

ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜାତୀୟ ଡାକ୍ତର ଦିବସ

ରଶ୍ମୀରେଖା ସାହୁ



ଦିନେ ସନ୍ଧ୍ୟା ୮ଟା ହେବ, ଜଣେ କିଏ ସ୍ୱାମୀଙ୍କ ମୋବାଇଲକୁ ଫୋନ କଲେ, କହିଲେ ଆଜ୍ଞା ଛୁଆଟାର ମେଡ଼ିସିନ ଟିକେ ଅଧିକ ଡୋଜ ପରି ଲାଗୁଛି । ସ୍ୱାମୀ ଟିକେ ଚୁପ ପଡ଼ିଲେ ବୋଧେ କଣ ଉତ୍ତର ଦେବେ ଭାବିଲେ ଆଉ କହିଲେ ମାଡାମ କିଏ କହିଲେ ? ମୁଁ ଅଧିକ ଡୋଜ ଦେଇଛି । ମାଡାମ ଜଣକ କହିଲେ, "ମେଡ଼ିସିନ ଷ୍ଟୋରବାଲା ।" ସ୍ୱାମୀ କହିଲେ, "ଠିକ ଡୋଜ ଦିଆହୋଇଛି ।" ମେଡ଼ିସିନ ଷ୍ଟୋର, କ୍ୱାକ୍ , ଗାଁରେ ପ୍ରାକ୍ଟିସ କରୁଥିବା ଲୋକ ମେଡ଼ିସିନ ଡୋଜ କଥା କହିବା ଠିକ କି ମାଡାମ ବୋଲି ପଚାରିଲେ ? ମାଡାମ ଜଣକ ବୁଝିଲେ ଆଉ ତାଙ୍କ ପିଲାକୁ ସେଇ ଡୋଜରେ ମେଡ଼ିସିନ ଦେଲେ ଆଉ ମେସେଜରେ ଜଣେଇଲେ ତାଙ୍କ ଛୁଆ ଭଲ ହୋଇଯାଇଛି ।

ଆଜିକାଲିର ପରିସ୍ଥିତିରୁ ଏତିକି ସତର୍କ ରହିବା ଉଚିତ ଯେ କୌଣସି ଡାକ୍ତରଙ୍କ ପାଖକୁ ଯିବା ପୂର୍ବରୁ ବୁଝନ୍ତୁ ସେ କେଉଁଠୁ ପଢ଼ିଛନ୍ତି ? ମିଛ ଓ ପ୍ରରୋଚିତ ଖବରରେ ସମାଜ ଦିଗହରା ହେବାରେ ଲାଗିଛି ଏବଂ ସରକାରୀ ଡାକ୍ତରଖାନାର ବିଭିନ୍ନ ପ୍ରକାର ଅବ୍ୟବସ୍ଥା ସତ୍ତ୍ୱେ ସେ ଡାକ୍ତରମାନେ ରୋଗୀମାନଙ୍କୁ ଅସୁରକ୍ଷିତ ଅବସ୍ଥାରେ ଚିକିତ୍ସା କରନ୍ତି ପ୍ରକୃତରେ ଧନ୍ୟବାଦ ଯୋଗ୍ୟ ।

ପ୍ରକୃତ ଧନ୍ୟବାଦ ସମ୍ମାନନୀୟ ଡା ବିଧାନ ଚନ୍ଦ୍ର ରାୟଙ୍କୁ ଦେବା ଉଚିତ, ଯିଏ ଜଣେ ଡାକ୍ତର ଥିବା ସଙ୍ଗେ ସଙ୍ଗେ କୋଲକାତାର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ । ଯିଏ ନିଜ ଜନ୍ମଦିନକୁ ସମସ୍ତ ଡାକ୍ତରଙ୍କ ୨୪ X ୭ ସମୟ ରୋଗୀମାନଙ୍କ ସେବାକୁ ସମର୍ପିତ କରିଦେଇଥିଲେ ।

ସମସ୍ତ ଡାକ୍ତର ଭାଇ, ଭଉଣୀ, ସାଙ୍ଗ, ସାର, ମାଡାମଙ୍କ ସେବା ବାସ୍ତବରେ ଧନ୍ୟବାଦ ଯୋଗ୍ୟ । ଭଗବାନ ସେମାନଙ୍କୁ ସୁସ୍ଥ ରଖନ୍ତୁ ଏତିକି କାମନା ।

Listen to Odia Podcast Original at https://youtube.com/@drjyotiprasad

# ସାଧାରଣ ମଣିଷର ଯନ୍ତ୍ରଣା

କୁଞ୍ଜବିହାରୀ ସାହୁ



ପୁସ୍ତକ ଲେଖିବା ଗୋଟିଏ କଳା ଓ ପ୍ରକାଶ କରି ଲୋକଲୋଚନକୁ ଆଣିବା ହିଁ ଏକ ବିଶିଷ୍ଟ କଳା । କବିତା ଗପ ପ୍ରବନ୍ଧ ଲେଖିବା ଯେପରି ମା ସରସ୍ୱତୀଙ୍କ କୃପା, ସେହିଭଳି ସରଳ ମଣିଷର ଅପାସୋରା କଥାବଳୀକୁ ଗୋଟେଇ ନିଜ ଭାଷାରେ ବ୍ୟକ୍ତ କରିବା ମା ବୀଣାପାଣିଙ୍କ ଅଭୟ ବର କହିଲେ ଭୁଲ୍ ହେବନି । ଦୁଃଖରେ ଭାଙ୍ଗିପଡୁଥିବା, ଆତୁରେ-କାତରେ ନିବେଦନ କରି ହତାଶା ହେଇଯିବା, ନିଜ ଜୀବନକୁ ଦୀପ ପରି ଜଳାଇ ଅନ୍ୟକୁ ଆଲୋକିତ କରିବାରେ ଯେଉଁ ସାଧାରଣ ମଣିଷଟେ ଯନ୍ତ୍ରଣା ଭୋଗେ ତାଆଠୁ ହତଭାଗା ଆଉ କିଏ ଅଛି କି ? ଯିଏ ଏ ସବୁକୁ ଗର୍ଭସ୍ଥ କରି ନିଜ ଦମ୍ଭିଲା ବା ପାରିଲାପଣିଆରେ ବିଗଳିତ ସମାଜରେ ଦୁଇପଦ କହିପାରେ, ତାଆଠୁ ମହାନ୍ କିଏ ଅଛି ?

ହଁ ଏଭଳି କଳାର ପୂଜାରୀ, ଅଦମ୍ୟ ସାହାସ ଦେଖାଇବାରେ ଧୂରୀଣ ଓ ନିଜର ବିପୁଳ ପରାକାଷ୍ଠାକୁ ପରିପ୍ରକାଶ କରିବାରେ ଅଗ୍ରଣୀ ହେଉଛନ୍ତି ଆଲୋଚ୍ୟ ନିବନ୍ଧ ପୁସ୍ତକ "ସାଧାରଣ ମଣିଷର ଯନ୍ତ୍ରଣା"ର ଅଦମନୀୟ ଲେଖକ ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି ।

ଓଡିଶାର ବିଭିନ୍ନ ଜିଲ୍ଲାରେ କାୟା ବିସ୍ତାରକରି ମଣିଷର ସମସ୍ୟା ଓ ଭାବନାକୁ ସାଉଁଟିଛନ୍ତି ଓ ନିର୍ଭିକତାରେ ପତ୍ରପତ୍ରିକାରେ ପ୍ରକାଶ କରି ପାଠକୀୟ ମର୍ଯ୍ୟାଦା ପାଇଛନ୍ତି ।

ମନରେ ଦୃଢବିଶ୍ୱାସ ଯେ ଲେଖାଗୁଡିକ ସମାଜର ପ୍ରତ୍ୟେକ ମଣିଷ ମନରେ ଉଦବେଳନ ତିଆରି କରିବ । ପୁସ୍ତକଟିକୁ ଆମୁଳଚୂଳ ପଢିଲାପରେ ଜ୍ଞାତ ହୁଏ ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀଯୁକ୍ତ ମହାନ୍ତି ଜଣେ କୁସୁମିତ ଫୁଲଟିଏ, ବିଷ୍ଫାରିତ ଆଖିଟିଏ ଓ ଆବେଗ-ସମ୍ବେଦନାଶୀଳର ରତ୍ନଟିଏ ।

ପୁସ୍ତକଟିରେ ସତେଇଶି ନିବନ୍ଧ ପୂରିରହିଛି । ଭକ୍ତକବି ମଧୁସୂଦନ ରାଓଙ୍କ ଅନୁଦିତ କବିତା "ନିର୍ବାସିତର ବିଳାପ" ନାମକରଣ ପରି ଆଲୋଚିତ ପୁସ୍ତକର ଶିରୋନାମ ମଧୁମୟ ଓ ଜିଜ୍ଞାସାର ବତୀଘର । ପ୍ରଚ୍ଛଦପଟରେ ପ୍ରକୃତିର ଅସହାୟତା, ମଣିଷର ଆକୁଳତା ଓ ଅନୁସନ୍ଧିତ୍ସାକୁ ସୂଚେଇଦିଆଯାଇଛି ଯାହାକି ଶୀର୍ଷକକୁ ଆହୁରି ଶାଣିତ କରିପାରିଛି । ନିବନ୍ଧର ଅନ୍ତରାତ୍ମା ଭାବଗର୍ଭକ ଓ ସଚେତନଧର୍ମୀ । ସମାଜରେ ଘଟୁଥିବା କଳୁଷିତ ଅଘଟଣକୁ ଲୋକଉକ୍ତି ମାଧ୍ୟମରେ ବର୍ଣ୍ଣନା କରିଛନ୍ତି ସାବଲୀଳ ଢଙ୍ଗରେ । ସ୍ଥାନେ ସ୍ଥାନେ ରୁଢ଼ିର ପ୍ରୟୋଗରେ ଆଲେଖ୍ୟଟିକୁ ଅଧିକ ରୁଚିବନ୍ତ ଓ ପଠନୀୟ କରିପାରିଛନ୍ତି । ପାନରୁ ଚୂନ ଖସିବା, ତିଳକୁ ତାଳ କରିବା ପରି ଅନେକ କଥାନିକାକୁ ବ୍ୟବହାର କରାଯାଇଛି । "ପଛରେ ଥିବା ସେହି ଲୋକଟି" ନିବନ୍ଧରେ ଘୁଷୁରି ପ୍ରକୃତି ପଙ୍କେ ଲୋଟେ/ମଣିଷ ପ୍ରକୃତି ମଲେ ତୁଟେ ସ୍ଥାନରେ ଘୁଷୁରି ପ୍ରକୃତି ମଲେ ତୁଟେ ବୋଲି ବୋଲି ଚିହ୍ନିତ ହୋଇଛି । ଅବଶ୍ୟ ବିଶେଷ ଭାବେ ଅପ୍ରାସଙ୍ଗିକ ମନେହେଉନି କାରଣ ମଣିଷମାନଙ୍କର ମଳାପରେ ମାଟିରେ ମିଶେ ବୋଲି କୁହାଯାଇଛି । ରାଜ୍ୟରେ ସୁଶାସନର ଏକ ଉଦାହରଣୀୟ ଗପଟିଏ ଥୋଇଛନ୍ତି "ନିଦ୍ରିତ ଶାସକ ଓ ଚେଇଁ ଶୋଇଥିବା ନାଗରିକ" ନିବନ୍ଧରେ । ଶିକ୍ଷା, ରାଜନୀତି, ସମୟର ମୂଲ୍ୟ, ଅନ୍ଧବିଶ୍ୱାସକୁ ଭାବବୋଧକ କରିଛନ୍ତି । ଲେଖାଗୁଡିକ ସରଳ, ତରଳ,ସାବଲୀଳ, ଭାବମଞ୍ଜୁଳ ଏବଂ ହୃଦୟସ୍ପର୍ଶୀ । ଥରେ ପଢିବା ଆରମ୍ଭ ହୁଅନ୍ତେ ଶେଷ ପର୍ଯ୍ୟନ୍ତ ପଢ଼ିବାକୁ ବାଧ୍ୟ ହେବାକୁ ପଡେ ।

ସମର୍ପଣରେ ଆରାଧ୍ୟା ଦେବତା ଶ୍ରୀ ଜଗନ୍ନାଥଙ୍କୁ ପୁସ୍ତକଟି ଉତ୍ସର୍ଗ କରିଛନ୍ତି । "ଲେଖକଙ୍କ ଅନ୍ତରଙ୍ଗ କଥା"ରେ ନିଜର ମନକଥାକୁ ପ୍ରକାଶ କରିଛନ୍ତି ଏବଂ ଜଣେଇଛନ୍ତି ଯେ ଆଲୋଚିତ ପୁସ୍ତକରେ ସ୍ଥାନିତ ଲେଖା ସମୂହ ପତ୍ରପତ୍ରିକା ଓ ସମ୍ବାଦପତ୍ରର କୋଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଣ୍ଡନ କରିସାରିଛି ।

ପୁସ୍ତକଟିକୁ ଖୋର୍ଦ୍ଧାର ବଣମଲ୍ଲୀର ମହକ ସଂସ୍ଥା ପ୍ରକାଶନର ଦାୟିତ୍ୱ ବହନ କରି ଚଳିତ ବର୍ଷ ପହିଲି ରଜରେ ପ୍ରଥମ ପ୍ରକାଶ ଭାବେ ସୂଚେଇଛନ୍ତି ।

ଶ୍ରୀଯୁକ୍ତ ମହାନ୍ତି ସାହିତ୍ୟ ସର୍ଜନାରେ ବ୍ରତୀ ହୋଇ "ନବଧାରା" ଓ "ଯେ ପକ୍ଷୀ ଉଡେ ଯେତେ ଦୂର" ପତ୍ରିକାକୁ ସୁଚାରୁରୂପେ ସଂପାଦନ କରୁଛନ୍ତି । ସାରସ୍ୱତ ପ୍ରତିଭାର ଦୀପ୍ତି ଭାବରେ ବହୁ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ।

"ସାଧାରଣ ମଣିଷର ଯନ୍ତ୍ରଣା" ପୁସ୍ତକଟି ପାଠକୀୟ ଆଦର ପାଇବ ଏହା ନିଃସନ୍ଦେହ ଓ ଅଧିକରୁ ଅଧିକ ମନନଶୀଳ ସୃଷ୍ଟିକୁ ଆଗେଇନେବାରେ ପାଥେୟ ହେବ ।

ପାତ୍ରପଡା

ଭୁବନେଶ୍ୱର

୭୦୦୮୧ ୪୨୦୪୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କଳୁଷିତ ରାଜନୀତି

ଆଶୁତୋଷ ନାୟକ



## କଳୁଷିତ ରାଜନୀତି ନୈତିକତା ଶୂନ୍ୟ ରାଜନେତା

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର । ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ୍ଣ ଅଛି । ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେ ବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି ।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ । ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଧାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଗରିବ ଓ ମଧ୍ୟବିତ୍ତ ପରିବାର ନିଜର ମୌଳିକ ଅଧିକାର ଖାଦ୍ୟ, ବସ୍ତ୍ର, ବାସଗୃହରୁ ବଞ୍ଚିତ । ଆମ ରାଜ୍ୟ ଓଡିଶାରେ ୨୪ବର୍ଷ ଧରି ବିଜୁଜନତା ଦଳ ଶାସନ କ୍ଷମତାରେ ଥିଲା । ତଥାପି ରାଜ୍ୟର ୧୧ଟି ବୁଥରେ ପ୍ରାୟ ୧୦ହଜାର ଲୋକ ଭୋଟ ବର୍ଜନ କରିବା ଘଟଣା ଦୁର୍ଭାଗ୍ୟଜନକ କହିଲେ ଅତ୍ୟୁକ୍ତି ହେବନାହିଁ । ଏତିକି ସଂଖ୍ୟକ ଲୋକ କେବଳ ଭୋଟ ବର୍ଜନ କରିଛନ୍ତି ବୋଲି ସମସ୍ୟା କେବଳ ଏସବୁ ଅଞ୍ଚଳରେ ରହିଛି ଏହା କହିବା ନିଶ୍ଚିତ ଭାବେ ଅନ୍ୟାୟ ହେବ । ଏବେବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ମଧ୍ୟବିତ୍ତ ଲୋକଙ୍କ ପାଇଁ ନିଜର ମୌଳିକ ଅଧିକାର ପାଇବା ଦିବା ସ୍ୱପ୍ନ ସଦୃଶ । ନିଜର ପୁଞ୍ଜିଭୂତ ଅସନ୍ତୋଷକୁ ଜାହିର କରିବା ପାଇଁ ଏଇ ନିର୍ବାଚନରେ ସରକାର ପରିବର୍ତ୍ତନ ପାଇଁ ଭୋଟ ଦେଇଛନ୍ତି । ଆଉ କିଛି ଲୋକ ସ୍ଥିତି ଅସହ୍ୟ ହେବାରୁ ଶେଷ ଉପାୟ ଭାବେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି । ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ ।

ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା । ଏଥିରେ ୨୦୦ରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ ।

ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ । ସେହିପରି ମହାନ ରାଷ୍ଟ୍ରବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ୧ ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା । ରାଜନୀତିରେ ଘୋଡାବେପାରକୁ ସେ ନାପସନ୍ଦ କରୁଥିଲେ । କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରିନଥିଲା । ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା । ସେଥିପାଇଁ ଡ଼ିସେମ୍ବର ୨୫ ତାରିଖକୁ ଆମ ଦେଶରେ ଗୁଡ଼ ଗଭର୍ନାନ୍‌ସ ଡ଼େ ଭାବେ ପାଳନ କରାଯାଉଛି ।

କିଛି ସୁବିଧାବାଦୀ, ସ୍ୱାର୍ଥବାଦୀ, କ୍ଷମତାଲୋଭୀ ରାଜନେତା ନିର୍ବାଚନ ପାଣିପାଗକୁ ଲକ୍ଷ୍ୟ କରି ଦଳ ପରିବର୍ତ୍ତନ କରୁଛନ୍ତି । ଏହିପରି ଅନେକ ଉଦାହରଣ ରହିଛି । ବର୍ତ୍ତମାନ ଏହିଭଳି ଘଟଣା ବାରମ୍ବାର ଘଟୁଛି । ଏହାର ଶେଷ୍ଠ ଜ୍ୱଳନ୍ତ ଉଦାହରଣ ବିହାରର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ଦଳ ପରିବର୍ତ୍ତନ କରିବାରେ ସେ ବିଶ୍ୱରେକର୍ଡ ବନାଇଛନ୍ତି । ସେଥିପାଇଁ ରାଜନୀତିରେ ତାଙ୍କୁ "ପଲଟୁରାମ"ର ଆଖ୍ୟା ଦିଆଯାଇଛି ।

ସଦ୍ୟ ସମାପିତ ଲୋକସଭା ନିର୍ବାଚନରେ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳମାନେ ବିପୁଳ ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଲୋଭନୀୟ ସାମଗ୍ରୀ ବାଣ୍ଟିଥିଲେ । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ୧୦୦୦୦କୋଟିରୁ ଅଧିକ ନଗଦ ଟଙ୍କା, ୧୨୬୦କୋଟିରୁ ଅଧିକ ସୁନା ଅଳଙ୍କାର ଏବଂ ବିଭିନ୍ନ ଲୋଭନୀୟ ସାମଗ୍ରୀ ଦେଶର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିଲା । ଏହା ନିଶ୍ଚିତ ଭାବେ ଭାରତୀୟ ନିର୍ବାଚନ ଇତିହାସ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ ।

ସେହିପରି ଆମ ରାଜ୍ୟରେ ୨୪ବର୍ଷ ଧରି ଶାସନ କ୍ଷମତାରେ ଥିବା ଗୋଟିଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଞ୍ଚଳିକ ଦଳ ବିଜେଡ଼ି କ୍ଷମତାଚ୍ୟୁତ ହୋଇଛି । ନିଜର ଏକଛତ୍ରବାଦୀ ନୀତି, ଅହଂକାର ପାଇଁ ବିଜେଡ଼ି ଦୁର୍ଗର ପତନ ଘଟିଛି । ଷଷ୍ଠ ଥରପାଇଁ ମୁଖ୍ୟମନ୍ତ୍ରୀର ସ୍ୱପ୍ନ ଦେଖୁଥିବା ନବୀନ ପଟ୍ଟନାୟକଙ୍କ ସବୁ ସ୍ୱପ୍ନ ଧୂଳିସାତ ହୋଇଯାଇଛି । ଜନତା ପରିବର୍ତ୍ତନ ପାଇଁ ନିଜର ମତାମତ ସାବ୍ୟସ୍ତ କରିଛନ୍ତି ଏହା ଅପ୍ରିୟ ସତ୍ୟ ।

ବର୍ତ୍ତମାନ ଉଭୟ ଆମ ରାଜ୍ୟ ଓ କେନ୍ଦ୍ରରେ ଦିଆଯାଇଥିବା ଜନାଦେଶକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବରେ ପ୍ରତୀୟମାନ ହୁଏ ଯେ କେନ୍ଦ୍ରରେ ମୋଦି ସରକାରଙ୍କୁ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ମିଳିନଥିବାରୁ ମିଳିତ ସହଯୋଗୀ ଦଳ ଏନଡ଼ିଏକୁ ନେଇ ସରକାର ଚଲାଇବାକୁ ପଡିବ । ନିର୍ବାଚନ ପ୍ରଚାର ସମୟରେ ବିଜେପିର ବଡ଼ ବଡ଼ ନେତା, ମନ୍ତ୍ରୀ, "ଅବକି ବାର ୪୦୦ ପାର"ର ଡିଣ୍ଡିମ ପିଟୁଥିଲେ । ହେଲେ ବିଜେପି ନେତାଙ୍କର ଅତୀବ ଆତ୍ମବିଶ୍ୱାସ, ବିରୋଧୀ ଦଳଙ୍କୁ ହେୟଜ୍ଞାନ ମନେକରିବା ଯୋଗୁଁ ବହୁସଂଘର୍ଷପରେ ୨୪୦ଆସନ ଜିତିବାକୁ ସକ୍ଷମ ହୋଇଥିଲେ ।

ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିବା ଆଗ ଧାଡ଼ିର ସର୍ବେକ୍ଷଣ ସଂସ୍ଥା ଏଡ଼ିଆର ଏବଂ ଇଲେକ୍ସନ ୱାଚର ରିପୋର୍ଟ ଅନୁସାରେ ସଦ୍ୟ ସମାପିତ ହୋଇଥିବା ଲୋକସଭା ନିର୍ବାଚନରେ ୮୩୬୦ଜଣ ପାର୍ଥୀ ନିର୍ବାଚନ ରଣାଙ୍ଗନରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୩୩୩ଜଣ ପାର୍ଥୀ ଜାତୀୟ ଦଳରୁ, ୫୩୨ଜଣ କ୍ଷେତ୍ରୀୟ ଦଳରୁ ଏବଂ ୩୯୧୫ଜଣ ପ୍ରାର୍ଥୀ ସ୍ୱାଧୀନ ଭାବରେ ଲଢ଼ିଥିଲେ ଏବଂ ୨୫୮୦ଜଣ ପ୍ରାର୍ଥୀ ଅଣତାଲିକାଭୁକ୍ତ ଦଳରୁ ନିର୍ବାଚନ ଲଢ଼ିଥିଲେ । ଜାତୀୟ ଦଳରୁ ନିର୍ବାଚନ ଲଢ଼ିଥିବା ୧୩୩୩ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪୪୩ଜଣ ପ୍ରାର୍ଥୀ ନିଜ ନାମରେ ରହିଥିବା ଅପରାଧ ମାମଲାକୁ ସତ୍ୟପାଠରେ ଦର୍ଶାଇଛନ୍ତି । ସେଥିମଧ୍ୟରୁ ୧୬୯ଜଣ ପାର୍ଥୀଙ୍କ ନାମରେ ରହିଛି ହତ୍ୟା, ଧର୍ଷଣ, ଚୋରି, ଦଙ୍ଗା ଉସୁକାଇବା, ଡକାୟତି, ଦେଶଦ୍ରୋହ ପରି ଅତି ସଙ୍ଗୀନ ଅପରାଧିକ ମାମଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାଧୀନ ଭାବରେ ଲଢୁଥିବା ୩୯୧୫ଜଣ ପାର୍ଥୀଙ୍କ ମଧ୍ୟରୁ ୫୫୦ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି ସେଥିମଧ୍ୟରୁ ୪୧୧ଜଣ ପାର୍ଥୀଙ୍କ ନାମରେ ରହିଛି ଗମ୍ଭୀର ଅପରାଧିକ ମାମଲା ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କୁ ଲକ୍ଷ୍ୟ କଲେ ଏହା ସଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ସବୁ ରାଜନୈତିକ ଦଳ ନିଜର ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରନ୍ତି । ନିର୍ବାଚନରେ ବିଜୟୀ ହେବା ପାଇଁ ସାଧାରଣ ଜନତାଙ୍କୁ ମିଥ୍ୟା ପ୍ରତିଶୃତି, ଅବାସ୍ତବ ସ୍ୱପ୍ନ ଦେଖାଇଥାନ୍ତି । ସବୁ ନୀତି, ନିୟମ, ନୈତିକତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କଳ, ବଳ, କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥାଏ ।

ଶାସନ କ୍ଷମତାରେ ରହିଥିବା ଶାସକଦଳ ଅଧିକ ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରିବାକୁ ସକ୍ଷମ ହୋଇଥାଏ । ବିରୋଧୀ ଦଳଙ୍କୁ ସେହିପରି ସୁଯୋଗ ମିଳିନଥାଏ । ଏହି ସତ୍ୟକୁ ସ୍ୱୀକାର କରିବାକୁ ପଡିବ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ୱଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଯେପରିକି ଆୟକର ବିଭାଗ, ଇଡ଼ି, ସିବିଆଇ, ଏନଆଇ, ଏହା ସହିତ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମତାଧିନ ଶାସକଦଳ ଚେଷ୍ଟା କରେ । ଅନେକାଂଶରେ ଶାସକ ଦଳ ଏଥିରେ ସଫଳ ହୁଏ ଏବଂ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ଏହାକୁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରେ ।

ସଦ୍ୟ ସମାପିତ ଲୋକସଭା ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ କରାଇବା କାର୍ଯ୍ୟ ନିର୍ବାଚନ କମିଶନଙ୍କ ହାତରେ ନ୍ୟସ୍ତ ଥାଏ । ନିର୍ବାଚନ ପ୍ରଚାର ସମୟରେ ହିଂସା, ଘୃଣା, ଧର୍ମ ଆଧାରରେ ବିଭାଜିତ ବୟାନବାଜି ପାଇଁ ଅନେକେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିଯୋଗ ନିର୍ବାଚନ କମିଶନଙ୍କ ପାଖରେ ହୋଇଥିଲା । ଅଭିଯୋଗର ତ୍ୱରିତ ସମାଧାନ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ନିର୍ବାଚନ କମିଶନ ସେତେଟା ସଫଳ ହୋଇପାରି ନଥିଲେ । ବିରୋଧୀ ଦଳର ନେତାଙ୍କ ବିରୁଦ୍ଧରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା କିନ୍ତୁ ଶାସକ ଦଳର ନେତାଙ୍କ ପ୍ରତି ନରମଭାବ ପୋଷଣ କରିବା ନିର୍ବାଚନ କମିଶନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ବିଗତ ଦିନର ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଶାସକଦଳ ଦ୍ୱାରା ସିବିଆଇ, ଇଡ଼ି, ପୋଲିସ ବିଭାଗର ବ୍ୟାପକ ଦୂରପଯୋଗ ହୁଏ ନିଜର ରାଜନୈତିକ ବିରୋଧୀମାନଙ୍କ ସ୍ୱରକୁ ଦବାଇବା ପାଇଁ ଓ ସେମାନଙ୍କୁ ଭୟଭୀତ କରିବା ପାଇଁ ଏବଂ ଏହା ସହିତ ଭୋଟ ବ୍ୟାଙ୍କ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ । ଏହା ଆମ ଗଣତନ୍ତ୍ର ପାଇଁ ଭୟଙ୍କର ।

ସେଥିପାଇଁ ମନମୋହନ ସିଂ ସରକାର ଶାସନ ସମୟରେ ୨୦୧୩ମସିହାରେ ବିଚାରପତି ଆରଏମ୍ ଲୋଧାଙ୍କ ଖଣ୍ଡପୀଠ କୋଇଲା ଆବଣ୍ଟନ ଦୁନୀତି ମାମଲାରେ ସିବିଆଇ ଉପରେ ଖୁବ୍ଧ ହୋଇଥିଲେ ଏବଂ ସିବିଆଇ କାର୍ଯ୍ୟଦକ୍ଷତାକୁ ଲକ୍ଷ୍ୟକରି "ପୋଷା ଶୁଆ" ବୋଲି ମତବ୍ୟକ୍ତ କରିଥିଲେ । ସେତେବେଳେ ବିଭିନ୍ନ ମହଲରେ ସିବିଆଇକୁ ସମାଲୋଚିତ ହେବାକୁ ପଡିଥିଲା । ସିବିଆଇ ଏବଂ ଇଡ଼ି ପରି ତଦନ୍ତକାରୀ ସଂସ୍ଥାର ନିରପେକ୍ଷତା ଉପରେ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛି ଦିନ ପୂର୍ବରୁ ନ୍ୟୁଜ କ୍ଲିକର ପ୍ରତିଷ୍ଠାତା ଓ ସମ୍ପାଦକ ପ୍ରବୀର ପୁରକାୟସ୍ଥଙ୍କୁ ୟୁଏପିଏ ମାମଲାରେ ଦିଲ୍ଲୀ ପୋଲିସର ଗିରଫଦାରୀକୁ ସୁପ୍ରିମକୋର୍ଟ ବେଆଇନ ବୋଲି ମତବ୍ୟକ୍ତ କରିଥିଲେ ଏବଂ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଗିରଫ ଦାୟିତ୍ୱରେ ଥିବା ତଦନ୍ତକାରୀ ସଂସ୍ଥାର ଆଚରଣ ଉପରେ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି ।

ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଇଥିଲା । ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ । ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖାଯାଇଥିଲା । ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କାରାଗାରରେ ରଖାଯାଇଥିଲା । ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ  ଅପାତକାଳକୁ ବିରୋଧ କରି ୧୯୭୫ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା । ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା ।

ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣିନପାରନ୍ତି, ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ ।

ଗଣତନ୍ତ୍ରରେ ବିରୋଧୀ ଦଳ ଶକ୍ତିଶାଳୀ ହେବା ଶୁଭ ସଂକେତ । ଏହାଦ୍ୱାରା ଗଣତନ୍ତ୍ର ମଜବୁତ, ସଶକ୍ତ ହୁଏ । ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ କରିବାକୁ ହେଲେ ଏନଡ଼ିଏର ସହଯୋଗୀ ଦଳମାନେ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ । ସେଥିପାଇଁ ଶାସକ ଦଳକୁ ବିନମ୍ର ହୋଇ ସମସ୍ତଙ୍କ ସହଯୋଗରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ନିର୍ମାଣରେ ସମସ୍ତ ପ୍ରକାର ପ୍ରଚେଷ୍ଟା କରିବା ଆବଶ୍ୟକ । ମହାନ ଜନନାୟକ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ, ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବ, ମହାନ ରାଜନେତା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପରି ରାଜନେତାଙ୍କ ନୀତି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଦର୍ଶରେ ଅନୁପ୍ରାଣିତ ହୋଇ ନୈତିକତାକୁ ପ୍ରାଧାନ୍ୟ ଦେଇ ଆମ ରାଷ୍ଟ୍ରର କଲ୍ୟାଣ ପାଇଁ ସବୁ ରାଜନେତାଙ୍କୁ କାର୍ଯ୍ୟ କରିବାକୁ ପଡିବ । ଭୋଟ ବ୍ୟାଙ୍କ ଏବଂ କାଦୁଅ ପିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡିବ । ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଗୋପାଳପୁର, ବାଲେଶ୍ୱର,

ମୋବାଇଲ- ୭୦୨୦୭୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଙ୍ଗଲ ସୁରକ୍ଷା - ଜୀବନ ରକ୍ଷା

ଅକ୍ଷୟ କୁମାର ରାଉତ



ଇଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ତା'ର ପଚଂଭୂତ, ଜଳ, ସ୍ଥଳ, ବାୟୁ, ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି, ଶରତର ଶୁଭ୍ର ଶୋଭାତ ତ ହେମନ୍ତର କାକର, ଶୀତର ଶୀତଳତା ଓ ରିତୁରାଜ ବସନ୍ତର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ରିତୁ ଲୀଳାରେ ପ୍ରକୃତିର ଜୟଗାନ । ପ୍ରାକୃତିକ ସୁଷମାର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା, ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ, ଘନ ସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତିର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନସଂଖ୍ୟାର ଅଭିବୃଦ୍ଧି, କଳକାରଖାନା ମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପସଂସ୍ଥା ମାନଙ୍କ ଦ୍ୱାରା ମାଟି, ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବଜଗତ ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତିର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜାମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ସଂସ୍କୃତିର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥୁଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ଥ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ, ନାଗକେଶର, ତମ୍ବୁର, ପାଟଳିକ, ଜାମ୍ବୁ ଅଶ୍ୱତଥ, ଦଧିପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ତରୁ, ଚୂତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରାଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜାକୁ ଆହୁରି ଋଦ୍ଧିମନ୍ତ କରିଥାଏ, ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ଭେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତାଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କର ଖାଣ୍ଡବବନ, ରାବଣର ଅଶୋକ ବାଟିକା, ବାଳିର ମଧୂବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାର ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାଶ୍ୱର୍ରେ ଥିବା ବୃକ୍ଷଲତାମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧେ ପ୍ରସ୍ତୁତ କରିବାରେ ବୃକ୍ଷଲତାମାନଙ୍କର ଅବଦାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର ।

ଆଗକାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସୀ, ଗୁଆ, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସୀମାନେ ନେଉଥିଲେ । କିନ୍ତୁ ବର୍ତମାନ ପରିବେଶ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତାମାନଙ୍କର ଉଚିତ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରାଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି ।

ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା

ଜୀବ ଜଗତ ସର୍ବେ ହୋଇବେ ରକ୍ଷା

ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର,

ମୋ-୯୯୩୭୬୯୧୪୭୫.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୃଥିବୀର ତ୍ରିଶକ୍ତି : ନିମ, ଓସ୍ତ ଓ ବଟ

ଅସିତ ମହାନ୍ତି



ବୃକ୍ଷ ମାନବ ବଞ୍ଚିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପୃଥିବୀରେ ଅମ୍ଳଜାନର ଏକ ପ୍ରମୁଖ ଉତ୍ସ । ଯେତେବେଳେ ଆମେ ଜଳବାୟୁ ପରିବର୍ତ୍ତନ ଏବଂ ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା ହ୍ରାସ ହେବାର ଆଶଙ୍କା ସମ୍ମୁଖୀନ ହେଉଛୁ, ସେଠାରେ ଅନେକ ଗଛ ଅଛି ଯାହା ସମସ୍ତ ଜୀବଜନ୍ତୁଙ୍କ ପାଇଁ ଅମ୍ଳଜାନ ଉତ୍ପାଦନ କରି ଗ୍ରହରେ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଥାଏ । ବୃକ୍ଷଗୁଡ଼ିକ ଫଟୋସନ୍ଥେସିସ୍ ସମୟରେ କାର୍ବନ ଡାଇଅକ୍ସାଇଡ୍ ଅବଶୋଷଣ କରନ୍ତି ଏବଂ ଅମ୍ଳଜାନକୁ ପୁନର୍ବାର ବାୟୁକୁ ଛାଡିଥାଏ, ଏବଂ ଗ୍ଲୁକୋଜ ଅଣୁ ଆକାରରେ ଶକ୍ତି ସଂରକ୍ଷଣ କରିଥାଏ । ଏହି ପ୍ରକ୍ରିୟା ପୃଥିବୀରେ ଜୀବନକୁ ବଞ୍ଚାଇବାରେ ସାହାଯ୍ୟ କରେ ଏବଂ ଆମକୁ ଅମ୍ଳଜାନ, ଛାଇ, ଫଳ, ପନିପରିବା,ଔଷଧୀୟ ଉପକାର ଏବଂ ଅନେକ କିଛି ଯୋଗାଇଥାଏ । ବୃକ୍ଷ ରୋପଣ ଏକ ପରିବେଶ ଅନୁକୂଳ କାର୍ଯ୍ୟ ଯାହା ଗ୍ରହ ଉପରେ ସକରାତ୍ମକ ପ୍ରଭାବ ପକାଇପାରେ । ଗଛ ଲଗାଇବା ପାଇଁ ସଠିକ୍ ଗଛ ବାଛିବା ଆହୁରି ଅଧିକ ଭଲରେ ସହାୟକ ହୋଇପାରେ । ଏକ ଅଧ୍ୟୟନ ଅନୁଯାୟୀ, ଓସ୍ତ ଗଛ (ପିପଲ) ଗୋଟିଏ ବର୍ଷରେ ୧୦୦ କିଲୋଗ୍ରାମ ଅମ୍ଳଜାନ ମୁକ୍ତ କରିଥାଏ । ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ବର୍ଷରେ ୭୪୦ କିଲୋଗ୍ରାମ ଅମ୍ଳଜାନ ଆବଶ୍ୟକ କରନ୍ତି । ଏଭଳି ପରିସ୍ଥିତିରେ ଜଣେ ବ୍ୟକ୍ତି ୮ ଟି ଓସ୍ତ ଗଛ ଆବଶ୍ୟକ କରନ୍ତି । କେଉଁ ଭାରତୀୟ ଗଛ ସର୍ବାଧିକ ଅମ୍ଳଜାନ ଉତ୍ପାଦନ କରେ ଆପଣ ହୁଏତ ଭାବି ପାରନ୍ତି ଯେ ଏହା ଅଜ୍ଞାନ ଅଟେ, କିନ୍ତୁ ଏହା ସତ... ଗତ ୬୮ ବର୍ଷ ମଧ୍ୟରେ ଓସ୍ତ, ବର ଏବଂ ନିମ୍ ଗଛ ଲଗାଇବା ସରକାରୀ ସ୍ତରରେ ବନ୍ଦ ହୋଇଯାଇଛି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓସ୍ତ ଗଛ ୧୦୦ % କାର୍ବନ ଡାଇଅକ୍ସାଇଡ୍ ଅବଶୋଷଣକାରୀ ଅଟେ । ବରଗଛ ୮୦ % ଏବଂ ନିମ ୭୫% ଅଙ୍ଗାରକାମ୍ଳ ଗ୍ୟାସ ଅବଶୋଷଣକାରୀ ଅଟେ । ଏହା ବଦଳରେ ଲୋକମାନେ ବିଦେଶୀ ଇଉକ୍ଲିପଟସ୍ ଲଗାଇବା ଆରମ୍ଭ କଲେ, ଯାହା ଜମିକୁ ଜଳହୀନ କରିଦେଲା, ଆଜି ଇଉକ୍ଲିପଟସ୍, ଗୁଲମୋହର ଏବଂ ଅନ୍ୟାନ୍ୟ ସୁନ୍ଦର ଦେଖାଯାଉଥିବା ଗଛ ଏମାନଙ୍କର ସ୍ଥାନ ନେଇଛି, ବର୍ତ୍ତମାନ, ଯେତେବେଳେ ବାୟୁମଣ୍ଡଳରେ କୌଣସି ସତେଜତା ରହିବ ନାହିଁ, ଉତ୍ତାପ ବୃଦ୍ଧି ପାଇବ ଏବଂ ଯେତେବେଳେ ଉତ୍ତାପ ବୃଦ୍ଧି ପାଇବ, ଜଳ ବାଷ୍ପୀଭୂତ ହେବ. ପ୍ରତି ୫୦୦ ମିଟର ଦୂରରେ ଏକ ଓସ୍ତ ଗଛ ଲଗାଯାଏ, ତେବେ ଆସନ୍ତା କିଛି ବର୍ଷ ମଧ୍ୟରେ ଭାରତ ପ୍ରଦୂଷଣ ମୁକ୍ତ ହେବ । ଏଠାରେ ଉଲ୍ଲେଖଯୋଗ୍ୟ, ଓସ୍ତ ପତ୍ରର ଏକ ଲମ୍ବା ବ୍ଲେଡ୍ ଏବଂ ପତଳା ଡାଳ ଅଛି, ଯେଉଁଥିପାଇଁ ପତ୍ରଗୁଡ଼ିକ ଶାନ୍ତ ପାଗରେ ମଧ୍ୟ ଗତି କରେ ଏବଂ ପରିଷ୍କାର ଅମ୍ଳଜାନ ଯୋଗାଇଥାଏ । ସେ ଯାହା ହେଉ , ଓସ୍ତ ଗଛକୁ, ଗଛ ମାନଙ୍କର ରାଜା କୁହାଯାଏ । ବର୍ତ୍ତମାନ କରିବାକୁ ଥିବା ଜିନିଷଗୁଡିକ... ଏହି ଜୀବନ ପ୍ରଦାନକାରୀ ବୃକ୍ଷଗୁଡିକୁ ଅଧିକରୁ ଅଧିକ ଲଗାଇବା ପାଇଁ ସମାଜରେ ସଚେତନତା ବୃଦ୍ଧି କରିବା ଆବଶ୍ୟକ ... ବଗିଚା ତିଆରି କରନ୍ତୁ, ଗଛ ଲଗାନ୍ତୁ, ବଗିଚାକୁ ଅଦରକାରୀ ଖେଳ ପଡ଼ିଆରେ ପରିଣତ କରନ୍ତୁ ନାହିଁ ... ମଣିଷମାନଙ୍କ ପରି ଉଦ୍ଭିଦ ମଧ୍ୟ ଜଳ ଆବଶ୍ୟକ କରନ୍ତି । ବାୟୁ ସହିତ, ସମାନ ଭାବରେ ଗଛ ଏବଂ ଉଦ୍ଭିଦଗୁଡିକ ମଧ୍ୟ ବାୟୁ ସହିତ ଜଳ ଆବଶ୍ୟକ କରନ୍ତି । ଗୋଟିଏ ବର ଗଛ ଲଗାନ୍ତୁ, ଓସ୍ତ ଗଛ ଲାଗନ୍ତି ୫ଟି, ପ୍ରତ୍ୟକ ଘରେ ନିମ ଲଗାନ୍ତୁ, ଏହାହିଁ ହେଉଛି ଆମର ପୁରାତନ ଢାଞ୍ଚା ଏବଂ ସଂସ୍କୃତି । ଯଦି ଆମେ ଏହା କରନ୍ତି ତେବେ ପ୍ରଦୂଷଣକୁ ଆମେ ରୋକି ପାରିବା । ଯଦି ଦୁନିଆର ଉତ୍ତାପ ଦୂର ହୁଏ, ସମସ୍ତେ ଖୁସି ଅନୁଭବ କରିବେ । ସେଇଥିପାଇଁ କୁହାଯାଏ ପୃଥିବୀରେ ଏକ ତ୍ରିଶକ୍ତି ଅଛି - ତାହା ହେଉଛି ନିମ, ଓସ୍ତ ଏବଂ ବର ଗଛ । ଏହାକୁ ଜୀବନଦାୟିନୀ ବୃକ୍ଷ ମଧ୍ୟ କୁହାଯାଏ । ତାହେଲେ ଏହି ୩ଟି ବୃକ୍ଷ ବିଷୟରେ କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହତ୍ୱପୂର୍ଣ୍ଣ ତଥ୍ୟ ଜାଣିବା ଆବଶ୍ୟକ । ନିମ (ଆଜାଦିରାଚଟା ଇଣ୍ଡିକା) - ନିମ ଗଛ ହେଉଛି ଏକ ଟ୍ରପିକାଲ୍ ଚିର ସବୁଜ ଗଛ ଯାହାକି ଭାରତରେ ମୂଳ ଅଟେ ଏବଂ ଏସିଆ ଏବଂ ଆଫ୍ରିକାର ଅନ୍ୟାନ୍ୟ ଅଞ୍ଚଳରେ ଏହା ଚାଷ କରାଯାଏ । ଏହା ଔଷଧୀୟ ଗୁଣ ପାଇଁ ଜଣାଶୁଣା ଏବଂ ପାରମ୍ପାରିକ ଆୟୁର୍ବେଦିକ ଔଷଧରେ ବ୍ୟବହୃତ ହୁଏ । ନିମ ଗଛ ହେଉଛି ଏକ ଦ୍ରୁତ ଗତିରେ ବଢୁଥିବା ଗଛ ଯାହା ୩୦ ମିଟର (୯୮ ଫୁଟ) ପର୍ଯ୍ୟନ୍ତ ଉଚ୍ଚତାରେ ପହଞ୍ଚିପାରେ । ଏହା ଏକ କଠିନ ଗଛ ଯାହା ଶୁଖା ଏବଂ ଖରାପ ମାଟିର ଅବସ୍ଥାକୁ ସହ୍ୟ କରିପାରିବ, ଯେଉଁଥିପାଇଁ ଏହା ଶୁଷ୍କ ଅଞ୍ଚଳରେ ବଢିବା ପାଇଁ ଉପଯୁକ୍ତ । ନିମ ଗଛ ଏହାର ଉଚ୍ଚ ଅମ୍ଳଜାନ ଉତ୍ପାଦନ ପାଇଁ ମଧ୍ୟ ଜଣାଶୁଣା, ଏହାକୁ ସ୍ଥାନୀୟ ପରିବେଶରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ଓସ୍ତ (Ficus religiosa) - ଓସ୍ତ ଗଛ, ଏକ ବଡ଼ ଗଛ ଯାହାକି ଭାରତ ଏବଂ ନେପାଳର ମୂଳ ଅଟେ । ଏହା ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ ଏବଂ ଜୈନ ଧର୍ମରେ ପବିତ୍ର ବୋଲି ବିବେଚନା କରାଯାଏ ଏବଂ ଏହା ପ୍ରାୟତଃ ମନ୍ଦିର ପରିସର ଏବଂ ପବିତ୍ର ତୀର୍ଥସ୍ଥାନ ନିକଟରେ ମିଳିଥାଏ । ଓସ୍ତ ଗଛ ହେଉଛି ଏକ ଦ୍ରୁତ ଗତିରେ ବଢୁଥିବା ଗଛ ଯାହା ୩୦ ମିଟର (୯୮ ଫୁଟ) ପର୍ଯ୍ୟନ୍ତ ଉଚ୍ଚତାରେ ପହଞ୍ଚିପାରେ । ଏହାର ପତ୍ରର ଏକ ଘନ କାନ୍ଥ ଅଛି ଯାହା ଛାଇ ଏବଂ ଆଶ୍ରୟ ଯୋଗାଇଥାଏ, ଯାହା ଏହାକୁ ବିଭିନ୍ନ ବନ୍ୟଜନ୍ତୁଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାସସ୍ଥାନ କରିଥାଏ । ଓସ୍ତ ଗଛ ଏହାର ଉଚ୍ଚ ଅମ୍ଳଜାନ ଉତ୍ପାଦନ ପାଇଁ ମଧ୍ୟ ଜଣାଶୁଣା, ଏହାକୁ ସ୍ଥାନୀୟ ପରିବେଶରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ବର ଗଛ (Ficus benghalensis) - ବର ଗଛ ହେଉଛି ଭାରତର ଏକ ବୃହତ୍ ଗଛ ଏବଂ ଏହାର ସ୍ୱତନ୍ତ୍ର ବାୟୁ ମୂଳ ପାଇଁ ଜଣାଶୁଣା ଯାହା ଏହାର ଶାଖାଗୁଡ଼ିକରୁ ବାହାରି ଶେଷରେ ଭୂମିରେ ପହଞ୍ଚି ନୂତନ ଡାଳ ସୃଷ୍ଟି କରେ । ବର ଗଛ ହେଉଛି ଏକ ଦୀର୍ଘ ଜୀବନ ବିଶିଷ୍ଟ ଗଛ ଯାହା ୩୦ ମିଟର (୯୮ ଫୁଟ) ଉଚ୍ଚତା ଏବଂ ୧୦୦ ମିଟର (୩୨୮ ଫୁଟ) ପର୍ଯ୍ୟନ୍ତ ବିସ୍ତାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇପାରେ । ଏହା ଏକ ଲୋକପ୍ରିୟ ଛାଇ ଗଛ ଏବଂ ଏହା ସର୍ବସାଧାରଣ ପାର୍କ ଏବଂ ଉଦ୍ୟାନରେ ପ୍ରାୟତଃ ମିଳିଥାଏ । ବରଗଛ ଉଚ୍ଚ ଅମ୍ଳଜାନ ଉତ୍ପାଦନ ପାଇଁ ମଧ୍ୟ ଜଣାଶୁଣା । ପରିଶେଷରେ, ସର୍ବାଧିକ ଅମ୍ଳଜାନ ଉତ୍ପାଦନ କରୁଥିବା ଶ୍ରେଷ୍ଠ ୧୦ଟି ଭାରତୀୟ ଗଛ ହେଉଛି ନିମ, ଓସ୍ତ, ବର, ଟିକ୍, ଇଉକ୍ଲିପଟସ୍, ସିଲଭର ଓକ୍, ଇଣ୍ଡିଆନ୍ ଲାରେଲ୍, ରବର ଗଛ, କ୍ୟାସିଆ ଫିଷ୍ଟୁଲା ଏବଂ ଚନ୍ଦନ । ଏହି ଗଛଗୁଡିକ ଭାରତର ମୂଳ ଅଟନ୍ତି ଏବଂ ସେମାନଙ୍କର ଉଚ୍ଚ ଅମ୍ଳଜାନ ଉତ୍ପାଦନ ପାଇଁ ଜଣାଶୁଣା, ଯାହା ସେମାନଙ୍କୁ ସ୍ଥାନୀୟ ପରିବେଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ଏହା ଧ୍ୟାନ ଦେବା ଜରୁରୀ ଯେ ସମସ୍ତ ଉଦ୍ଭିଦ ଫଟୋସିନ୍ଥେସିସ ଉପାଦାନ ଭାବରେ ଅମ୍ଳଜାନ ଉତ୍ପାଦନ କରନ୍ତି, ତେଣୁ ଯେକୌଣସି ଗଛ କିମ୍ବା ଉଦ୍ଭିଦ ପରିବେଶରେ ଅମ୍ଳଜାନ ସ୍ତରରେ ଅବଦାନ ରଖିବାର କ୍ଷମତା ରଖିଥାଏ ।

ଅସିତ ମହାନ୍ତି

ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର , ଯାଜପୁର

୯୩୪୮୭୬୮୮୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ଓ ସଂସ୍କାର

ସୁଦର୍ଶନ ପ୍ରଧାନ

ସମୟ ଆଉ ସଂସ୍କାର ଏ ଦୁଇଟିଯାକ ଆମ ସଫଳ ଜୀବନରେ ନିହାତି ଆବଶ୍ୟକ କାରଣ ସମୟ ଖରାପ ଚାଲ ଆଉ ଉତ୍ତମ ସଂସ୍କାର ନଥିଲେ ସମୟର ମାନେ କିଛି ନଥାଏ ତେଣୁ ଏ ଦୁଇଟିକୁ ନିଜ ଆୟତ୍ତରେ ରଖନ୍ତୁ ଆଉ ସଫଳ ଜୀବନ ବିତାନ୍ତୁ।*

ମଣିଷ ସଂସାରରୁ ଚାଲିଯିବା ପରେ ସମାଜ ତା ନାମକୁ ଭୁଲି ଯାଇପାରେ କିନ୍ତୁ ତା କର୍ମକୁ ଭୁଲେ ନାହିଁ, ଜୀବନରେ ସବୁବେଳେ ଏମିତି କର୍ମ କରନ୍ତୁ, ଆପଣ ଜୀବିତ ଅବସ୍ଥାରେ ସମସ୍ତେ ଭଲ ପାଇବେ, ଆପଣ ସଂସାରରୁ ଚାଲିଯିବା ପରେ ମଧ୍ୟ ମନେ ରଖିବେ ।

ସତରେ ଜୀବନ ସମସ୍ତଙ୍କ ପାଇଁ ସମାନ ନୁହେଁ । କିଏ ଏଠି ଟଙ୍କାର ପାହାଡ଼ ଉପରେ ବସିଛି ତ କିଏ ଏଠି ଦିନ ରାତି ଖଟିକି ବି ନିଜର ଏବଂ ପରିବାରର ଅଭାବ ପୂରଣ କରିପାରୁନି । ସତରେ ଆଜି ପଇସାର ମୂଲ୍ୟ ଆଗରେ ସବୁ କିଛି ତୁଚ୍ଛ ହେଇଯାଇଛି ।

ପରର ଦୁଃଖର ଆଖିରେ ସୁଖର ଲୁହ ଭରିବା ଆଉ ଖୁସିର ଅଧରରେ ହସର ମହୁ ଢାଳିବା ମହତ ଜନର ସୁଗୁଣ । ପରର ସଫଳତାର ପ୍ରଶଂସାରେ ଅହିଂସାର ତାଳିମାରିବା ଓ ଅସଫଳତାର ଅଧୈର୍ଯ୍ୟରେ ଉତ୍ସାହର ହାତ ଆଉଁସା ଦେବା ଆଦର୍ଶ ବ୍ୟକ୍ତିର ବ୍ୟକ୍ତିତ୍ୱର ପରିଚୟ ।

ସମୟ ଅନୁସାରେ ଭାଗ୍ୟର ପରିବର୍ତ୍ତନ ହୋଇଥାଏ, କେତେବେଳେ କାହାର ଭାଗ୍ୟ କେଉଁ ମୋଡ଼ ନେବ ତାହା କହିବା ସମ୍ଭବ ନୁହେଁ....

ତେଣୁ ସମୟକୁ ଅପବ୍ୟବହାର କରନ୍ତୁ ନାହିଁ ଯେଉଁ ସମୟରେ ଯାହା କରିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆବଶ୍ୟକ ତାହା ଅବଶ୍ୟ କରନ୍ତୁ....

ହସ ଇଞ୍ଜିନରେ କିଏସେ ଭରିଲା

ଲୁହର ଭେଜାଲ ତେଲ,

ଅଟକି ଜାଇଛି ଅଧା ରାଜପଥେ

ସ୍ନେହ ମମତାର ମୂଳ ।

ଯିଏ କନ୍ଦାଏ ସିଏ ବି ଦିନେ କାନ୍ଦିବ, ଏଇଟା ଅଭିଶାପ ନୁହେଁ ଉପର ବାଲାର ବିଚାର ।

ଜୀବନରେ ଶୀଘ୍ର ମିଳିଯାଉଥିବା ଜିନିଷ ସବୁ ଦିନ ପାଇଁ ରୁହେନି ଆଉ ସବୁ ଦିନ ପାଇ ରହୁଥିବା ଜିନିଷ ଶୀଘ୍ର ମିଳେନି ।

ମଣିଷର ଭାଗ୍ୟରେ ଯାହାଥାଏ, ତାହା ହିଁ ଘଟିଥାଏ ତାକୁ କେହି ବଦଳାଇ ପାରିବେ ନାହିଁ, ବିଜ୍ଞାନର ଯେତେ ଉନ୍ନତି ଘଟିଲେ ବି ମଣିଷ ଜୀବନକୁ ରକ୍ଷା କରିପାରୁ ନାହିଁ । ମଣିଷ ଯେତେ ଦିନ ପାଇଁ ଏ ଧରାପୃଷ୍ଠକୁ ଆସିଛି, ସେତିକି ଦିନ ତାର ଲୀଳା ଖେଳା କରି ପୁଣି ଫେରିଯିବ । ସୃଷ୍ଟିକର୍ତ୍ତା ହେଉଛନ୍ତି ନିର୍ଦ୍ଦେଶକ, ଆମେମାନେ ଜଣେ ଜଣେ କଳାକାର । ତେଣୁ ପ୍ରତିଦିନ ସକାଳୁ ପ୍ରଭୁଙ୍କୁ ସମର୍ପଣ ଭାବନାରେ, ନିଜକୁ ସମର୍ପି ଦିଅ ଯେପରି ଆଜି ଦିନଟି ସୁନ୍ଦରତାରେ ଭରିଯାଉ ।

ସମୟ ବଦଳିବାକୁ ସମୟ ଲାଗିଥାଏ କିନ୍ତୁ ମଣିଷ ବଦଳିବାକୁ ସମୟ ଲାଗେ ନାହିଁ । ଲୋକେ ତ ଚାହିଁବେ ତୁମେ ଭଲରେ ରୁହ କିନ୍ତୁ କେବେ ଚାହିଁବେ ନାହିଁ କି ତୁମେ ତାଙ୍କରି ଠାରୁ ଭଲରେ ରୁହ ।

ସମସ୍ତଙ୍କୁ ସମୟ ମିଳିଥାଏ ଜୀବନ ବଦଳେଇବାକୁ, ହେଲେ କାହାକୁ ଆଉଥରେ ଜୀବନ ମିଳେ ନାହିଁ ସମୟ ବଦଳେଇବାକୁ । ତେଣୁ ଯାହା କିଛି ବି କରିବାର ଅଛି ଏହି ସ୍ୱଳ୍ପ ସମୟ ଭିତରେ କରି ନିଅନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ ସହିତ ବଦଳିବା ଶିଖିବା ଉଚିତ ଅଥବା ସମୟକୁ ବଦଳାଇବା ଶିଖିବା ଉଚିତ । ଅନ୍ୟଥା ଅଭିଯୋଗ ନ କରି ସୁଖଦୁଃଖ ଯାହା ମିଳୁଛି ଗ୍ରହଣ କରିବା ଉଚିତ ।

"ଇଚ୍ଛା" ମନୁଷ୍ୟକୁ ଶାନ୍ତିରେ ବଞ୍ଚିବାକୁ ଦେଇ ନଥାଏ କି, ମନୁଷ୍ୟ ତା'ର "ଇଚ୍ଛା" କୁ ମରିବାକୁ ଦେଇ ନଥାଏ । ପ୍ରକୃତରେ ଜୀବନର ଏହା କି ପ୍ରକାର ବିଡମ୍ବନା ଯାହାକୁ ବୁଝିବା ଅସମ୍ଭବ ।

ସମୟ ଦେଖାଏ ଅଙ୍କା ବଙ୍କା ରାସ୍ତା
ଉଠାଣି ଗଡାଣି କେତେ,
ଚାଲିବାକୁ ହେବ ଏକା ଏକା ସିନା
ପଡି ଉଠି ସ୍ମୃତି ପଥେ ।

ଏ ଦୁନିଆଁ ବି ବହୁତ୍ ଖରାପ, ଯେ ଘୃଣା କରେ ତାକୁ ଭଲପାଇବା ମିଳେ... ଆଉ ଯେ ହୃଦୟରୁ ଭଲ ପାଏ ତାକୁ ଭଲ ପାଇବା ନୁହେଁ....ତାକୁ ଘୃଣା ମିଳେ ।

ଗୋଟେ ସୁନ୍ଦର କଥାଟିଏ .......

ଥରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ କାନ୍ଥରେ ଏମିତି କିଛି ଲେଖନ୍ତୁ ଯାହା ଖୁସି ବେଳେ ପଢିଲେ ଦୁଃଖ ଲାଗିବ ଦୁଃଖ ବେଳେ ପଢିଲେ ଖୁସି ଲାଗିବ ।

କଥା ହୃଦୟର ...

ସମସ୍ତଙ୍କୁ ସତ ଭଲପାଇବା ମିଳେନି, ଆଉ ଯାହାକୁ ମିଳେ ସେ ତାର ମୂଲ୍ୟ ହିଁ ବୁଝି ପାରେନି ।

ଜୀବନରେ କେବେବି ନିଜର ଦକ୍ଷତାକୁ ନେଇ ଗର୍ବ କରନାହିଁ, କାରଣ ପାଣିରେ ପଡିବା ପରେ ପଥର ନିଜର ଓଜନ ଯୋଗୁଁ ହିଁ ବୁଡି ଯାଇଥାଏ ।

ନିଜର ସବୁ ଆଶାକୁ ଭଗବାନଙ୍କ ଉପରେ ଛାଡି ଦିଅନ୍ତୁ ଓ ନିଜର କର୍ମ କରିବା ଜାରି ରଖନ୍ତୁ । ଦେଖିବେ ସେ କେବେ ନିରାଶ କରିବେ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ମାନ କିଏ ଦେଉବା ନଦେଉ ସେଥିରେ କିଛି ଯାଏ ଆସେ ନାହିଁ.... । ନିଜର କର୍ତ୍ତବ୍ୟ କରିଚାଲନ୍ତୁ ସମୟ ତାର ସଠିକ୍ ଜବାବ ଦେବ ।

ସମ୍ପର୍କର ଡୋର ଆମରି ହାତରେ ରହିଥାଏ,ଧରି ରଖିଲେ କାଳ କାଳ ବିତିଯାଏ ଆଉ ଛାଡିଦେଲେ ମୁହୂର୍ତ୍ତକ ମଧ୍ୟରେ ଛିଣ୍ଡି ଖଣ୍ଡ ଖଣ୍ଡ ହୋଇଯାଏ ।

ସଂସାର ବନ୍ଧନେ ବନ୍ଧା ଏ ମଣିଷ

ସୁଖ ଦୁଃଖ ସାଥି କରି,

ହୃଦୟ ବିହୀନ ବ୍ୟକ୍ତିମାନଙ୍କର

ବହପ ବଢଇ ଭାରି ।

ପ୍ରକୃତ ସମ୍ମାନ ସେଇଠି ଥାଏ.....

ଯେଉଁଠି ଆପଣ ନ ଥାଇ ବି ଲୋକେ ଆପଣଙ୍କ ବିଷୟରେ ଭଲ କଥା ହୁଅନ୍ତି ।

ଯେଉଁମାନେ ନିଜର ଉତ୍ତର ଦାୟିତ୍ୱକୁ ଆପଣେଇ ନିଅନ୍ତି, ସେମାନେ କଦାପି ହାରନ୍ତି ନାହିଁ । ସେମାନେ ନିଶ୍ଚିତ ଭାବରେ ଜିଣନ୍ତି ନତୁବା ପ୍ରତି ଅସଫଳତାରେ କିଛି ନା କିଛି ଶିକ୍ଷା ପାଇଥାନ୍ତି । ଆସନ୍ତୁ ଆଜିଠାରୁ ଆମେ ପ୍ରତ୍ୟେକ କର୍ମରୁ କିଛି ନା କିଛି ଶିକ୍ଷା ଲାଭ କରି ଜୀବନ ଯୁଦ୍ଧରେ ଜୟ ଯୁକ୍ତ ହେବା ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All Videos Images Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All Images Videos Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

**Bhagabata Geeta Katha**

Available on Spotify and 4 other platforms >
8 episodes

Share Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays
1,924
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍‌ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad